# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃଆରୀ ୮/୨୦୨୬ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 8/2026 | Page 14 | ₹ 7.00 | BALASORE

୫୨ଶ ଭାଗ ୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 76 | ମୂଲ୍ୟ ₹୭/-




## କାନ୍ଦିଲେ ଭୂମିକା

ଅଭିନେତ୍ରୀ ଭୂମିକା ଚାୱଲା 'ୟୁଫୋରିଆ'ରେ ନଜର ଆସିବେ। ତେବେ ଏକ କାର୍ଯ୍ୟକ୍ରମରେ ସେ ଫିଲ୍ମରେ ତାଙ୍କ ଅଭିଜ୍ଞତା ବାଣ୍ଟି କାନ୍ଦି ପକାଇଥିଲେ।

୦୨

୧୪

## ରୋମାରିଓ ଶେଫର୍ଡଙ୍କ ହ୍ୟାଟ୍ରିକ୍

ସ୍କଟଲାଣ୍ଡ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚରେ ହ୍ୟାଟ୍ରିକ୍ ଉଇକେଟ ସଫଳତା ହାସଲ କରିଛନ୍ତି ୱେଷ୍ଟଇଣ୍ଡିଜ ବୋଲର ରୋମାରିଓ ଶେଫର୍ଡ।





କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ରଡ଼ିଆ-କଂସାର ଗୋବରୀ ନଦୀବନ୍ଧରେ ଶହେ ଫୁଟ ଲମ୍ବର ଅତଡ଼ା ଧସିଯାଇଛି।

# ଗୋବରୀରେ ୧୦୦ ଫୁଟ ଅତଡ଼ା ଧସିଲା

## ନଦୀବନ୍ଧକୁ ଦୁର୍ବଳ କରୁଛି ବେଆଇନ ଚିଙ୍ଗୁଡ଼ିଘେରି

ମହାକାଳପଡ଼ା, ୭।୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ କେବି ଦାଣ୍ଡୁଆ ପଞ୍ଚାୟତ କଂସାର-ରଡ଼ିଆ-ବଗ ଗହଣ ନଦୀ ତଟବନ୍ଧ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିସହ ଗୋବରୀ ନଦୀ କଂସାର ଗ୍ରାମ ସଂଲଗ୍ନ ପଥର ସ୍ପର ନିର୍ମାଣ କାର୍ଯ୍ୟ ହେଉଛି। ଗୋବରୀ ନଦକୂଳରେ କେତୋଟି ବେଆଇନ ଚିଙ୍ଗୁଡ଼ିଘେରି ଥିବାରୁ ତା'ର ଲୁଣିପାଣି ନଦୀ ବନ୍ଧରେ ଲିକ୍ ଯୋଗୁ ଏହା ଦୁର୍ବଳ ହେବାରେ ଲାଗିଛି। ଶୁକ୍ରବାର ହଠାତ୍ ଗୋବରୀ ନଦୀ ବନ୍ଧରୁ ଶହେ ଫୁଟ ଲମ୍ବର ଅତଡ଼ା ଧସିଛି। ଫଳରେ ବନ୍ଧର ସୁରକ୍ଷା ପାଇଁ ନିର୍ମିତ ପଥର ପ୍ୟାକିଂ ଧସି ନଦୀଗର୍ଭକୁ ଚାଲିଯାଇଛି। ଏଥିଯୋଗୁ କଂସାର ଓ ବଡ଼ଦାଣ୍ଡୁଆ ଗ୍ରାମ ପ୍ରତି ବିପଦ ସୃଷ୍ଟି ହୋଇଥିବାବେଳେ ସ୍ଥାନୀୟ ବାସିନ୍ଦା ଭୟଭୀତ ଅବସ୍ଥାରେ ଅଛନ୍ତି।

ସାମାଜିକ କର୍ମୀ ସୁବାସ ସ୍ୱାଇଁ, ଲକ୍ଷ୍ମୀକାନ୍ତ ସ୍ୱାଇଁ କହିଛନ୍ତି, ଗୋବରୀ ନଦୀରେ ପ୍ରଖର ଅନ୍ତଃସ୍ରୋତ ଯୋଗୁ ଭଉଁରି ସୃଷ୍ଟିହୋଇ କୂଳ ଖାଇ ଜନବସତିମୁହାଁ ହେଉଛି। ଗୋବରୀ ନଦୀ ପାର୍ଶ୍ୱ ଚିଙ୍ଗୁଡିଘେରିକୁ ତୁରନ୍ତ ଉଚ୍ଛେଦ କରି ବଡ଼ ପ୍ରାଚୀର ନିର୍ମାଣ ହେଲେ ବନ୍ଧ ପ୍ରତି ବିପଦ ରହିବ ନାହିଁ। ଏ ସଂକ୍ରାନ୍ତରେ ଆଳିସ୍ଥିତ ନଦୀ ତଟବନ୍ଧ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାର ସାହୁଙ୍କୁ ପଚାରିବାରେ ଗୋବରୀ ନଦୀ ବନ୍ଧ ସୁରକ୍ଷା ପ୍ରତି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି। ଏ ବିଷୟରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।

# ଭାରତ-ଆମେରିକା ଅନ୍ତରୀଣ ବାଣିଜ୍ୟ ଚୁକ୍ତି

- ରୁଷିଆ ତୈଳ ପାଇଁ ଭାରତ ଉପରେ ଲାଗିଥିବା ଅତିରିକ୍ତ ୨୫% ଶୁଳ୍କ ହଟିଲା
- ଭାରତ ଦେଇଛି ୫୦୦ ବିଲିୟନ ଡଲାରର ଆମଦାନୀ ପ୍ରତିଶ୍ରୁତି

ଭାରତ ଏବଂ ଆମେରିକା ମଧ୍ୟରେ ଏକ ଅନ୍ତରୀଣ ବାଣିଜ୍ୟ ଚୁକ୍ତି ପାଇଁ ରୂପରେଖ ପ୍ରସ୍ତୁତ ହୋଇଛି। ଏହାଦ୍ୱାରା ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଆମେରିକାର ୩୦ ଟ୍ରିଲିୟନ ଡଲାରର ବିଶାଳ ବଜାର ଉନ୍ମୁକ୍ତ ହୋଇଛି। ଏହାସହ ଭାରତ ଉପରେ ଲଗାଯାଇଥିବା ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ (ଟାରିଫ୍)କୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ହଟାଇ ଦେଇଛନ୍ତି। ରୁଷିଆଠାରୁ ଅଶୋଧିତ ତୈଳ କିଣୁଥିବାରୁ ଆମେରିକା ଗତ ଅଗଷ୍ଟରେ ଦଣ୍ଡସ୍ୱରୂପ ଭାରତୀୟ ସାମଗ୍ରୀ ଉପରେ ଏହି ଶୁଳ୍କ ଲଗାଇଥିଲା। ଗତ ସୋମବାର ଟ୍ରମ୍ପ ଭାରତ ଉପରେ ଲଗାଯାଇଥିବା ୨୫% ଜବାବୀ ଶୁଳ୍କକୁ ୧୮%କୁ ହ୍ରାସ କରିଥିଲେ। ଏବେ ଅତିରିକ୍ତ ୨୫% ଶୁଳ୍କ ହଟିବା ଫଳରେ ଭାରତୀୟ ରପ୍ତାନି ପୁଣି ସୁଗମ ହେବା ଆଶା କରାଯାଉଛି। ଦୁଇ ଦେଶର ଏକ ମିଳିତ ବିବୃତି ଅନୁଯାୟୀ, ଭାରତରୁ ରପ୍ତାନି ହେଉଥିବା ବିଭିନ୍ନ ସାମଗ୍ରୀ ଉପରେ ଶୁଳ୍କ କୋହଳ କରାଯାଇଛି, ଯାହା ଭାରତୀୟ ବ୍ୟବସାୟୀଙ୍କ ପାଇଁ ଏକ ବଡ଼ ସୁଯୋଗ ଆଣିଦେଇଛି। ସେହିପରି ଭାରତ ଆଗାମୀ ୫ ବର୍ଷ ମଧ୍ୟରେ ଆମେରିକାଠାରୁ ପ୍ରାୟ ୫୦୦ ବିଲିୟନ ଡଲାରର ସାମଗ୍ରୀ କିଣିବାକୁ ଲକ୍ଷ୍ୟ ରଖିଛି। ଏଥିରେ ମୁଖ୍ୟତଃ ଶକ୍ତି, ବିମାନ ଉପକରଣ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସାମଗ୍ରୀ ଅନ୍ତର୍ଭୁକ୍ତ। କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ସ୍ପଷ୍ଟ କରିଛନ୍ତି ଯେ, ଏହି ଚୁକ୍ତିରେ ଭାରତର ସମ୍ବେଦନଶୀଳ କୃଷି ଏବଂ ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖାଯାଇଛି। ଭାରତୀୟ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏହିସବୁ ସାମଗ୍ରୀ ଉପରେ ଆମେରିକାକୁ କୌଣସି ବଡ଼ ରିହାତି ଦିଆଯାଇନାହିଁ। ଏହି ଚୁକ୍ତିକୁ ନେଇ କଂଗ୍ରେସ କଡ଼ା ସମାଲୋଚନା କରିଛି। କଂଗ୍ରେସ କହିଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ହଗଲୋମାସି' ବା କୋଳାଗ୍ରତ କରିବାର ଶୈଳୀ ଏବଂ ଫଟୋ ଉଠାଇବା ଦ୍ୱାରା ଦେଶକୁ ପ୍ରକୃତ ଲାଭ ମିଳିନାହିଁ। ଚୁକ୍ତିରେ ଭାରତ ନିଜ ସ୍ୱାର୍ଥକୁ ବଳି ଦେଇଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।



ୱାଶିଂଟନ୍/ନୂଆଦିଲ୍ଲୀ, ୭।୨(ପି.ଟି./ ରଏଟର୍ସ/ବ୍ଲୁମ୍‌ବର୍ଗ)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତବର୍ଷ କ୍ଷମତାକୁ ଆସିବା ପରଠୁ ନିଜ ଦେଶର ସ୍ୱାର୍ଥ ଦୃଷ୍ଟିରୁ ଅନେକ ପଦକ୍ଷେପ ନେଇଚାଲିଛନ୍ତି। ଏହି କ୍ରମେ ସେ ଭାରତ ସମେତ ବିଭିନ୍ନ ରାଷ୍ଟ୍ର ଉପରେ ଆମଦାନୀ ଶୁଳ୍କ ଲଗାଇଥିଲେ। ସେପଟେ ୨୦୨୨ ୟୁକ୍ରେନ୍ ଯୁଦ୍ଧ ପରଠୁ ଆକ୍ରମଣକାରୀ ରୁଷିଆଠାରୁ ଭାରତ କ୍ରୁଡ୍ ଆମଦାନୀ କରିଚାଲିଥିଲା। ଏହି ପୃଷ୍ଠଭୂମିରେ ଟ୍ରମ୍ପ୍ ୨୦୨୫ ଅଗଷ୍ଟରେ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୨ ପ୍ରକାର ଟିକସ କଷିଥିଲେ। ୨୫% ଆମଦାନୀ ଟିକସ ସାଙ୍ଗକୁ ଅତିରିକ୍ତ ୨୫% ଦଣ୍ଡାତ୍ମକ ଟିକସ ଲଗାଯିବା ଦ୍ୱାରା ଉଭୟ ଦେଶର ଅର୍ଥନୀତି ପ୍ରଭାବିତ ହୋଇଥିଲା। ଇତିମଧ୍ୟରେ ଟ୍ରମ୍ପ୍ ଭାରତ ଉପରେ ଅଧିକ ଚାପ ପ୍ରୟୋଗ କରିବାକୁ ଯାଇ ନାନା କୌଶଳ ଆପଣାଇଥିଲେ। କିନ୍ତୁ ତାଙ୍କ କୌଣସି ଜିଦ୍ ଆଗରେ ନୂଆଦିଲ୍ଲୀ ମୁଣ୍ଡ ନୁଆଁଇ ନ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂସ୍କାର ଓ ଅନ୍ୟ ଦୂରଦର୍ଶୀ ପଦକ୍ଷେପଗୁଡ଼ିକ ଭାରତୀୟ ଅର୍ଥନୀତିକୁ ପୁଣିଥରେ ଟ୍ରାକ୍‌କୁ ଫେରାଇ ଆଣିବାରେ ସକ୍ଷମ ହୋଇଥିଲା। ଅନ୍ୟପକ୍ଷେ ଟ୍ରମ୍ପ୍ ଦେଶରେ ସମାଲୋଚନାର ଶିକାର ହୋଇଥିଲେ। ବହୁ ବିରୋଧକୁ ସାମ୍ନା କରିବା ପରେ ଶେଷରେ ଗତ ସପ୍ତାହରେ ରାଷ୍ଟ୍ରପତି ଟ୍ରମ୍ପ୍ ନରମିଯାଇଥିଲେ। 'ମଦର ଅଫ୍ ଅଲ୍ ଡିଲ୍ସ' ନାମରେ ପରିଚିତ ବହୁପ୍ରତୀକ୍ଷିତ ଭାରତ-ୟୁରୋପୀୟ ☞ପୃଷ୍ଠା-୪

# ଗଲ୍‌ୱାନ ସଂଘର୍ଷ ପରେ ଆଣବିକ ପରୀକ୍ଷା କରିଥିଲା ଚାଇନା

## ଆମେରିକାର ଅଭିଯୋଗ

ଜେନେଭା,୭।୨

ଚାଇନା ବିରୋଧରେ ଆମେରିକା ଏକ ବିସ୍ଫୋରକ ଅଭିଯୋଗ ଆଣିଛି। ୨୦୨୦ରେ ସୀମାନ୍ତ ଗଲ୍‌ୱାନ ଉପତ୍ୟକାରେ ଭାରତୀୟ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷରୁ ଅନେକ ମୃତାହତ ହୋଇଥିଲେ। ଏହାର ୭ ଦିନ ପରେ ଚାଇନା ଗୋପନରେ ଅଣୁଅସ୍ତ୍ର ପରୀକ୍ଷା କରିଥିଲା ବୋଲି ଆମେରିକା କହିଛି। ସେତେବେଳେ ସାରା ବିଶ୍ୱ କୋଭିଡ୍-୧୯ ମହାମାରୀକୁ ନେଇ ଯୁଝୁଥିଲାବେଳେ ବେଜିଂ ନିଜର ଆଣବିକ କ୍ଷମତାର ପରୀକ୍ଷା କରିଥିଲା ବୋଲି ଆମେରିକା ପରରାଷ୍ଟ୍ର ଅନୁସଚିବ ଥୋମାସ୍ ଡିନାନୋ ଶୁକ୍ରବାର ଜେନେଭାରେ ନିରସ୍ତ୍ରୀକରଣ ଉପରେ ଅନୁଷ୍ଠିତ ଜାତିସଂଘ ସମ୍ମିଳନୀରେ କହିଛନ୍ତି। ଆମେରିକା ଏବଂ ରୁଷିଆ ମଧ୍ୟରେ ହୋଇଥିବା ଶେଷ ଆଣବିକ ଚୁକ୍ତିନାମା ସମୟସୀମା ଗତ ୫ ତାରଖରେ ଶେଷ ହୋଇଥିବାବେଳେ ଏଭଳି ଗମ୍ଭୀର ଅଭିଯୋଗ ଆସିଛି। ଭବିଷ୍ୟତର କୌଣସି ଆଣବିକ ଚୁକ୍ତି ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚାଇନାକୁ ସାଙ୍ଗରେ ନେବାକୁ ଚାହୁଁଛନ୍ତି।




ଆଜିର ସମ୍ପାଦକୀୟ ଆତ୍ମସମର୍ପଣ




## ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ, ଉତ୍ତେଜନା

କୋକସରା/ବେହେରା, ୭।୨ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ/ଭୂପେଶ ତିୱାରୀ)

ବିଜୁ ଏକ୍ସପ୍ରେସ୍ ୱେର କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ବେହେରା ବିଦେଶୀ ମଦ ଦୋକାନ ଛକରେ ଶନିବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଟାଟା ଆଇଚର (ନଂ.ଓଡି୧୦ଡବ୍ଲ୍ୟୁ-୩୮୮୧) ଟ୍ରକ୍ ଧକ୍କାରେ ୨ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଛତିଶଗଡ଼ ରାଜ୍ୟ ଟିକ୍ରାପଡାର ରମେଶ କାଶ୍ୟପ (୨୯) ଓ ସାବୁନଭାଡିର ଜ୍ୟୋତିଷ କାଶ୍ୟପ (୨୫)। କ୍ଷତିପୂରଣ ଦାବିରେ ଲୋକେ ଦୁର୍ଘଟଣାସ୍ଥଳରେ ହୋହଲ୍ଲା କରିବାରୁ ଉତ୍ତେଜନାମୂଳକ ସ୍ଥିତି ଉପୁଜିଥିଲା। ସୂଚନା ଅନୁସାରେ, ରମେଶ ଓ ଜ୍ୟୋତିଷ କୌଣସି କାମରେ ବେହେରା ଗ୍ରାମକୁ ଆସି ଘରକୁ ଫେରିବା ସମୟରେ ବିଜୁ ଏକ୍ସପ୍ରେସ୍ ୱେରେ ତାଙ୍କ ବାଇକ୍‌କୁ ଆମପାଣି ପଟୁ ଆସୁଥିବା ଏକ ଟାଟା ଆଇଚର ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ☞ପୃଷ୍ଠା-୪





କୁଆଲାଲମପୁରରେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରବାସୀ ଭାରତୀୟମାନେ ସ୍ୱାଗତ କରୁଛନ୍ତି।

# ଅଭିବୃଦ୍ଧି ପାଇଁ ଭାରତ ବିଶ୍ୱସ୍ତ ସହଯୋଗୀ: ମୋଦି

କୁଆଲାଲମପୁର, ୭।୨(ପି.ଟି.)

ଭାରତ ଅଭିବୃଦ୍ଧିର ଏକ ବିଶ୍ୱସ୍ତ ସହଯୋଗୀ, ଯାହା ନିକଟରେ ବ୍ରିଟେନ୍, ଆମେରିକା ଏବଂ ୟୁରୋପୀୟ ସଂଘ ସମେତ ବିଭିନ୍ନ ଦେଶ ସହ ହୋଇଥିବା ବାଣିଜ୍ୟ ଚୁକ୍ତି ସହମତିରୁ ପ୍ରତିଫଳିତ ହୋଇଛି। ୨ ଦିନିଆ ମାଲେସିଆ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଏହା କହିଛନ୍ତି। କୁଆଲାଲମପୁରଠାରେ ଏକ ଗୋଷ୍ଠୀ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ମୋଦି କହିଛନ୍ତି, ଭାରତ ଏବଂ ମାଲେସିଆ ମଧ୍ୟରେ ପ୍ରବାସୀ ଭାରତୀୟମାନେ ଯୋଗାଯୋଗର ଏକ ଦୃଢ଼ ସେତୁ ଭାବେ କାର୍ଯ୍ୟ କରିଆସୁଛନ୍ତି। ଭାରତୀୟ ଭାଷା ଏବଂ ମଳୟ ମଧ୍ୟରେ ବହୁସଂଖ୍ୟାରେ ସମାନ ଶବ୍ଦ ରହିଥିବାରୁ ୨ ଦେଶ ପରସ୍ପରକୁ ଖୁବ୍ ଭଲ ଭାବରେ ଜାଣନ୍ତି। ୨୦୨୬ର ପ୍ରଥମ ବିଦେଶ ଗସ୍ତରେ ମାଲେସିଆ ଆସିଥିବାରୁ ପ୍ରଧାନମନ୍ତ୍ରୀ ଅତ୍ୟନ୍ତ ଖୁସି ଅନୁଭବ କରୁଥିବା କହିଛନ୍ତି। ମୋଦିଙ୍କ ସହ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ ଉପସ୍ଥିତ ଥିଲେ। ମାଲେସିଆରେ ତାମିଲ ପ୍ରବାସୀମାନେ ବହୁ ଶତାବ୍ଦୀ ଧରି ରହିଆସିବା ସହ ବିଭିନ୍ନ କ୍ଷେତ୍ରରେ ସମାଜର ସେବା କରୁଛନ୍ତି। ୟୁନିଭର୍ସିଟି ଅଫ୍ ମଳୟରେ

## ମାଲେସିଆରେ ଖୁବ୍‌ଶୀଘ୍ର ୟୁପିଆଇ ଶୁଭାରମ୍ଭ

ଥିରୁଭାଲ୍ଲୁଭାର ଚେୟାର ସ୍ଥାପନ କରି ଆମେ ଗର୍ବିତ ଏବଂ ଆମ ମିଳିତ ଐତିହ୍ୟକୁ ଅଧିକ ମଜଭୁତ କରିବା ଲାଗି ଥିରୁଭାଲ୍ଲୁଭାର ସେଣ୍ଟର ପ୍ରତିଷ୍ଠା କରିବାକୁ ଯାଉଛୁ ବୋଲି ମୋଦି କହିଛନ୍ତି। ମାଲେସିଆରେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ଭାରତୀୟ ବଂଶୋଦ୍ଭବ ରହିଛନ୍ତି।

୨ ଦେଶ ମଧ୍ୟରେ ଆର୍ଥିକ, ପ୍ରତିରକ୍ଷା ଏବଂ ଲୋକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ମାଲେସିଆ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି, ଖୁବ୍‌ଶୀଘ୍ର ଭାରତୀୟ ଡିଜିଟାଲ ପେମେଣ୍ଟ ପ୍ଲାଟ୍‌ଫର୍ମ ୟୁପିଆଇ (ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍) ମାଲେସିଆରେ ଶୁଭାରମ୍ଭ ହେବାକୁ ଯାଉଛି। ଏକ କାର୍ଯ୍ୟକ୍ରମରେ ମୋଦି ଓ ତାଙ୍କ ମାଲେସିଆ ପ୍ରତିପକ୍ଷ ଇବ୍ରାହିମ୍‌ଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ୮୦୦ରୁ ଊର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ଭାରତ ନାଟ୍ୟମ, ଓଡ଼ିଶୀ, କଥକ, କଥାକଳି, କୁଚିପୁଡ଼ି ଆଦି ଭାରତୀୟ ଶାସ୍ତ୍ରୀୟ ଏବଂ ଲୋକନୃତ୍ୟ ପରିବେଷଣ କରିଥିଲେ। ମୋଦି ଓ ଇବ୍ରାହିମ୍ ଗୋଟିଏ କାରରେ କାର୍ଯ୍ୟକ୍ରମ ସ୍ଥଳକୁ ଯାଇଥିଲେ।

# ଟ୍ରେଡ୍ ଡିଲ୍ ଭାରତ ପ୍ରତି ବିଶ୍ୱାସଘାତ: କଂଗ୍ରେସ


**ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ଭାରତ ଓ ଆମେରିକା ମଧ୍ୟରେ ଅନ୍ତରୀଣ ବାଣିଜ୍ୟ ଚୁକ୍ତି ସମ୍ପନ୍ନ ହେବାକୁ ଯାଉଥିବାବେଳେ ଶନିବାର ଏହା ଉପରେ ଉଭୟ ଦେଶ ପକ୍ଷରୁ ବିସ୍ତୃତ ରୂପରେଖ ପ୍ରକାଶ କରାଯାଇଛି। ଟ୍ରେଡ୍ ଡିଲ୍‌ରେ କ'ଣ ସବୁ ରହିବ, ଏହାଦ୍ୱାରା ଭାରତ ଓ ଆମେରିକାକୁ କେତେ ଲାଭ ମିଳିବ ସେନେଇ ଚର୍ଚ୍ଚା ଜାରି ରହିଥିବାବେଳେ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏହା ଟ୍ରେଡ୍ ଡିଲ୍ ନୁହେଁ, ବରଂ ଭାରତର ଆତ୍ମସମ୍ମାନ ଓ ସ୍ୱାର୍ଥର ଆତ୍ମସମର୍ପଣ ବୋଲି କଂଗ୍ରେସ ସମାଲୋଚନା କରିଛି। କେନ୍ଦ୍ର ସରକାର ଭାରତ ଓ ଦେଶବାସୀଙ୍କ ପ୍ରତି ବିଶ୍ୱାସଘାତ କରିଥିବା ବିରୋଧୀ ଦଳ କହିଛି। ଅନ୍ୟପକ୍ଷେ ଭାରତର ଖାଦ୍ୟ ଓ ଅନ୍ୟ ସମ୍ବେଦନଶୀଳ ସେକ୍ଟରଗୁଡ଼ିକୁ ସରକାର ଏହି ଡିଲ୍‌ରେ ସୁରକ୍ଷିତ ରଖିଥିବା ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ଏହାଦ୍ୱାରା ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଭାରତୀୟ ସାମଗ୍ରୀଗୁଡ଼ିକୁ ଆମେରିକା ଭଳି ବୃହତ୍ ବଜାର ମିଳିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।**

ନୂଆଦିଲ୍ଲୀ,୭।୨

ଟ୍ରେଡ୍ ଡିଲ୍ ଉପରେ ମିଳିତ ଘୋଷଣାନାମା ଜାରି କରାଯିବା ପରେ କଂଗ୍ରେସ ମିଡିଆ ଓ ପବ୍ଲିସିଟି ବିଭାଗ ମୁଖ୍ୟ ପୱନ ଖେରା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଭାରତ ଖୁବ୍ ଶୀଘ୍ର ଆମେରିକୀୟ ସାମଗ୍ରୀର ଅଳିଆ ଗଦାରେ ପରିଣତ ହେବାକୁ ଯାଉଛି। ଦେଶର କୃଷକ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକୁ କ୍ଷତି ସହିବାକୁ ପଡ଼ିବ।



ପୱନ ଖେରା



ପୀୟୂଷ ଗୋୟଲ

ଏହା ଆମ ସ୍ୱାର୍ଥ ପାଇଁ ନୁହେଁ, ବରଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପୂର୍ଣ୍ଣ ଆତ୍ମସମର୍ପଣ। ସେହିପରି ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ଚୂଡ଼ାନ୍ତ ଚୁକ୍ତି ସ୍ୱାକ୍ଷର ହେବା ପୂର୍ବରୁ ସଂସଦରେ ଏହାର ପ୍ରତିଟି ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଉ। ଏଥିରେ ଅନେକ ପ୍ରସଙ୍ଗର ସ୍ପଷ୍ଟ ଅବତାରଣା କରାଯାଇ ନ ଥିବାରୁ କୃଷି, ଶିଳ୍ପ ଓ ନିଯୁକ୍ତି ଉପରେ ନକାରାତ୍ମକ ପ୍ରଭାବ ପଡ଼ିବା ଆଶଙ୍କା ରହିଛି। କଂଗ୍ରେସ ନେତା ରଣଦୀପ ସିଂ ସୁର୍ଯ୍ୟେୱାଲା ଏହାଦ୍ୱାରା ଗ୍ରାମାଞ୍ଚଳ କୃଷକଙ୍କ ଜୀବନଜୀବିକା ଉଜୁଡ଼ିଯିବ ବୋଲି ସମାଲୋଚନା କରିଥିବାବେଳେ ଶିବସେନା ୟୁବିଟିର ପ୍ରିୟଙ୍କା ଚତୁର୍ବେଦୀ ଟ୍ରେଡ୍ ଡିଲ୍‌ର ରୂପରେଖକୁ 'ୱାଶିଂଟନ୍‌ର ଅର୍ଡର' ରୂପେ ଅଭିହିତ କରିଛନ୍ତି।

## କୃଷି ସମେତ ଅନ୍ୟ ସମ୍ବେଦନଶୀଳ ସେକ୍ଟର ସୁରକ୍ଷିତ: କେନ୍ଦ୍ର

ଅନ୍ୟପକ୍ଷେ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଭାରତ ଆମେରିକାକୁ କୌଣସି କୃଷି ଫଳ ଓ ଦୁଗ୍ଧଜାତ ସାମଗ୍ରୀ ଉପରେ ରିହାତି ଦେଇନାହିଁ। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଜୀବିକା ସହ ଜଡ଼ିତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମକା, ଗହମ, ଧାନ, ସୋୟା, ପଲ୍ଟ୍ରି, ଦୁଗ୍ଧ ଏଥାନଲ୍, ତମାଖୁ ଆଦି ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦିଆଯାଇଛି। ସେହିପରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି, ଟ୍ରେଡ୍ ଡିଲ୍‌ର ଅନ୍ତରୀଣ ରୂପରେଖରେ ଭାରତୀୟ ଏମ୍‌ଏସ୍‌ଏମ୍‌ଇକୁ ବୈଶ୍ୱିକ ମୂଲ୍ୟ ଶୃଙ୍ଖଳର ସମର୍ଥନ ମିଳିବା ଭଳି ଉଦ୍ୟମ କରାଯାଇଛି।

# ଆକ୍ରମଣ କଲେ ପାଲଟା ଜବାବ ଦେବୁ

**ଆମେରିକାକୁ ଇରାନର ଚେତାବନୀ**

ତେହରାନ୍,୭।୨

ଓମାନ ମଧ୍ୟସ୍ଥତାରେ ଶୁକ୍ରବାର ମସ୍କାଟ୍‌ରେ ଆମେରିକା ଏବଂ ଇରାନ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କିନ୍ତୁ ବୈଠକକୁ ୨୪ ଘଣ୍ଟା ନ ପୂରୁଣୁ ଇରାନ ଆମେରିକାକୁ ଚେତାବନୀ ଦେଇଛି। ଯଦି ଆମେରିକା ଇରାନ ଉପରେ ଆକ୍ରମଣ କରେ ତେବେ ଇରାନ ମଧ୍ୟ ଆମେରିକାର ନୌସେନା ବେସ୍ ଉପରେ ଆକ୍ରମଣ କରିବ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଆବାସ୍ ଆରାଗଚି କହିଛନ୍ତି। ଇରାନ ଏହାର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଏବଂ ପରମାଣୁ ପ୍ରକଳ୍ପକୁ ଆବଶ୍ୟକ ଅନୁସାରେ ଜାରି ରଖିବ ବୋଲି ସେ କହିଛନ୍ତି। ସେପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଯୁଦ୍ଧ ଧମକ ଦେଇଛନ୍ତି।

# ଏମ୍‌ପି ପପୁ ଯାଦବ ଗିରଫ

ପାଟନା, ୭।୨

ପୂର୍ଣ୍ଣିଆ ଏମପି ରାଜେଶ ରଞ୍ଜନ ଓରଫ ପପୁ ଯାଦବଙ୍କୁ ବିହାର ପୋଲିସ ଶୁକ୍ରବାର ମଧ୍ୟ ରାତ୍ରରେ ତାଙ୍କ ବାସଭବନରୁ ଗିରଫ କରିଛି। ୩୧ ବର୍ଷ ତଳର ଏକ ଜମି ଘୋଟାଲା ମାମଲାରେ ପପୁଙ୍କୁ କୋର୍ଟରେ ହାଜର ହେବାକୁ ସମନ କରାଯାଇଥିଲା। କିନ୍ତୁ ବାରମ୍ବାର ସମନ କରାଯିବା ସତ୍ତ୍ୱେ ସେ ହାଜର ନ ହେବାରୁ କୋର୍ଟ ୱାରେଣ୍ଟ ଜାରି କରିଥିଲେ। ଏହାସତ୍ତ୍ୱେ ସେ ନ ଆସିବାରୁ ଶୁକ୍ରବାର ରାତିରେ ପାଟନା ପୋଲିସ ପପୁଙ୍କ ବାସଭବନରେ ପହଞ୍ଚିଥିଲା। ଖବର ପାଇ ପପୁଙ୍କ ଅନେକ ଶହ ସମର୍ଥକ ରୁଣ୍ଡ ହୋଇ ପୋଲିସକୁ ବିରୋଧ କରିଥିଲେ। କିଛି ସମୟ ପାଇଁ ପୋଲିସ ଏବଂ ସମର୍ଥକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। କିନ୍ତୁ ଶେଷରେ ପୋଲିସ ପପୁଙ୍କୁ ଗିରଫ କରିଥିଲା।

# ବାଂଲାଦେଶ ହାଜତରେ ହିନ୍ଦୁ ନେତାଙ୍କ ମୃତ୍ୟୁ

ଢାକା,୭।୨

ହାଜତରେ ଥିବା ବାଂଲାଦେଶର ଅନ୍ୟତମ ଶୀର୍ଷ ହିନ୍ଦୁ ନେତା ତଥା ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ସେନ୍ ଗୁରୁତର ଅସୁସ୍ଥ ହୋଇପଡ଼ିବା ପରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ସେ ଖୁବ୍ ସାହାଯ୍ୟକାରୀ ଏବଂ ତାଙ୍କ ରାଜନୈତିକ ଜୀବନ ସ୍ୱଚ୍ଛ ଥିଲା। ଆୱାମୀ ଲିଗ୍‌ର ଏହି ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀଙ୍କୁ ହାଜତରେ କରାଯାଇଥିବା ଚିକିତ୍ସାକୁ ନେଇ ପ୍ରଶ୍ନ ଉଠିଛି। ୮୫ ବର୍ଷୀୟ ସେନଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ରହିଥିବାବେଳେ ଜଣେ ପୂର୍ବତନ ମନ୍ତ୍ରୀ ଭଳି ତାଙ୍କୁ ଚିକିତ୍ସା ସୁବିଧା ଦିଆଯାଉ ନ ଥିଲା ବୋଲି ଜଣାପଡ଼ିଛି। ଶେଖ୍ ହାସିନା କ୍ଷମତାରୁ ବିଦା ହେବା ପରେ ଆୱାମୀ ଲିଗ୍ ନେତାମାନଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଇ ସେମାନଙ୍କୁ ବିଭିନ୍ନ ମାମଲାରେ ଜେଲରେ ରଖାଯାଇଥିଲା। ପୂର୍ବତନ ମନ୍ତ୍ରୀ ସେନ୍‌ଙ୍କ ବିରୋଧରେ ହତ୍ୟା ସମେତ ୩ଟି ଅଭିଯୋଗରେ ମାମଲା ରୁଜୁ ହୋଇଥିଲା।

# ସମୁଦ୍ର ମଧ୍ୟରେ ଅନ୍ତର୍ଜାତୀୟ ତୈଳ ଚୋରାଚାଲାଣ ର୍‍ୟାକେଟ୍ ଠାବ



ନୂଆଦିଲ୍ଲୀ,୭।୨(ପି.ଟି.)

ଭାରତୀୟ ତଟସୁରକ୍ଷା ବାହିନୀ ମୁମ୍ବାଇ ଉପକୂଳରୁ ପଶ୍ଚିମରେ ପ୍ରାୟ ୧୦୦ ନଟିକାଲ ମାଇଲ ଦୂର ସମୁଦ୍ର ମଝିରେ ଏକ ଅନ୍ତର୍ଜାତୀୟ ତୈଳ ଚୋରାଚାଲାଣକାରୀ ର୍‍ୟାକେଟ୍‌କୁ ଠାବ କରିଥିବା ଶନିବାର କହିଛି। ଏହି କାର୍ଯ୍ୟରେ ନିୟୋଜିତ କେତେକ ଜାହାଜକୁ ତଟସୁରକ୍ଷା ବାହିନୀ ଜବତ କରିଛି। ବିବାଦ ମଧ୍ୟରେ ଥିବା ଦେଶଗୁଡ଼ିକରୁ ପ୍ରଚୁର ପରିମାଣର ଶସ୍ତା ତୈଳ ଏବଂ ତୈଳଭିତ୍ତିକ ପଣ୍ୟ ଚୋରା ଚାଲାଣ କରିବା ପାଇଁ ଉକ୍ତ ଜାହାଜଗୁଡ଼ିକ ଏକ ପଦ୍ଧତି ବାହାର କରିଥିଲେ। ସମୁଦ୍ର ମଧ୍ୟରେ ଉକ୍ତ ତୈଳକୁ ସେମାନେ ମୋଟର ଟ୍ୟାଙ୍କରଗୁଡ଼ିକୁ ସ୍ଥାନାନ୍ତର କରି ଲାଭ ଉଠାଉଥିଲେ ବୋଲି ତଟସୁରକ୍ଷା ବାହିନୀ କହିଛି। ସମୁଦ୍ର ମଧ୍ୟଭାଗରେ ସେମାନଙ୍କର ଏହି ଦୁଃସାହସିକ ଅଭିଯାନକୁ ତଟସୁରକ୍ଷା ବାହିନୀ ଡିଜିଟାଲ ସର୍ଭିଲାନ୍ସ ବଳରେ ଧରିବାରେ ସଫଳ ହୋଇଛି। ଗତ ଗୁରୁବାର ୩ଟି ଜାହାଜକୁ ତଟସୁରକ୍ଷା ବାହିନୀ ପିଛା କରିବା ପରେ ସେଗୁଡ଼ିକର କାଗଜପତ୍ର ଯାଞ୍ଚ କରିବା ଓ ସେଥିରେ ଥିବା କର୍ମଚାରୀମାନଙ୍କୁ ଜେରା କରିବା ପରେ ତୈଳ ଚୋରାକାରବାର ସମ୍ପର୍କିତ ତଥ୍ୟ ମିଳିଥିଲା। ଉପକୂଳ ରାଜ୍ୟଗୁଡ଼ିକର ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାର କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ଉକ୍ତ ଜାହାଜଗୁଡ଼ିକ ବାରମ୍ବାର ପରିଚୟ ବଦଳାଉଥିଲେ। ପ୍ରାରମ୍ଭିକ ତଦନ୍ତରୁ ଜାହାଜ ମାଲିକ ଅନ୍ୟ ଦେଶର ବୋଲି ଜଣାପଡ଼ିଛି।

# ରିତୁ ତାବ୍‌ଡେ ହୋଇପାରନ୍ତି ମୁମ୍ବାଇ ମେୟର

ମୁମ୍ବାଇ,୭।୨

ବିଏମ୍‌ସି ମେୟର ନିର୍ବାଚନ ଆସନ୍ତା ୧୧ରେ ହେବାକୁ ଯାଉଛି। ଭାଜପା ଏହାର ବରିଷ୍ଠ କର୍ପୋରେଟର ରିତୁ ତାବ୍‌ଡେଙ୍କୁ ମେୟର ପ୍ରାର୍ଥୀ କରିଛି। ବ୍ରିହନ ମୁମ୍ବାଇ ମହାନଗର ନିଗମରେ ଭାଜପାର ଏକକ ସଂଖ୍ୟାଗରିଷ୍ଠତା ଥିବାରୁ ରିତୁ ବିଜୟ ହେବା ନିଶ୍ଚିତ ବୋଲି କୁହାଯାଉଛି।




ରିତୁ ଏହା ପୂର୍ବରୁ କର୍ପୋରେଟର ରହିବା ସହିତ ଶିକ୍ଷା କମିଟିର ଅଧ୍ୟକ୍ଷା ରହିଥିଲେ। ତାଙ୍କର ଦୃଢ଼ ଅଭିଜ୍ଞତା ଓ କାର୍ଯ୍ୟ ଦକ୍ଷତାକୁ ନେଇ ଦଳ ତାଙ୍କର ବିଜୟ ଆଶା ରଖିଛି। ସେପଟେ ସହଯୋଗୀ ଶିବସେନା ପକ୍ଷରୁ ସଞ୍ଜୟ ଶେଖର ଘଡିଙ୍କୁ ଡେପୁଟି ମେୟର ପ୍ରାର୍ଥୀ କରାଯାଇଛି। ୨୫ ବର୍ଷ ବିଏମ୍‌ସିକୁ ଦଖଲରେ ରଖିଥିବା ଶିବସେନା (ୟୁବିଟି) ପ୍ରଥମଥର ପାଇଁ କ୍ଷମତା ହରାଇଛି।

# ପିଓକେ, ଅକ୍ସାଇ ଚୀନ୍‌କୁ ଭାରତର ଦର୍ଶାଇଲା ଆମେରିକା

ନୂଆଦିଲ୍ଲୀ,୭।୨

## ପାକିସ୍ତାନ, ଚାଇନାକୁ ଧକ୍କା

ଆମେରିକା ସହ ଭାରତର ବାଣିଜ୍ୟ ବୁଝାମଣାକୁ ନେଇ ଉଭୟ ପକ୍ଷ ଉତ୍ସାହିତ ରହିଛନ୍ତି। ବିଶେଷକରି ଶିଳ୍ପଦ୍ୟୋଗୀ ଏବଂ ରପ୍ତାନିକାରୀମାନେ ଅତ୍ୟନ୍ତ ଆଶାବାଦୀ ହୋଇପଡ଼ିଛନ୍ତି। ଏହାମଧ୍ୟରେ ଆମେରିକା ଏବଂ ଭାରତ ପକ୍ଷରୁ ଶୁକ୍ରବାର ଏନେଇ ଏକ ଅନ୍ତରୀଣ ଫ୍ରେମ୍‌ୱାର୍କ ଘୋଷଣା କରାଯାଇଛି। କିନ୍ତୁ ଏହି ଫ୍ରେମ୍‌ୱାର୍କ ଘୋଷଣା ସମୟରେ ଆମେରିକା ବାଣିଜ୍ୟ ବିଭାଗ ପକ୍ଷରୁ ଭାରତର ଯେଉଁ ମାନଚିତ୍ର ପ୍ରକାଶ କରାଯାଇଛି ତାହାକୁ ନେଇ ଚାଇନା ଏବଂ ପାକିସ୍ତାନକୁ ଶକ୍ତ ଧକ୍କା ଲାଗିଛି। ଭାରତ-ଆମେରିକା ବାଣିଜ୍ୟ ବୁଝାମଣାକୁ ନେଇ ଆମେରିକାର ଟ୍ରେଡ୍ ରିପ୍ରେଜେନ୍‌ଟେଟିଭସ୍ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ କରାଯାଇଥିବା ଭାରତର ମାନଚିତ୍ରରେ ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ) ସମେତ ସମ୍ପୂର୍ଣ୍ଣ ଜମ୍ମୁ କଶ୍ମୀରକୁ ଭାରତର ଅଂଶ ବୋଲି ଦର୍ଶାଯାଇଛି। ସେହିପରି ଅକ୍ସାଇ ଚୀନ୍‌କୁ ଚାଇନା ନିଜର ବୋଲି ଦାବି କରିଆସୁଥିଲାବେଳେ ଏହାକୁ ମଧ୍ୟ ଉକ୍ତ ମାନଚିତ୍ରରେ ଭାରତର ଅଂଶ ଭାବେ ଦର୍ଶାଯାଇଛି। କଶ୍ମୀର ଭାରତର ଅଭିନ୍ନ ଅଙ୍ଗ ଏଥିରେ ସନ୍ଦେହ ନାହିଁ,ହେଲେ ପିଓକେ ସମେତ କଶ୍ମୀରକୁ ଆମେରିକା ସମ୍ପୂର୍ଣ୍ଣ ଭାରତର ଅଂଶ ଭାବେ ଦର୍ଶାଇବା ପାକିସ୍ତାନ ପାଇଁ ନିଶ୍ଚିତ ଭାବେ ଚିନ୍ତାର ବିଷୟ। ଦୁଇ ଦିନ ତଳେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫ୍ କଶ୍ମୀରକୁ ପାକିସ୍ତାନର ଅଂଶ ଭାବେ ଦାବି କରିବା ସହିତ ଏହାକୁ ଫେରାଇ ଆଣିବାକୁ ପଡ଼ିବ ବୋଲି କହିଥିଲେ। କିନ୍ତୁ ଏହାର ୪୮ ଘଣ୍ଟା ପରେ ଆମେରିକା ଜାରି କରିଥିବା ମାନଚିତ୍ରକୁ ନେଇ ପାକିସ୍ତାନକୁ କୂଟନୈତିକ ସ୍ତରରେ ଉଚିତ ଜବାବ ମିଳିଯାଇଛି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ମାନଚିତ୍ର ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେହିପରି ଅକ୍ସାଇ ଚୀନ୍‌କୁ ସବୁବେଳେ ବିବାଦୀୟ କହି ଆସିଥିବା ଚାଇନାକୁ ମଧ୍ୟ ଆମେରିକା କୂଟନୈତିକ ସ୍ତରରେ ଉଚିତ ଜବାବ ଦେଇଛି ବୋଲି ବିଶେଷଜ୍ଞମାନେ କହିଛନ୍ତି।




# ଇନ୍‌ଷ୍ଟାଗ୍ରାମ ରିଲ୍ କଲାବେଳେ ଭାରସାମ୍ୟ ହରାଇ ମହିଳାଙ୍କ ମୃତ୍ୟୁ


କାନପୁର,୭।୨

ଉତ୍ତରପ୍ରଦେଶର ବର୍ଣ୍ଣା ଜିଲା ଅନ୍ତର୍ଗତ ବବେରୁ ସହରର କରୁଇୟା ପୁରୱାଠାରେ ଜଣେ ୨୭ ବର୍ଷୀୟା ମହିଳା ଇନ୍‌ଷ୍ଟାଗ୍ରାମ ରିଲ୍ ପ୍ରସ୍ତୁତ କରୁଥିବାବେଳେ ପ୍ରାଣ ହରାଇଛନ୍ତି। ଗୋଡ଼ ଖସିଯିବାରୁ ସେ ଲଗାଇଥିବା ଫାଶ ତାଙ୍କ ବେକରେ ଚାପି ହୋଇଯାଇଥିଲା। ମୋହିନୀ ନାମ୍ନୀ ଉକ୍ତ ମହିଳା ଶୁକ୍ରବାର ସନ୍ଧ୍ୟାରେ ମୋବାଇଲ ଫୋନ୍ ଯୋଗେ ଫାଶୀଦୃଶ୍ୟର ଶୁଟିଂ କରୁଥିଲେ। ସେ ସିଲିଂ ହୁକରୁ ଏକ ଫାଶ ଝୁଲାଇ ତାଙ୍କ ବେକରେ ଲଗାଇଥିଲେ। ଭାରସାମ୍ୟ ହରାଇବାରୁ ଷ୍ଟୁଲ୍‌ରୁ ତାଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ଫାଶୀ ଦୃଶ୍ୟ ବାସ୍ତବ ଫାଶୀରେ ପରିଣତ ହୋଇ ମୋହିନୀଙ୍କ ପ୍ରାଣ ଚାଲିଯାଇଥିଲା।

# ମାର୍ଚ୍ଚ ପୂର୍ବରୁ ବୋତୋସ୍ୱାନାରୁ ଆସିବେ ଚିତା

ନୂଆଦିଲ୍ଲୀ,୭।୨(ପି.ଟି.)

ବୋତୋସ୍ୱାନାରୁ ପ୍ରଥମ ପର୍ଯ୍ୟାୟରେ କେତେକ ଚିତାବାଘ ଚଳିତ ମାସ ଶେଷ ସୁଦ୍ଧା ଭାରତରେ ଆସି ପହଞ୍ଚିବେ ବୋଲି ଆଶା କରାଯାଉଥିବା କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଶନିବାର କହିଛନ୍ତି। ସେଠାରୁ ୮ଟି ଚିତାବାଘ ଆଣିବା ପାଇଁ ଯୋଜନା ଚାଲିଛି। ବାଘ ସଂଖ୍ୟାରେ ପରିବର୍ତ୍ତନ ଏବଂ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ କେନ୍ଦ୍ର ପ୍ରାୟୋଜିତ ଯୋଜନା କାର୍ଯ୍ୟକାରିତାର ଆକଳନ ଆଦି ନିର୍ଦ୍ଦିଷ୍ଟ ଅଞ୍ଚଳରେ ବ୍ୟାଘ୍ର ସଂରକ୍ଷଣକୁ ନେଇ ରହିଥିବା ଚ୍ୟାଲେଞ୍ଜଗୁଡ଼ିକ ଉପରେ ସମୀକ୍ଷା କରିବା ଲାଗି ୪ଟି କାର୍ଯ୍ୟକାରୀ ଗୋଷ୍ଠୀ ଗଠନ କରିବାକୁ ଯାଦବ କହିଛନ୍ତି। ରାଜସ୍ଥାନର ଅଲୱାରରେ ବାଘ ଥିବା ରାଜ୍ୟଗୁଡ଼ିକର ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ ଏବଂ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର କ୍ଷେତ୍ର ନିର୍ଦ୍ଦେଶକମାନଙ୍କ ୨ ଦିନିଆ ସମ୍ମିଳନୀର ଉଦ୍‌ଘାଟନୀ ଅବସରରେ ଉଦ୍‌ବୋଧନ ଦେଇ ପରିବେଶ ମନ୍ତ୍ରୀ କହିଛନ୍ତି, ବ୍ୟାଘ୍ର ସଂରକ୍ଷଣରେ ଭାରତ ୫୦ ବର୍ଷ ପୂରଣ କରିଥିବାରୁ ବିସ୍ତୃତ ନୀତି ସମୀକ୍ଷାର ଏହା ଉପଯୁକ୍ତ ସମୟ। ଦେଶରେ ଲୁପ୍ତ ହୋଇଥିବା ବନ୍ୟପ୍ରାଣୀଗୁଡ଼ିକର ଅନ୍ତର୍ଜାତୀୟ ସ୍ଥାନାନ୍ତରଣରେ ଭାରତ ସଫଳତା ହାସଲ କରିଛି। ବିଦେଶରୁ ଅଣାଯାଇଥିବା ଚିତାବାଘଗୁଡ଼ିକ ଭାରତରେ ଜନ୍ମିତ ତୃତୀୟ ପିଢ଼ିରେ ପହଞ୍ଚିଥିବାବେଳେ ଫେବୃଆରୀ ଶେଷ ସୁଦ୍ଧା ଆଉ ଏକ ନୂଆ ବ୍ୟାଚ୍ ଚିତାବାଘ ବୋସ୍ୱାନାରୁ ଆସି ଭାରତରେ ପହଞ୍ଚିବା ଆଶା କରାଯାଉଛି ବୋଲି ଯାଦବ କହିଛନ୍ତି। ୨୦୨୨ ସେପ୍ଟେମ୍ବରରେ ଭାରତ ପ୍ରୋଜେକ୍ଟ ଚିତା ଆରମ୍ଭ କରି ଆଫ୍ରିକୀୟ ଦେଶ ନାମିବ୍ୟାରୁ ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନକୁ ୮ଟି ଚିତାବାଘ ଆଣିଥିଲା।





ଭୂମିକା ଚାୱଲା

# କାନ୍ଦିଲେ ଭୂମିକା

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ଭୂମିକା ଚାୱଲା। ଏବେ ସେ ଫିଲ୍ମରେ କମ୍ ସକ୍ରିୟ ଥିଲେ ବି ପ୍ରାୟତଃ ଚର୍ଚ୍ଚାରେ ଅଛନ୍ତି। ସୁପରଷ୍ଟାର ସଲମାନ ଖାନ୍‌ଙ୍କ ଫିଲ୍ମ 'ତେରେ ନାମ୍'ରେ ନିର୍ଜରା ଭୂମିକା ପାଇଁ ଏବେ ବି ଚର୍ଚ୍ଚିତ। ନିକଟରେ ଭୂମିକା ଏକ କାର୍ଯ୍ୟକ୍ରମର ମଞ୍ଚ ଉପରେ କାନ୍ଦୁଥିବାର ଦେଖାଯାଇଥିଲା। ଭୂମିକା ଫିଲ୍ମ 'ୟୁଫୋରିଆ'ରେ ନଜର ଆସିବେ। ଏଥିରେ ରଣବୀର ସିଂଙ୍କ ବ୍ଲକ୍‌ବଷ୍ଟର 'ଧୁରନ୍ଧର'ର ନାୟିକା ସାରା ଅର୍ଜୁନ ମଧ୍ୟ ଅଛନ୍ତି। ଏହି ଫିଲ୍ମର କାହାଣୀ ହାଇଦ୍ରାବାଦ୍‌ରେ ସଂଘଟିତ ଏକ ସତ୍ୟ ଘଟଣା ଉପରେ ଆଧାରିତ। ଫିଲ୍ମ ରିଲିଜ୍ ହେବା ପୂର୍ବରୁ ହାଇଦ୍ରାବାଦ୍‌ରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଥିରେ ଭୂମିକା 'ୟୁଫୋରିଆ' ସହିତ ତାଙ୍କ ଅଭିଜ୍ଞତା ବାଣ୍ଟି କାନ୍ଦି ପକାଇଥିଲେ। ଫିଲ୍ମର କାହାଣୀ ଶୁଣି ସାରାରାତି ଶୋଇ ପାରି ନ ଥିବା ସେ କହିଛନ୍ତି। ଗୁଣଶେଖରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ନିଶା ନିବାରଣ ଏବଂ ଛୋଟ ପିଲାମାନଙ୍କ ମଧ୍ୟରେ ଯୌନ ଶୋଷଣର ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ପର୍ଯ୍ୟବସିତ। କାହାଣୀଟି ୨୦୨୨ରେ ଜୁବିଲିହିଲ୍ସରେ ଘଟିଥିବା ଏକ ଘଟଣା ଉପରେ ଆଧାରିତ। ଏଠାରେ ଏକ ପ୍ରଭାବଶାଳୀ ପରିବାରର ପାଞ୍ଚଜଣ ନାବାଳକ ଜଣେ ୧୭ ବର୍ଷୀୟା ଝିଅକୁ ଯୌନ ନିର୍ଯାତନା ଦେଇଥିଲେ।


ଧରିତ୍ରୀ 52 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଫେବୃଆରୀ ୮/୨୦୨୬ | Bhubaneswar, Sunday, February 8/2026 | ପୃଷ୍ଠା-୩




# ସମୃଦ୍ଧିର ପ୍ରୟୋଗଶାଳା ହେବ ବିସିପିପିଇଆର୍

**ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ (ବିସିପିପିଇଆର୍) ପାଇଁ ଏକ ଅର୍ଥନୈତିକ ଯୋଜନା (ଇକୋନୋମିକ ପ୍ଲାନ୍)ର ଶୁଭାରମ୍ଭ କରିଛନ୍ତି। ସରକାରଙ୍କ ପରିକଳ୍ପନା ଅନୁଯାୟୀ ଏହି ଅଞ୍ଚଳଗୁଡ଼ିକରେ ବିଭିନ୍ନ ପ୍ରକାର ପ୍ରକଳ୍ପ କରାଯିବ। ମେଟାଲ ଡାଉନଷ୍ଟ୍ରିମ୍, ବାୟୋଟେକ୍, ଟେକ୍ସଟାଇଲ, କେମିକାଲ୍ସ, ପର୍ଯ୍ୟଟନ, ଶିକ୍ଷା ଓ ଆଇଟି ପରି ୮୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପର ଯୋଜନା କରାଯାଇଛି। ଏହାସହ ୩୦ରୁ ଅଧିକ ପଲିସି ଇନିସିଏଟିଭ ନିଆଯାଇ ଏ ସମଗ୍ର ଅଞ୍ଚଳକୁ ବିକାଶ ଓ ସମୃଦ୍ଧିର ପ୍ରୟୋଗଶାଳା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।**

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)




ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ (ବିସିପିପିଇଆର୍) ପାଇଁ ଉର୍ଦ୍ଦିଷ୍ଟ ଇକୋନୋମିକ ପ୍ଲାନ୍‌କୁ ଉନ୍ମୋଚନ କରାଯାଉଛି। **(ଫଟୋ: ବିକାଶ ନାୟକ)**

ବିସିପିପିଇଆର୍ ଅର୍ଥନୈତିକ ଯୋଜନାକୁ ନୀତି ଆୟୋଗ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନୀତି ଆୟୋଗର ସଦସ୍ୟ ରାଜୀବ ଗୌବା ଏବଂ ସିଇଓ ବି.ଭି.ଆର୍. ସୁବ୍ରମଣ୍ୟମ ମଧ୍ୟ ଯୋଗଦେଇଥିଲେ। ଲୋକସେବା ଭବନ କନ୍‌ଭେନସନ ସେଣ୍ଟରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିସିପିପିଇଆର୍ ଅଞ୍ଚଳକୁ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିର ଏକ କେନ୍ଦ୍ରସ୍ଥଳ ଭାବେ ବିକଶିତ କରାଯିବ। ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏହି ଅଞ୍ଚଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଉକ୍ତ ଅଞ୍ଚଳର ସବୁ ସହରର କିଛି ନା କିଛି ନିଜସ୍ୱ ସାମର୍ଥ୍ୟ ଏବଂ ସ୍ୱତନ୍ତ୍ରତା ରହିଛି। ଯେପରିକି ଟେକ୍ନୋଲୋଜି କ୍ଷେତ୍ରରେ ଭୁବନେଶ୍ୱର, ବ୍ୟବସାୟିକ ପରମ୍ପରାରେ କଟକ, ସଂସ୍କୃତି ଗରିମାରେ ପୁରୀ ଏବଂ ବନ୍ଦରଭିତ୍ତିକ ବିକାଶରେ ପାରାଦୀପ ରହିଛି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ୨୦୨୬-୨୭ ବଜେଟରେ କେନ୍ଦ୍ର

## ୮୦ରୁ ଅଧିକ ପ୍ରକଳ୍ପ, ୩୦ରୁ ଊର୍ଦ୍ଧ୍ୱ ପଲିସି ଇନିସିଏଟିଭ ନିଆଯିବ

ସରକାର ସିଟି ଇକୋନୋମିକ୍ ରିଜିଅନ ପରିକଳ୍ପନା କରିଛନ୍ତି। ଏଥିରେ ବିସିପିପିଇଆର୍ ରିଜିଅନ ସ୍ଥାନ ପାଇଛି। ପ୍ରତ୍ୟେକ ସିଇଆର୍ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫ ହଜାର କୋଟି ଟଙ୍କାର ପ୍ରାବଧାନ ରଖାଯାଇଛି। ବର୍ତ୍ତମାନ ଏହି ଅଞ୍ଚଳର ଅର୍ଥନୀତି ସାରା ଓଡ଼ିଶାର ଅର୍ଥନୀତି ଅନୁଯାୟୀ ୧୯% ରହିଛି। ୨୦୨୫ ସୁଦ୍ଧା ଏହି ଅଞ୍ଚଳର ଅର୍ଥନୀତିର ଆକାର ୨୨.୪ ବିଲିଅନ ଡଲାର ଅଛି। ୨୦୪୭ ସୁଦ୍ଧା ଏହାକୁ ୫୦୦ ବିଲିଅନ ଡଲାର କରିବାର ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି। ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଉକ୍ତ ଯୋଜନା ଓଡ଼ିଶାର ଭବିଷ୍ୟତ ନିର୍ମାଣରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଅତ୍ୟନ୍ତ ସହାୟକ ହେବ। ଆଗକୁ ରାଜ୍ୟର ଅନ୍ୟ ସହରଗୁଡ଼ିକ ପାଇଁ ଏଭଳି ଯୋଜନା ପ୍ରସ୍ତୁତ କରାଯିବ।

ନୀତି ଆୟୋଗ ସଦସ୍ୟ ରାଜୀବ ଗୌବା କହିଛନ୍ତି, ବିସିପିପିଇଆର୍ ପ୍ରୋଜେକ୍ଟ ବିକଶିତ ଓଡ଼ିଶା ନିର୍ମାଣର ପ୍ରମୁଖ ସ୍ତମ୍ଭ। ଏହି ରିଜିଅନର ଅଭିବୃଦ୍ଧି ହେଲେ ଅଞ୍ଚଳବାସୀଙ୍କ ମଧ୍ୟ ଅଭିବୃଦ୍ଧି ହେବ। ଉକ୍ତ ଯୋଜନାକୁ ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟକାରୀ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ନୀତି ଆୟୋଗ ସିଇଓ ବି.ଭି.ଆର୍. ସୁବ୍ରମଣ୍ୟମ କହିଛନ୍ତି, ୭୦ରୁ ୮୦ ପ୍ରତିଶତ ଜିଡିପି ସହରାଞ୍ଚଳରୁ ଆସିଥାଏ। ୨୦୪୭ ସୁଦ୍ଧା ଜନସଂଖ୍ୟାର ଅର୍ଦ୍ଧାଧିକ ଲୋକଙ୍କୁ ☞ପୃଷ୍ଠା-୪

## ସମ୍ବଲପୁର ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ନିଲମ୍ବିତ

ସମ୍ବଲପୁର,୭।୨(ପ୍ରମୋଦ ବହିଦାର)

### ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ)ର ଏମ୍‌ବିଏ ବିଭାଗର ଗବେଷଣାରତ ଜଣେ ପିଏଚ୍.ଡି. ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ତାଙ୍କ ଗାଇଡ୍ ସହକାରୀ ପ୍ରଫେସର ଡ. ସରୋଜ ସାହୁ ନିଲମ୍ବିତ ହୋଇଛନ୍ତି। ଛାତ୍ରୀଙ୍କ ଅଭିଯୋଗ ଆଧାରରେ ବିଶ୍ୱବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି) ଏହି ଘଟଣାର ତଦନ୍ତକରି ରିପୋର୍ଟ ଦାଖଲ କରିଥିଲା। ଉକ୍ତ ରିପୋର୍ଟ ଆଧାରରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାରି ଉକ୍ତ ନିଲମ୍ବନ ଆଦେଶ ଅନୁସାରେ ଡ. ସାହୁଙ୍କୁ ଶୈକ୍ଷିକ ଓ ପ୍ରଶାସନିକ ଦାୟିତ୍ୱରୁ ମୁକ୍ତ କରାଯାଇଛି। ନିଲମ୍ବନ ଅବଧି ମଧ୍ୟରେ ସେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ କୋଠା ବା ସ୍ନାତକୋତ୍ତର ବିଭାଗର କୌଣସି ବିଭାଗକୁ ପ୍ରବେଶ ବା କୌଣସି ପ୍ରଶାସନିକ ବୈଠକରେ ଯୋଗ ଦେବାକୁ ବାରଣ କରାଯାଇଛି। ଏପରିକି ବିନା ଅନୁମତିରେ କେନ୍ଦ୍ରୀୟ ପାଠାଗାରକୁ ମଧ୍ୟ ଯାଇପାରିବେ ନାହିଁ। ସେହିପରି ☞ପୃଷ୍ଠା-୪

## ଉତ୍ତର ଓଡ଼ିଶାରେ ୫ ଡିଗ୍ରୀ କମିଲା ତାପମାତ୍ରା

ଭୁବନେଶ୍ୱର,୭।୨(ବନ୍ଦନା ସେଠୀ)

ରାଜ୍ୟ ପାଣିପାଗରେ ପରିବର୍ତ୍ତନ ଆସିଛି। ରାତି ତାପମାତ୍ରା ହଠାତ୍ ୪ରୁ ୫ ଡିଗ୍ରୀ କମିଯିବାରୁ ଶୀତ ଅନୁଭୂତ ହୋଇଛି। ରାତିରେ ଥଣ୍ଡା ବଢ଼ିଥିଲେ ମଧ୍ୟ ଦିନରେ ଖରାତାତି ଜାରି ରହିଛି। ଆଞ୍ଚଳିକ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଜିଲାଗୁଡ଼ିକର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୪ରୁ ୫ ଡିଗ୍ରୀ ସେଲ୍‌ସିୟସ ହ୍ରାସ ପାଇଛି। ତେବେ ଅନ୍ୟ କୌଣସି ଅଞ୍ଚଳରେ ସେପରି କୌଣସି ବଡ଼ ପରିବର୍ତ୍ତନ ହୋଇନାହିଁ। ଗତ ୨୪ ଘଣ୍ଟାରେ ଜି. ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୫.୬ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡାରେ ସର୍ବାଧିକ ତାପମାତ୍ରା ୩୪.୪ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଆସନ୍ତା ୪ରୁ ୫ ଦିନ ମଧ୍ୟରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ। ଅପରପକ୍ଷେ ବିଭିନ୍ନ ଜିଲାରେ କୁହୁଡ଼ି ପରିଲକ୍ଷିତ ହେବା ନେଇ ପୂର୍ବାନୁମାନ କରାଯାଇଛି। ରବିବାର ପୁରୀ, ଗଞ୍ଜାମ, ଖୋର୍ଦ୍ଧା ଏବଂ ଜଗତ୍‌ସିଂହପୁର ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ସମ୍ଭାବନା ରହିଛି। ସୋମବାର ପୁରୀ, ଗଞ୍ଜାମ, ଜଗତ୍‌ସିଂହପୁର ଏବଂ ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ ପୁରୀ ଓ ଜଗତ୍‌ସିଂହପୁର ଜିଲାରେ କୁହୁଡ଼ି ନେଇ ପୂର୍ବାନୁମାନ କରାଯାଇଛି।

## ବୋଲେରୋ ପିକ୍‌ଅପ୍ ଭ୍ୟାନ୍ ସହ ବାଇକ୍ ମୁହାଁମୁହିଁ ଧକ୍କା, ୨ ମୃତ

କ. ନୂଆଗାଁ,୭।୨(କାଳୀ ପ୍ରାସାଦ ତ୍ରିପାଠୀ)

କନ୍ଧମାଳ ଜିଲା କ. ନୂଆଗାଁ ବ୍ଲକ ଅନ୍ତର୍ଗତ ବୁଢ଼ାବାଲିଠାରେ ଶନିବାର ଏକ ବୋଲେରୋ ପିକଅପ୍ ଭ୍ୟାନ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବାଇକ୍ ଆରୋହୀ ୨ ଜଣଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରେ ଜଣେ ପ୍ରଶାନ୍ତ ପାତ୍ର ହୋଇଥିବା ବେଳେ ଅନ୍ୟ ମୃତକଙ୍କ ପରିଚୟ ମିଳିପାରିନାହିଁ। ଖବରରୁ ଜଣାପଡ଼ିଛି, ବୋଲେରୋ ପିକ୍‌ଅପ୍ ଭ୍ୟାନ (ଓଡି ୦୭ଏ-୫୩୧୬)ଟି ବାଲିଗୁଡାରୁ ସାରଙ୍ଗଡ ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ☞ପୃଷ୍ଠା-୪

## ଛାତ୍ରାବାସରୁ ଛାତ୍ର ନିଖୋଜ

ଦାରିଙ୍ଗବାଡ଼ି,୭।୨(ଅରୁଣ ସାହୁ)

### ଅନୁସୂଚିତ ଜନଜାତି ଓ ଜାତି ଏବଂ ପଛୁଆବର୍ଗ କଲ୍ୟାଣ ବିଦ୍ୟାଳୟ

### ସୁଦ୍ରୁକୁମ୍ପା ଅଞ୍ଚଳରୁ ଆସି ଛାତ୍ରାବାସରେ ରହି ପଢୁଥିଲେ

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିସ୍ଥିତ ଅନୁସୂଚିତ ଜନଜାତି ଓ ଜାତି ଏବଂ ପଛୁଆବର୍ଗ କଲ୍ୟାଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜଣେ ଛାତ୍ର ନିଖୋଜ ହୋଇଯାଇଛନ୍ତି। ସେ ନବମ ଶ୍ରେଣୀରେ ପଢୁଥିଲେ। ତାଙ୍କ ନାମ କିଷାନ ବେହେରା(୧୪)। କିଷାନଙ୍କ ଘର ଫୁଲବାଣୀ ସଦର ଥାନା ଅନ୍ତର୍ଗତ ସୁଦ୍ରୁକୁମ୍ପା ଅଞ୍ଚଳରେ ବୋଲି ଜଣାପଡ଼ିଛି। ଶୁକ୍ରବାର ସନ୍ଧ୍ୟାରୁ ନିଖୋଜ ହୋଇଥିବା ଛାତ୍ରଙ୍କ ସମ୍ପର୍କରେ କିଛି ସୁରାକ ନ ପାଇବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଶନିବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ମାସକ ମଧ୍ୟରେ ଏହି ବିଦ୍ୟାଳୟରେ ୨ ଥର ଅଘଟଣ ଘଟିବା ସାଧାରଣରେ ଗଭୀର ଆଲୋଡନ ଖେଳାଇ ଦେଇଛି। ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଆରମ୍ଭ ହୋଇଛି ବୋଲି ଆଇଆଇସି ସଂଗ୍ରାମ କେଶରୀ ଜେନା କହିଛନ୍ତି।

ଖବରରୁ ଜଣାପଡ଼ିଛି, ସୁଦ୍ରୁକୁମ୍ପା ଅଞ୍ଚଳର ଅର୍ଜୁନ ବେହେରାଙ୍କ ପୁଅ କିଷାନ ଦାରିଙ୍ଗବାଡ଼ିସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରାବାସରେ ରହି ନବମ ଶ୍ରେଣୀରେ ପଢୁଥିଲେ। ଶୁକ୍ରବାର ସନ୍ଧ୍ୟାରୁ ସେ ନିଖୋଜ ହୋଇଯାଇଥିଲେ। ଏହା ଜାଣିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ କିଷାନଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। କାଳେ ସେ ଗାଁକୁ ଚାଲିଯାଇଥିବେ ଚିନ୍ତାକରି ପ୍ରଧାନଶିକ୍ଷକ ଉମାଶଙ୍କର ସାମନ୍ତରାୟ କିଷାନଙ୍କ ମା'ବାପାଙ୍କୁ ପଚାରିଥିଲେ। ମାତ୍ର ସେ ଗାଁକୁ ଯାଇ ନ ଥିବା ଜାଣିବାକୁ ପାଇଥିଲେ। ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରି ନ ପାଇବାରୁ ପ୍ରଧାନଶିକ୍ଷକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବିଦ୍ୟାଳୟରେ ସୁପରିଣ୍ଟେଣ୍ଡଙ୍କ ସମେତ ସିସିଏ (କୁକ୍ କମ୍ ଆଟେଣ୍ଡାଣ୍ଟ) ଥାଇ ସୁଦ୍ଧା ଗୋଟିଏ ମାସ ମଧ୍ୟରେ ☞ପୃଷ୍ଠା-୪

## ଖୁବ୍‌ଶୀଘ୍ର ମାଓବାଦୀ ମୁକ୍ତ ହେବ ରାୟଗଡ଼ା: ଏଡିଜି

ରାୟଗଡ଼ା,୭।୨(ଆଶିଷ ରଞ୍ଜନ ପଣ୍ଡା)

### ରାୟଗଡ଼ାରେ ଆତ୍ମସମର୍ପଣ ସମାରୋହ

### ପୋଲିସକୁ ୧୪ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଦେଲେ ମାଓବାଦୀ



ରାୟଗଡ଼ା ପୋଲିସ ପାଖରେ ଶୁକ୍ରବାର ବାଶଧାରା-ଘୁମୁସର-ନାଗାବଳୀ(ବାଘୁନା) ଡିଭିଜନର ମାଓବାଦୀ ଦମ୍ପତି ନିଖିଲ ଓ ଇନ୍ଦୁଙ୍କ ସମେତ ୧୫ ଜଣ ଆତ୍ମସମର୍ପଣ କରିଥିଲେ। ଏହାପରେ ଶନିବାର ରାୟଗଡ଼ା ଜିଲା ପୋଲିସ କାର୍ଯ୍ୟାଳୟରେ ଆତ୍ମସମର୍ପଣ ସମାରୋହ କରାଯାଇଛି। ରାୟଗଡ଼ା ଜିଲା ମାଓବାଦୀ ମୁକ୍ତ ଜିଲା ହେବ ବୋଲି ଏଡିଜି ସଞ୍ଜୀବ ପଣ୍ଡା ସେଠାରେ ଯୋଗଦେଇ କହିଛନ୍ତି। ସେଠାରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ସ୍ୱାଗତ କରାଯାଇଛି। ଏଥିରେ ଏଡିଜି (ଆଣ୍ଟି ନକ୍ସଲ ଅପରେସନ) ସଞ୍ଜୀବ ପଣ୍ଡା, ସିଆରପିଏଫ୍ ଆଇଜି ଅମିତେନ୍ଦ୍ର ସିହ୍ନା, ଆଇଜି ଅପରେସନ ଦୀପକ କୁମାର, ଏସ୍‌ଆଇଡବ୍ଲ୍ୟୁ ଡିଆଇଜି ଅଖିଳେଶ୍ୱର ସିଂ, ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି କନୱର ବିଶାଳ ସିଂ, ରାୟଗଡ଼ା ଏସପି ସ୍ୱାଥି ଏସ୍.କୁମାର, କନ୍ଧମାଳ ଏସ୍‌ପି ହରିଶ ବିସି, କଳାହାଣ୍ଡି ଏସ୍‌ପି ନାଗରାଜୁ ଡି ଓ ରାୟଗଡ଼ା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ପ୍ରମୁଖ ଉପସ୍ଥିତ ଥିଲେ। ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀମାନେ ପୋଲିସ ନିକଟରେ ନିଜର ଅସ୍ତ୍ରଶସ୍ତ୍ର ତ୍ୟାଗ କରିଥିଲେ। ୨ଟି ଏକେ ୪୭, ଏସ୍‌ଏଲ୍‌ଆର ୫ଟି, ଗୋଟିଏ ଲେଖାଏ ଷ୍ଟାଣ୍ଡଗନ, ଇନସାସ, ୩୦୩ ରାଇଫଲ ଏବଂ ସିଙ୍ଗଲ ସଟ ଗନ୍ ୪ଟି ପୋଲିସକୁ ହସ୍ତାନ୍ତର କରିଥିଲେ। ଦିନକୁ ଦିନ ମାଓବାଦୀଙ୍କ ବିରୋଧରେ ସୁରକ୍ଷାବାହିନୀର କାର୍ଯ୍ୟାନୁଷ୍ଠାନ ଜୋରଦାର ହେବା ପରେ ଏକ ବଡ ମାଓବାଦୀ ଗୋଷ୍ଠୀ ହିଂସାର ପଥ ତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ରାଜ୍ୟ ସରକାର ପୁନର୍ବାସ ଓ ଥଇଥାନ ନୀତି ଅନୁଯାୟୀ ଆତ୍ମସମର୍ପଣ ☞ପୃଷ୍ଠା-୪



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସୁଧା ସର୍ଜନା ମହାମହୋତ୍ସବ, ସ୍ଥାନ: ବାଲିଯାତ୍ରା ପଡ଼ିଆ(ଜରିପାଟଣା, ବରିମୁଣ୍ଡ), ସମୟ: ପ୍ରାତଃ ୫ଟାରୁ ରାତ୍ର ୯ଟା।
- ବିଶ୍ୱ ଭାରତୀ ପ୍ରାକ୍ତନୀ- ଆଲୁମିନି ଆସୋସିଏଶନ୍ ଅଫ୍ ବିଶ୍ୱ ଭାରତୀ ପକ୍ଷରୁ ୮ମ ବାର୍ଷିକ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନ୍ ଟ୍ରଷ୍ଟ ପକ୍ଷରୁ ଦ୍ୱାଦଶ ଅଧିବେଶନ, ସ୍ଥାନ: ରୋଟାରୀ ଭବନ, ୟୁନିଟ୍ ୯, ସମୟ: ସନ୍ଧ୍ୟା ୫ଟା ୩୦।
- ଧଉଳି-କଳିଙ୍ଗ ମହୋତ୍ସବ, ସ୍ଥାନ: ଶାନ୍ତିବିହାର, ଧଉଳି ପାଦଦେଶ, ସମୟ: ସନ୍ଧ୍ୟା ୬ଟା ୩୦।
- ଲାବଣ୍ୟ ଥିଏଟର୍ ସଂସ୍ଥା ପକ୍ଷରୁ 'ଲାବଣ୍ୟ ନାଟ୍ୟ ମହୋତ୍ସବ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- ୭୪ତମ ରାଜ୍ୟ ପୋଲିସ ଆଥଲେଟିକ ଚାମ୍ପିୟନଶିପ ୨୦୨୬ର ଉଦଘାଟନୀ ସମାରୋହ, ସ୍ଥାନ: ବକ୍ସି ବଜାରସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡ, ସମୟ: ସକାଳ ୮ଟା ୩୦।
- ବିଜେଡି କଟକ ପକ୍ଷରୁ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ଦାବି କରି ପ୍ରତିବାଦ, ସ୍ଥାନ: ବାରବାଟୀ ଷ୍ଟାଡ଼ିୟମ୍, ସମୟ: ସକାଳ ୯ଟା।
- କଟକ ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ତଳ ବାଲିଯାତ୍ରା ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ମୋସନ ପିକ୍ଚର ଟେକ୍ନିସିଆନ୍ସ ଆଣ୍ଡ ୱାର୍କସ୍ ଆସୋସିଏସନ୍ର ୩୪ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ଟାଉନ୍ ହଲ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଦୁଇଦିନିଆ ବାର୍ଷିକ ଅବକାରୀ କ୍ରୀଡ଼ା ପ୍ରତିଯୋଗିତାର ଉଦ୍ଯାପନୀ ଉତ୍ସବ, ସ୍ଥାନ: ସତ୍ୟବ୍ରତ ଷ୍ଟାଡିୟମ, ବାରବାଟୀ ଦୁର୍ଗ ପରିସର, ସମୟ: ଅପରାହ୍ନ ୩ଟା।
- ଗୋପିନାଥ ବେହେରା ଫାଉଣ୍ଡେଶନ ପକ୍ଷରୁ ପୂଜ୍ୟ ପୂଜା ଉତ୍ସବ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ଅପରାହ୍ନ ୪ଟା।
- ଚତୁର୍ଦ୍ଦଶ ଶିଶିର ମେଳାର ଚତୁର୍ଥ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଜିଲା ପ୍ରଶାସନ ପକ୍ଷରୁ ସ୍ୱଦେଶୀ ଓ ସୁଭଦ୍ରା ଶକ୍ତିମେଳାର ତୃତୀୟ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଜାଡ଼ିମଙ୍ଗଳା ସାହିତ୍ୟ ସଂସଦର ବସନ୍ତ ମହୋତ୍ସବ, ସ୍ଥାନ: ମା' ଜାଡ଼ିମଙ୍ଗଳା ପୀଠ, ବଙ୍ଗାଳିସାହି, ସମୟ: ସନ୍ଧ୍ୟା ୬ଟା।

ବାବା ବୁଖାରୀ ଉର୍ସ କମିଟି ପକ୍ଷରୁ ବାର୍ଷିକ ଉର୍ସ ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ବାବା ବୁଖାରୀ ପୀଠ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସ, ସ୍ଥାନ: ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ଜାମଶୂଳୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ପିଏମ୍ଶ୍ରୀ ଉତ୍ସବ, ସ୍ଥାନ: ବରି ସରକାରୀ ଉଚ୍ଚ ବିଦ୍ୟାଳୟ, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ନୀଳ ସୁନ୍ଦରଜୀଉ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବର ଉଦ୍ଯାପନୀ ଦିବସ, ସ୍ଥାନ: ସୁନ୍ଦରପୁର ହାଇସ୍କୁଲ ପଡିଆ, ଖଇରା, ସମୟ: ଅପରାହ୍ନ ୫ଟା।
- ବାରିଙ୍ଗିଆ ମହୋତ୍ସବର ଉଦ୍ଘାଟନୀ ଦିବସ, ସ୍ଥାନ: ବାରିଙ୍ଗିଆ ଗ୍ରାମ ପଡ଼ିଆ, ଖଇରା, ସମୟ: ସନ୍ଧ୍ୟା ୬ଟା।
- ରୂପ୍ସା ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ପୋଡାଡିହା ମହୋତ୍ସବ ପଡିଆ, ରୂପସା, ସମୟ: ସନ୍ଧ୍ୟା ୬ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଆତିଥ୍ୟ ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ରକ୍ତଦାନ ଶିବିର, ସ୍ଥାନ: ଚରମ୍ପା ରେଲ୍ୱେ ପଡ଼ିଆ, ଭଦ୍ରକ, ସମୟ: ସକାଳ ୯ଟା।
- ପାଲା ଓ ଲୋକକଳା ମହୋତ୍ସବ, ସ୍ଥାନ: ପ୍ରସନ୍ନ ବାସୁଦେବ ମନ୍ଦିର ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗ କଳାକାର ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ମନ୍ଦୋଦରୀ କଲ୍ୟାଣ ମଣ୍ଡପ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ତିହିଡ଼ି ମହୋତ୍ସବ ଉଦ୍ଘାଟନ, ସ୍ଥାନ: କାଳୀପଡ଼ିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍ଆର୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍ଘାଟନ, ସ୍ଥାନ: ଚରମ୍ପା ରେଲ୍ୱେ ପଡ଼ିଆ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ, ସ୍ଥାନ: ଓଡ଼ିଶା ବ୍ରିଗେଡ୍ ସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ୧୧ଟା।
- ବନ୍ଧୁ ମିଳନ ଓ ଗୁରୁ ପୂଜନ, ସ୍ଥାନ: ଆଖଣ୍ଡଳମଣି ନୋଡାଲ ଉଚ୍ଚ ବିଦ୍ୟାଳୟ, ଆରଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଜଗବନ୍ଧୁ ମେମୋରିଆଲ ଫୁଟ୍ବଲ ଟୁର୍ନାମେଣ୍ଟର ଉଦ୍ଯାପନୀ, ସ୍ଥାନ: ଏ ବି ହାଇସ୍କୁଲ ପଡ଼ିଆ, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।
- ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍ଯାପନୀ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।
- ଶକୁନ୍ତଳା ଲେଙ୍କା କ୍ରିକେଟ ଟୁର୍ନାମେଣ୍ଟ ଉଦ୍ଯାପନୀ, ସ୍ଥାନ: ମଞ୍ଜୁରୀରୋଡ୍, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ଶିବରାତ୍ରି ପାଇଁ ଦାୟିତ୍ୱ ବଣ୍ଟନ, ସ୍ଥାନ: ହରିହର ମନ୍ଦିର, ବଡ଼ବିଲ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଆମ ଗାଁ ଗୁରୁଜନ ପୂଜନ ଉତ୍ସବ, ସ୍ଥାନ: ଡିହିରାକୁଳ ଗ୍ରାମ ଦୋଳ ମଣ୍ଡପ ପଡ଼ିଆ, ଉଦଳା, ସମୟ: ସକାଳ ୮ଟା ୩୦।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ଅଷ୍ଟଶମ୍ଭୁ ଶିବ ମନ୍ଦିର ପରିସର, ଉଦଳା ଏନ୍ଏସି, ସମୟ: ସକାଳ ୮ଟା ୩୦।
- ବିଶାଳ ହିନ୍ଦୁ ସମ୍ମିଳନୀ , ସ୍ଥାନ: ବାବା ଭୂତେଶ୍ୱର ମନ୍ଦିର ପ୍ରାଙ୍ଗଣ, ରାସଗୋବିନ୍ଦପୁର, ସମୟ: ସକାଳ ୮ ଟା।
- ମେଘାସନୀ ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳା, ସ୍ଥାନ: କଲେଜ ପଡିଆ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ତ୍ରିରଙ୍ଗା ଦେଶାତ୍ମବୋଧକ ସାଂସ୍କୃତିକ ସମାରୋହ, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ସନ୍ଧ୍ୟା ୬ ଟା।

## ଗଞ୍ଜାମ

- ହିନ୍ଦୁ ସମ୍ମିଳନୀ, ସ୍ଥାନ: ବଜାର ସାହି, ଗାନ୍ଧୀ ଛକ, ଦିଗପହଣ୍ଡ, ସମୟ: ଅପରାହ୍ନ ୩ ଟା।

## କନ୍ଧମାଳ

- ସୁଭଦ୍ରା ଶକ୍ତି ମେଳା ଉଦ୍ଘାଟନ, ସ୍ଥାନ : ଯାତ୍ରା ପଡିଆ, ଦଣ୍ଡପଦର, ବାଲିଗୁଡା, ସମୟ : ସନ୍ଧ୍ୟା ୬ ଟା।

## ଢେଙ୍କାନାଳ

- ସନ୍ଧ୍ୟାତାରା ସାହିତ୍ୟ ସଂସଦର ସାରସ୍ୱତ ମହୋତ୍ସବ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

## ଅନୁଗୋଳ

- ବନାଗ୍ନି ପ୍ରତିରୋଧ ଓ ଜଙ୍ଗଲ ଜୀବଜନ୍ତୁ ସୁରକ୍ଷା ସଚେତନତା ଗଣଦୌଡ଼ ପ୍ରତିଯୋଗିତା, ସ୍ଥାନ: ଆଠମଲ୍ଲିକ ମିନିଷ୍ଟାଡିୟମ ଖେଳପଡ଼ିଆ, ସମୟ: ସକାଳ ୬ଟା।
- ବନାଗ୍ନି ପ୍ରତିରୋଧ ଓ ଜଙ୍ଗଲ ଜୀବଜନ୍ତୁ ସୁରକ୍ଷା ସଚେତନତା କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଆଠମଲ୍ଲିକ ହରିଡ଼ାନାଲୀ, ସମୟ : ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଓ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଆଠମଲ୍ଲିକ ସହରସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଓ ସ୍ମୃତିପୀଠ ଲୋକାର୍ପଣ, ସ୍ଥାନ: କଣିହାଁ ବ୍ଲକ ପବିତ୍ରନଗର ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ପବିତ୍ରମୋହନ ହାଇସ୍କୁଲର ପ୍ଲାଟିନମ ଜୁବିଲି, ସ୍ଥାନ: କଣିହାଁ ବ୍ଲକ ପବିତ୍ର ମୋହନ ହାଇସ୍କୁଲ, ସମୟ: ମଧ୍ୟାହ୍ନ ୧୨ଟା।
- ଆଠମଲ୍ଲିକ କପ୍ ଫୁଟ୍ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡ଼ିଆ, ସମୟ : ଅପରାହ୍ନ ୩ଟା ୩୦।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍ଷ୍ଟାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ ଓ ବ୍ଲକସ୍ତରୀୟ ସମ୍ମିଳିତ ମହାମହୋତ୍ସବ, ସ୍ଥାନ: ଏମ୍ଏନ୍ ହାଇସ୍କୁଲ ଖେଳପଡିଆ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୭ଟା।
- ଜଗନ୍ନାଥ ଚାରିଟି ଫାଉଣ୍ଡେସନର ରକ୍ତଦାନ ଶିବିର, ସ୍ଥାନ: ଆରିପହା ହାଇସ୍କୁଲ, ବସପୁର, ଡେରାବିଶ, ସମୟ: ସକାଳ ୮ଟା।
- ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: କଜଳା, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ନୀଳକଣ୍ଠେଶ୍ୱର ମହାପୁରୁଷ ପ୍ରାଙ୍ଗଣ, ତାଳସଙ୍ଗା, ମାର୍ଶାଘାଇ, ସମୟ: ସକାଳ ୯ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ଅନନ୍ତ ବଳିଆ ଆଶ୍ରମ, ଢ଼ୋଲ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସତୀର୍ଥ ପକ୍ଷରୁ କବି ଅମରପ୍ରସାଦ ରାଉତଙ୍କ କବିତା ସଙ୍କଳନ ଉନ୍ମୋଚନ ଉତ୍ସବ, ସ୍ଥାନ: ମା' ମଙ୍ଗଳା ପଡିଆ, ଢ଼ୋଲ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରାହ୍ମଣୀ ବ୍ଲକ ଗଣସଂଗ୍ରାମ ସମିତି ପକ୍ଷରୁ ବିଶାଳ ସାଧାରଣ ସଭା, ସ୍ଥାନ: ବ୍ରାହ୍ମଣୀ କଲେଜ ପଡିଆ, ଦାଣ୍ଡିସାହି, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ଯୁବ ଓଡ଼ିଶା ପକ୍ଷରୁ ଗରଦପୁର ଯୁବ ମହୋତ୍ସବ, ସ୍ୱଦେଶୀ ମେଳା ଓ ପ୍ରଦର୍ଶନୀ, ସ୍ଥାନ: ତହସିଲ ପଡିଆ, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ମା'ତାରିଣୀଙ୍କ ଷଷ୍ଠ ବାର୍ଷିକ ଯଜ୍ଞ, ସ୍ଥାନ: ମା' ତାରିଣୀ ପୀଠ, ଢିଏସାହି, ବାଲିବିଲ ବରୀ, ସମୟ: ସକାଳ ୮ଟା।
- ଡାକ୍ତର ସୁରେଖା ଓଝାଙ୍କ ଏକାଦଶାହ ଅବସରରେ ସ୍ମୃତିଚାରଣ ସଭା, ସ୍ଥାନ: ବରୀ-ବାଗଦା, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ଦ୍ୱାଦଶ ବାର୍ଷିକ ନବାହ୍ନ ପାରାୟଣ ମାନସ ପ୍ରବଚନ ଓ ଜ୍ଞାନଯଜ୍ଞର ଷଷ୍ଠ ଦିବସରେ ସୂର୍ଯ୍ୟପୂଜା ସହ ଦଶରଥଙ୍କ ସ୍ୱର୍ଗବାସ, ଭରତଙ୍କ ଚିତ୍ରକୁଟ ଯାତ୍ରା ଉପରେ ପ୍ରବଚନ, ସ୍ଥାନ:ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ଶ୍ରୀ ଶ୍ରୀ ମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ର, ପ୍ରାତଃ ୬ଟାରୁ ରାତି ୯ଟା ।
- ଭୈମୀ ଏକାଦଶୀ ମେଳାର ଏକାଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା ।
- ଜାମାଲାଗି ବେଶର ୧୭ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ଶ୍ରୀ ଶ୍ରୀ ଶିରିଡି ସାଇ ବାବାଙ୍କ ପ୍ରତିଷ୍ଠା ବାର୍ଷିକ ଉତ୍ସବର ପ୍ରଥମ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ତୁଳସୀପୁର ସାଇ ମନ୍ଦିର, ସମୟ:ସକାଳ ୭ଟାରୁ ରାତ୍ର ୯ଟା ।
- କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଯୁକ୍ତ ୨ ଓ ୩ ବର୍ଷର କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ୧୯୯୩ରୁ ୧୯୯୮ ବର୍ଷର ପୁରାତନ ଛାତ୍ରୀଛାତ୍ରଙ୍କ ଅଭିନନ୍ଦନ ଅବସରରେ ବନ୍ଧୁମିଳନ, ସ୍ଥାନ:ଭାପୁର ବ୍ଲକ ପଥର ଚକଡା ନାରାୟଣୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ।
- ନାଟ୍ୟଧାରା ପକ୍ଷରୁ ନାଟକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନୟାଗଡ଼ ସାଗର ପୁଷ୍କରିଣୀ ପାଖ ବୁଦ୍ଧ ମଣ୍ଡପ, ସମୟ:ପୂର୍ବାହ୍ନ ୧୧ଟା ।
- ଉତ୍କଳ ସମ୍ମିଳନୀର ୪୯ତମ ସାଧାରଣ ପରିଷଦ ସଭା ଓ ନିର୍ବାଚନର ଉଦ୍ଯାପନୀ ଦିବସ, ସ୍ଥାନ:ଦଶପଲ୍ଲା ସାତପାଟଣା ଛକ ରଘୁନାଥ ହାଇସ୍କୁଲ, ସମୟ: ଅପରାହ୍ନ ୩ଟାରୁ ରାତ୍ର ୯ଟା ।
- ସିରିୟସ ଜୋନ୍ ନୟାଗଡ଼ ପକ୍ଷରୁ ନାଟକ ମହୋତ୍ସବ ଉଦ୍ଘାଟନ ପର୍ବ, ସ୍ଥାନ: ନୟାଗଡ଼ ପଠାଣୀ ସାମନ୍ତ ଅଡିଟୋରିୟମ୍, ସମୟ: ସନ୍ଧ୍ୟା ୭ଟା ।

## ରାୟଗଡ଼ା

- ହିନ୍ଦୁ ସମ୍ମିଳନୀ, ସ୍ଥାନ: ଜଳନିଧି, ଗୁଡାରି ବ୍ଲକ୍, ସମୟ: ସକାଳ ୮ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ଜେକେପୁର ଦୁର୍ଗା ମନ୍ଦିର, ସମୟ: ସକାଳ ୯ଟାରୁ ଆରମ୍ଭ।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏକଦିବସୀୟ ସାରସ୍ୱତ ସମାବେଶ ଏବଂ କବିତା ପାଠୋତ୍ସବ, ସ୍ଥାନ: ଗୁଣପୁର ନିମନ୍ତ୍ରଣ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ମିନି ମାରାଥନ ଦୌଡ଼, ସ୍ଥାନ: ଉମରକୋଟ ଅଧିକାରୀଗୁଡ଼ାରୁ ମିନି ଷ୍ଟାଡିୟମ, ସମୟ: ସକାଳ ୬ଟା।
- ସତ୍ସଙ୍ଗ ବିହାର ବାର୍ଷିକ ଉତ୍ସବ, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ଓଁ ଶାନ୍ତି ଇଶ୍ୱରିୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ସାଥି ସାମାଜିକ ଅନୁଷ୍ଠାନର ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ : ନାରୀ ସେବା ସଦନ, ସମୟ : ପୂର୍ବାହ୍ନ ୧୦ଟା।
- ୨୪ତମ ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ରେଢାଖୋଲ ବ୍ଲକ ଜେ. ରେଙ୍ଗାଲି, ସମୟ : ପୂର୍ବାହ୍ନ ୧୦ଟା।
- ବଡ଼ମାଲ ଲୋକ ମହୋତ୍ସବ ଦହନା ପାଇଁ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ : ରେଢାଖୋଲ ବ୍ଲକ ଅର୍ନ୍ତଗତ ବଡ଼ମାଲ, ସମୟ : ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରରେ ବିବାଦୀୟ ମନ୍ତବ୍ୟ ଦେଇ ସମାଲୋଚିତ ହେବେ। ଏକାଦଶସ୍ଥ ଗ୍ରହ ପ୍ରଭାବରେ ଯାତ୍ରା, କାର୍ଯ୍ୟସାଧନ ସାଙ୍ଗକୁ ପାରିବାରିକ ସମସ୍ୟା ସୁଧାରି ନେଇପାରନ୍ତି। ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିବେ। ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେବ।

**ବୃଷ** ଗୁରୁତ୍ୱପୂର୍ଣ୍ଣ କାମରେ ବାହାରକୁ ଯିବା ସକାଶେ ସଜବାଜ ହୋଇପାରନ୍ତି। ଆପଣଙ୍କ ସହଯାତ୍ରୀ ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଶିଳ୍ପ, ବାଣିଜ୍ୟ ଏବଂ ପରିବହନରେ ସମସ୍ୟା ଦୂର ହେବ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ସମ୍ପର୍କୀୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ ହେବ।

**ମିଥୁନ** କର୍ମକ୍ଷେତ୍ରରେ ଲାଗି ରହିଥିବା ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହିନପାରେ। ଅସୁବିଧା ହେତୁକ ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହେବ। ମକଦ୍ଦମାରେ ବିଚାର ବିଳମ୍ବିତ ହେଉଥିବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ଆର୍ଥିକ ଅନଟନ ଲାଗି ରହିବା ହେତୁ କରଜ କରିବାକୁ ପଡ଼ିବ।

**କର୍କଟ** ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଅଫିସ୍ରୁ ଫେରନ୍ତା ବାଟରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ ହେବାର ସୂଚନା ରହିଛି। ପାରିବାରିକ ସ୍ତରରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଥିବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ସିଂହ** ପରିବାରର ଆବଶ୍ୟକତା ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ବନ୍ଧୁଙ୍କ ପରାମର୍ଶକୁ ପାଥେୟ କରି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ସହକର୍ମୀଙ୍କ ସହିତ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ସାହିତ୍ୟ, ସାମ୍ବାଦିକତା ସାଙ୍ଗକୁ ଶିଳ୍ପ, ବାଣିଜ୍ୟ ଓ ପରିବହନ, ଏଜେନ୍ସି ଏବଂ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ତରବର ନ ହେଲେ ସମସ୍ୟା ସମାଧାନ ହେବାରେ କୌଣସି ଅସୁବିଧା ରହିବ ନାହିଁ। ଇଚ୍ଛା ନ ଥିଲେ ମଧ୍ୟ ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି। ବକେୟା ଅର୍ଥ ଆଦାୟ କରିବାରେ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ ପଡ଼ିପାରେ ।

**ତୁଳା** ପରିବାରରେ କାହା ମନ କାହା ସାଙ୍ଗରେ ନ ମିଶିବାରୁ ମନ ଭଲ ରହିବ ନାହିଁ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କ ଅର୍ଥର ଆବଶ୍ୟକତା ପଡ଼ିପାରେ। ଘରକୁ ଆସିଥିବା ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ, ସଭା ସମିତିରେ, ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା** ମନ ମୁତାବକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ ବିଶୃଙ୍ଖଳିତ କରିବ। ପ୍ରଶାସନିକ ସ୍ତରରେ ସମସ୍ୟା ସରଳ ସମାଧାନ କରିବା କଷ୍ଟକର ହୋଇପାରେ। ପାରିବାରିକ କ୍ଷେତ୍ରରେ ଜାଣିଶୁଣି ସବୁ କଥାରେ ନୀରବ ରହିବାକୁ ପଡ଼ିବ। ଆଜିର ଯାତ୍ରା, ବାଣିଜ୍ୟ, ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି।

**ଧନୁ** କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ ସହକର୍ମୀଙ୍କ ସାହାଯ୍ୟରୁ ଉପକୃତ ହେବେ। ଆଜି ପ୍ରତିଯୋଗିତାରେ ସଫଳତା ପାଇବା ସହଜସାଧ୍ୟ ହେବ। ପରିବାରର ଆବଶ୍ୟକତାକୁ ଉପଲବ୍ଧି କରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତାରେ ଅଗ୍ରଗତି ଘଟିବ ।

**ମକର** ଦୀର୍ଘ ଦିନରୁ ସ୍ଥଗିତ ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବାର ସୂଚନା ରହିଛି । ବନ୍ଧୁଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ରଚନାତ୍ମକ କାର୍ଯ୍ୟ ସାଙ୍ଗକୁ ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରରେ ଉନ୍ନତି କରିବେ। ଆତ୍ମୀୟମାନଙ୍କ ସାହାଯ୍ୟ ଲାଭ ଯୋଗୁ ଅର୍ଥ ଓ ସମ୍ମାନ ଲାଭ ଯୋଗ ରହିଛି।

**କୁମ୍ଭ** ଭଲ ସମ୍ପର୍କ ନ ଥିବା ବନ୍ଧୁମାନେ ଯେତେ ସମସ୍ୟା ସୃଷ୍ଟି କଲେ ମଧ୍ୟ ଅସୁବିଧା ହେବ ନାହିଁ । ବ୍ୟବସାୟିକ ବୁଦ୍ଧି ପ୍ରଭାବରେ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବ। ଦୀର୍ଘ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବାର ସମ୍ଭାବନା ରହିଛି। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ।

**ମୀନ** କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ କିମ୍ବା ଜମିଜମା ସମ୍ବନ୍ଧୀୟ ବିବାଦୀୟ ପରିସ୍ଥିତିକୁ ସୁଧାରି ନେବେ। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହୋଇପାରେ। କଠିନ ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

ଆଜି ଫେବୃୟାରୀ ୮ ତାରିଖ, ବିଶ୍ୱ ବିବାହ ଦିବସ, ଫାଲ୍ଗୁନ କୃଷ୍ଣ ସପ୍ତମୀ ରବିବାର, ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୬।୨୨ ଗତେ ଘ.୧୦।୦୮ ମଧ୍ୟେ, ଘ.୦୧।୨୫ ଗତେ ଘ.୦୧।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୧୪ ଗତେ ଘ.୦୫।୩୮ ମଧ୍ୟେ ରାହୁକାଳ।

# ଅବଶିଷ୍ଟାଂଶ

## ସମ୍ବଲପୁର ବିଶ୍ୱବିଦ୍ୟାଳୟ...

କର୍ତ୍ତୃପକ୍ଷଙ୍କ କୌଣସି ପ୍ରାକ୍ ଅନୁମତି ବିନା ମୁଖ୍ୟାଳୟ ଛାଡ଼ି ଅନ୍ୟତ୍ର ଯାଇପାରିବେ ନାହିଁ। ତେବେ ନିଲମ୍ବନ ଅବଧି ମଧ୍ୟରେ ତାଙ୍କୁ ସ୍ନାତକୋତ୍ତର ପରିଷଦ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି। ନିଲମ୍ବନ ଅବଧିରେ ତାଙ୍କୁ ଛୁଟି ଦରମା ହାରରେ ବେତନ ଦିଆଯିବ। ମାତ୍ର ସେ ଅନ୍ୟ କୌଣସି ଅନୁଷ୍ଠାନ ସହ ଜଡ଼ିତ ହୋଇପାରିବେ ନାହିଁ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ସେ ଅନ୍ୟ କୌଣସି ଅନୁଷ୍ଠାନ ସହ ବୃତ୍ତିଗତ କାର୍ଯ୍ୟରେ ନିୟୋଜିତ ନ ଥିବା ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ। ଏଥିପୂର୍ବରୁ ବିଶ୍ୱବିଦ୍ୟାଳୟର ଜଣେ ମହିଳା ସହକାରୀ ପ୍ରଫେସରଙ୍କୁ ଦୀର୍ଘବର୍ଷ ଧରି ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗରେ ୨୦୨୩ ଅଗଷ୍ଟ ୨୭ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ରଜତ କୁଜୁର ନିଲମ୍ବିତ ହୋଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଇଲି ଗଲି,
ଯାହା ଦେଖିଥିଲି ତାହା କହିଲି ।**

ବେଳେ ବେଳେ ଆଖିକୁ ଯାହା ଦେଖାଯାଏ ତାହା ସମ୍ପୂର୍ଣ୍ଣ ସତ୍ୟ ହୋଇ ନ ଥାଏ। କଥାର ମଞ୍ଜି ଭିତରକୁ ନ ପଶିଲେ ସତ କଥା ଆଢୁଆଳରେ ରହିଯାଏ। କଥା ବା ଘଟଣାର ଭିତରକୁ ନ ଯାଇ ଉପର ଠାଉରିଆ ଭାବେ ମନ୍ତବ୍ୟ ଦେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅବାଣି କାଟଇ ଝୋଟ,
ଠାଏ ସରୁ ଠାଏ ମୋଟ ।**

ବାଣି ବା ସୂତା ଯିଏ କାଟି ଜାଣି ନ ଥାଏ ତା' ଦ୍ୱାରା ସୂତା କାଟିବା କାର୍ଯ୍ୟଟି କେବେହେଲେ ଠିକ୍ ହୋଇପାରି ନ ଥାଏ। ତେଣୁ କୌଣସି କାମ ନ ଜାଣି ସେଭଳି କାମରେ ହାତ ଦେଲେ କେବଳ ବିଫଳତା ହିଁ ମିଳିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଭାରତ-ଆମେରିକା ....

ସଂଘ (ଇୟୁ) ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍ଟିଏ) ପରେ ଏକ ବଡ଼ ସୁଯୋଗ ହାତଛଡ଼ା ହେଉଥିବା ଦେଖି ଟ୍ରମ୍ପ ନୂଆଦିଲ୍ଲୀ ସହ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି (ବିଟିଏ) କରିବାକୁ ଫେବୃଆରୀ ୨ରେ ଘୋଷଣା କରିଥିଲେ। ତେବେ ଉକ୍ତ ଟ୍ରେଡ୍ ଡିଲ୍ର ରୂପରେଖ ଚୂଡ଼ାନ୍ତ ହୋଇ ନ ଥିବାରୁ ଭାରତରେ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ସଂସଦ ଭିତରେ ଓ ବାହାରେ ସମାଲୋଚନା କରିଆସିଥିଲେ। ତେବେ ଉଭୟ ଭାରତ ଓ ଆମେରିକା ପକ୍ଷରୁ ଡିଲ୍ ସମ୍ପର୍କିତ ଆଲୋଚନା ଜାରି ରହିଥିବାବେଳେ ଶନିବାର ଆନୁଷ୍ଠାନିକ ଭାବେ ଏନେଇ ଏହାର ରୂପରେଖ ପ୍ରକାଶ କରାଯାଇଛି। ତଦନୁଯାୟୀ ୨୦୨୬ ମାର୍ଚ୍ଚ ସୁଦ୍ଧା ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷରିତ ହେବ। ଏହି ଐତିହାସିକ ଡିଲ୍ ସମ୍ପନ୍ନ ହେଲେ ଉଭୟ ଦେଶ ଲାଭାନ୍ୱିତ ହେବେ ଏବଂ ପୁଞ୍ଜିନିବେଶ ବଢ଼ିବା ଦ୍ୱାରା ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଏକ ମିଳିତ ଘୋଷଣାନାମାରେ କୁହାଯାଇଛି।

ଆମେରିକା ହେଉଛି ଭାରତର ଅନ୍ୟତମ ବୃହତ୍ ବାଣିଜ୍ୟିକ ସହଯୋଗୀ। ୨୦୨୪-୨୫ରେ ଦୁଇଦେଶ ମଧ୍ୟରେ ୧୯୦ ବିଲିୟନ୍ ଆମେରିକୀୟ ଡଲାର ମୂଲ୍ୟର କାରବାର ହୋଇଥିଲା। ତେବେ ଟ୍ରମ୍ପ ୫୦% ଟାରିଫ୍ କଷିବା ପରଠୁ ନୂଆଦିଲ୍ଲୀ-ୱାଶିଂଟନ୍ ଉତ୍ତେଜନା ବୃଦ୍ଧିପାଇ ଚାଲିଥିଲା। ରୁଷିଆଠାରୁ ଭାରତ ଅଶୋଧିତ ତୈଳ ବହୁମାତ୍ରାରେ କିଣିବା ହ୍ରାସ କରିଦେଇଥିବା ଦର୍ଶାଇ ଟ୍ରମ୍ପ ନିଜ ପ୍ରଶାସନକୁ ଟ୍ରେଡ୍ ଡିଲ୍ର ସର୍ତ୍ତ ଓ ନିୟମାବଳୀ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନବପ୍ରସ୍ତୁତ ଅନ୍ତରୀଣ ବାଣିଜ୍ୟ ଚୁକ୍ତିର ରୂପରେଖ ଅନୁସାରେ ଉଭୟ ଭାରତ ଓ ଆମେରିକା ପରସ୍ପରର ସାମଗ୍ରୀ ଓ ସେବା ଉପରୁ ଆମଦାନୀ ଟିକସ ହ୍ରାସ କରିବେ। ଡିଜିଟାଲ ଟ୍ରେଡ୍, ନିୟାମକ ସହଭାଗିତା ଓ ଯୋଗାଣ ଶୃଙ୍ଖଳ ନମନୀୟତା ମଧ୍ୟ ବୃଦ୍ଧି ପାଇବ। ୨୦୩୦ ସୁଦ୍ଧା ବାଣିଜ୍ୟିକ କାରବାରକୁ ୫୦୦ ବିଲିୟନ୍ ଡଲାରରେ ପହଞ୍ଚାଇବା ପାଇଁ ଏଥିରେ ଲକ୍ଷ୍ୟ ରଖାଯାଇଛି।

ଡିଲ୍ର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ଆମେରିକା ଏଣିକି ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୨୫% ପରିବର୍ତ୍ତେ ୧୮% ଟିକସ କଷିବ। ଏହାସହ ରୁଷୀୟ ତୈଳ କ୍ରୟ ବାବଦକୁ ଲଗାଯାଉଥିବା ୨୫% ଦଣ୍ଡାତ୍ମକ ଟିକସ ମଧ୍ୟ ହଟାଇବ। ଦେଖିବାକୁ ଗଲେ ମୋଟ ୫୦%ରୁ ଟିକସ ୧୮%କୁ ଖସିଛି। କେବଳ ଏତିକି ନୁହେଁ, ଆମେରିକା ଭାରତରୁ ଆମଦାନୀ କରୁଥିବା ଜେନେରିକ୍ ମେଡିସିନ୍, ମୁକ୍ତା, ହୀରା ଓ ଏୟାରକ୍ରାଫ୍ଟ ଯନ୍ତ୍ରାଂଶ ସମେତ ଆଉ କେତେକ ସେକ୍ଟର ଉପରେ ଆଦୌ ଟିକସ ଲଗାଇବ ନାହିଁ। ଏହା ବଦଳରେ ଭାରତ ଆମେରିକାଠାରୁ ଆମଦାନୀ କରିବାକୁ ଥିବା ଶିଳ୍ପ ଓ କୃଷିଜାତ ସାମଗ୍ରୀ ଉପରେ ଟିକସ ହ୍ରାସ କରିବ। ଆସନ୍ତା ୫ ବର୍ଷରେ ଭାରତ ଆମେରିକାଠାରୁ ୫୦୦ ବିଲିୟନ୍ ଡଲାର ମୂଲ୍ୟର ଶକ୍ତି ଉତ୍ପାଦ, ଏୟାରକ୍ରାଫ୍ଟ ପାର୍ଟ୍ସ, ଟେକ୍ନୋଲୋଜି ଗୁଡ୍ସ, କୋଇଲା ଆଦି କିଣିବାକୁ ସହମତି ପ୍ରକାଶ କରିଛି। ସେହିପରି ୮୦୦-୧,୬୦୦ ସିସି ଏବଂ ତଦୂର୍ଦ୍ଧ୍ୱ କାପାସିଟି ଇଞ୍ଜିନ୍ ବିଶିଷ୍ଟ ଆମେରିକୀୟ ବାଇକ୍ଗୁଡ଼ିକ ପାଇଁ ଭାରତ ଆଦୌ ଟିକସ ଲଗାଇବ ନାହିଁ। ଆମେରିକୀୟ ବ୍ରାଣ୍ଡ ହାର୍ଲେ-ଡାଭିଡ୍ସନ୍କୁ ଏଥିରୁ ସର୍ବାଧିକ ଲାଭ ପାଇବ।

ଅନ୍ତରୀଣ ଚୁକ୍ତି ଅନୁସାରେ ଭାରତୀୟ ରପ୍ତାନିକାରୀମାନଙ୍କ ପାଇଁ ୩୦ ଟ୍ରିଲିୟନ୍ ଡଲାରର ଏକ ବଜାର ଉନ୍ମୁକ୍ତ ହେବାକୁ ଯାଉଛି। ବିଶେଷକରି ଏମ୍ଏସ୍ଏମ୍ଇ, କୃଷକ, ମତ୍ସ୍ୟଜୀବୀମାନେ ଏଥିରୁ ଲାଭବାନ୍ ହେବେ ବୋଲି କୁହାଯାଉଛି। ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରୁ ଆମେରିକାକୁ ମାଛ, ଚିଙ୍ଗୁଡ଼ି ଓ ଅନ୍ୟ ଉପକରଣ ରପ୍ତାନି ବୃଦ୍ଧି ପାଇବା ନେଇ ଆଶା କରାଯାଉଛି। ଏହି ଦୃଷ୍ଟିରୁ ନୂଆଦିଲ୍ଲୀ ଏହାକୁ ବିଶ୍ୱର ୨ ବୃହତ୍ ଗଣତନ୍ତ୍ର ମଧ୍ୟରେ ଐତିହାସିକ ଡିଲ୍ ରୂପେ ଅଭିହିତ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅନ୍ତରୀଣ ଟ୍ରେଡ୍ ଏଗ୍ରିମେଣ୍ଟକୁ ନେଇ ପ୍ରତିକ୍ରିୟା ରଖିଛନ୍ତି। ଏହା 'ମେକ୍ ଇନ୍ ଇଣ୍ଡିଆ'କୁ ବଳ ଦେବା ସହ କୃଷକ, ଉଦ୍ୟୋକ୍ତାଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ। ମହିଳା ଓ ଯୁବପିଢ଼ିଙ୍କ ପାଇଁ ବିପୁଳ ନିଯୁକ୍ତି ସୁଯୋଗ ତିଆରି ହେବ ବୋଲି ମୋଦି ଆଶା ବ୍ୟକ୍ତ କରିଛନ୍ତି। ଆମେରିକା ଟ୍ରେଡ୍ ରିପ୍ରେଜେଣ୍ଟେଟିଭ୍ (ୟୁଏସ୍ଟିଆର୍) ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ ଟ୍ରମ୍ପ ଆମେରିକୀୟ କୃଷକ ଓ ନିର୍ମାତାମାନଙ୍କ ପାଇଁ ବିଶ୍ୱର ଅନ୍ୟତମ ବୃହତ୍ ଅର୍ଥନୀତିକୁ ବାଟ ଖୋଲିଦେଇଛନ୍ତି। ଭାରତୀୟ ବଜାରରେ ଆମେରିକୀୟ ସାମଗ୍ରୀଗୁଡ଼ିକୁ ପ୍ରବେଶ ପାଇଁ ପଥ ସୁଗମ ହେବ ବୋଲି ୟୁଏସ୍ଟିଆର୍ ଆମ୍ବାସାଡର ଜାମିସନ୍ ଗ୍ରିର୍ କହିଛନ୍ତି।

## ଟ୍ରକ୍ ଧକ୍କାରେ ୨ ବାଇକ୍ ...

ରମେଶଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଜ୍ୟୋତିଷଙ୍କୁ ଆମ୍ବୁଲାନ୍ସ ଯୋଗେ ଧର୍ମଗଡ଼ ମେଡିକାଲ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଛି। କୋକସରା ଥାନା ଅଧିକାରୀ ସୁଜ୍ଞାନ କୁମାର ବାରିକ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ। ରମେଶଙ୍କ ମୃତଦେହ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ଜ୍ୟୋତିଷଙ୍କ ମୃତଦେହ ଧର୍ମଗଡ଼ ମେଡିକାଲରେ ରଖାଯାଇଛି। ଅନ୍ୟପଟେ କ୍ଷତିପୂରଣ ନିମନ୍ତେ ଗାଡ଼ି ମାଲିକଙ୍କୁ ଡାକିବା ନେଇ ଲୋକ ଜିଦ୍ ଧରିଥିବା ବେଳେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରାଯାଇ କୋକସରା ଥାନାକୁ ଅଣାଯାଇଛି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନ ଥିବାବେଳେ ପରିସ୍ଥିତିକୁ ଦେଖି ସେଠାରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ଖୁବ୍ଶୀଘ୍ର ମାଓବାଦୀ...

କରୁଥିବା ମାଓବାଦୀଙ୍କୁ ସରକାରୀ ସୁବିଧା, ସୁରକ୍ଷା ଏବଂ ସମ୍ମାନଜନକ ଭବିଷ୍ୟତର ସୁଯୋଗ ମିଳୁଛି ବୋଲି ଏଡିଜି ପଣ୍ଡା ପ୍ରକାଶ କରିଛନ୍ତି। ଅନ୍ୟ ମାଓବାଦୀମାନେ ହିଂସାର ରାସ୍ତା ପରିତ୍ୟାଗ କରି ସମାଜର ମୁଖ୍ୟ ଧାରାରେ ସାମିଲ ହେବାକୁ ଆହ୍ୱାନ ଜଣାଇଥିଲେ। ମୁଖ୍ୟ ସ୍ରୋତରେ ସାମିଲ ହେବା ପରେ ଆତ୍ମସମର୍ପଣକାରୀ ସମସ୍ତଙ୍କୁ ସରକାରୀ ସୁବିଧା ମିଳିବ ବୋଲି ଜିଲାପାଳ କୁଲକର୍ଣ୍ଣି କହିଛନ୍ତି।

## ଛାତ୍ରାବାସରୁ ଛାତ୍ର...

୨ଥର ଅଘଟଣ ଘଟିବା ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଜିଲା ମଙ୍ଗଳ ଅଧିକାରୀ ରବିନାରାୟଣ ମିଶ୍ରଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରିଛନ୍ତି। ସେ କହିଲେ ଯେଉଁ ଛାତ୍ର ଏବେ ନିଖୋଜ ରହିଛନ୍ତି ସେ ପୂର୍ବରୁ ମଧ୍ୟ ହଷ୍ଟେଲ ଛାଡ଼ି ପଳାଇଥିବା ନଜିର ରହିଛି। ଏବେ ଆମେ ସମ୍ପୃକ୍ତ ଛାତ୍ରଙ୍କୁ ଖୋଜୁଛୁ, ଶୀଘ୍ର ସେ ମିଳିଯିବେ ବୋଲି ଆଶା ରଖୁଛୁ। ବିଦ୍ୟାଳୟରେ ଲାଗି ରହିଥିବା ଅବ୍ୟବସ୍ଥା ସମ୍ପର୍କରେ ତାଙ୍କ ଦୃଷ୍ଟିଆକର୍ଷଣ କରିବାରୁ ସମସ୍ୟାର ସମାଧାନ ପାଇଁ ପ୍ରଧାନଶିକ୍ଷକ ସାମନ୍ତରାଙ୍କୁ ନିର୍ଦ୍ଦେଶ ଦେଇଛି ବୋଲି ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ, ଏହି ବିଦ୍ୟାଳୟର ଜଣେ ନବମ ଶ୍ରେଣୀ ଛାତ୍ର କିଛିଦିନ ତଳେ କାନ୍ଥ କଣା କରି ନିଶା ସେବନ ପାଇଁ ବାହାରକୁ ଯାଇ ନିଶାସକ୍ତ ଅବସ୍ଥାରେ ଛାତ୍ରାବାସକୁ ଫେରିଥିଲେ। ଏହା ଜାଣିବା ପରେ ତାଙ୍କୁ ବିଦ୍ୟାଳୟରୁ ବହିଷ୍କାର କରାଯାଇଛି। ଏଯାଏ ଜିଲା ପ୍ରଶାସନ ଉକ୍ତ ଘଟଣାର ତଦନ୍ତ କରିନାହିଁ। ସେହିପରି ସରସ୍ୱତୀ ପୂଜା ଦିନ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ ନ ହେବାରୁ ଶତାଧିକ ଛାତ୍ରୀଛାତ୍ର ଭୋକରେ ଘରକୁ ଓ ଛାତ୍ରାବାସକୁ ଫେରିଥିଲେ।

## ସମୃଦ୍ଧିର ପ୍ରୟୋଗଶାଳା...

ସହରୀକରଣରେ ଅର୍ନ୍ତଭୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସମ୍ବାଇ, ସୁରଟ, ବିଶାଖାପାଟଣା, ବାରାଣସୀ ପରେ ନୀତି ଆୟୋଗର ଏହା ହେଉଛି ପଞ୍ଚମ ଯୋଜନା ବୋଲି ସେ କହିଛନ୍ତି। ଏହିଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମସ୍ତଙ୍କୁ ସ୍ୱାଗତକରି ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଧନ୍ୟବାଦ ଅର୍ପଣ କରିଛନ୍ତି।

## ବୋଲେରୋ ପିକ୍ଅପ୍...

ଫୁଲବାଣୀରୁ ବୁଢାବାଲି ଅଭିମୁଖେ ଆସୁଥିବା ବାଇକ୍ (ଓଡ଼୦୭ପି-୦୪୯୯) ସହ ନୂଆଗାଁର ବୁଡାଗୁଡ଼ାଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରେ ବାଇକ୍ ଆରୋହୀ ଉଭୟ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ କ. ନୂଆଗାଁ ଥାନା ଅଧିକାରୀ ଆଶୁତୋଷ ଜେନା ଓ ଏସ୍ଆଇ ବାସୁଦେବ ପଣ୍ଡା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲିଗୁଡା ଡାକ୍ତରଖାନାକୁ ପଠାଇଥିଲେ।




# ମହାନଦୀକୁ ନେଇ ନବୀନ-ଏଜି ମୁହାଁମୁହିଁ

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)

■ ଏଜି ଟ୍ରିବ୍ୟୁନାଲ ଶୁଣାଣିରେ କାହିଁକି ଉପସ୍ଥିତ ନ ଥିଲେ: ନବୀନ
■ ଟ୍ରିବ୍ୟୁନାଲ ସମୟ ବୃଦ୍ଧି ସକାଶେ ଉଦ୍ଦିଷ୍ଟ ଥିଲା, ଉପସ୍ଥିତି ଜରୁରୀ ନ ଥିଲା: ଏଜି

ମହାନଦୀ ଜଳ ବିବାଦ ପ୍ରସଙ୍ଗକୁ ନେଇ ପୁଣି ଥରେ ରାଜନୀତି ଜୋର୍ ଧରିବାରେ ଲାଗିଛି। ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ମହାନଦୀ ପ୍ରସଙ୍ଗରେ ନିଜ ସାମାଜିକ ଗଣମାଧ୍ୟମ ଜରିଆରେ କହିଛନ୍ତି, ମହାନଦୀକୁ ବଞ୍ଚାଇବା ପାଇଁ ଇଏ କ'ଣ ଭାଜପା ସରକାରର ଆନ୍ତରିକତା। ଟ୍ରିବ୍ୟୁନାଲରେ ମହାନଦୀ ବିବାଦ ନେଇ ଶନିବାର ହୋଇଥିବା ଶୁଣାଣିକୁ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଆଡଭୋକେଟ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟ ଆସିଲେ ନାହିଁ। ମହାନଦୀର ସୁରକ୍ଷାଠାରୁ ଏପରି କ'ଣ ଗୁରୁତ୍ୱପୂର୍ଣ୍ଣ କାମ ପଡ଼ିଗଲା ଯେଉଁଥିପାଇଁ ଟ୍ରିବ୍ୟୁନାଲର ଶୁଣାଣିରେ ଓଡ଼ିଶାର ପକ୍ଷ ରଖିବାକୁ ସେ ଉପସ୍ଥିତ ରହିଲେ ନାହିଁ। ଟ୍ରିବ୍ୟୁନାଲ ଶୁଣାଣିକୁ ନେଇ ଅନେକ ଆଶା ବାନ୍ଧି ବସିଥିବା ରାଜ୍ୟବାସୀଙ୍କୁ କ'ଣ ମିଳିଲା। ଏଥିରୁ ସ୍ପଷ୍ଟ ଜଣାପଡୁଛି, ମହାନଦୀକୁ ବଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ କୌଣସି ଆନ୍ତରିକତା ତଥା ପ୍ରତିବଦ୍ଧତା ନାହିଁ। ଏହାକୁ ସରକାର ଆଦୌ ଗମ୍ଭୀରତାର ସହ ନେଉନାହାନ୍ତି। ମହାନଦୀ ପ୍ରସଙ୍ଗରେ ଖାଲି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ମହାନଦୀ ଓଡ଼ିଶାର ଜୀବନ ରେଖା। ଲକ୍ଷ ଲକ୍ଷ ଚାଷୀ ମତ୍ସ୍ୟଜୀବୀ ତଥା ଅଗଣିତ ଓଡ଼ିଆଙ୍କ ଜୀବନର ସ୍ରୋତ। ଏହାକୁ ସରକାର ଆଦୌ ଗମ୍ଭୀରତାର ସହ ନେଉନାହାନ୍ତି, ଖାଲି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ମହାନଦୀକୁ ବଞ୍ଚାଇବା ପାଇଁ ପ୍ରତିଟି ଓଡ଼ିଆଙ୍କୁ ନେଇ ବିଜେଡିର ଲଢ଼େଇ ଜୋର୍‌ଦାର ହେବ ବୋଲି ନବୀନ କହିଛନ୍ତି।


ନବୀନ ପଟ୍ଟନାୟକ


ପୀତାମ୍ବର ଆଚାର୍ଯ୍ୟ

ନବୀନଙ୍କ ଏଭଳି ପୋଷ୍ଟ ପରେ ପୀତାମ୍ବର ତାଙ୍କ 'X' ଜରିଆରେ କହିଛନ୍ତି, ମହାନଦୀ ମାମଲାରେ ନବୀନ ମୁହଁ ଖୋଲିବା ପୂର୍ବରୁ ଆତ୍ମସମୀକ୍ଷା କରିବା ଉଚିତ ଥିଲା। ୭ ବର୍ଷ ଧରି ନବୀନବାବୁଙ୍କ ଲିଗାଲ ଟିମ୍ ରାଜ୍ୟ ରାଜକୋଷରୁ ବହୁ କୋଟି ଟଙ୍କା ଶ୍ରାଦ୍ଧକରି ଗୋଟେ ପଇସାର ସୁଫଳ ମିଳି ନ ଥିଲା। ଭାଜପା ସରକାରକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସକାରାତ୍ମକ ଚିନ୍ତାଧାରା ଏବଂ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଯୋଗୁ ଉଭୟ ରାଜ୍ୟ ବର୍ତ୍ତମାନ ଆପୋସ ସମାଧାନର ଦ୍ୱାରଦେଶରେ। ଏଜି ଦାୟିତ୍ୱ ପରେ ସମସ୍ତ ଶୁଣାଣିରେ ତାଙ୍କ ଉପସ୍ଥିତି ଓ ଭୂମିକା ବାବଦରେ ରାଜ୍ୟବାସୀଙ୍କୁ ଜଣାଅଛି। ଶନିବାର ହୋଇଥିବା ଶୁଣାଣି କେବଳ ସମୟ ବୃଦ୍ଧି ସକାଶେ ଉଦ୍ଦିଷ୍ଟ ଥିଲା, ଫଳରେ ତାଙ୍କ ଉପସ୍ଥିତି ସେତେ ଗୁରୁତ୍ୱପୂର୍ଣ୍ଣ ନ ଥିଲା। ନବୀନ ବାବୁଙ୍କ ଉକ୍ତି ସମ୍ପୂର୍ଣ୍ଣ ନୈରାଶ୍ୟଜନକ ଏବଂ ହଠାତ୍ ନିଦରୁ ଉଠି ପ୍ରଳାପ କଲା ଭଳି ମନେହେଉଛି ବୋଲି ପୀତାମ୍ବର ଉଲ୍ଲେଖ କରିଛନ୍ତି।

ଅନ୍ୟପଟେ ପୀତାମ୍ବରଙ୍କ ପୋଷ୍ଟ ଉପରେ ପ୍ରତିକ୍ରିୟା ରଖି ଶଙ୍ଖ

## ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ମାର୍ଚ୍ଚ ୧୪ରେ ଟ୍ରିବ୍ୟୁନାଲରେ ଶୁଣାଣି

ଭବନଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଓଡ଼ିଶାର ଜୀବନରେଖା ମହାନଦୀ ସ୍ରୋତକୁ ଦୀର୍ଘବର୍ଷ ଧରି ଏକଚାଟିଆ ଭାବେ ଛତିଶଗଡ଼ ଅଟକାଇ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରୁଛି। ବାରମ୍ବାର କେନ୍ଦ୍ର ଓ ଛତିଶଗଡ଼ ସରକାରଙ୍କୁ ଅନୁରୋଧ କରିବା ପରେ ଓଡ଼ିଶା ଶେଷରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ରାଜ୍ୟରେ ଭାଜପା ସରକାର ଗଠନ ହେବା ପରେ ଏହି ବିବାଦ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ କୁହାଗଲା। ହେଲେ ଏଥିରେ କୌଣସି ସୁଫଳ ମିଳିଲା ନାହିଁ। ତେଣୁ ମହାନଦୀର ସୁରକ୍ଷା ଲାଗି ଟ୍ରିବ୍ୟୁନାଲ ଏକମାତ୍ର ରାସ୍ତା। ତେଣୁ ଟ୍ରିବ୍ୟୁନାଲରେ ଓଡ଼ିଶାର ପକ୍ଷ ରଖିବାକୁ ଆଡ୍‌ଭୋକେଟ ଜେନେରାଲ ଆନ୍ତରିକତା ଓ ପ୍ରତିବଦ୍ଧତା ଦେଖାଇବା ଆବଶ୍ୟକ ବୋଲି ଲେନିନ୍ କହିଛନ୍ତି।

# ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମ ବିଶ୍ୱରେ ୩ୟ: ଧର୍ମେନ୍ଦ୍ର

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)




ଭାରତ ବର୍ତ୍ତମାନ ବିଶ୍ୱର ୪ର୍ଥ ବୃହତମ ଅର୍ଥନୀତି ଭାବେ ଉଭା ହୋଇଥିବା ବେଳେ ୨୦୨୬-୨୭ କେନ୍ଦ୍ର ବଜେଟ ୬.୮%ରୁ ୭.୨% ଅଭିବୃଦ୍ଧି ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଏହା ସମାଜର ସବୁ ବର୍ଗର ଆକାଂକ୍ଷା ପୂରଣକରିବା ସହ ଏକ ସମାବେଶୀ ଅଭିବୃଦ୍ଧିକୁ ସୁନିଶ୍ଚିତ କରୁଛି। ୨୦୧୩-୧୪ ବର୍ଷରେ ରପ୍ତାନି ପରିମାଣ ୪୬୬.୨୨ ବିଲିୟନ ଆମେରିକା ଡଲାର ଥିବାବେଳେ ବର୍ତ୍ତମାନ ତାହା ୭୭% ବୃଦ୍ଧି ହୋଇ ୮୨୪.୯ ବିଲିୟନ ଡଲାରରେ ପହଞ୍ଚିଛି। ଦେଶରେ ଏଫ୍‌ଡିଆଇ ୨୦୧୩-୧୪ ବର୍ଷରେ ୩୬.୦୫ ବିଲିୟନ ଆମେରିକୀୟ ଡଲାର ଥିଲା। ଏହି ସଂଖ୍ୟା ୨ ଗୁଣା ହୋଇ ୮୧.୦୪ ବିଲିୟନ ଡଲାରରେ ପହଞ୍ଚିଛି। ଦେଶର ଜିଡିପି ହାର ୨୦୧୪-୧୫ରେ ୧୦୬.୫୭ କୋଟିରୁ ୩ ଗୁଣା ବଢ଼ି ୩୩୧.୦୩ କୋଟିରେ ପହଞ୍ଚିଛି। ଦେଶରେ ବୈଦେଶିକ ମୁଦ୍ରାଭଣ୍ଡାର ୬୯୭.୯ ବିଲିୟନ ଆମେରିକୀୟ ଡଲାର ବଢ଼ିଛି। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ହୋଇଛି। ୨୦୨୦ରେ ଜିଏସ୍‌ଟି କଲେକ୍ସନ ୧୧ ଲକ୍ଷ କୋଟି ହୋଇଥିବା ବେଳେ ଏବେ ତାହା ବଢ଼ି ୨୨ ଲକ୍ଷ କୋଟି ଟଙ୍କା ହୋଇଛି। ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମ ବିଶ୍ୱରେ ୩ୟ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସ୍ଥାନୀୟ ଏକ ଘରୋଇ ହୋଟେଲଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି, ୨୦୩୫ ସୁଦ୍ଧା ଏଆଇ ୧.୭ ଟ୍ରିଲିୟନ ଡଲାର ଯୋଗଦାନ କରିବାର ଲକ୍ଷ୍ୟ ରଖାଯାଇଛି। ଚଳିତ ବଜେଟରେ ଆସନ୍ତା ୫ ବର୍ଷ ପାଇଁ ୧୦ ହଜାର କୋଟି ଟଙ୍କାର ବ୍ୟୟବରାଦ ସହ ବାୟୋଫାର୍ମା ଶକ୍ତି ଏବଂ ୪୦ ହଜାର କୋଟି ଟଙ୍କାର ଇଣ୍ଡିଆ ସେମିକଣ୍ଡକ୍ଟର ୨.୦ ମିଶନ ଆରମ୍ଭ କରାଯାଇଛି। ଶ୍ରମଭିତ୍ତିକ ବୟନ ଶିଳ୍ପ ଏବଂ ଖଦି ହସ୍ତଶିଳ୍ପର ବିକାଶ ପାଇଁ ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ ଅଭିଯାନ ଘୋଷଣା କରାଯାଇଛି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ୧୦ ହଜାର କୋଟି ଟଙ୍କାର ଗ୍ରୋଥ୍ ଫଣ୍ଡ ଗଠନ କରାଯାଇଛି। ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପାଖରେ ବିକାଶର ସୁଫଳ ପହଞ୍ଚାଇବାକୁ ମୋଦି ସରକାର ତାଙ୍କ ବଜେଟରେ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଅବସରରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଉପସ୍ଥିତ ଥିଲେ।

# ରାଜ୍ୟରେ ଖୁବ୍‌ଶୀଘ୍ର ଅବକାରୀ ନୀତି: ମନ୍ତ୍ରୀ

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)

ରାଜ୍ୟରେ ଖୁବ୍‌ଶୀଘ୍ର ନୂଆ ଅବକାରୀ ନୀତି ଲାଗୁହେବ। ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ପକ୍ଷରୁ ନୂଆ ଅବକାରୀ ଆଇନ ପ୍ରସ୍ତୁତି ଏକ ପ୍ରକାର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରକ୍ରିୟା ଶେଷ ହେବା ପରେ ଅବକାରୀ ଆଇନ ଅନୁପାଳନ କରାଯିବ ବୋଲି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ମନ୍ତ୍ରୀ ହରିଚନ୍ଦନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଆହୁରି କହିଛନ୍ତି, ଅବକାରୀ ବିଭାଗ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଅଭିଯାନ ଜୋର୍‌ଦାର ହେବ। ଅବୈଧ ନିଶା କାରବାର ରୋକିବା ପାଇଁ ପଦକ୍ଷେପ ନିଆଯିବ। ଚଢ଼ାଉ କରିବାକୁ ଯିବା ସମୟରେ ଏନ୍‌ଫୋର୍ସମେଣ୍ଟ ଟିମ୍ ଦେହରେ ବଡି କ୍ୟାମେରା ଲଗାଇବେ। ଏହଦ୍ୱାରା କୋର୍ଟରେ ତଦନ୍ତକାରୀ ଅଫିସର ଭିଡିଓ ପ୍ରମାଣ ଦେଇପାରିବେ। ପ୍ରମାଣ ଅଭାବରୁ ଆଉ ଅଭିଯୁକ୍ତମାନେ ଖସିପାରିବେ ନାହିଁ। ଅବକାରୀ କର୍ମଚାରୀ ଓ ଅଫିସରଙ୍କୁ ସଶସ୍ତ୍ର ବାହିନୀ କରିବାକୁ ପ୍ରକ୍ରିୟା ଚାଲିଛି ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

# ମୁଖ୍ୟମନ୍ତ୍ରୀ ଯେଉଁ ଘୋଷଣା କରିଛନ୍ତି, ନବୀନ ତା'ର ଖସଡ଼ା ପ୍ରସ୍ତୁତ କରିଥିଲେ: ପ୍ରତାପ

ଦେବଗଡ଼,୭।୨(ଶଶାଙ୍କ ଶେଖର ଝାଙ୍କର)


ଖବରଦାତା ସମ୍ମିଳନୀରେ ବିଧାୟକ ପ୍ରତାପ ଦେବ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ।

ଭୁବନେଶ୍ୱର, କଟକ, ପୁରୀ, ପାରାଦୀପ ଅଞ୍ଚଳକୁ ନେଇ ବିକାଶର ପଥ ପାଇଁ ଡବଲ ଇଞ୍ଜିନ ସରକାର ପ୍ରସ୍ତୁତ ହେଉଛନ୍ତି। ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁ ଘୋଷଣା କରିଛନ୍ତି ତାହା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖସଡ଼ା ପ୍ରସ୍ତୁତ କରି ସାରିଥିଲେ। ରାଜ୍ୟର ବିକାଶ ପାଇଁ ପୂର୍ବରୁ ଯାହାସବୁ ଏମ୍‌ଓୟୁ ସ୍ୱାକ୍ଷର କରାଯାଇଥିଲା, ରାଜ୍ୟରେ ତାହା କେତେ ପ୍ରତିଫଳନ ହେଲାଣି। ଯେଉଁ ଅଞ୍ଚଳର ବିକାଶ ପାଇଁ ଏବେ ସରକାର ପ୍ରସ୍ତୁତ ହେଉଛନ୍ତି ସେଠାରେ ଇଲେକ୍ଟ୍ରୋନିକ ଭେହିକିଲ୍ ମାନୁଫ୍ୟାକ୍ଚରିଂ ୟୁନିଟ୍, ଷ୍ଟିଲ ପ୍ଲାଣ୍ଟ, ସ୍ପିନିଂ ପ୍ଲାଣ୍ଟ ସବୁ କୁଆଡ଼େ ଗଲା, ରାଜ୍ୟ ସରକାର ସେଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି। କେବଳ ଘୋଷଣା କରିଦେଲେ ପ୍ରଗତି ହୁଏ ନାହିଁ। ଉତ୍କର୍ଷ ଓଡ଼ିଶାରେ ଯେଉଁ ଘୋଷଣା ହୋଇଥିଲା ସେସବୁ କେଉଁବାଟେ ଗଲା। ଗୋଟିଏ ବର୍ଷରେ ସାଢେ ୨୨ ଲକ୍ଷ କୋଟି ଟଙ୍କାର ଘୋଷଣା କରାଯାଇଛି, ହେଲେ ଏତେ ସପନକୁ ରାତି କାହିଁ ବୋଲି ଶନିବାର ସ୍ଥାନୀୟ ସର୍କିଟ୍ ହାଉସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଳିର ବିଜେଡି ବିଧାୟକ ପ୍ରତାପ ଦେବ କହିଛନ୍ତି। ଏଥିସହ ସେ କହିଛନ୍ତି, ବିକାଶ ପାଇଁ ଯେଉଁ ଆନୁଷଙ୍ଗିକ ବ୍ୟବସ୍ଥା ଦରକାର ସେସବୁ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ଚିନ୍ତା କରାଯାଇଥିଲା। କିନ୍ତୁ ଭାଜପା ସରକାର ଆସିବା ପରେ ମନ୍ତ୍ରୀ, ବିଧାୟକମାନେ କହିଛନ୍ତି, ମେଟ୍ରୋ ପ୍ରକଳ୍ପର ଆବଶ୍ୟକତା ନାହିଁ। ଏଭଳି ସ୍ଥିତିରେ ବିକାଶ କ'ଣ ସମ୍ଭବ ବୋଲି ପ୍ରତାପ ପ୍ରଶ୍ନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଉପସ୍ଥିତ ଥିଲେ।

# ଗୈରିକ ବିଚାର ବ୍ୟକ୍ତିଙ୍କୁ କୁଳପତି କରିବା ଯୋଜନା: ଅରୁଣ

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)

## ଫେବୃଆରୀ ସୁଦ୍ଧା ସବୁ ବିଶ୍ୱବିଦ୍ୟାଳୟରେ କୁଳପତି ଚୟନ ନ ସରିଲେ ଆନ୍ଦୋଳନ: ବିଜେଡି




ରାଜ୍ୟରେ ଭାଜପା କ୍ଷମତାସୀନ ହେବା ପରଠାରୁ ଶିକ୍ଷା ବ୍ୟବସ୍ଥାକୁ ଗୈରିକୀକରଣ କରିବା ପାଇଁ ଉଦ୍ୟମ କରାଯାଉଛି। ସେଥିପାଇଁ ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିବାରେ ଲାଗିଛି ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ବିଧାୟକ ତଥା ବରିଷ୍ଠ ନେତା ଅରୁଣ କୁମାର ସାହୁ କହିଛନ୍ତି, ୨୦୨୦ରେ କିଛି ଅସଙ୍ଗତି ଦୂରକରିବା ପାଇଁ ବିଶ୍ୱବିଦ୍ୟାଳୟ ଆମେଣ୍ଡମେଣ୍ଟ ବିଲ୍ ସରକାର ଆଣିଥିଲେ। ଏହାଛଡ଼ା ତତ୍କାଳୀନ ରାଜ୍ୟପାଳଙ୍କ ପ୍ରସ୍ତାବ ମୁତାବକ ଓପିଏସ୍‌ସିକୁ ଉଚ୍ଚଶିକ୍ଷା ବିଭାଗରେ ଶିକ୍ଷକ ନିଯୁକ୍ତି ଦାୟିତ୍ୱ ଦିଆଯାଇଥିଲା। ହେଲେ ରାଜ୍ୟରେ ୨୦୨୪ରେ ଭାଜପା ସରକାର ଆସିବା ପରେ ବିଶ୍ୱବିଦ୍ୟାଳୟ ଆମେଣ୍ଡମେଣ୍ଟ ବିଲ୍ ଆଣିଥିଲେ। ୨୦୨୫ ବେଳକୁ ଆଉ ଥରେ ଆମେଣ୍ଡମେଣ୍ଟ ବିଲ୍ ଆଣିଲେ। ଏହି ସଂଶୋଧିତ ବିଲ୍ ମାଧ୍ୟମରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ଚୟନ ଲାଗି ସର୍ଚ୍ଚ କମିଟି ମନୋନୟନ ନିୟମରେ ପରିବର୍ତ୍ତନ ଅଣାଯାଇଛି। ପୂର୍ବରୁ ଯୋଗ୍ୟତା ଭିତ୍ତିରେ ମନୋନୟନ କରାଯାଉଥିବା ବେଳେ ନୂଆ ନିୟମ ଅନୁଯାୟୀ ପର୍ସନ ଅଫ୍ ଏମିନେନ୍ସଙ୍କୁ ନିଯୁକ୍ତି ଦିଆଯାଇପାରିବ ବୋଲି କୁହାଯାଇଛି। ଏପରି ବ୍ୟବସ୍ଥାରେ ସ୍ୱଚ୍ଛତା ରହିବ ନାହିଁ ବୋଲି ସ୍ପଷ୍ଟ ଜଣାପଡୁଛି। କେଉଁ ଆଧାରରେ ରାଜ୍ୟ ସରକାର ୩ ଜଣଙ୍କୁ ଚୟନ କରିବେ ତା'ର କିଛି ସ୍ପଷ୍ଟତା ନ ଥିବାରୁ କେବଳ ଗୈରିକ ବିଚାରରେ ଥିବା ବ୍ୟକ୍ତିଙ୍କୁ ହିଁ ମନୋନୀତ କରାଯିବ ସ୍ପଷ୍ଟ ଜଣାପଡୁଛି ବୋଲି ଅରୁଣ ଅଭିଯୋଗ କରିଛନ୍ତି। ରାଜ୍ୟରେ ଭାଜପା ସରକାରକୁ ୧୮ ମାସ ପୂରିଗଲାଣି , କିନ୍ତୁ ରାଜ୍ୟର ୧୩ଟି ବିଶ୍ୱବିଦ୍ୟାଳୟରେ କୁଳପତି ନ ଥିବାରୁ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ସଙ୍କଟାପନ୍ନ ହୋଇପଡ଼ିଛି। ରାଜ୍ୟର ୧୭ ବିଶ୍ୱବିଦ୍ୟାଳୟରେ ଆସିଷ୍ଟାଣ୍ଟ ପ୍ରଫେସର ପାଇଁ ୭୦୬, ଆସୋସିଏଟ ପ୍ରଫେସର ଲାଗି ୪୫୮, ପ୍ରଫେସର ପାଇଁ ୨୬୧ ଏବଂ ନନ୍ ଟିଚିଂରେ ୨୩୨୫ ପଦବୀ ଖାଲି ପଡିଛି। ତେଣୁ ଫେବୃଆରୀ ଶେଷ ସୁଦ୍ଧା କୁଳପତି ପଦବୀଗୁଡ଼ିକ ପୂରଣ ନ ହେଲେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ରାଜରାସ୍ତାରେ ଆନ୍ଦୋଳନ ହେବ ବୋଲି ଦଳ ଚେତାବନୀ ଦେଇଛି। ଏହି ଅବସରରେ ବିଜୁ ଛାତ୍ର ଜନତା ଦଳ ସଭାପତି ଈପ୍ସିତା ସାହୁ ଏବଂ ବିଜୁ ଜନତା ଦଳ ସଭାପତି ଚିନ୍ମୟ ସାହୁ ଉପସ୍ଥିତ ଥିଲେ।


ଡାକ୍ତରଖାନାରେ ଗୁରୁତର ଆହତ

# ଗ୍ୟାସ୍ ସିଲିଣ୍ଡରରୁ ନିଆଁ ଲାଗି ୫ ଗୁରୁତର

ଆନନ୍ଦପୁର,୭।୨
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ଚୁକୁଣା ଗ୍ରାମରେ ଶନିବାର ସନ୍ଧ୍ୟାରେ ଏକ ଅଘଟଣ ଘଟିଛି। ଗ୍ରାମର ଅକ୍ଷୟ ଦାସଙ୍କ ଘରେ ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ପରିବାର ୫ ଜଣ ଗୁରୁତର ହୋଇଛନ୍ତି। ଅକ୍ଷୟଙ୍କ ସ୍ତ୍ରୀ ଡଲି ଦାସ ରାତିଭୋଜନ ପାଇଁ ରୋଷେଇ କରୁଥିବା ସମୟରେ ଗ୍ୟାସ୍ ସିଲିଣ୍ଡରରୁ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ପରେ ନିଆଁ ଘରେ ବ୍ୟାପିଯାଇ ଅକ୍ଷୟଙ୍କ ସମେତ ପରିବାରର ଜୀବନ ଦାସ, ସିପାଲୀ ଦାସ, ନିଧି ଦାସ ପୋଡ଼ି ହୋଇ ଗୁରୁତର ହୋଇଥିଲେ। ଗ୍ରାମବାସୀଙ୍କ ସହଯୋଗରେ ସମସ୍ତଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ଲେଖା ହେବା ବେଳକୁ ସମସ୍ତ ଗୁରୁତରଙ୍କୁ କଟକ ସ୍ଥାନାନ୍ତର କରାଯିବାକୁ ପ୍ରସ୍ତୁତି ଚାଲିଛି।



"ପ୍ରତ୍ୟେକ ଲୋକର ନିଜ ବାଟରେ ଭାବିବା, ଅନୁଭବ କରିବା ଓ ପ୍ରତିକ୍ରିୟା ଦେଖାଇବାର ଅଧିକାର ରହିଛି। କାହିଁକି ତୁମେ ଭାବିବ ଯେ, ଅନ୍ୟମାନେ ତୁମେ ଯାହା କରୁଛ ତାହା କରନ୍ତୁ ଓ ତୁମରି ଭଳି ହୁଅନ୍ତୁ? -ଶ୍ରୀମା

# ଆତ୍ମସମର୍ପଣ



ଆକାର ପଟେଲ

ସାର୍ବଭୌମତ୍ୱ ଉଲ୍ଲଂଘନକୁ ଏକ ଦେଶର ଆଞ୍ଚଳିକ ଅଖଣ୍ଡତାର ଉଲ୍ଲଂଘନ କିମ୍ବା ସରକାରୀ କାର୍ଯ୍ୟରେ ହସ୍ତକ୍ଷେପ ବୋଲି କୁହାଯାଏ। ଜଣେ ଆତ୍ମସମର୍ପଣ କରେ ଯେତେବେଳେ ସେ ବିନା ପ୍ରତିରୋଧରେ ଅନ୍ୟପକ୍ଷର କ୍ଷମତା ନିକଟରେ ମୁଣ୍ଡ ନୁଆଁଏ। ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଭାରତ ମଧ୍ୟରେ ଯାହା ଘଟିଛି ତାହା ସ୍ପଷ୍ଟତଃ ଏହାର ଏକ ନମୁନା। ଏହାକୁ ବୁଝିବା ପାଇଁ କେବଳ ପ୍ରକାଶିତ ବିବୃତିଗୁଡ଼ିକୁ ଜାଣିବା ଦରକାର। ଡୋନାଲ୍ଡ ଟ୍ରମ୍ପ ୬ ଅଗଷ୍ଟ ୨୦୨୫ର ତାଙ୍କ ନିର୍ଦ୍ଦେଶ (ସଂଖ୍ୟା ୧୪୩୨୯)ରେ ଲେଖିଥିଲେ, ''ଭାରତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ରୁଷିଆ ତୈଳ ଆମଦାନୀ କରୁଥିବାରୁ ମୁଁ ସ୍ଥିର କଲି ଯେ ଭାରତର ସାମଗ୍ରୀ ଆମଦାନୀ ଉପରେ ୨୫ ପ୍ରତିଶତ ଅତିରିକ୍ତ ମୂଲ୍ୟ ଆଧାରିତ ଶୁଳ୍କ ଲାଗୁ କରିବା ଆବଶ୍ୟକ ଏବଂ ଯୁକ୍ତିଯୁକ୍ତ।'' ୬ ଫେବୃଆରୀ ୨୦୨୬ରେ ତାଙ୍କ ନିର୍ଦ୍ଦେଶରେ ପ୍ରକାଶ ପାଇଛି, ''ବିଶେଷକରି ଭାରତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ରୁଷିଆ ତୈଳ ଆମଦାନୀ ବନ୍ଦ କରିବାକୁ ପ୍ରତିବଦ୍ଧ ଏବଂ ଦର୍ଶାଇଛି ଯେ ଏହା ଆମେରିକାଠାରୁ ଶକ୍ତି ଉତ୍ପାଦ କିଣିବ। ଏହାସହ ଆଗାମୀ ୧୦ ବର୍ଷ ମଧ୍ୟରେ ପ୍ରତିରକ୍ଷା ସହଯୋଗ ବୃଦ୍ଧି ପାଇଁ ଆମେରିକା ସହିତ ଏକ ଢାଞ୍ଚା ପ୍ରସ୍ତୁତ କରିବାର ପ୍ରତିବଦ୍ଧତା ପ୍ରକାଶ କରିଛି।'' ଦେଖାଯାଉଛି, ଏବେ ଆମେରିକା ଯାହା ଚାହୁଁଛି ଭାରତ ସେଭଳି କରୁଛି। ଟ୍ରମ୍ପ କହିଛନ୍ତି, ''ମୁଁ ପର୍ଯ୍ୟାୟକ୍ରମେ ଭାରତ ଉପରେ ଲାଗୁ ଅତିରିକ୍ତ ଶୁଳ୍କକୁ ହଟାଇ ନେବାକୁ ସ୍ଥିର କରିଛି।'' ଭାରତର ଭଲ ଆଚରଣ କିମ୍ବା କୂଟନୈତିକ ଦୃଷ୍ଟିରୁ ଆଜ୍ଞାପାଳନ ପାଇଁ ହଟାଇ ଦିଆଯାଇଥିବା ଜଣାପଡୁଛି। ତଥାପି, ଟ୍ରମ୍ପ ଚେତାବନୀ ଦେଇଛନ୍ତି, ''ଭାରତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ରୁଷିଆ ତେଲ ଆମଦାନୀ ପୁନର୍ବାର ଆରମ୍ଭ କରୁଛି କି ନାହିଁ ତାହା ଉପରେ ଆମେରିକା ନଜର ରଖିବ'' ଏବଂ ଯଦି ଏହା ଘଟେ, ''ମୁଁ ଭାରତର ସାମଗ୍ରୀ ଆମଦାନୀ ଉପରେ ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ପୁଣି ନିଶ୍ଚିତ ଲାଗୁ କରିବି।'' ଭାରତ ବିବୃତିରେ କହିଛି, ''ଭାରତ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ବାର୍ଷିକ ୧୦୦ ବିଲିୟନ ଡଲାର ହିସାବରେ ୫୦୦ ବିଲିୟନ ଡଲାର ଆମେରିକୀୟ ଉତ୍ପାଦ କିଣିବାକୁ ଚାହୁଁଛି। ୨୦୨୪ରେ ଏହା ୪୦ ବିଲିୟନ ଡଲାର ଥିଲା। ଦେଖିବାକୁ ଗଲେ ଭାରତ ଆମେରିକାରୁ ଦୁଇଗୁଣରୁ ଅଧିକ ଉତ୍ପାଦ କିଣିବାକୁ ପ୍ରତିବଦ୍ଧ ହୋଇଛି। ଏହା ପ୍ରତିବଦଳରେ ପାଇଛି କ'ଣ? ତେବେ ପୂର୍ବରୁ କୌଣସି ଟାରିଫ ନ ଥିଲାବେଳେ ଏବେ ବୃଦ୍ଧି କରିବା ପରେ ସେଥିରୁ ୧୮% କମାଇଛି। ଏହା ଆମ ପାଇଁ ପୁରସ୍କାର। ଏଥିରେ ସାର୍ବଭୌମତ୍ୱ ଉଲ୍ଲଂଘନ ହେଉନି କି? ଯାଞ୍ଚ କରନ୍ତୁ, ଅନିଚ୍ଛା ସତ୍ତ୍ୱେ ଚାପ ପକାଯାଇଛି କି ନାହିଁ? ଆତ୍ମସମର୍ପଣ କଥାକୁ ବି ପରଖନ୍ତୁ। ଦୁର୍ଭାଗ୍ୟବଶତଃ ଏସବୁ ଘଟିଛି। ଜୟଶଙ୍କର ଏବଂ ଭାରତ ସରକାର କ'ଣ କହୁଛନ୍ତି ତାହା ଶୁଣିବା ଆବଶ୍ୟକ ନାହିଁ, କେବଳ ସ୍ୱାକ୍ଷର କରାଯାଇଥିବା ବୁଝାମଣା ସମ୍ପର୍କରେ ଆମେ ଜାଣିବା ଦରକାର।

ପ୍ରଶ୍ନ ହେଉଛି ଆମେ କାହିଁକି ଆତ୍ମସମର୍ପଣ କଲୁ। ମୋର ବନ୍ଧୁ ତଥା ଅର୍ଥନୀତିଜ୍ଞ ଅଶୋକ ବର୍ଦ୍ଧନ ଚୁକ୍ତି ସ୍ୱାକ୍ଷରିତ ହେବା ପୂର୍ବରୁ ଏକ ମେସେଜ ପଠାଇଥିଲେ; ଯେଉଁଥିରେ ସେ କ'ଣ ଘଟିବ ତାହା ପୂର୍ବାନୁମାନ କରି ବ୍ୟାଖ୍ୟା କରିବାକୁ ଚେଷ୍ଟା କରିଥିଲେ। ସେ ଲେଖିଥିଲେ, ''ଭାରତ ଆତ୍ମସମର୍ପଣ କରିବାର ଦୁଇଟି କାରଣ ଅଛି। ପ୍ରଥମେ, ଏହି ସରକାରଙ୍କ ତଥାକଥିତ ଜାତୀୟତାବାଦୀ ପରିଚୟ ଏବଂ ଏହାର ସମର୍ଥନ ଆଧାରକୁ ଅତିରଞ୍ଜିତ କରି ଦର୍ଶାଇବା। ଜାତୀୟତାବାଦୀ କାଡକୁ ବୃହତ ଶକ୍ତିଗୁଡ଼ିକ ସହିତ ଚୁକ୍ତି କରିବା ସମୟରେ ବ୍ୟବହାର କରିବା ଉଚିତ ନୁହେଁ। ଏହା ବ୍ୟତୀତ, ଭାରତର ଅର୍ଥ ବ୍ୟବସ୍ଥାରେ ଥିବା କିଛି ଗତିଶୀଳ କ୍ଷେତ୍ର ମଧ୍ୟରେ ପ୍ରଯୁକ୍ତିବିଦ୍ୟା ଏବଂ ଅର୍ଥ ସର୍ବାଧିକ ଭୂମିକା ଗ୍ରହଣ କରେ ଏବଂ ଉଭୟ ଆମେରିକୀୟ ବଜାର, ଫାର୍ମଗୁଡ଼ିକ ସହିତ ବ୍ୟାପକ ଭାବେ ଜଡ଼ିତ ଓ ପାଣ୍ଠି ଉପରେ ଅଧିକ ନିର୍ଭରଶୀଳ।'' ଭାରତର ସୂଚନା ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧୀୟ କ୍ଷେତ୍ରଗୁଡ଼ିକର ମୋଟ ଉତ୍ପାଦର ପ୍ରାୟ ୭୦% ଆମେରିକାକୁ ରପ୍ତାନି ହେଉଛି। ଭାରତ ୨୦୨୪ରେ ଆମେରିକାକୁ ପ୍ରାୟ ୪୦ ବିଲିୟନ ଡଲାର ସର୍ଭିସେସ୍ ରପ୍ତାନି କରିଥିଲା। ବର୍ଦ୍ଧନ କହନ୍ତି,''ଭାରତୀୟ ଆର୍ଥିକ ବଜାରର ପ୍ରତ୍ୟେକ କ୍ଷେତ୍ର ମୁଖ୍ୟତଃ ଭେଞ୍ଚର ଫଣ୍ଡିଂଠାରୁ ଆରମ୍ଭ କରି ଆର୍ଥିକ ଗବେଷଣା ଓ ବିତ୍ତୀୟ ଖବର ସରବରାହ ସଂସ୍ଥା ଇତ୍ୟାଦି ଆମେରିକା ସହିତ ବି ଜଡ଼ିତ। ଆମର ଜାତୀୟତାବାଦ, ଆମର ସାହସ, ଆମର ୫୬ ଇଞ୍ଚ କେବଳ ଅନ୍ୟ ଭାରତୀୟମାନଙ୍କୁ ନିର୍ଯାତନା ଏବଂ ଧମକାଇବା ପାଇଁ ଉଦ୍ଦିଷ୍ଟ। କିନ୍ତୁ ଜଣେ ପ୍ରକୃତ ପ୍ରତିପକ୍ଷଙ୍କ ସାମ୍ନାରେ ଏହା ମଳିନ ପଡ଼ିଯାଏ। ତେବେ ଟ୍ରମ୍ପ ଆମକୁ ତାଙ୍କ ଇଚ୍ଛାରେ ଏଭଳି ଆତ୍ମସମର୍ପଣ କରିବାକୁ ବାଧ୍ୟ କରିବା ଘଟଣା ପ୍ରଥମ ଥର ଘଟିନାହିଁ। ମେ ୨୦୧୯ରେ, ଟ୍ରମ୍ପ ଶୁଳ୍କ ଛାଡ଼ ପାଇଁ ଅନୁମତି ନ ଦେବା ପରେ ଭାରତ ଇରାନରୁ ତେଲ କିଣିବା ବନ୍ଦ କରିବାକୁ ବାଧ୍ୟ ହୋଇଥିଲା। ଟ୍ରମ୍ପଙ୍କ ପୂର୍ବତନ ଜାତୀୟ ସୁରକ୍ଷା ପରାମର୍ଶଦାତା ଜନ ବୋଲ୍ଟନ ତାଙ୍କ ପୁସ୍ତକ 'ଦି ରୁମ୍ ହୋୟାର ଇଟ୍ ହାପେଣ୍ଡ'ରେ ଲେଖିଛନ୍ତି, ଟ୍ରମ୍ପ ମୋଦିଙ୍କ ସମସ୍ୟାକୁ ନ ଦେଖି ତାଙ୍କ ଟିମ୍‌କୁ କହିଥିଲେ ଯେ 'ସେ(ମୋଦି) ଠିକ୍ ହୋଇଯିବେ'। ଏହାର ଅର୍ଥ ହେଉଛି ଭାରତକୁ ମାଗଣା ପରିବହନ ଏବଂ ବୀମା ଓ ୬୦ ଦିନର କ୍ରେଡିଟ ଭଳି ରିହାତି ସହିତ ଆସୁଥିବା ତେଲ ଆଣିବାକୁ ମନା କରାଯାଇଥିଲା। ଭାରତ ବୁଝାଇବାକୁ ଚେଷ୍ଟା କରିଥିଲା ଯେ ଏହାର ଅନେକ ରିଫାଇନେରି ଇରାନର ଅଶୋଧିତ ତୈଳ ପ୍ରକ୍ରିୟାକରଣ ପାଇଁ ନିର୍ମାଣ କରାଯାଇଛି ଏବଂ ହଠାତ୍ ପରିବର୍ତ୍ତନ ହୋଇପାରିବ ନାହିଁ ଓ ଇରାନରୁ ଯୋଗାଣ ବନ୍ଦ ହେଲେ ମୂଲ୍ୟ ଏବଂ ମୁଦ୍ରାସ୍ଫୀତି ପ୍ରଭାବିତ ହେବ। ଟ୍ରମ୍ପ ଏହାକୁ ସ୍ୱୀକାର କରି ନ ଥିଲେ। ଆମେ ସେତେବେଳେ ତାଙ୍କ କଥା ମାନିଥିଲୁ, ଯେପରି ଆମେ ପୁଣି ଥରେ ରୁଷିଆ ତୈଳ ଏବଂ ବର୍ତ୍ତମାନ ଭେନେଜୁଏଲା ଓ ଆମେରିକୀୟ ତୈଳ କିଣିବାକୁ ରାଜି ହୋଇଛୁ। ଯେଉଁଠାରୁ ଆରମ୍ଭ କରିଥିଲୁ ସେହିଠାକୁ ଆମକୁ ଫେରିଯିବାକୁ ପଡ଼ିବ, କାରଣ ଭାରତୀୟମାନେ ଜାଣିବା ଗୁରୁତ୍ୱପୂର୍ଣ୍ଣ ଯେ ସେମାନଙ୍କ ନାମରେ କ'ଣ କରାଯାଇଛି। ସ୍ପଷ୍ଟତଃ ସରକାରୀ କାର୍ଯ୍ୟରେ ବିଦେଶୀ ହସ୍ତକ୍ଷେପ ଦ୍ୱାରା ସାର୍ବଭୌମତ୍ୱ ଉଲ୍ଲଂଘନ ହୋଇଛି। ପ୍ରତିରୋଧ କରିବା ବନ୍ଦ କରି ଅନ୍ୟପକ୍ଷର କର୍ତ୍ତୃତ୍ୱ ନିକଟରେ ଆତ୍ମସମର୍ପଣ କରିଛୁ।

Email:aakar.patel@gmail.com

# ଆତଙ୍କବାଦର ପୃଷ୍ଠପୋଷକ କିଏ



ହରେକୃଷ୍ଣ ପଣ୍ଡା

ୟୁରୋପୀୟ ପାର୍ଲାମେଣ୍ଟରେ ରୁଷିଆକୁ 'ଆତଙ୍କବାଦ ପୃଷ୍ଠପୋଷକ ରାଷ୍ଟ୍ର' ବୋଲି ଘୋଷଣା କରିଥିଲା ବେଳେ ଆମେରିକା ପାକିସ୍ତାନକୁ ସହଯୋଗର ହାତ ବଢ଼ାଇ ନିଜର ମିତ୍ର ରାଷ୍ଟ୍ରର ପରିଚୟ ଦେଇଥିଲା। ୟୁକ୍ରେନ୍‌ରେ ମସ୍କୋ ଲଗାତର ଆକ୍ରମଣ କରିବା ସହ ମାନବାଧିକାର ଓ ଅନ୍ତର୍ଜାତୀୟ ମାନବାଧିକାର ଆଇନଗୁଡ଼ିକର ଉଲ୍ଲଂଘନ କରୁଛି ବୋଲି ପାର୍ଲାମେଣ୍ଟ ଦର୍ଶାଇଥିଲା। ଅନ୍ତର୍ଜାତୀୟ ଆଇନର ଏଭଳି ଉଲ୍ଲଂଘନକୁ ଆତଙ୍କବାଦ ବୋଲି ଦର୍ଶାଯାଇଥିବା ବେଳେ ବାରମ୍ବାର ଆମେରିକା ଅନ୍ତର୍ଜାତୀୟ ନିୟମକୁ ଉଲ୍ଲଂଘନ ଏବଂ ଗୋଟିଏ ପରେ ଗୋଟିଏ ଆତଙ୍କ ସୃଷ୍ଟି କରୁଥିବା କେବେ ବି ୟୁରୋପୀୟ ସଂଘ କିମ୍ବା ପାର୍ଲାମେଣ୍ଟର ଆଖିକୁ ଦେଖାଯାଉ ନାହିଁ। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ରୋଗୀର ବାହ୍ୟ ଲକ୍ଷଣ ଉପରେ ଯେତେ ଗୁରୁତ୍ୱ ଦିଅନ୍ତି, ରୋଗର କାରଣ ପ୍ରତି ସେତେ ଗୁରୁତ୍ୱ ଦିଅନ୍ତି ନାହିଁ। ୟୁକ୍ରେନରେ ଆରମ୍ଭ ହୋଇଥିବା ଯୁଦ୍ଧ ସ୍ଥିତିକୁ ଯୋଜନାବଦ୍ଧ ଭାବେ ଜାରି ରଖିବେ ବୋଲି ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଦୃଢ଼ ପ୍ରତିଜ୍ଞାବଦ୍ଧ ଥିବା ବେଳେ ଆମେରିକା ନେତୃତ୍ୱାଧୀନ ନାଟୋ ମେଣ୍ଟ ବିପକ୍ଷ ଯୋଜନାରେ ଲାଗି ରହୁଥିବାରୁ ଯୁଦ୍ଧ ବନ୍ଦ ହେଉ ନାହିଁ। ଦୀର୍ଘ ୨୦ ବର୍ଷ ମଧ୍ୟରେ ବିଶ୍ୱରେ ଯେତେଗୁଡ଼ିଏ ଯୁଦ୍ଧ ଆତଙ୍କ ସୃଷ୍ଟି ହୋଇଛି, ସେଥିରେ ଆମେରିକାର ପ୍ରତ୍ୟକ୍ଷ ହାତ ଯେ ନାହିଁ, ତାହା କହିବା ନିଷ୍ପ୍ରୟୋଜନ। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଆମେରିକା ରାଷ୍ଟ୍ରପତି କାର୍ଯ୍ୟ କରୁଥିବା କଥା କହିଚାଲିଥିବା ବେଳେ ସେ ଗୋଟିଏ ପରେ ଗୋଟିଏ ଯୁଦ୍ଧର ଆତଙ୍କ ଖେଳାଇ ଚାଲିଛନ୍ତି। ଏବେ ଭେନେଜୁଆଲା ଉପରେ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବିଶ୍ୱରେ ପୁଣି ଆତଙ୍କ ସୃଷ୍ଟି କରିଛି।

ତେବେ ରୁଷିଆ ନିକଟରେ ଆମେରିକା ସହିତ ଥିବା ପରମାଣୁ ଚୁକ୍ତିକୁ ରଦ୍ଦ କରିଦେଇଛି। ଆମେରିକା ସହ ପ୍ରମୁଖ ପରମାଣୁ ଅସ୍ତ୍ରଚୁକ୍ତିରେ ରୁଷିଆର ଅଂଶ ଗ୍ରହଣ ପ୍ରକ୍ରିୟା ରଦ୍ଦ ହୋଇଯାଇଛି, ଯାହା ବିଶ୍ୱ ପାଇଁ ଆଶଙ୍କା ଆଣିଦେଇଛି। ୨୦୧୦ରେ ରୁଷଆ ଆମେରିକା ସହ ପରମାଣୁ ଚୁକ୍ତିରେ ସ୍ୱାକ୍ଷର କରିଥିଲା। ପୁଣି ୨୦୨୧ରେ ଆଉ ୫ ବର୍ଷ ପାଇଁ ବୃଦ୍ଧି ହୋଇଥିଲା। ଏହାକୁ ନ୍ୟୁ ଷ୍ଟାର୍ଟ ଟ୍ରିଟି କୁହାଯାଇଥିଲା। ଏଭଳି କରିବା ଦ୍ୱାରା ରୁଷିଆ ରାଷ୍ଟ୍ରପତି ୟୁକ୍ରେନ ଉପରେ ଆଣବିକ ଅସ୍ତ୍ର ପ୍ରୟୋଗର ଧମକ ବାରମ୍ବାର ଦେଇ ଚାଲିଛି। ୟୁରୋପୀୟ ରାଷ୍ଟ୍ର ଏବଂ ଆମେରିକା ଏକ ନିର୍ଣ୍ଣାୟକ ସ୍ଥିତିକୁ ନ ଆସି ଯେଉଁଭଳି ପଦକ୍ଷେପ ନେଉଛନ୍ତି ତାହା ଯୁଦ୍ଧର ଗତିକୁ ବଢ଼ାଇ ଚାଲିଛି। ୟୁରୋପୀୟ ପାର୍ଲାମେଣ୍ଟରେ ରୁଷିଆ ବିରୋଧରେ କୌଣସି ପଦକ୍ଷେପ ନେବା ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କ୍ଷମତା ନଥିବା ବେଳେ ଆତଙ୍କବାଦୀ ଘୋଷଣା କେବଳ ହାସ୍ୟାସ୍ପଦ ବୋଲି କୁହାଯାଇପାରେ। ରୁଷିଆକୁ ଯୁଦ୍ଧ ଅପରାଧ ଏବଂ ୟୁକ୍ରେନ୍ ଯୁଦ୍ଧ ପାଇଁ ଦଣ୍ଡିତ କରାଯିବାକୁ କ୍ୱାର୍ଡ ରାଷ୍ଟ୍ରର ନେତାମାନେ ମିଳିତ ଭାବେ ମତ ରଖିଥିଲେ। କିନ୍ତୁ ପରମାଣୁ ଅସ୍ତ୍ର ବ୍ୟବହାର ପାଇଁ ରଷିଆର ଧମକକୁ ଅଗ୍ରହଣୀୟ କହିଥିଲେ ମଧ୍ୟ ଏହାର ନିରାକରଣ ପାଇଁ ଏମାନେ କୌଣସି ସୂତ୍ର ବାହାର କରିପାରିନାହାନ୍ତି। ରୁଷିଆ ଆଣବିକ ଚୁକ୍ତିକୁ ବାତିଲ କଲା ପରେ ଆମେରିକା ଓ କ୍ୱାର୍ଡ ରାଷ୍ଟ୍ର ସମୂହ ବିଚାରବିମର୍ଶ କରି ଏହାର ନିରାକରଣ ପନ୍ଥା ଦର୍ଶାଇବା ଉଚିତ ଥିଲା। ୟୁରୋପୀୟ ରାଷ୍ଟ୍ରସମୂହ ରୁଷିଆ ସହିତ ଆଲୋଚନା କରି ପରମାଣୁ ଚୁକ୍ତିକୁ କାଏମ ରଖିବା ଆବଶ୍ୟକ ଥିଲା। ଏହା ନ ହେବାରୁ ରୁଷିଆ ତାହାର ଆବଶ୍ୟକତା ଦର୍ଶାଇ ପରମାଣୁ କାର୍ଯ୍ୟକ୍ରମ ଚଳାଇବାକୁ ଘୋଷଣା କରିସାରିଲାଣି। ଜି-୨୦ ବୈଠକରେ ଭାରତର ପ୍ରତିନିଧି ଜୟଶଙ୍କର ଯୁଦ୍ଧ ବନ୍ଦ ପାଇଁ ବୈଶ୍ୱିକ ସହମତି ଉପରେ ଗୁରୁତ୍ୱ ଦେଇଥିଲେ। କିନ୍ତୁ ସହମତି ପାଇଁ ଜି-୨୦ ରାଷ୍ଟ୍ରସମୂହ ଆଗ୍ରହର ସହିତ କିଛି କାର୍ଯ୍ୟକ୍ରମ ହାତକୁ ନେଲେନାହିଁ। ଏଥିରୁ ଜଣାପଡ଼େ, ଜି-୨୦ ସହମତି କ୍ଷେତ୍ରରେ ପଛଘୁଞ୍ଚା ଦେଉଛନ୍ତି।

ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଯେତେବେଳେ ଆତଙ୍କବାଦ ବୃଦ୍ଧି ପାଇ ଦେଶଗୁଡ଼ିକୁ ପ୍ରଭାବିତ କଲା, ସେତେବେଳେ ସବୁ ରାଷ୍ଟ୍ର ଏକଜୁଟ ହେଲେ ସତ; କିନ୍ତୁ ଆତଙ୍କବାଦ ନିରୋଧ କ୍ଷେତ୍ରରେ ସହମତି ହେବା ନେଇ ଦ୍ୱନ୍ଦ୍ୱ ଦେଖାଦେଲା। ସେହିଦିନରୁ ଏଯାବତ୍ ଆତଙ୍କବାଦ ତିଷ୍ଠି ରହିଛି। କ୍ଷତାକ୍ତ ଓ ରକ୍ତାକ୍ତ ହୋଇ ସାରିଲା ପରେ ବି ୟୁରୋପୀୟ ରାଷ୍ଟ୍ର ସଚେତନ ହୋଇ ପାରିନାହାନ୍ତି। ତେଣୁ ବାସ୍ତବରେ ଜି-୨୦ ରାଷ୍ଟ୍ର ସଂଘକୁ ବିଶ୍ୱ ସମସ୍ୟାର ସମାଧାନ ପାଇଁ ଭରସା କରାଯାଇନପାରେ। ଏବେ ଯୁଦ୍ଧ ଘଟଣା ନେଇ ରୁଷିଆ ବିରୋଧରେ ଭାରତ-ଆମେରିକା-ଜାପାନ-ଅଷ୍ଟ୍ରେଲିଆ ପ୍ରଥମ ଥର ପାଇଁ ମିଳିତ ବିବୃତିରେ କହିଛନ୍ତି ଯେ, ରୁଷିଆ ୟୁକ୍ରେନ୍‌ରେ ଯେଉଁ ଅପରାଧ ଘଟାଇଛି, ଯଦି



ଏହାକୁ ଦଣ୍ଡ ନ ମିଳେ, ତେବେ ଆକ୍ରମଣକାରୀ ସବୁଠି ଆକ୍ରମଣ କରିବେ ଏବଂ ବିନା ଦୋଷରେ ଖସିଯିବେ। ଏହା ଅବଶ୍ୟ ଯୁକ୍ତିଯୁକ୍ତ ମନେହୁଏ। କିନ୍ତୁ ବିରାଡ଼ି ବେକରେ ଘଣ୍ଟି ବାନ୍ଧିବ କିଏ?

ୟୁରୋପୀୟ ପାର୍ଲାମେଣ୍ଟରେ ଗୃହୀତ ନିଷ୍ପତ୍ତିକୁ ୟୁକ୍ରେନ୍ ସ୍ୱାଗତ କରି ଆଶା ପ୍ରକଟ କରିଛି ଯେ, ୟୁକ୍ରେନ୍ ସମେତ ସାରା ବିଶ୍ୱରେ ଆତଙ୍କବାଦ ବିସ୍ତାରର ନୀତି ଯୋଗୁ ରୁଷିଆକୁ ସବୁସ୍ତରରେ ଏକଘରକିଆ ଓ ଉତ୍ତରଦାୟୀ କରାଯିବା ଜରୁରୀ। ଏଭଳି ଏକ ପନ୍ଥା ଗ୍ରହଣ ନ କରି ଆମେରିକା ସମେତ ଅନ୍ୟ ରାଷ୍ଟ୍ରଗୁଡ଼ିକ ରୁଷିଆ ଉପରେ ଯେଉଁ କଟକଣା ଜାରି ରଖିଛନ୍ତି, ତାହା ତାକୁ ପ୍ରଭାବିତ କରିପାରୁ ନାହିଁ। ବିଶ୍ୱସ୍ତରରେ ଏକ ସ୍ୱଚ୍ଛ ଓ ନିର୍ଭୀକ ନୀତିକୁ ଗ୍ରହଣ ନ କଲେ ଯୁଦ୍ଧ ସମସ୍ୟା ସମାଧାନ ହୋଇପାରିବ ନାହିଁ। ଏଭଳି କ୍ଷେତ୍ରରେ ଆମେରିକା ଦେଖୁଛି ବର୍ତ୍ତମାନ କ୍ୟୁବା, ଉତ୍ତରକୋରିଆ, ଇରାନ, ସିରିଆ ହେଉଛନ୍ତି ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଦେଶ। ୟୁରୋପୀୟ ଦେଶ ଲିଥୁଆନିଆ, ଲାଟ୍‌ଭିଆ, ଷ୍ଟୋନିଆ ଏବଂ ପୋଲାଣ୍ଡ ମଧ୍ୟ ରୁଷିଆକୁ ଆତଙ୍କବାଦୀଙ୍କ ପୃଷ୍ଠପୋଷକ ଭାବେ ଘୋଷଣା କରିସାରିଛି। ହେଲେ ଏହିସବୁ ଦେଶକୁ ଏ କ୍ଷେତ୍ରରୁ ନିବୃତ୍ତାଇବା ପାଇଁ କୌଣସି କର୍ତ୍ତୃତ୍ୱ ଜାରି କରିପାରୁନାହାନ୍ତି। ଏଥିପାଇଁ ଅନ୍ତର୍ଜାତୀୟ ସ୍ତରରେ ଜି-୨୦ ତଥା ପାଶ୍ଚାତ୍ୟ ରାଷ୍ଟ୍ର ନିଜେ ହିଁ ସମସ୍ୟାକୁ ବଢ଼ାଇ ଚାଲିଛନ୍ତି। ସମାଧାନ କରିବାର ସାହସ ବା ନିର୍ଭୀକତା ଏମାନଙ୍କ ପାଖରେ ନାହିଁ। ଆମେରିକା ସ୍ୱଚ୍ଛ ଓ ନିରପେକ୍ଷ ହୋଇପାରୁନାହିଁ।

ରୁଷିଆ ୫୦ ବର୍ଷ ଧରି ନିଜକୁ ଶକ୍ତିଶାଳୀ ରାଷ୍ଟ୍ର ଦର୍ଶାଇବାକୁ ଉଦ୍ୟମ କରିଆସୁଛି। ପୁଟିନ୍‌ଙ୍କ କ୍ରମାଗତ ବିଜୟ ତାଙ୍କ ମନରେ ଏକ ବିଶ୍ୱାସ ବି ସୃଷ୍ଟି କରିଛି। ତାଙ୍କ ଦେଶବାସୀ ତାଙ୍କୁ ପୁନର୍ବାର ବିଜୟୀ କରିଥିବା ଯୋଗୁ ନିଜର ପ୍ରତିପତ୍ତି କିପରି ଆମେରିକାକୁ ଅତିକ୍ରମ କରିବ, ସେଥିପାଇଁ ସେ ଆଶା ବାନ୍ଧିଛନ୍ତି। ବିଶ୍ୱରେ କିପରି ସୁପର ଦେଶ ହୋଇପାରିବ, ସେଥିପାଇଁ ସଂଗ୍ରାମ ସେ ଜାରି ରଖିଥିବା ମନେହୁଏ। ଏଇଭଳି ଲକ୍ଷ୍ୟ ପୋଷଣ କରିଥିଲା ଚାଇନା। ସେଥିରୁ ସେ ମଧ୍ୟ ଓହରି ନାହିଁ। ତେବେ ରୁଷିଆ ଆଗ ଚାଇନାକୁ ପରାହତ କରିବା ଆବଶ୍ୟକ। ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ସ୍ଥାନ ନେବାକୁ ହେଲେ ଏସୀୟ ରାଷ୍ଟ୍ରଗୁଡ଼ିକ ରୁଷିଆର ବିଶ୍ୱାସଭାଜନ ହେବା ଆବଶ୍ୟକ। ବର୍ତ୍ତମାନ ସମୟରେ ବିଶ୍ୱବାସୀଙ୍କ ଚିନ୍ତାଧାରା ପ୍ରତି ରୁଷିଆ କିମ୍ବା ଆମେରିକା ସଚେତନ ହେବା ଜରୁରୀ। ରୁଷିଆ ଯଦି ଏବେ ଯୁଦ୍ଧ ରହିତ ମାନସିକତା ଗ୍ରହଣ କରିପାରନ୍ତା, ଚାଇନାର ଔଦ୍ଧତ୍ୟ ବିରୋଧରେ କୂଟନୀତି ପ୍ରୟୋଗ କରି ବିଶ୍ୱ ଶାନ୍ତି ଦିଗରେ ଅଗ୍ରସର ହୁଅନ୍ତା, ତେବେ ସର୍ବପ୍ରଥମେ ରୁଷିଆ ନିଜକୁ ଏକ ବିଶ୍ୱସ୍ତ ରାଷ୍ଟ୍ର ଭାବେ ପ୍ରତିପାଦିତ କରିପାରନ୍ତା। କିନ୍ତୁ ରୁଷିଆ ବେଳେବେଳେ ଆମେରିକାଠାରୁ ଭୟଙ୍କର ହୋଇଯାଉଛି। ଆମେରିକା ଓ ରୁଷିଆ ଅସ୍ତ୍ର ବେପାରକୁ ନେଇ ବିଶ୍ୱବାସୀଙ୍କୁ ଆତଙ୍କିତ କରି ଚାଲିଛନ୍ତି। ଏଥିରୁ ନିବୃତ୍ତ ନ ରହିଲେ, ଏମାନେ ବିଶ୍ୱବାସୀଙ୍କ ଆସ୍ଥା ଭାଜନ ହୋଇପାରିବେ ନାହିଁ।

- ସୟଦପୁର, ଯାଜପୁର
ମୋ: ୯୪୩୭୩୧୫୬୨୩


# ବିଶ୍ୱାସ ଅଛି, ଭରସା ନାହିଁ



ସବ୍ୟସାଚୀ ଦତ୍ତ

ଆଗକୁ ଅନ୍ଧାରପକ୍ଷ ଆସୁଛି। କୁଞ୍ଜବଦଳିଆ, ଦାଆଗେଣ୍ଡାଳିଆ, ସାରସ, ପାତିହଂସ, ଜଡ଼ାହଂସ ସମସ୍ତଙ୍କ ମଧ୍ୟରେ ଭାଳେଣି, ମାଫିଆଙ୍କ ହାତରୁ ଏଥର ନିସ୍ତାର ନାହିଁ। କାକଟପୁର, ଅସ୍ତରଙ୍ଗ, ଦେବୀନଦୀ ମୁହାଣ, ଶଙ୍କରାଡିଆ, ସୁନାଡିଆ ଆଦି ଅଞ୍ଚଳରେ ଅତିଥି ପକ୍ଷୀମାନେ ମନ ମାରି ବସିଛନ୍ତି। ତାଙ୍କ ଫେରାଦ ''ଆମେ କ'ଣ ଅତିଥି ନୋହୁଁ? ଚିଲିକା ନଳବଣ ଅଭୟାରଣ୍ୟର ଆୟତନ ମାତ୍ର ୧୫.୫୩ ବର୍ଗ କି.ମି.। ଆମେ ଏତେ ଏତେ ସଂଖ୍ୟକ ବିଦେଶାଗତ ଅତିଥି ସେତିକି ଜାଗାରେ କେମିତି ବା ରହନ୍ତୁ? ପାଖାପାଖି ଅନ୍ୟ ପାଣି ଆଶ୍ରା ଜାଗା ଦେଖି ଆମେ ବସିଗଲୁ ବୋଲି 'ସାଇବେରିଆନ୍ କ୍ରେନ୍' ନ କହି ଆମକୁ ଦେଶୀ ନାଁରେ ଡକାଗଲାଣି। ଆମ ପାଇଁ ସିକ୍ୟୁରିଟି ବ୍ୟବସ୍ଥା ନାହିଁ। କିଏ ଅଠାକାଠିରେ, କିଏ ବିଷ ଦେଇ ତ କିଏ ଗୁଳି ଫୁଟାଇ ଶିକାର କରୁଛି। ଗାଁ ଗହଳିରେ ଦିନ ଦ୍ୱିପ୍ରହରରେ ବି ବିକ୍ରି ଚାଲିଛି ପକ୍ଷୀଙ୍କ ମାଂସ; ମାତ୍ର ୩୦୦ରୁ ୪୦୦ ଟଙ୍କା କିଲୋରେ। ସମସ୍ତେ ସ୍ୱଳ୍ପ ମୂଲ୍ୟ ବିନିମୟରେ ବିଦେଶୀ ଅତିଥିଙ୍କ ମାଂସର ସ୍ୱାଦ ଚାଖିପାରୁଛନ୍ତି। ବନ ବିଭାଗ କର୍ମଚାରୀ ମଝିରେ ମଝିରେ ଚଢ଼ାଉ କରୁଛନ୍ତି। ତାଙ୍କୁ ମଧ୍ୟ କିଛି ବିରଳ ପକ୍ଷୀର ମାଂସ ଭେଟି ଦେଲେ କାର୍ଯ୍ୟାନୁଷ୍ଠାନ ହୁଗୁଳା ହୋଇଯାଉଛି। ପରିବେଶବିତ୍‌ମାନେ କିନ୍ତୁ ନଛୋଡ଼ବନ୍ଧା। ବାରମ୍ବାର ସ୍ୱର ଉତ୍ତୋଳନ କରିଚାଲିଛନ୍ତି- 'ରକ୍ଷକ ସାଜିଛି ଭକ୍ଷକ'। ଏଇ ପରିବେଶବିତ୍‌ମାନେ ହିଁ ଆମର ଭରସା।''

ନଭେମ୍ବର ମାସରୁ ସମସ୍ତଙ୍କ ନଜର ଚିଲିକା ଉପରେ। ଏବେ ଜାନୁଆରୀ ୨୦୨୬ରେ ପକ୍ଷୀଗଣନା ସରିଲା। ୨୦ ଜାନୁଆରୀ ସୁଦ୍ଧା ୧୯୬ ପ୍ରଜାତିର ୧୧ ଲକ୍ଷ, ୩୨ ହଜାର, ୨୦୦ ବିଦେଶୀ ଅତିଥି ପକ୍ଷୀ ଆସିଥିଲେ ବୋଲି ବନ ବିଭାଗ ଘୋଷଣା କରିଛି। ଗତବର୍ଷ ମାତ୍ର ୧୦୬ ପ୍ରଜାତିର ପକ୍ଷୀ ବିଦେଶରୁ ଓଡ଼ିଶା ଆସିଥିଲେ ଓ ସେମାନଙ୍କର ସଂଖ୍ୟା ଥିଲା ମାତ୍ର ୧୧ ଲକ୍ଷ, ୧୦ ହଜାର ୨୫୭। ତେଣୁ ଏବର୍ଷ ପ୍ରାୟ ୪,୯୭୨ ଅଧିକ ପକ୍ଷୀ ଆସିଛନ୍ତି। କେବଳ ନଳବଣରେ ଠୁଳ ହୋଇଛନ୍ତି ୫୪,୩୬୧ ପକ୍ଷୀ। ଏ ପରିସଂଖ୍ୟାନକୁ ସାର୍ବଜନୀନ କରିବା ପାଇଁ ବନ ବିଭାଗ ପାଞ୍ଚଟି ରେଞ୍ଜରେ ୨୨ଟି ଟିମ୍‌କୁ ନିୟୋଜିତ କରିଥିଲେ। ଯାହା ଚାକ୍ଷୁଷ ଗଣତିରୁ ଜଣାପଡ଼ିଛି, ପ୍ଲେନ୍ ମାର୍ଟିନ୍ ଓ ବେଙ୍ଗଲ୍ ବୁଶ୍ ଲାର୍କ ନାମକ ଦୁଇଟି ପ୍ରଜାତିର ନୂଆ ପକ୍ଷୀ ଏ ବର୍ଷ ଚିଲିକାକୁ ଆସିଛନ୍ତି। ତେଣୁ ସରକାରଙ୍କ ତରଫରୁ ସବୁ ତତ୍ପରତା ସେଇଠି। ଗୋଟିଏ ସେକ୍ସନ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ କରାଯାଇଛି। ଚିଲିକା କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରାୟ ୨୦ଟି ସୁରକ୍ଷା କ୍ୟାମ୍ପ ଗଠନ କରାଯାଇଛି। ପୂର୍ବତନ ଜଣାଶୁଣା ପକ୍ଷୀ ଶିକାରୀଙ୍କୁ ନେଇ ଏହି ପକ୍ଷୀ ସୁରକ୍ଷା କମିଟି ଗଠିତ।



ସ୍ଥାନୀୟ ଗ୍ରାମବାସୀଙ୍କୁ ମଧ୍ୟ ସାମିଲ କରାଯାଇଛି। ପ୍ରତିଦିନ ପ୍ରାୟ ୫/୬ ଢାବା ଉପରେ ଅତର୍କିତ ଚଢ଼ାଉ କରାଯାଉଛି। ଡି.ଏଫ୍.ଓ. ସାହେବଙ୍କ ଭାଷାରେ 'ବିଲେଇକୁ ମାଛଭଜା ଜଗେଇବାରୁ ସୁଫଳ ମିଳିଲା'। ଚିଲିକାରେ ପକ୍ଷୀ ଶିକାର ଏବେ କମୁଛି। ଚିଲିକା ଅଞ୍ଚଳରେ ପ୍ରାୟ ୧୫୦ ପୂର୍ବତନ ଶିକାରୀ ଏବେ ପକ୍ଷୀଙ୍କର ସୁରକ୍ଷା ଦାୟିତ୍ୱ ନେଉଛନ୍ତି। ବିଶେଷକରି ପୂର୍ବତନ ପେସାଦାର ପକ୍ଷୀ ଶିକାରୀମାନେ ଲୋକଙ୍କୁ ପକ୍ଷୀ ଶିକାରର ଅପକାରିତା ସମ୍ପର୍କରେ ବୁଝାଉଥିବାରୁ ଜନସଚେତନତା ଯଥେଷ୍ଟ ବୃଦ୍ଧି ପାଇଛି। ପକ୍ଷୀଙ୍କୁ ଦେଖିବା ପାଇଁ ମଙ୍ଗଳାଯୋଡ଼ି ଓ ନଳବଣରେ ପର୍ଯ୍ୟଟକମାନଙ୍କ ଭିଡ଼ । ତେବେ ପକ୍ଷୀମାନଙ୍କର ସ୍ୱାଭାବିକ ଜୀବନ ଯେପରି ବିପର୍ଯ୍ୟସ୍ତ ନ ହୁଏ, ସେଥିପାଇଁ ନଳବଣ ମଧ୍ୟକୁ ବିଶେଷ ଅନୁମତି ବିନା କୌଣସି ବୋଟ୍‌କୁ ଯିବାକୁ ପ୍ରଶାସନ ତରଫରୁ ବାରଣ କରାଯାଇଛି। ପର୍ଯ୍ୟଟକମାନେ ଯେପରି ନଳବଣର ସୀମା ବାହାରୁ ପକ୍ଷୀଙ୍କୁ ଠିକ୍‌ଭାବେ ଦେଖିପାରିବେ, ସେଥିପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଛି।

ଆପଣ କେବେ ମୋଟରବୋଟ୍‌ରେ ୧୫୦୦ ଟଙ୍କା ଭଡ଼ା ଦେଇ ନଳବଣକୁ ପକ୍ଷୀ ଦେଖିବାର ସଉକ ମେଣ୍ଟାଇବା ପାଇଁ ଯାଇଛନ୍ତି କି? ଆପଣଙ୍କ ଆଖି କୌଣସି ଜୀବିତ ପ୍ରାଣୀକୁ ପକ୍ଷୀ ବୋଲି ଠଉରେଇ ପାରିବାର ଦୂରତ୍ୱରୁ ହିଁ ପକ୍ଷୀ ସୁରକ୍ଷା ପୋଲିସ୍ ଆପଣଙ୍କୁ ରୋକିଦେବେ। ଯଦି ଆପଣ ବିଦେଶୀ ଅତିଥି ପକ୍ଷୀ ଦେଖିବାର ଆଶା ମନରେ ପୋଷଣ କରିଛନ୍ତି, ତେବେ ଚିଲିକା ନ ଯାଇ ପ୍ରୟାଗରାଜ (ଆହ୍ଲାବାଦ) କି ବାରାଣସୀ ଯାଆନ୍ତୁ। ତୀର୍ଥକୁ ତୀର୍ଥ ହେବ। ତ୍ରିବେଣୀସଙ୍ଗମ ଦେଖିବାକୁ ସଡ଼କ ପଥରେ ନଯାଇ ନଦୀପଥରେ ଡଙ୍ଗାଘାଟରୁ ଯାଆନ୍ତୁ। ନଦୀପଥରେ କିଶୋରମାନେ ୧୦ ଟଙ୍କାର ସେଉ/ଗାଣ୍ଠିଆ ପ୍ୟାକେଟ ଡଙ୍ଗାରେ ବିକ୍ରି କରୁଥିବାର ଭେଟିବେ। ତାଙ୍କଠାରୁ ପ୍ୟାକେଟଟିଏ କିଣି ଆ...ଆ... ବୋଲି ଡାକନ୍ତୁ। ବିଦେଶାଗତ ପକ୍ଷୀ ଆପଣଙ୍କ ହାତରୁ ତାହା ଛଡେଇ ନେଇ ଖାଇବେ। ଘଣ୍ଟା ଘଣ୍ଟା ଧରି ଏ ଦୃଶ୍ୟ ଅବିରତ ଚାଲିବ। ଆପଣ ଯଥେଷ୍ଟ ଆମୋଦିତ ହେବେ।

ଖାଲି ଚିଲିକା କାହିଁକି, ପ୍ରୟାଗରାଜ, ବାରାଣସୀ ଭଳି ଅନେକ ଜାଗାକୁ ସାଇବେରିଆ ଆଦି ଅଞ୍ଚଳର ପକ୍ଷୀମାନେ ଶୀତଦିନେ ଆସନ୍ତି। ପ୍ରୟାଗରାଜର ସଂସ୍କୃତି ନୁହେଁ ଆମିଷ ଭକ୍ଷଣ। ଫଳତଃ ପକ୍ଷୀମାନେ ଆପଣଙ୍କ ହାତରୁ ଗାଣ୍ଠିଆ ଖାଇବେ ଓ ବିନିମୟରେ ଆମୋଦ ବିତରଣ କରିବେ। କିନ୍ତୁ ଆମ ଓଡ଼ିଶା ତ ଆମିଷ ବାବଦରେ ନିଆରା। ଏଠି ପକ୍ଷୀକୁଳ ଓଡ଼ିଆଙ୍କ ବ୍ୟବହାରରେ ନିଜକୁ ନିରାପଦ ମଣନ୍ତି ନାହିଁ। ତେଣୁ ପର୍ଯ୍ୟଟକ ଦେଖିଲେ ଦୂରକୁ ଦୂରକୁ ପଳାନ୍ତି। ତଥାପି ପ୍ରଶ୍ନ ଆସେ ଯେ ପ୍ରତ୍ୟେକ ବର୍ଷ ଅତିଥି ପକ୍ଷୀଙ୍କ ସଂଖ୍ୟା ଓଡ଼ିଶାରେ ଏତେ ବଢ଼ୁଛି କାହିଁକି? ବୋଧେ ବିଦେଶୀ ପକ୍ଷୀଙ୍କର ଓଡ଼ିଶା ପ୍ରତି ବିଶ୍ୱାସ ଅଛି ଯେ, ଓଡ଼ିଶାକୁ ଗଲେ ସଫଳ ପ୍ରଜନନ କରି ଭବିଷ୍ୟତ ଗଢ଼ି ହେବ, କିନ୍ତୁ ଓଡ଼ିଆଙ୍କୁ ଭରସା ନାହିଁ। କିଏ କହିପାରେ, କେତେବେଳେ କୋଉ କଥା। ଜୀବନ ବଞ୍ଚାଇ ନିରାପଦ ଦୂରତ୍ୱରେ ରହିଲେ ସାଇବେରିଆ ଫେରିବା କଥା ଚିନ୍ତା କରିହେବ।

ମୋ: ୯୪୩୭୦୪୫୫୪୭

## ଏଇ ଭାରତରେ

ଉତ୍ତରପ୍ରଦେଶର ଧୀରଜ ବର୍ମା ବିନା ମାଟି ଅର୍ଥାତ୍ କେବଳ ପାଣି (ହାଇଡ୍ରୋପୋନିକ୍ସ ପଦ୍ଧତି)ରେ ଚାଷକରି ପ୍ରଥମ ପର୍ଯ୍ୟାୟରେ ୫ ଟନ୍ ଷ୍ଟ୍ରବେରି ଉତ୍ପାଦନ କରିବାକୁ ସକ୍ଷମ ହୋଇଛନ୍ତି। ଟିଭି ଶୋ' ଦେଖି ସେ ଷ୍ଟ୍ରବେରି ଚାଷ ଆରମ୍ଭ କରିଥିଲେ। ଧୀରଜ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ସେ ଷ୍ଟ୍ରବେରି ଚାଷ କରିବା ପୂର୍ବରୁ ୧୩ ବର୍ଷ ଧରି ୧୦ ଏକର ଜମିରେ ଶସ୍ୟ ଓ ପନିପରିବା ଚାଷ କରୁଥିଲେ। କିନ୍ତୁ ତାହା ଲାଭଜନକ ନ ହେବାରୁ ଟିଭିରେ ଇସ୍ରାଏଲର ଷ୍ଟ୍ରବେରି ଚାଷ ପଦ୍ଧତିକୁ ଦେଖି ତାହା କରିବାକୁ ନିଷ୍ପତ୍ତି ନେଇଥିଲେ। ମଧ୍ୟପ୍ରଦେଶରୁ ଏହି ଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇ ତାଙ୍କ ଗାଁ ବାରାବାଙ୍କିର ମୀନାପୁରରେ ୩,୫୦୦ ବର୍ଗଫୁଟରେ ହାଇଡ୍ରୋପୋନିକ୍ସ ଚାଷ ପାଇଁ ଆବଶ୍ୟକ ଉପକରଣ ଲଗାଇଛନ୍ତି। ହାଇଡ୍ରୋପୋନିକ୍ସ ପଦ୍ଧତି ସମ୍ପୂର୍ଣ୍ଣ କରିବା ପାଇଁ ସେ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି ଏବଂ ଏଥିପାଇଁ ଦେଢ଼ବର୍ଷ ସମୟ ଲାଗିଥିଲା। ସେ ୯,୦୦୦ ଷ୍ଟ୍ରବେରି ଚାରାଗଛ ଲଗାଇଛନ୍ତି। ଏଥିରୁ ପ୍ରଥମେ ୫ ଟନ୍ ଷ୍ଟ୍ରବେରି ଉତ୍ପାଦନକରି ୩ ଲକ୍ଷ ଟଙ୍କା ଲାଭ ପାଇଛନ୍ତି ଏବଂ ଆସନ୍ତା ବର୍ଷ ୧୦ ଲକ୍ଷ ଟଙ୍କା ଲାଭ କରିବେ ବୋଲି କହନ୍ତି ଧୀରଜ। ସେ ମଧ୍ୟ ହାଇଡ୍ରୋପୋନିକ୍ସ ପଦ୍ଧତିରେ ଲାଲ ଓ ହଳଦିଆ କ୍ୟାପ୍ସିକମ୍ ଚାଷ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୮ ଫେବୃଆରୀ ୧୯୭୭

- କଂଗ୍ରେସ ଦଳର ପ୍ରାର୍ଥୀତ୍ୱକୁ ପୂର୍ବତନ ରାଷ୍ଟ୍ରପତି ଶ୍ରୀ ଭିଭି ଗିରିଙ୍କ ପୁତ୍ର ଶ୍ରୀ ଶଙ୍କର ଗିରିଙ୍କ ପ୍ରତ୍ୟାଖ୍ୟାନ।
- ରାଜ୍ୟର ନବନିଯୁକ୍ତ ରାଜ୍ୟପାଳ ଶ୍ରୀ ହରଚରଣ ସିଂହ ବ୍ରାର୍ ଏକ ମନୋରମ ପରିବେଶ ମଧ୍ୟରେ ଶପଥ ଗ୍ରହଣ କରିଛନ୍ତି।
- ଭୁବନେଶ୍ୱରସ୍ଥିତ ଗୁରୁଦ୍ୱାର ନିକଟରେ ଡାକତାର ବିଭାଗ ପକ୍ଷରୁ ଏକ ନୂତନ ପୋଷ୍ଟାଲ ଡିଭିଜନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ।

## sudoku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | 8 | 5 | | | | | | 1 |
| | | | | | | | | |
| 6 | | 2 | 8 | | | | | |
| | 6 | 4 | 9 | | 8 | 5 | 2 | |
| 9 | | | | 5 | | 1 | 3 | |
| | | 1 | | 6 | 3 | 4 | 9 | 8 |
| 5 | 4 | | | 9 | | 8 | 7 | 2 |
| | 2 | | | | 4 | 9 | | |
| | 3 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 2 | 4 | 5 | 8 | 9 | 3 | 6 |
| 4 | 9 | 3 | 7 | 6 | 1 | 8 | 5 | 2 |
| 5 | 6 | 8 | 9 | 2 | 3 | 4 | 1 | 7 |
| 9 | 2 | 7 | 8 | 1 | 6 | 3 | 4 | 5 |
| 6 | 8 | 5 | 2 | 3 | 4 | 1 | 7 | 9 |
| 3 | 1 | 4 | 5 | 9 | 7 | 2 | 6 | 8 |
| 7 | 5 | 9 | 3 | 4 | 2 | 6 | 8 | 1 |
| 2 | 3 | 1 | 6 | 8 | 5 | 7 | 9 | 4 |
| 8 | 4 | 6 | 1 | 7 | 9 | 5 | 2 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆମ ବସ୍ ପରିଚାଳନାର ପୁନଃ ବିଚାର ହେଉ

ମହାଶୟ,
ନିକଟ ଅତୀତରେ ପ୍ରକାଶିତ ସ୍କ୍ରିନିଂ ଟେଷ୍ଟ ପାସ୍ କରିବା ପରେ ଆମ ବସ୍‌ଗୁଡ଼ିକୁ ରାଜଧାନୀ ତଥା ତତ୍ ସଂଲଗ୍ନ ସ୍ଥାନଗୁଡ଼ିକରେ ଡ୍ରାଇଭରମାନେ ନିର୍ଦ୍ଦ୍ୱନ୍ଦ୍ୱରେ ଚଳାଇ ପାରିବେ। କେବଳ ଭଲ ବ୍ୟବହାର ପ୍ରଦର୍ଶନ କରୁଥିବା, ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ମିଳିପାରିବ ପ୍ରୋତ୍ସାହନ ରାଶି ସାଙ୍ଗକୁ ଉତ୍ତମ ଦରମା। ରଙ୍ଗ ବଦଳା ଯାଇ ମୋ ବସ୍‌କୁ ଆମ ବସ୍ ସେବାକୁ ରୂପାନ୍ତରିତ କରାଯିବା ବର୍ତ୍ତମାନ ସରକାରଙ୍କର ନ୍ୟାୟୋଚିତ ପଦକ୍ଷେପ ନୁହେଁ। ତେବେ ବର୍ତ୍ତମାନ ଆମ ବସ୍‌ର ପରିଚାଳନାଗତ ତ୍ରୁଟି କ୍ରମାଗତ ଭାବେ ଘଟି ଚାଲିଛି। ଏସବୁ ଦୋଷ ଦୁର୍ବଳତାକୁ ଏଡ଼ାଯାଇପାରିବ ନାହିଁ। କାରଣ ଏହି କ୍ଷେତ୍ରରେ ପ୍ରଶାସନିକ ଅବହେଳା ରହିଛି। ସରକାର ଦୁର୍ଘଟଣାରେ ପୀଡ଼ିତାପୀଡ଼ିତଙ୍କ ହିତ ଦୃଷ୍ଟିରୁ ଉପଯୁକ୍ତ କ୍ଷତି ପୂରଣ ପାଇଁ ପଦକ୍ଷେପ ନେବା ଉଚିତ। ଦ୍ୱିତୀୟତଃ ଉପଯୁକ୍ତ ଏବଂ ଦକ୍ଷ ବସ୍ ଚାଳକଙ୍କୁ ଚୟନ କରିବାର ଆବଶ୍ୟକତା ରହିଛି। ଏମ୍‌ଭିଆଇମାନଙ୍କର ଦାୟିତ୍ୱ ମଧ୍ୟ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ। ତତ୍ ସହିତ ବସ୍‌ଚାଳକ ରୂପେ ଚୟନ ହୋଇଥିବା ସମସ୍ତଙ୍କୁ ଦକ୍ଷତା ହିସାବରେ ନିୟୋଜିତ କରାଯାଇ କାର୍ଯ୍ୟ କରାଯିବାର ଆବଶ୍ୟକତା ପରିଲକ୍ଷିତ ହୁଏ। ତେଣୁ ଆମ ବସ୍ ଦୁର୍ଘଟଣାର ହାରକୁ କମ୍ କରାଯିବା ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯାଉ।

**- ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, କଟକରୋଡ୍, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚରଣ ନ ଇଚ୍ଛେ ଚାଲିବା ଆଶେ
ମୁକତ ପଥେ
କରମ-କଠିନ ହେବାକୁ ହାତ
ନ ଚାହେଁ ସତେ?
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବିଧାୟିକାଙ୍କ ଦ୍ୱାରା କମ୍ବଳ ବଣ୍ଟନ

କାଳିପଦା,୭।୨(ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧିନ ପଞ୍ଚାୟତରେ ଥିବା ଗରିବ, ଅସହାୟ, ଭିନ୍ନକ୍ଷମଲୋକଙ୍କୁ ଶୀତ ଦାଉରୁ ଆଶ୍ୱସ୍ତି ଦେବା ପାଇଁ ଶନିବାର ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ଦ୍ୱାରା ଡାଲୁଆ ଗ୍ରାମରେ ତପନ ଜେନାଙ୍କ ବାସଭବନରେ କମ୍ବଳ ବଣ୍ଟନ ହୋଇଯାଇଛି। ସରପଞ୍ଚ ତୃପ୍ତି ଲେଖା ଜେନାଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତରେ ଥିବା ୧୬ଟି ୱାର୍ଡରୁ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ କମ୍ବଳ ବଣ୍ଟାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ଗୋପୀ, ପୂର୍ବତନ ସରପଞ୍ଚ ଶରତ ପ୍ରଧାନ, ଶାନ୍ତନୁ ଭଦ୍ର, ପୂର୍ବତନ ସଦସ୍ୟା ବନିଶିକା ଭଦ୍ର, ସାମାଜିକ କର୍ମୀ ହରେକୃଷ୍ଣ ଜେନା, ଅଜୟ ସାମଲ, ପ୍ରଫୁଲ୍ଲ ପାତ୍ର, ମାନସ ରଞ୍ଜନ ଦାଶ, କିଶୋର ପାତ୍ର, ପ୍ରଶାନ୍ତ ପାତ୍ର, ଧନଞ୍ଜୟ ଦାସ ଓ ରାଜୀବ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ସରିଲା ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ସମାରୋହ 'ଉତ୍କର୍ଷ'

ବାଲେଶ୍ୱର,୭।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରସ୍ଥିତ ହରିପ୍ରିୟାଠାରେ ୨ଦିନ ବ୍ୟାପୀ ଆୟୋଜିତ ଯୁବ ମହୋତ୍ସବ ଏବଂ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ସମାରୋହ ଉତ୍କର୍ଷ ୨୦୨୬ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସଙ୍ଗଠନର ସଭାପତି ସିମନ୍ ଦାସ ମହାପାତ୍ର ପୌରୋହିତ୍ୟ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ବସ୍ତା ବିଧାୟିକା ସୁବାସିନୀ ଜେନା, ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ହରି ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକ ସଂଗ୍ରାମ ଦାସ, କମିଟିର ମୁଖ୍ୟ ଉପଦେଷ୍ଟା କବି ପ୍ରଶାନ୍ତ ଦାସ, କବି ଶ୍ରୀଦେବ ପ୍ରମୁଖ ଯୋଗଦେଇ ଏହି ଉତ୍ସବ ଯୁବମାନଙ୍କ ପାଇଁ ପ୍ରତିଭା ବିକାଶର ଏକ ପ୍ଲାଟଫର୍ମ ବୋଲି କହିଥିଲେ। ଏହି ଅବସରରେ ପୂର୍ବାଞ୍ଚଳ ଓଡ଼ିଆ ଡିନାକ ମିଶ୍ରଙ୍କୁ ଉତ୍କର୍ଷ ଶ୍ରେଷ୍ଠ ପ୍ରଶାସକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ରାଜେଶ ମହାନ୍ତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ହ୍ରିତିକ୍ ନାୟକ ମଞ୍ଚ ଆହ୍ୱାନ ଓ ବିଶାଳ ଦେବ ମାଝି ଧନ୍ୟବାଦ ଦେଇଥିଲେ। ଦିବ୍ୟଜ୍ୟୋତି ମହାନ୍ତି, ସୁଶୀଲ ପଣ୍ଡା, ସତ୍ୟମ ମିଶ୍ର, ଅନୁପମ ମିଶ୍ର, ଭବାନୀ ମହାନ୍ତି, ସିମନ ସାମଲ, କିରଣ ନାଥଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କଣ୍ଠଶିଳ୍ପୀ ମାନସ ପ୍ରିତମ୍ ସଙ୍ଗୀତ ପରିବେଷଣ କରିଥିଲେ।




ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

# ପରିବାରକୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

## ମର୍ଚ୍ଚାଣ୍ଟ ନ୍ୟାଭି କ୍ୟାଡେଟ୍ ସାର୍ଥକ ନିଖୋଜ ଘଟଣା



ବିଜେଡି ପ୍ରତିନିଧି ଦଳ ସାର୍ଥକଙ୍କ ପରିବାର ସହ ଆଲୋଚନା କରୁଛନ୍ତି।

ଭଦ୍ରକ,୭।୨(ସନାତନ ରାଉତ)

ଓଡ଼ିଶାର ମର୍ଚ୍ଚାଣ୍ଟ ନ୍ୟାଭି କ୍ୟାଡେଟ୍ ଭଦ୍ରକ ବ୍ଲକ କେଶପୁରର ସାର୍ଥକ ମହାପାତ୍ର ଗତ ୩ ତାରିଖରୁ ନିଖୋଜ ଅଛନ୍ତି। ଶନିବାର ବିଜେଡି ଜିଲା ସଭାପତି ବ୍ୟୋମକେଶ ରାୟ ଓ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସାର୍ଥକଙ୍କ ପରିବାର ପାଖରେ ପହଞ୍ଚି ସାନ୍ତ୍ୱନା ଦେଇଛନ୍ତି। ଏ ସମ୍ପର୍କରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରି ରାଜ୍ୟପାଳଙ୍କ ମାଧ୍ୟମରେ ସାର୍ଥକ ଚାକିରି କରିଥିବା କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଘଟଣା ସମ୍ପର୍କରେ ଯୋଗାଯୋଗ କରିବାକୁ ସେମାନେ ଆଲୋଚନା କରିଛନ୍ତି। ସାର୍ଥକଙ୍କୁ ଖୋଜିବା ପାଇଁ ରାଜ୍ୟ ସରକାର ଓ ପ୍ରଶାସନ ତରଫରୁ ହୋଇଥିବା ବେଳେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମଧ୍ୟ ଏହି ଘଟଣାକୁ ନେଇ 'X' ପୋଷ୍ଟ କରିଥିଲେ। ଶିପ୍ କମ୍ପାନୀର ଜିଡି ଏବଂ ବହିର୍ବ୍ୟାପାର ମନ୍ତ୍ରୀଙ୍କ ମଧ୍ୟ ଏନେଇ ନବୀନ ବାବୁ ଚିଠି ଲେଖିଥିଲେ ବୋଲି ବିଜେଡି ଜିଲା ସଭାପତି ରାୟ କହିଛନ୍ତି। ସାର୍ଥକଙ୍କୁ ଶୀଘ୍ର ଖୋଜି ବାହାର କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ତୁରନ୍ତ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି। ପ୍ରକାଶଥାଉ କି, ସାର୍ଥକ ଜାହାଜରେ ମରିସସ୍‌ରୁ ଚାଇନା ଫେରୁଥିବା ବେଳେ ନିଖୋଜ ହୋଇଯାଇଛନ୍ତି।

# ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବାରିପଦା,୭।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହରର ଉପକଣ୍ଠରେ ଅବସ୍ଥିତ ଉତ୍ତର ଓଡିଶାର ଅଗ୍ରଣୀ ବୈଷୟିକ ଶିକ୍ଷା ଅନୁଷ୍ଠାନ ଓରିଏଣ୍ଟାଲ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନରେ ଭୁବନେଶ୍ୱରସ୍ଥିତ ସମ୍ ଅଲଟିମେଟ ମେଡିକେୟାର ଓ ଓରିଏଣ୍ଟାଲ ଗ୍ରୁପର ମିଳିତ ଉଦ୍ୟମରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରିଷ୍ଠ ଅସ୍ଥିଶଲ୍ୟ ଚିକିତ୍ସକ ଡାକ୍ତର ଭୁବନେଶ୍ୱର ମାଝୀ ଓ ବରିଷ୍ଠ ଭେଷଜ ଚିକିତ୍ସକ ଡାକ୍ତର ପ୍ରମୋଦ କୁମାର ଗୁରୁ ଉପସ୍ଥିତ ରହି ଓରିଏଣ୍ଟାଲ ଗ୍ରୁପର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ତାଙ୍କ ପରିବାର ସଦସ୍ୟମାନଙ୍କର ରକ୍ତ ପରୀକ୍ଷା ଇସିଜି, ବୋନ ଡେନସିଟି ଟେଷ୍ଟ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ସହ ଉଚିତ ପରାମର୍ଶ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ୨୪୩ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

# ସ୍କୁଲ ପରିସରରେ କଟୁରି ଧରି ଆତଙ୍କ ଖେଳାଇଲେ ଯୁବକ

ପାଟଣା,୭।୨(ବୀର କିଶୋର ଦାଶ)

## ଭିଡିଓ ଭାଇରାଲ, ଛାତ୍ରୀଛାତ୍ର ଭୟଭୀତ

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ କୁଣ୍ଡୁଳା ପଞ୍ଚାୟତ ଜୟପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଜଣେ ଯୁବକ କଟୁରି ଧରି ଆତଙ୍କ ଖେଳାଇଛନ୍ତି। ଘଟଣାର ଭିଡିଓ ଭାଇରାଲ ହେଉଥିବା ବେଳେ ଛାତ୍ରୀଛାତ୍ର ଭୟଭିତ ଅବସ୍ଥାରେ ଅଛନ୍ତି। ଯୁବକ ପ୍ରଧାନ ଶିକ୍ଷୟିତ୍ରୀ ପୂର୍ଣ୍ଣମୀ ନାଏକଙ୍କ ସ୍ୱାମୀ ବିଜୁ ନାଏକ ବୋଲି ଜଣାପଡ଼ିଥିବା ବେଳେ ଘଟଣା ପରେ ସ୍କୁଲ ପରିସରରେ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟୀ ହୋଇଛି। ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାଳୟ ଷ୍ଟୋରରୁମ୍‌ରେ ପ୍ରଧାନ ଶିକ୍ଷୟିତ୍ରୀ ଓ ତାଙ୍କ ସ୍ୱାମୀ ରହୁଛନ୍ତି। ଶୁକ୍ରବାର ହଠାତ ପ୍ରଧାନ ଶିକ୍ଷୟିତ୍ରଙ୍କ ସ୍ୱାମୀ ବିଦ୍ୟାଳୟ ପରିସରରେ ଶିକ୍ଷାଦାନ ଚାଲିଥିବା ସମୟରେ ଦାମ୍ପତ୍ୟ କଳହକୁ ନେଇ କଟୁରି ଧରି ଗାଳିଗୁଲଜ କରିଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ବୁଝାଶୁଝା କରିବାକୁ ଯାଇଥିବା ବେଳେ ସେମାନଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ। ଏହାର ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି। ତେବେ କାହା ଅନୁମତିରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ରହିଛନ୍ତି। ଏବଂ ସ୍କୁଲ ଚାଲୁଥିବା ସମୟରେ ଶୈକ୍ଷିକ ବାତାବରଣରେ ବ୍ୟାଘାତ ସୃଷ୍ଟି କରିବା, କୋମଳମତି ଛାତ୍ରୀଛାତ୍ରଙ୍କ ମନରେ ଭିତି ସଂଚାର କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ କହିଛନ୍ତି, ଏ ସମ୍ପର୍କରେ ସେ ଜାଣି ନ ଥିଲେ। ଭିଡ଼ିଓ ଦେଖିବା ପରେ ଅବଗତ ହୋଇଛନ୍ତି। ସୋମବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବିଦ୍ୟାଳୟ ବାର୍ଷିକ ଉତ୍ସବ



ଅତିଥିଙ୍କ ସହ ପୁରସ୍କୃତ ପ୍ରତିଯୋଗୀମାନେ।

ବାସୁଦେବପୁର,୭।୨(କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ନୟାପଲ୍ଲୀ ବିରସଠାରେ ଶିଶୁମନ୍ଦିରର ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବିକାଶ ପରିଷଦର ସଂଯୋଜକ ସୁଦର୍ଶନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ତହସିଲଦାର ପ୍ରିୟବ୍ରତ ଦାସ, ଅନ୍ୟତମ ଅତିଥି ଭାବେ ବିରସ ସରପଞ୍ଚ ରୁଚିସ୍ମିତା ବାରିକ, ସିଆର୍‌ସିସି ଅଶୋକ କୁମାର ନାୟକ, ପ୍ରଧାନଆଚାର୍ଯ୍ୟ ବଳରାମ ନାୟକ, ସମ୍ପାଦକ ଜଗବନ୍ଧୁ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ପିଏମ୍‌ଶ୍ରୀ ବିଦ୍ୟାଳୟ ବାର୍ଷିକ ଉତ୍ସବ

ବେତନଟୀ,୭।୨(ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ପିଏମଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ମୁଖ୍ୟ ବ୍ୟକ୍ତାଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପ୍ଳବ କର, ସମ୍ମାନିତ ଅତିଥିଭାବରେ ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ହେମ୍ବ୍ରମ, ପଞ୍ଚାୟତ ସମିତି ସଭ୍ୟ ରଣଜିତ ସିଂ, ଯୁବନେତା ଜୀବନ ପରିଡ଼ା, ଏସ୍‌ଏମ୍‌ସି ଉପସଭାପତି ଚୁନି ପ୍ରଧାନ, ଆଲୁମିନି ସଭାପତି ଜୟନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ। ଶିକ୍ଷକ ସୁବୋଧ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସ୍କୃତ ଶିକ୍ଷକ ରାଜକମଲ ସାତୁଆ ବେଦମନ୍ତ୍ର ପାଠ କରିଥିଲେ। ଶିକ୍ଷକ ନିରୋଜ କୁମାର ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପରୀକ୍ଷା, କ୍ରୀଡ଼ା ଓ ସହ-ପାଠ୍ୟକ୍ରମୀୟ କାର୍ଯ୍ୟକଳାପରେ ସଫଳ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଆରତୀ ଟୁଡୁଙ୍କ ଝୁମର ସଙ୍ଗୀତ ସମସ୍ତଙ୍କ ମନମୋହିଥିଲା। ଆୟୋଜିତ ବାର୍ଷିକ ଉତ୍ସବରେ ଏସ୍‌ଏମ୍‌ସି କମିଟିର ସମସ୍ତ ସଦସ୍ୟ, ଶିକ୍ଷୟିତ୍ରୀ ଇତିଶୀ ମନ୍ତ୍ରୀ, ଶିକ୍ଷକ ନିରୋଜ ମହାନ୍ତ, ପ୍ରକାଶ ଗିରି, ହେମନ୍ତ ଦାସ, ଅମରଜ୍ୟୋତି ସ୍ୱାଇଁ, ରାଜକମଲ ସାତୁଆ, ଅଜୟ ବାରିକ, ସୌରଭ ନନ୍ଦ, ସୁନିଲ ସାହୁ, ଶିକ୍ଷୟିତ୍ରୀ ମନସ୍ୱିନୀ ପଟ୍ଟନାୟକ, କାପୁରା ସୋରେନ, ଯାଜ୍ଞସେନୀ ବେହେରା, ମୌସୁମୀ ମଣ୍ଡଳ, ଗାୟତ୍ରୀ ରାଉତ ଓ ଖଗେନଚନ୍ଦ୍ର ମହାନ୍ତ, ଅଞ୍ଜଳିମହାନ୍ତି, ହୃଷୀକେଶ ମହାପାତ୍ର, ହିତେଶ ଗନ୍ତାୟତ, ହେମନ୍ତ ମହାନ୍ତ (ହୀରା) ଅଣଶିକ୍ଷା କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

# ଜନଜାତି ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ

ଘସିପୁରା/ଆନନ୍ଦପୁର,୭।୨
(ନିରଞ୍ଜନ ସାହୁ/ ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ସାଇଁକୁଳସ୍ଥିତ ପତିତପାବନ ମହାବିଦ୍ୟାଳୟ ପରିସରରେ ୩ ଦିନ ଧରି ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଜନଜାତି ଏନ୍‌ଏସ୍‌ଏସ୍ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏନ୍‌ଏସ୍‌ଏସ୍ ବା ଜାତୀୟ ସେବା ଯୋଜନାରେ କେବଳ ଜନଜାତୀ ଛାତ୍ରୀଛାତ୍ରଙ୍କୁ ନେଇ ଏହି ଶିବିର ଆୟୋଜିତ ହୋଇଥିଲା। କ୍ୟାମ୍ପରେ କେନ୍ଦୁଝର, ଯାଜପୁର ଏବଂ ମୟୂରଭଞ୍ଜ ଭଳି ଆଦିବାସୀ ଅଧୁସିତ ୧୨ଟି କଲେଜର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ କେଉଁଭଳି ଅଧିକରୁ ଅଧିକ ଶଶକ୍ତିକରଣ ହୋଇପାରିବେ ସେ ନେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ସହିତ ଶାରୀରିକ ଶିକ୍ଷା, ବନ୍ୟା, ବର୍ଷା, ରାସ୍ତା ଦୁର୍ଘଟଣା ତଥା ନିଆଁରେ କ୍ଷତିଗ୍ରସ୍ତ ଲୋକଙ୍କୁ କିପରୀ ଉଦ୍ଧାର କରି ପ୍ରାଥମିକ ସେବା ପ୍ରଦାନ କରାଯାଇ ପାରିବ ସେ ନେଇ ତାଲିମପ୍ରାପ୍ତ ଅଧିକାରୀଙ୍କଠାରୁ ବିଭିନ୍ନ କୌଶଳ ଶିକ୍ଷାଲାଭ କରିଥିଲେ। ଘସିପୁରା ଅଗ୍ନିଶମ ବାହିନୀ ପକ୍ଷରୁ ଦୁର୍ଘଟଣା ତଥା ଆପାତକାଳୀନ ସେବା କୌଷଳ ପ୍ରଦର୍ଶନ କରାଯାଇଥିଲା। ମହାବିଦ୍ୟାଳୟର ଯୁକ୍ତ ଦୁଇ ଅଧ୍ୟକ୍ଷ ଅମୂଲ୍ୟ ବିଶ୍ୱାଳଙ୍କ ସଭାପତିତ୍ୱରେ ପ୍ରଥମ ଦିନରେ ପଦ୍ମଶ୍ରୀ ଦୈତାରୀ ନାଏକ ଯୋଗଦେଇ ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଆନନ୍ଦପୁର ଉପଖଣ୍ଡ ପୋଲିସ ଅଧିକାରୀ କୁମଳ ପଣ୍ଡା, ମୁଖ୍ୟ ବକ୍ତାଭାବେ ଶାନ୍ତି ନିକେତନର ପ୍ରଫେସର ଡଃ ସନତ ରଥ, ଏନ୍‌ଏସ୍‌ଏସ୍ ଜିଲା ସଂଯୋଜକ ସୁନୀଲ ସାହୁ, ସମ୍ମାନିତ ଅତିଥିଭାବେ ଯୁକ୍ତ ତିନି ଅଧ କ୍ଷ ଶରତ ଜେନା, ଓଏସ୍‌ଡି ରାଜେନ୍ଦ୍ର ରାଉତ ଯୋଗଦେଇଥିଲେ। ଇତି ଅବସରରେ ଶିବିରାର୍ଥୀଙ୍କୁ ଅତିଥି ପ୍ରମାଣ ପତ୍ର ସହ ଦଳଗତ ଭାବେ ବିଭିନ୍ନ କଲେଜର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଓଡ଼ିଶା ସରକାର
GOVERNMENT OF ODISHA
ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ରାଉରକେଲା
OFFICE OF THE DIVISIONAL FOREST OFFICER CUM WILDLIFE WARDEN
ROURKELA FOREST DIVISION, ROURKELA, SUNDARGARH, ODISHA
Phone No. 0661-2664637, Fax No. 0661-2664639, email : dfo.rourkela@odisha.gov.in
Order No. 40 / Dtd. 05.02.2026
Local Tender Call Notice For "Installation & Erection of MS Fabricated Traffic Signs Board Warning of Crossing Elephant, Rourkela Forest Division during the year 2025-26"

**No.8001/20/2526** : Sealed tenders are invited under Single Bid system from the intending suppliers/manufacturers for **"Installation & Erection of MS Fabricated Traffic Signs Board Warning of Crossing Elephant, Rourkela Forest Division during the year 2025-26"** under Rourkela Forest Division on terms and conditions mentioned in the standard bidding documents so as to reach in the O/o the DFO, Rourkela on or before 13.02.2026 up to 05:00 P.M through Registered/ Speed Post/ Courier Service and can also be dropped in Tender Box placed in Office of the Divisional Forest Officer, Rourkela Forest Division. The tenders will be opened on dtd. 13.02.2026 at 11:00 AM in the O/o the Divisional Forest Officer, Rourkela. The standard bidding documents and terms and conditions can be downloaded from www.dforourkela.in/ www.odishaforest.in and also can be obtained from Office of the Divisional Forest Officer, Rourkela Division, Panposh from 07.02.2026 to 12.02.2026 during office hours.

Tender inviting authority reserves the right of accepting or rejecting one or more tender offer(s) or cancelling the tender without assigning any reason thereof.

Sd./- (Tender Calling Authority)
OIPR-8001/8044/1/25-26/0020 Divisional Forest Officer, Rourkela Forest Division

OFFICE OF SUPERINTENDING ENGINEER
MINOR IRRIGATION DIVISION, CUTTACK
Letter No. 629 / Dt. 06.02.2026
GOVERNMENT OF ODISHA e-Procurement Notice
Bid Identification No. online SECMID - 33/2025-26
No.32001/27/2526 eemidcuttack@yahoo.co.in

| | | |
|---|---|---|
| 1 | Name of work | **Construction of Check Dams & MIP under MATY and MIPSP scheme in MI Sub-Division Athagarh Banki & Narasinghpur** |
| 2 | Total Number of work | **04 (Four) nos.** |
| 3 | Estimated cost | **Varies from Rs.51.62 to 78.57 lakhs** |
| 4 | Tender paper Cost (Online) | **Rs.10,000/-** |
| 5 | Bid Security (Online) | As per DTCN |
| 6 | Period of Completion | As per DTCN |
| 7 | Availability of Bid Document | From **11.02.2026, 10.00 A.M. to 20.02.2026, 5.00 P.M.** in website (www.tendersorissa.gov.in) |
| 8 | Last date & Time of receipt | **20.02.2026 at 5.00 P.M.** through online Bid |
| 9 | Date of opening of Technical Bid documents | **21.02.2026 at 11.00 A.M.** in the office of the SE, M.I. Division, Cuttack |
| 10 | Date of Opening of Financial Bid Documents | **25.02.2026 at 11.00 A.M.** in the office of the SE, M.I. Division, Cuttack |
| 11 | Date of Lottery, if required | **06.03.2026 at 12.00 Noon** in the office of the SE, M.I. Division, Cuttack |
| 12 | Name and address of the OIT | Superintending Engineer, M.I. Division, Cuttack. P.O. : Nayabazar, Cuttack, Phone : 0671-2443622, PIN CODE : 753004 |

Further details can be seen from the Government of Odisha Web-Site www.tendersorissa.gov.in
**Notes : Corrigendum / Addendum / Modification / Additions if any, can be seen through On-line only.**
Sd./- Superintending Engineer
OIPR-32001/32121/1/25-26/0027 M.I. Division, Cuttack


BEFORE THE STATE CONSUMER DISPUTES REDRESSAL COMMISSION, ORISSA, CUTTACK
(First Appeal No. 435 of 2024)
IN THE MATTER OF:
Branch Manager,
The Sundargarh District Central Co-operative Bank Ltd.,
Hemgir Branch ... Petitioner
Vrs.
Niranjan Pradhan & Others ... Opp. Parties
To
The Manager
Sivam Agrotech, Cuttack
At/P.O./Dist.: Cuttack
DRAFT NOTICE
SUMMONS BY PAPER PUBLICATION IN LOCAL NEWS PAPER FOR SHOW CAUSE AS TO WHY RELIEF PRAYED IN THE F.A. SHOULD NOT BE GRANTED
To know the addressee that, above mentioned appellant has filed the appeal against the respondents before this Hon'ble Commission, Cuttack notice was sent to Respondent No. 2, through Speed Post, it has returned un-served. Hence, this notice is being published as per direction of this Hon'ble Commission interalia informing you to appear in person before this Hon'ble Commission in person or through Advocate on dated 23.2.26 at 10.30 A.M. in the appeal, failing which appropriate order shall be passed ex-party by this Hon'ble Commission.
By the Order of SCDRC,
Odisha, Cuttack
Secretary, SCDRC
Odisha, Cuttack

GOVERNMENT OF ODISHA, DEPARTMENT OF WATER RESOURCES
Office of the Engineer-In-Chief,
Water Resources, Secha Sadan, Bhubaneswar
Email Address : cemech.eicwr.od@gmail.com
No.32001/29/2526 e-Procurement Notice
Bid Identification No. - CEM/MDL-07/2025-26

| | | |
|---|---|---|
| 1. | Name of the Work | Mechanical Gate Works |
| 2. | No. of Works | 01 (One) |
| 3. | Category of executors | SSI Units registered under DIC/NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | CEM / MDL - 07/2025-26 |
| 5. | Estimated Cost | Rs.1,24,97,624.00 |
| 6. | Period of Completion | 06 (Six) calendar months |
| 7. | Date & time of availability of bid documents in the Portal | From dt.11.02.2026 (10.00 A.M.) to dt.23.02.2026 (5.30 P.M.) |
| 8. | Last date / time for receipt of bid in the portal | Dt.23.02.2026 (up to 5.30 P.M.) |
| 9. | Date and Place of opening of Technical Bid | Dt.24.02.2026 (12.00 Noon onwards in the O/o the undersigned) |
| 10. | Date and Place of opening of Financial Bid | To be intimated to the qualified Bidders after evaluation of Technical Bid |
| 11. | Name of the Officer inviting bid | Chief Engineer, Mechanical, O/o the E.I.C, Water Resources, Odisha, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd./- Chief Engineer, Mechanical
O/o - Engineer-In-Chief, Secha Sadan, Bhubaneswar
OIPR-32001/32520/1/25-26/0029

PUBLIC NOTICE



This is to inform general public at large including media, investors and all concerned persons, that immovable properties exclusively belonging to Sahara India Group and owned by various Group Companies are scattered all over India. It has come to the knowledge of the Company that persons illegally claiming themselves to be rightful owners or title holders or duly authorised persons, are trying to dispose of those properties by illegal means for illegal purposes.
Through this public notice, public at large is being warned and cautioned that no property belonging to Sahara India Group can be sold, transferred or alienated or registered without permission, directions and approval of the Hon'ble Supreme Court of India. Any person or institution trying to sell or purchase any of the properties belonging to Sahara India Group is liable for prosecution and imprisonment and such transfer shall be void ab initio, illegal and deemed to be non-est in the eyes of law. If any person is trying to enter into any such transaction, shall be liable for all consequences thereto.
It has also come to the knowledge of the company that one Mr. Kuruba B. Nagaraj and his associate Mr. Y. S. Srinivasan have allegedly sold and caused registration of Sahara properties by impersonation including misrepresentation and through fabricated documents. In furtherance of aforesaid criminal intent, sale deed having numbers 10612600003/2026 and 10612600004/2026 for land admeasuring 31 Acres 597 Decimals situated at Mouza: Pathara, Tehsil: Kanisi, District: Ganjam, State: Odisha have been registered before the Sub-Registrar, Berhampur-1, Odisha.
All members of the public, investors and real-estate dealers are again strictly cautioned not to purchase, invest in, or enter into any type of transaction for any property belonging to Sahara India Group, unless it is backed by specific orders of the Hon'ble Supreme Court of India or concerned authority.
Any such transaction shall be entirely at the risk and peril of the concerned parties.
**Issued in public interest.**
Date: 06.02.2026
Place: Lucknow
**Issued by: Sahara India Commercial Corporation Limited**
**Sd./- Sri Naveen Kumar Maurya**
**Authorised Representative**
**Mobile : 9369721496/9776785555**

OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA
DIST.: KALAHANDI-766026, ODISHA, E-mail: sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel : 91-0674-2542983, 2542802, 2545526, 2542826, Fax : 2542102
E-Mail : ohpc.co@gmail.com / md@ohpcltd.com WEB: www.ohpcltd.com, CIN: U40101OR1995SGC003963
ISO 9001-14001 18001 Certified
NOTICE INVITING TENDER NO. UIHEP-49/2025-26 DATED. 05.02.2026
**No.32001/33/2526** : Sealed tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from eligible bidders meeting eligibility criteria only for execution of the following work.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable in Rs.) | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Annual Maintenance of Generator Transformers, Unit Auxiliary Transformers, Mobile Oil Purifier & Equipments at 11KV / 33KV / 220KV / 400 KV Switchyard of UIHEP, Mukhiguda for a period of 02 years | 11,800/- (Inclusive of GST) | 51,000/- | From 10.02.2026 to 25.02.2026 up to 12.00 Hrs. | 25.02.2026 (up to 13:00 Hrs) | 25.02.2026 at 16:30 Hrs. |

For details of the tender documents, terms and conditions please visit our website www.ohpcltd.com
OIPR-32001/32136/1/25-26/0033 Sd./- C&P Head, UIHEP, Mukhiguda

वरीय पुलिस अधीक्षक का कार्यालय, राँची
सर्वसाधारण के लिए सूचना



नाम–असयानी समद, उम्र–19 वर्ष, उँचाई–5 फीट, रंग–गोरा, पहनावा–लाल रंग का सलवार एवं लाल रंग का पायजाम पहनी हुई है।
उपरोक्त लापता महिला असयानी समद, उम्र–19 वर्ष, पिता–बुधु मुण्डा, स्थायी पता–कुरूंगा, बीरबाकी, थाना–अड़की, जिला–खूँटी, वर्तमान पता–गन्यौर टोली, अपर हटिया, थाना–जगरनाथपुर, जिला–राँची जो दिनांक–19.01.2026 को घर से काम करने को कहकर निकली जो आजतक अपने घर वापस नहीं आई है। जिसके संबंध में जगरनाथपुर थाना सनहा संख्या–19/2026, दिनांक–20.01.2026 दर्ज कर इनकी खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।
अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।
**Email ID(rnc-dcb@jhpolice.gov.in)**
पुलिस उपाधीक्षक, हटिया, राँची। –9431706143
थाना प्रभारी जगरनाथपुर, राँची। –9431706169
वरीय पुलिस अधीक्षक, राँची
PR 372562 (Police)25-26*D

GOVERNMENT OF ODISHA
OFFICE OF THE EXECUTIVE ENGINEER, RWS&S DIVISION, MALKANGIRI
E-mail : eerwss_mal@nic.in, eerwssmlkg@gmail.com
INVITATION FOR BIDS
NATIONAL COMPETITIVE BIDDING
**Bid Identification No. : RWSS_MKG_ONLINE_06/2025-26** **DATED : 04.02.2026**
**No.25001/24/2526** : The Superintending Engineer, RWS&S Division, Malkangiri on behalf of Governor of Odisha invites bids from bidders of eligible Authorised Manufacturers / Dealers / Distributers / Firms for the work detailed in the table below to be eventually drawn up in **P-1 contract**.
1. Name of the Work : Supply & Installation of Equipments, Glassware, Furniture with desktop etc. at Sub-Divisional Water Testing Laboratory, Mathili under RWS&S Division, Malkangiri in Malkangiri District (As detailed in TCN), 2. No. of Works : **01 No.**, 3. Estimated Cost : **₹ 11.61 Lakhs**, 4. Tender Paper Cost : Rs. 6000/- each, 5. Class of Contractor : Authorised Manufacturer / Dealer / Distributer / Firm, 6. Period of Completion : 01 (One) calendar month, 7. **Critical dates :**

| Procurement Officer | Bid Identification No. | Availability of Tender Online for Bidding | | Last Date of seeking tender Clarification | Date of opening the Bid |
|---|---|---|---|---|---|
| | | From | To | | |
| **Superintending Engineer, RWS&S Division, Malkangiri** | **RWSS_MKG_ONLINE_06 of 2025-26** | **11.02.2026 at 09.00 Hours** | **19.02.2026 up to 17.00 Hours** | **18.02.2026** | **20.02.2026 At 11.00 Hours** |

❖ Further details can be seen in the bidding documents, which is available in the e-procurement portal https://www.tendersodisha.gov.in.
❖ Subsequent corrigendum if required shall be appeared in the website.
❖ Authority reserves the right to reject any or all tenders without assigning any reason thereof.
Superintending Engineer
RWS&S Division, Malkangiri
OIPR-25001/25044/1/25-26/0024

GOVERNMENT OF ODISHA No.25001/38/2526
OFFICE OF THE SUPERINTENDING ENGINEER
RURAL WORKS DIVISION, BHUBANESWAR
Ph. No.-0674-2301787, Fax No.-0674-2300965, E.Mail I.D.-eerw_bbsr@yahoo.co.in
No:-Tender-Online-BBSR Divn.-38 e-Procurement Notice Date : 05.02.2026

1. Name of the work : Repair / Maintenance Road / Building
2. Total No. of Projects : 02 Nos. of Projects
3. **Class of contractor**
   a) Above Rs.20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities.
   b) Upto Rs.40.00 lakh : 'C' Class (of Odisha PWD) or equivalent class of other licensing authorities.
   c) Upto Rs.20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of Individual project : Rs.16.82 lakh to 25.42 Lakh
5. Time for completion : **As per annexure of TCN Col. No.6**
6. Other details

| Procurement Officer | Bid Identification No. | Availability of Tender online for Bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online-BBSR Divn.-38 | 11.02.2026 at 11.00 A.M. | 20.02.2026 up to 5.00 P.M. | 21.02.2026 at 11.00 A.M. |

Further details can be seen from the website www.tendersorissa.gov.in
Sd./- Superintending Engineer
Rural Works Divn., BBSR
OIPR-25001/25066/1/25-26/0038

See Career Appointment on every Wednesday & Saturday

## ୯ରେ ଦିବ୍ୟାଙ୍ଗ ଚିହ୍ନଟ ଶିବିର

**କାଳିପଦା, ୭।୨(ରାଜଶ୍ରୀ ପାଣିଗ୍ରାହୀ)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ଆସନ୍ତା ୯ ତାରିଖରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହେବ। ଏନେଇ ବାଲିଆପାଳ ସଭାଗୃହ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରାଧାରଞ୍ଜନ ଦାଶ, ଏବିଡିଓ ଶରତ ଚନ୍ଦ୍ର ମୁଦୁଲି, ଅତିରିକ୍ତ ତହସିଲଦାର ରାମହରି ଦାଶ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥସାରଥି ସାହୁ, ଉପାଧ୍ୟକ୍ଷ ରାଜେଶ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ଆସିବାକୁ ଥିବା ଭିନ୍ନକ୍ଷମ ଭଉଣୀଭାଇମାନଙ୍କର ଡାକ୍ତରୀ ପରୀକ୍ଷା କରାଯିବା ବିଷୟରେ ଆଲୋଚନା କରିଥିଲେ। ଅତ୍ୟଧିକ ଭିଡ଼କୁ ଆଖି ଆଗରେ ରଖି ବାରିକେଡ଼ ବ୍ୟବସ୍ଥା ମଧ୍ୟରେ ସକାଳ ୬ଟାରୁ ଦିନ ୧ଟା ପର୍ଯ୍ୟନ୍ତ ନାମ ପଞ୍ଜିକରଣ କରିବା ସହିତ ଭିନ୍ନକ୍ଷମ ଭଉଣୀଭାଇମାନଙ୍କ ପାଇଁ ପାନୀୟ ଜଳ, ଶୌଚାଳୟ, ଜଳଖିଆ, ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଛି। ଶିବିରରେ ଦୃଷ୍ଟିବାଧିତ, ଅସ୍ଥିଶଲ୍ୟ, ମାନସିକ ଅନଗ୍ରସର ଭଳି ୩ ବିଭାଗର ଡାକ୍ତର ପରୀକ୍ଷା କରାଯିବ ବୋଲି ବିଭାଗ ପକ୍ଷରୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥସାରଥି ସାହୁ ସୂଚନା ଦେଇଛନ୍ତି।

# ଯାତ୍ରୀଙ୍କ ସହ ଖେଳୁଛି ଗ୍ରାମ୍ୟ ଉନ୍ନୟନ ବିଭାଗ

## ୨ ବର୍ଷ ପରେ ବି ସରିନି ମହ୍ଲାରୀ-କାଳିଆଗଡ଼ିଆ ରାସ୍ତା

**ଖଇରା, ୭।୨(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଓ କେନ୍ଦୁଝରକୁ ସଂଯୋଗ କରୁଥିବା ମହ୍ଲାରୀ-କାଳିଆଗଡିଆ ଭାୟା ଧନିଆବନ୍ଧ ରାସ୍ତା ସରିବାର ନାଁ ଗନ୍ଧ ଧରୁନାହିଁ । ୬ମାସ ମଧ୍ୟରେ ସାରିବାକୁ ଠିକାଦାର ଗ୍ରାମ୍ୟ ଉନ୍ନୟନ ବିଭାଗ ସହ ଚୁକ୍ତି କରିଥିବା ବେଳେ ୨ବର୍ଷ ପରେ ବି ୫୦ଭାଗ କାମ ସରିପାରିନାହିଁ। ଠିକାଦାର ମନମାନୀରେ କାମ କରୁଥିବାରୁ ଆରମ୍ଭ ହେବା ଦିନଠାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଆସୁଛନ୍ତି । ରାସ୍ତାର ନାଁ ମହ୍ଲାରୀ-କାଳିଆଗଡିଆ ଥିଲେ ହେଁ ମହ୍ଲାରୀ ଶୂନ ପଏଣ୍ଟରୁ ଆରମ୍ଭ କରାଯାଇନାହିଁ କିମ୍ବା କାଳିଆଗଡିଆ ଶେଷମୁଣ୍ଡ ଯାଏ ପହଞ୍ଚିପାରିନାହିଁ। ଏଷ୍ଟିମେଟରେ ଥିବା ପୋଲକୁ ମଧ୍ୟ ବାତିଲ କରାଯାଇଛି। ସରକାରୀ ଗାଇଡଲାଇନକୁ ଅଣଦେଖା କରି ଅର୍ଥ ଲୋଭରେ ରାସ୍ତା ନିର୍ମାଣ କରୁଥିବା ଠିକାଦାରଙ୍କ ଏଭଳି କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରାଯାଇ କଳାତାଲିକାଭୁକ୍ତ କରିବାକୁ ବିଭିନ୍ନ ଗ୍ରାମର ଅଧିବାସୀ ଅଜୟ କୁମାର ବେହେରା, ଚିନ୍ତାମଣି



ମହ୍ଲାରୀ-କାଳିଆଗଡିଆ ରାସ୍ତା।

ପାଣିଗ୍ରାହୀ, କମଳାକାନ୍ତ ପଣ୍ଡା, ମଦନ ପୁହାଣ, ଜନ୍ମେଜୟ ତ୍ରିପାଠୀ ପ୍ରମୁଖ ଦାବି କରିଛନ୍ତି। ଉକ୍ତ ରାସ୍ତାର ନିର୍ମାଣ ୨୦୨୪ ମାର୍ଚ୍ଚ ୭ରେ ଆରମ୍ଭ ହୋଇଥିଲା। ଠିକାଦାର ୨୦୨୪ ସେପ୍ଟେମ୍ବର ୯ରେ ରାସ୍ତା କାମ ଶେଷ କରିବାକୁ ଠିକାଦାର ଗ୍ରାମ୍ୟ ଉନ୍ନୟନ ବିଭାଗ ସହ ଚୁକ୍ତି କରିଥିଲେ। ରାସ୍ତା ନିର୍ମାଣ ପାଇଁ ୧କୋଟି ୪୭ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ହେଲେ ବିସ୍ମୟର କଥା ଯେ, ୨ବର୍ଷ ଅତିବାହିତ ହୋଇଥିଲେ ବି ରାସ୍ତା କାମ ୫୦ଭାଗ ସରିନାହିଁ। ରାସ୍ତାର ପ୍ରଥମ ହକଦାର ମହ୍ଲାରୀ ଗ୍ରାମବାସୀ ହୋଇଥିଲେ ହେଁ ଗ୍ରାମଠାରୁ ୧କି.ମି. ଛାଡି କାମ ଆରମ୍ଭ କରାଯାଉଥିବା ବେଳେ ଧନିଆବନ୍ଧ ନିକଟରେ ରାସ୍ତାକୁ ଅଧାପନ୍ତରିଆ ଭାବେ ଛାଡି ଦେଇ ବିଭାଗ ଯାତ୍ରୀଙ୍କ ଜୀବନଜୀବିକା ସହ ଖେଳୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଡବ୍ଲ୍ୟୁବିଏମଏମ ଏଷ୍ଟିମେଟ ଅନୁଯାୟୀ ହେଉ ନ ଥିବା ବେଳେ ରାସ୍ତାକଡ ଡ୍ରେନେଜ ମଧ୍ୟ ଅତ୍ୟନ୍ତ ନିମ୍ନମାନର ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିଭଳି ରାସ୍ତାରେ ପାଣି ସ୍ପ୍ରେ ହେଉ ନ ଥିବାରୁ ଡଷ୍ଟ ଓ ବାଲି ଉଡି ଯାତ୍ରୀ ତଥା ରାସ୍ତା ସଂଲଗ୍ନ ଘରେ ରହୁଥିବା ପରିବାର ଏବେ ତ୍ରାହି ତ୍ରାହି ଡାକୁଛନ୍ତି । ଏଭଳିକି ରାସ୍ତା ନିର୍ମାଣ ବେଳେ ବିଭାଗରୁ କୌଣସି ଯନ୍ତ୍ରୀ ରହୁ ନ ଥିବା ବେଳେ ଗ୍ରାମବାସୀ ରାସ୍ତା ସମ୍ପର୍କରେ ଠିକାଦାରଙ୍କୁ କିଛି ପଚାରିଲେ ସେ ଧମକଚମକ ଦେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ସାହୁଙ୍କୁ ଯୋଗାଯୋଗ କରିବାରେ ରାସ୍ତାର ଡେଭିଏଶନ ପାଇଁ ମୁଖ୍ୟଯନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଅନୁମୋଦନ ପରେ ଗାଁ ମୁଣ୍ଡକୁ ଯୋଡିବା ପାଇଁ ଚେଷ୍ଟା କରାଯିବ ବୋଲି କହିଛନ୍ତି।

## ଶିକ୍ଷା ସହ ନୈତିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ



ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ମଞ୍ଚାସୀନ ଅତିଥି।

**ବାଲେଶ୍ୱର, ୭।୨(ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାଲେଶ୍ୱର ସଦର ବ୍ଲକ ଅଧୀନ ଯୁଧିଷ୍ଠିରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ୨୭ନଂ. ଜୋନର ଜିଲ୍ଲା ପରିଷଦ ସଭ୍ୟା ବନଲତା ସେଠୀ, ମୁଖ୍ୟବକ୍ତା ଗେଙ୍ଗୁଟି ସରପଞ୍ଚ ମଞ୍ଜୁଲତା ଆଚାର୍ଯ୍ୟ, ସମ୍ମାନିତ ଅତିଥି ସମିତି ସଭ୍ୟା ପୁଷ୍ପଶ୍ରୀ ରାଉତ, ପଳାଶପୁର ସିଆରସିସି ସ୍ନିଗ୍ଧାରାଣୀ ପଣ୍ଡା, ୱାର୍ଡମେମ୍ବର ସୁକାନ୍ତ କୁମାର ମହାନ୍ତି, ସାମାଜିକ କର୍ମୀ ଉମାଶଙ୍କର ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସୁରେନ୍ଦ୍ର ସାମଲ, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ସ, କ୍ଷେତ୍ରମୋହନ ସାମଲ, ପୂର୍ବତନ କ୍ଲଷ୍ଟର କୈଳାଶ ଚନ୍ଦ୍ର ସାହୁ, ପୂର୍ବତନ ପ୍ରଧାନ ଶିକ୍ଷୟତ୍ରୀ ଗୀତାରାଣୀ ମିଶ୍ର, ଅବସରପ୍ରାପ୍ତ ପୋଲିସ ଅଧିକାରୀ ସୁରେନ୍ଦ୍ର ରଥ ପ୍ରମୁଖ ଯୋଗଦେଇ ବକ୍ତବ୍ୟରେ ଶିକ୍ଷା ସହ ନୈତିକ ମୂଲ୍ୟବୋଧ ଓ ସଂସ୍କାରର ଆବଶ୍ୟକତା ଉପରେ ଗୁରୁତ୍ୱ ଦେବା ସହିତ ପିଲାଙ୍କୁ ପାଠପଢ଼ାରେ ଅଧିକ ଚାପ ସୃଷ୍ଟି ନ କରି ଅନନ୍ୟ ପ୍ରତିଭାକୁ ବିକଶିତ କରିବା ପାଇଁ ଧ୍ୟାନ ଦେବାର ଆବଶ୍ୟକତା ସମ୍ପର୍କରେ ଦର୍ଶାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ କୁମାରୀ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ବିଦ୍ୟାଳୟର ବହୁବିଧ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ନିଗମାପ୍ରିୟା ପଣ୍ଡା ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ କବିତାରାଣୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା, ପରୀକ୍ଷା, ସ୍ୱଚ୍ଛତା, ଉପସ୍ଥାପନା, ନମ୍ରତା ଓ କ୍ରୀଡ଼ା ଆଦିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ବନାଗ୍ନି ରୋକିବା ସମ୍ପର୍କିତ ସଚେତନତା

**ନୀଳଗିରି, ୭।୨(ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତ ଚ଼ରଣାପାଳ ଗ୍ରାମରେ ଯୁବ ପରିବେଶବିତ୍ କମଳଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବନାଗ୍ନି ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖରାଦିନେ ଜଙ୍ଗଲକୁ କିପରି ରକ୍ଷା କରାଯାଇପାରିବ ଏନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲରେ ନିଆଁ ନ ଲଗାଇବା ଓ ଜଙ୍ଗଲକୁ ସୁରକ୍ଷା ଦେବା ଆଦି ବାର୍ତ୍ତା ନେଇ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ବିଶେଷକରି ଜଙ୍ଗଲ ପାଦଦେଶ ଅଞ୍ଚଳର ଲୋକମାନେ ମହୁଲ ଫୁଲ ଓ ଶାଳ ମଞ୍ଜି ସଂଗ୍ରହ କରିବା ଉଦ୍ଦେଶ୍ୟରେ ଜଙ୍ଗଲରେ ନିଆଁ ଲଗାଇ ଦିଅନ୍ତି ତେଣୁ ସଚେତନତା ସୃଷ୍ଟି କରାଯାଇ ବନାଗ୍ନିକୁ ରୋକିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ସଂଗ୍ରାମ ସ୍ୱାଇଁ, ଅଜୟ ସିଂ, ରାଜେନ୍ଦ୍ର ସିଂ, ଦିଲୀପ ସିଂ, ପାର୍ବତୀ ସିଂ, ମିଲି ସିଂ ଓ ମାମା ସିଂ ପ୍ରମୁଖ ସହଯୋଗ କରିଥିଲେ।

## ମନ ମୋହିଲା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ୩୨ବେଶ



ମହୋତ୍ସବକୁ ମୁଖ୍ୟଅତିଥି ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା ଉଦ୍‌ଘାଟନ କରୁଛନ୍ତି।

### ରୂପ୍‌ସା ମହୋତ୍ସବ ଉଦ୍‌ଘାଟିତ

**ବାଲେଶ୍ୱର, ୭।୨(ବାଞ୍ଛାନିଧି ଦେ)**

ବାଲେଶ୍ୱର ସଦର ବ୍ଲକ ଅଧୀନ ପୋଡ଼ାଡିହା ମହୋତ୍ସବ ପଡ଼ିଆରେ ଶୁକ୍ରବାର ୧୫ତମ ରୂପ୍‌ସା ମହୋତ୍ସବ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରି ମହୋତ୍ସବ ଦେଶପ୍ରେମ ଓ ଜାତିପ୍ରୀତି ଉଦ୍ରେକ କରିଥାଏ ବୋଲି ବକ୍ତବ୍ୟରେ କହିଥିଲେ। କମିଟି ସଭାପତି ଜଗଦିଶ ପଟ୍ଟନାୟକ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ବିଜେଡିର ପୂର୍ବତନ ଜିଲା ଉପସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ମାନସ ଦାସପଟ୍ଟନାୟକ, ବ୍ଲକ ଚେୟାରମ୍ୟାନ ସୁନୀତା ବେହେରା, ଜିଲା ପରିଷଦ ସଦସ୍ୟ ସଞ୍ଜୟ କୁମାର ସେଠୀ, ସରପଞ୍ଚ ଗଙ୍ଗାମଣି ବେହେରା ଓ ମାଳତୀ ପ୍ରଧାନ ପ୍ରମୁଖ ଯୋଗଦେଇ ମହୋତ୍ସବ ସଂସ୍କୃତି ଓ ପରମ୍ପରାକୁ ଉଦ୍‌ଜୀବିତ ରଖେ ବୋଲି ମତବ୍ୟକ୍ତ କରିଥିଲେ। କମିଟି ଉପଦେଷ୍ଟା ରବୀନ୍ଦ୍ର କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ବୈଦିକ ଗୁରୁକୁଳ ଆଶ୍ରମର କୁନି ଛାତ୍ରୀଛାତ୍ର ଓ ପଣ୍ଡିତ ଚକ୍ରଧର ଆଚାର୍ଯ୍ୟ ବେଦ ଓ ଶ୍ଳୋକ ପାଠ କରିଥିଲେ। ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ର ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। କମିଟି ସମ୍ପାଦକ ଚନ୍ଦନ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଉପଦେଷ୍ଟା ପ୍ରଫୁଲ୍ଲ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ବିଶିଷ୍ଟ ପ୍ରବଚକ ପଣ୍ଡିତ ଜିତୁ ଦାସ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କଥାମୃତ ସମ୍ପର୍କରେ ପ୍ରବଚନ ଦେଇଥିଲେ। ଷ୍ଟାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ମହୋତ୍ସବରେ ବିଭିନ୍ନ ଷ୍ଟଲ୍, ଦୋକାନ, ଚକ୍ରି, ଦୋଳି, ମିନାବଜାର ଆଦି ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା। ଷ୍ଟାର କ୍ଲବର ସଭାପତି ବିଜୟ କୁମାର ବେହେରା, କୋଷାଧ୍ୟକ୍ଷ ଦୀପକ ସାମଲ, ଉପଦେଷ୍ଟା ସୁଧାକର ଗିରି, ଡାକ୍ତର ମହାପାତ୍ର, ଲମ୍ବୋଦର ଜେନା, ରଶ୍ମିରଞ୍ଜନ ଜେନା ଓ ଜିତେନ୍ଦ୍ର ପ୍ରଧାନ, ପ୍ରମୋଦ ଗିରି, ଅରୁଣ ବେହେରାଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ ଉତ୍ସବ ପରିଚାଳନା କରିଥିଲେ।

## ୧୧ରୁ ହିମାଂଶୁ ଦାସ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ

### ଭାଗ ନେବେ ଦେଶର ୮ ଟିମ୍

**ବାଲେଶ୍ୱର, ୭।୨(ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାଲେଶ୍ୱରରେ ସର୍ବଭାରତୀୟ ହିମାଂଶୁ ଦାସ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ହିମାଂଶୁ ହରି ଫାଉଣ୍ଡେଶନ ଆନୁକୂଲ୍ୟରେ ଆସନ୍ତା ୧୧ରୁ ୧୮ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ସ୍ଥାନୀୟ ପରମିଟ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଫାଉଣ୍ଡେଶନର ଚେୟାରମ୍ୟାନ ଯୁବ ଶିଳ୍ପଦ୍ୟୋଗୀ ସଞ୍ଜୟ ଦାସ ଟୁର୍ନାମେଣ୍ଟ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବାଲେଶ୍ୱରର ଫୁଟବଲ ଖେଳକୁ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ଫୁଟବଲ ଆସୋସିଏଶନ୍ ଅଫ ଇଣ୍ଡିଆ ସହ ଅନୁବନ୍ଧନରେ ଏହି ସର୍ବଭାରତୀୟ ଟୁର୍ନାମେଣ୍ଟ ଆୟୋଜନ ପାଇଁ ପ୍ରୟାସ କରାଯାଇଛି ବୋଲି ଦାସ କହିଛନ୍ତି। ଫାଉଣ୍ଡେଶନର ଭାଇସ ଚେୟାରମ୍ୟାନ୍ ସଂଗ୍ରାମ ଦାସ ଟୁର୍ନାମେଣ୍ଟର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ୧୮ରେ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟ ଆୟୋଜନ କମିଟି ସମ୍ପାଦକ ସୂଜୟ ଆଚାର୍ଯ୍ୟ ଓ ସହ ସମ୍ପାଦକ ରାଜେଶ ମହାପାତ୍ର ସମସ୍ତ ମ୍ୟାଚର ସଫଳ ଆୟୋଜନ ନେଇ ସହଯୋଗ କାମନା କରିଥିଲେ। ଅସିତ ଦାସ ମଞ୍ଚ ପରିଚାଳନା କରିଥିଲେ। ଡକ୍ଟର ଶ୍ରୀମାନ ଶ୍ରୀଚନ୍ଦନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୩୨୭ ଆବେଦନ ପଞ୍ଜୀକୃତ

**ବାହାନଗା, ୭।୨(ଅରୂପ କୁମାର ଦାସ)**

ବାହାନଗା ବ୍ଲକର ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୩୨୭ଟି ଆବେଦନର ପଞ୍ଜିକୃତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସୋର ବିଧାୟକ ମାଧବ ଧଡ଼ା ଓ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ, ବିଡିଓ ଶୁଭଶ୍ରୀ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଭିନ୍ନକ୍ଷମ ସାର୍ଟିଫିକେଟ ନିମନ୍ତେ ୩୨୭ ଜଣ ଫର୍ମ ପଞ୍ଜିକୃତ କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜନ କରାଯାଇଥିଲା। ବିଶେଷଜ୍ଞ ଡାକ୍ତର ଅସ୍ଥିଶଲ୍ୟର ରାଧା ପ୍ରସାଦ ମିଶ୍ର, ଭେଷଜ ବିଶେଷଜ୍ଞ ଡାକ୍ତର ଜିତେନ୍ଦ୍ର କୁମାର ଦାସମହାପାତ୍ର, ଚକ୍ଷୁ ବିଶେଷଜ୍ଞ ଡାକ୍ତର ପିୟୁଷ ପ୍ରକାଶ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ରୋଗ ପରୀକ୍ଷା ନିରୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ଅଙ୍ଗନୱାଡି କର୍ମୀ, ଶିକ୍ଷକଙ୍କ ସମେତ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।

## ଓଲମରା ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ଜଳେଶ୍ୱର, ୭।୨(ନବୀନ ସାହୁ)**

ଜଳେଶ୍ୱର ବ୍ଲକ ଓଲମରା ସୀମାନ୍ତ ଡିଗ୍ରୀ ମହାବିଦ୍ୟାଳୟର ୩୧ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହେଇଯାଇଛି। ପ୍ରଥମ ଅଧିବେଶନରେ କଲେଜର ଅଧ୍ୟକ୍ଷ ଅମରେନ୍ଦ୍ର ଦତ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଗବେଷକ ଡ. ଶ୍ରୀକାନ୍ତ ଚରଣ ପାତ୍ର, ମୁଖ୍ୟବକ୍ତା ଭାବେ ତହସିଲଦାର ସତ୍ୟଜିତ ମହାନ୍ତି, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ହେମନ୍ତ କୁମାର ଘୋଷ, ପ୍ରାକ୍ତନ ପ୍ରଧାନଶିକ୍ଷକ ଚନ୍ଦ୍ରମୋହନ କାପୁଡି ଓ ପୂର୍ବତନ ସରପଞ୍ଚ ଯତୀନ୍ଦ୍ର ନାଥ ମହାନ୍ତି ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ତର୍କଶାସ୍ତ୍ର ଅଧ୍ୟାପକ ମୂରଲୀଧର ମହାନ୍ତି ଓ ଅର୍ଥନୀତି ଅଧ୍ୟାପିକା ଦୀପାଳି ଘୋଷ। ଓଡ଼ିଆ ଅଧ୍ୟାପକ ରମାକାନ୍ତ ଦେ ମଞ୍ଚ ସଞ୍ଚାଳନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଜହରଲାଲ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଚିନ୍ମୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟବକ୍ତା ଏମ୍‌ପି ପ୍ରତିନିଧି ବ୍ରଜମୋହନ ପ୍ରଧାନ, ସମ୍ମାନିତ ଅତିଥି ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ କାଞ୍ଚନବାଳା ଚାନ୍ଦ, ବ୍ଲକ ଉପାଧ୍ୟକ୍ଷା ସଞ୍ଚିତା ସେନାପତି, ଅଧ୍ୟକ୍ଷ ଅମରେନ୍ଦ୍ର ଦତ୍ତ ଉପସ୍ଥିତ ରହି ବକ୍ତବ୍ୟ ଦେଇଥିଲେ। ଓଡ଼ିଆ ଅଧ୍ୟାପକ ରମାକାନ୍ତ ଦେ ମଞ୍ଚ ଆହ୍ୱାନ କରିଥିଲେ। ଅଧ୍ୟକ୍ଷ ଅମରେନ୍ଦ୍ର ଦତ୍ତ ବିଦ୍ୟାଳୟର ଓ ଜହରଲାଲ ଅଧିକାରି ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଜ୍ଞାନେନ୍ଦ୍ର ନାଥ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ଆକାଶ କୁମାର ବେହେରା ଓ ଶିବଶଙ୍କର କୁଇଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଭାଗୀୟ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ

### ରେମୁଣା ବିଧାନସଭା ମଣ୍ଡଳୀ ଉନ୍ନୟନ କମିଟି ବୈଠକ

**ବାଲେଶ୍ୱର, ୭।୨(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍‌ରେ ରେମୁଣା ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି (ଏସିଡିସି) ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସରକାରୀ ଉପ ମୁଖ୍ୟସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ବୈଠକରେ ଅଧ୍ୟକ୍ଷତା କରି ବିଧାନସଭା କ୍ଷେତ୍ରରେ ସମସ୍ତ ବିକାଶ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ।

ଅତିରିକ୍ତ ଜିଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ଜିଲାପରିଷଦ ସିଡ଼ିଓ ସଞ୍ଜୟ କୁମାର ରାଉତ, ରେମୁଣା ତହସିଲଦାର ଭର୍ତ୍ତୃହରି ଭୂୟାଁ, ସଦର ତହସିଲଦାର ଅଶ୍ୱିନୀ କୁମାର ନାୟକ, ରେମୁଣା ବିଡିଓ ସୌରଭ ସିଦ୍ଧାର୍ଥ ମହାପାତ୍ର, ସଦର ବିଡିଓ ଉତ୍ତମ କୁମାର ଜେନା, ଏମ୍‌ପି ପ୍ରତିନିଧି ଉମାକାନ୍ତ ପଣ୍ଡା, ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି ଓ ଲମ୍ବୋଧର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ରାସ୍ତାଘାଟ, ପାନୀୟଜଳ, ବିଦ୍ୟୁତ, ସ୍ୱାସ୍ଥ୍ୟସେବା, ଶିକ୍ଷା, ଆବାସ ଓ ଯୁବତୀଯୁବକଙ୍କ ପାଇଁ ରୋଜଗାର ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ। ପିଏଚ୍‌ଡି ଓ ଆର୍‌ଡବ୍ଲ୍ୟୁଏସଏସ ବିଭାଗ ଦ୍ୱାରା ଅସମ୍ପୂର୍ଣ୍ଣ ପାଇପଲାଇନ୍ ପ୍ରକଳ୍ପ ଓ ତତ୍ ସମ୍ପର୍କୀୟ ଉନ୍ନୟନ କାର୍ଯ୍ୟର ପ୍ରଗତି ସମୀକ୍ଷା କରାଯାଇଥିଲା। ଏନ୍‌ଏଚଏମର ସହକାରୀ ଯନ୍ତ୍ରୀଙ୍କୁ ଅସମ୍ପୂର୍ଣ୍ଣ ସବ୍-ସେଣ୍ଟର, ପିଏଚସି ଓ ସିଏଚସି ସମ୍ବନ୍ଧୀୟ କାର୍ଯ୍ୟର ଅବସ୍ଥା ଉପସ୍ଥାପନ କରିବାକୁ କୁହାଯାଇଥିଲା। ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗ ଦ୍ୱାରା ଚାଲୁଥିବା କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ସେହିପରି ସରକାରୀ ଆଇଟିଆଇ ଓ ଫାର୍ମାସିଟିକାଲ୍ କଲେଜ ସମେତ ଅନ୍ୟାନ୍ୟ ବିଭାଗଠାରୁ ଜମିର ସ୍ଥିତି ଓ ଛାତ୍ରୀଛାତ୍ରଙ୍କ ନିଯୁକ୍ତି ସମ୍ପର୍କରେ ସମୀକ୍ଷା ହୋଇଥିଲା। ପର୍ଯ୍ୟଟନ ବିକାଶ ଅଧିକାରୀ କ୍ଷୀରଚୋରା ଗୋପୀନାଥ ମନ୍ଦିର ପ୍ରକଳ୍ପ ସହିତ ଅନ୍ୟାନ୍ୟ ପର୍ଯ୍ୟଟନ ପ୍ରକଳ୍ପର ପ୍ରଗତି ଉପରେ ଅବଗତ କରାଇଥିଲେ । ଶିକ୍ଷା, କୃଷି, ମତ୍ସ୍ୟ ଓ ଅନ୍ୟାନ୍ୟ ସମସ୍ତ ବିଭାଗର ସମୀକ୍ଷା କରାଯାଇଥିଲା। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ପ୍ରକଳ୍ପର ପୂର୍ଣ୍ଣାଙ୍ଗୀକରଣ, ବିଭାଗୀୟ ସମନ୍ୱୟ ଓ ସାଧାରଣ ଲୋକଙ୍କୁ ସେବା ପ୍ରଦାନ ଦିଗରେ ବିଧାୟକ ଦାସ ଗୁରୁତ୍ୱାରୋପ କରିଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି।

## ଜଳିବ ୧ଲକ୍ଷ ଦୀପ, ଝଲସିବେ ମହାଦେବ

### ଅଣ୍ଟା ଭିଡ଼ିଲା ପରିଚାଳନା କମିଟି

**ଭୋଗରାଇ, ୭।୨(ପ୍ରଦୀପ ଦାସ)**

ଆସନ୍ତା ୧୫ରେ ମହାଶିବରାତ୍ରି। ଶୈବପୀଠରେ ଜାଗର ଜାଳିବେ ଶ୍ରଦ୍ଧାଳୁ। ପୂର୍ବଭାରତର ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ଓ ଏସିଆର ସର୍ବବୃହତ ଶିବଲିଙ୍ଗ ଭୂଷଣ୍ଡେଶ୍ୱର ମହାଦେବ ସହିତ ଭୋଗରାଇର ଶତାଧିକ ଶୈବପୀଠରେ ଜାଗର ଜାଳିବେ ଲକ୍ଷାଧିକ ଶୈବଭକ୍ତ। ଏଥିନିମନ୍ତେ ପ୍ରଶାସନ, ମନ୍ଦିର ଟ୍ରଷ୍ଟ ବୋର୍ଡ, ପରିଚାଳନା କମିଟି, ସେବାୟତ ଓ ପଣ୍ଡାମାନଙ୍କ ପକ୍ଷରୁ ବ୍ୟାପକ ତତ୍ପରତା ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ସୁବର୍ଣ୍ଣରେଖା ନଦୀକୂଳରେ ଥିବା କୁମ୍ଭୀରଗଡିପାହି ଅଞ୍ଚଳରେ ଅବସ୍ଥିତ ଏସିଆର ସର୍ବବୃହତ ଶିବଲିଙ୍ଗ ଭୂଷଣ୍ଡେଶ୍ୱର ମହାଦେବଙ୍କଠାରେ ଭକ୍ତ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ ଲାଗି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମନ୍ଦିର ପରିଚାଳନା କମିଟି ହାତକୁ ନେଇଛି।



ଭୂଷଣ୍ଡେଶ୍ୱର ମହାଦେବ

ମନ୍ଦିର ଭଗ୍ନ ଅବସ୍ଥାରେ ଥିବା ବେଳେ ନୂତନ ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ କାର୍ଯ୍ୟ ଚାଲୁ ରହିଥିବାରୁ ପୂର୍ଣ୍ଣାଙ୍ଗ ପାଇଁ ସମ୍ଭାବ୍ୟ ୧ଶହ କୋଟିରୁ ଊର୍ଦ୍ଧ୍ୱ ଅର୍ଥ ଆବଶ୍ୟକ ହେଉଛି। ପୂର୍ତ୍ତ ବିଭାଗର ଅବସରପ୍ରାପ୍ତ ଇଞ୍ଜିନିୟର ମାନସ ରଞ୍ଜନ ପଟ୍ଟନାୟକ ଓ ଖ୍ୟାତନାମା ପ୍ରତ୍ନତତ୍ତ୍ୱ ବିଭାଗର କୁଶଳୀ ଶିଳ୍ପୀ ନିର୍ମଳ ମହାରଣା କାର୍ଯ୍ୟ କରୁଥିବା ବେଳେ ମହାଶିବରାତ୍ରି ଉପଲକ୍ଷେ ପରିଚାଳନା କମିଟି ପକ୍ଷରୁ ଇଂ. ଅଭଜିତ ଦାସ ୧ଲକ୍ଷ ଦୀପଦାନ କରିବେ ବୋଲି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିଖ ସନ୍ଧ୍ୟା ୬ଟାରେ ମହାଶିବରାତ୍ରିରେ ଦୀପ ପ୍ରଜ୍ୱଳନ ଶୁଭାରମ୍ଭ ହେବ। ଚନ୍ଦନେଶ୍ୱର ଓ ଭୂଷଣ୍ଡେଶ୍ୱର ମହାଦେବଙ୍କଠାରେ ଲକ୍ଷେ ଦୀପ ପ୍ରଜ୍ୱଳନ ସହ ରଙ୍ଗୀନ ବିଦ୍ୟୁତ ଆଲୋକମାଳାରେ ୨ ମହାଦେବ ଝଲସି ଉଠିବେ। ଚନ୍ଦନେଶ୍ୱର ମହାଦେବଙ୍କଠାରେ ନିକଟରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ପୌରୋହିତ୍ୟରେ ଜିଲା ପ୍ରଶାସନ, ମନ୍ଦିର ପରିଚାଳନା କମିଟି, ସେବାୟତ, ପୋଲିସ, ଅଗ୍ନିଶମ ଓ ପାନୀୟ ଜଳ, ବିଦ୍ୟୁତ ବିଭାଗର ଅଧିକାରୀମାନେ ପ୍ରସ୍ତୁତି ବୈଠକରେ ଚୂଡାନ୍ତ ନିଷ୍ପତ୍ତି ନେଇଛନ୍ତି ।

## କଣ୍ଠଶିଳ୍ପୀ ବିଭୁକିଶୋର, ଲୋପାମୁଦ୍ରାଙ୍କ ଗୀତରେ ଝୁମିଲେ ଦର୍ଶକ

### ସୁନ୍ଦରପୁର ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ସନ୍ଧ୍ୟା

**ଖଇରା, ୭।୨(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୁନ୍ଦରପୁରସ୍ଥିତ ନିଳସୁନ୍ଦରଜୀଉ ନବ କିଶୋର ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଶନିବାର ଦ୍ୱିତୀୟ ସନ୍ଧ୍ୟା ମହାସମାରୋହରେ ପାଳିତ ହୋଇଛି। ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି, ପଦ୍ମଶ୍ରୀ ତୁଳସୀ ମୁଣ୍ଡା ମୁଖ୍ୟବକ୍ତା, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, କଇଥଗଡିଆ ସରପଞ୍ଚ ଗୋବର୍ଦ୍ଧନ ପାଇକରାୟ, ସମିତିସଭ୍ୟ ନରୋତ୍ତମ ମହିମା ଜେନା ଓ ଫକୀରମୋହନ ମେଡିକାଲ କଲେଜ ବିଶିଷ୍ଟ ଚିକିତ୍ସକ ଡା ସୀତାଂଶୁ ଶେଖର ପରିଡା, ପୂର୍ବତନ ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ପାତ୍ର ଓ ଇନ୍ଦ୍ରମଣି ରାଉତ ସମ୍ମାନନୀୟ ଅତିଥି, ଅଧ୍ୟାପିକା ମୀନତି ବେହୁରିଆ ସମ୍ମାନନୀୟ ବକ୍ତା ଭାବେ ଯୋଗ ଦେଇଥିଲେ।




ସଭାରେ ମଞ୍ଚାସୀନ ଅତିଥି।

ଠାକୁରମୁଣ୍ଡା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଉପେନ୍ଦ୍ର ପ୍ରସାଦ ମହାନ୍ତି ସଭା ପରିଚାଳନା କରିଥିବା ବେଳେ ସମ୍ପାଦକ ଅଭିମନ୍ୟୁ ନାୟକ ବିବରଣୀ ପାଠ କରିଥିଲେ। ବିଶିଷ୍ଟ ଓଲିଉଡ କଣ୍ଠଶିଳ୍ପୀ ବିଭୁକିଶୋର ଓ ଲୋପାମୁଦ୍ରାଙ୍କ ସଙ୍ଗୀତ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ସୁବର୍ଣ୍ଣ ଜୟନ୍ତୀ କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

**ମେଘାସନୀ ମହୋତ୍ସବ ଉଦ୍‌ଘାଟିତ**

# ସାନ୍ତାଳୀ ସଙ୍ଗୀତରେ ମତୁଆଲା ଦର୍ଶକ

ବାରିପଦା, ୭।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)



ମେଘାସନୀ ମହୋତ୍ସବ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।

ମୟୂରଭଞ୍ଜ ଜିଲ୍ଲା ବାରିପଦାସ୍ଥିତ ଛଉ ପଡିଆରେ ମେଘାସନୀ ମହୋତ୍ସବ-୨୦୨୬ ତଥା ସ୍ୱଦେଶୀ ଓ ସୁଭଦ୍ରା ଶକ୍ତି ମେଳା ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ ଯୋଗଦେଇ ସୁଭଦ୍ରା ଯୋଜନାରେ ମିଳୁଥିବା ଆର୍ଥିକ ସହାୟତା ଯୋଗୁ ମହିଳାମାନଙ୍କୁ ନୂଆ ପରିଚୟ ମିଳିପାରିଛି ବୋଲି ନିଜ ଅଭିଭାଷଣରେ ମତ ରଖିଛନ୍ତି। ଏହି ଯୋଜନା ଏବେ ବିଶ୍ୱରେ ଉଦାହରଣ ସୃଷ୍ଟି କରିଛି। ଏହାଯୋଗୁ ଆମ ମା'ଭଉଣୀମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, ବଡ଼ସାହି ବିଧାୟକ ସନାତନ ବିଜୁଲି, ଜିଲା ପରିଷଦ ସଭାପତି ଭାରତୀ ହାଁସଦା, ଜିଲାପାଳ ହେମକାନ୍ତ ସୟ, ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ପ୍ରମୁଖ ମଞ୍ଚାସୀନ ଥିବାବେଳେ ବାରିପଦା ଉପଜିଲାପାଳ ଡ଼. ଦୟାସିନ୍ଧୁ ପରିଡା ମଞ୍ଚ ପରିଚାଳନା କରିଥିଲେ। ସଭାରେ ଜିଲାପାଳ ସୟ ଏହି ମହୋତ୍ସବ ଦ୍ୱାରା ଏକ ଜିଲା ଏକ ଉତ୍ପାଦକୁ ପ୍ରୋତ୍ସାହିତ କରାଯାଉଛି ବୋଲି ସୂଚନା ଦେଇଛନ୍ତି। ଗ୍ରାମୀଣ ଅର୍ଥନୀତିର ବିକାଶ ପାଇଁ ବ୍ରାଣ୍ଡିଂ, ପ୍ୟାକେଜିଂ ଏବଂ ମାର୍କେଟିଂ କରିବା ଏହି ମେଳାର ଉଦ୍ଦେଶ୍ୟ।

ଏଥିରେ ସୁଭଦ୍ରା ଶକ୍ତି ସମ୍ପର୍କିତ ଷ୍ଟଲଗୁଡ଼ିକରେ ମହିଳାମାନେ ଆସି ମହିଳା ଶକ୍ତି ଓ ଆତ୍ମନିର୍ଭରଶୀଳତା ସମ୍ପର୍କରେ କାହାଣୀ ବଖାଣିବା ସହ ଲକ୍ଷପତି ଦିଦି ଆସି ନିଜର ଅଭିଜ୍ଞତା ବାଣ୍ଟିବେ ବୋଲି ପ୍ରକାଶ କରିଛନ୍ତି। ଆଜିର ଏହି ଉଦ୍‌ଘାଟନୀ ସମାରୋହରେ ସାନ୍ତାଳୀ ଗାୟିକା କଳ୍ପନା ହାଁସଦାଙ୍କ ସୁମଧୁର ସଂଗୀତରେ ଦର୍ଶକଗଣ ମତୁଆଲା ହୋଇଛନ୍ତି।

ଏହି ଅବସରରେ ବିଧାୟକ ବଡ଼ସାହି ବିଜୁଳି ନିଜ ଚିରାଚରିତ ଢଙ୍ଗରେ ହୃଦୟ ଛୁଆଁ ଓଡ଼ିଆ ସଙ୍ଗୀତ ଗାନ କରିଥିଲେ। କଳା, ସଙ୍ଗୀତ ଓ ସଂସ୍କୃତିର ଅପୂର୍ବ ମିଶ୍ରଣ ଆଜିର ସନ୍ଧ୍ୟାରେ ଦେଖିବାକୁ ମିଳିଛି। ସେହିପରି ଦ୍ୱିତୀୟ ଦିନ ଅବସରରେ ଗୌତମ ମହାନ୍ତ ଓ ସାଥୀଙ୍କ ଝୁମର ସଙ୍ଗୀତ କାର୍ଯ୍ୟକ୍ରମ, ତୃତୀୟ ଦିନରେ ରାଗା ମିଶ୍ରଣ ସଙ୍ଗୀତ, ଚତୁର୍ଥ ଦିନରେ ସୌରଭ ଭରଦ୍ୱାଜ ଓ ସାଥୀ କଳାକାରଙ୍କ ଭଜନ ସନ୍ଧ୍ୟା, ପଞ୍ଚମ ଦିନରେ ରାଜସ୍ଥାନୀ କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ, ଷଷ୍ଠ ଦିନରେ ସ୍ୱଦେଶୀ ପରିଧାନ ପ୍ରଦର୍ଶନ, ସପ୍ତମ ଦିନରେ ଆଞ୍ଚଳିକ ସଙ୍ଗୀତ କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାଏକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତ ସୋରେନ, ଜିଲା ସଂସ୍କୃତି ଅଧିକାରୀ ଶୁଭାଶିଷ ନାୟକ, ଜିଲା ସମାଜ କଲ୍ୟାଣ ଅଧିକାରିଣୀ ନିହାରିକା ମହାନ୍ତି, ଜିଲା ପ୍ରକଳ୍ପ ସଂଯୋଜକ (ସୁଭଦ୍ରା ଶକ୍ତି) ନିରଞ୍ଜନ ପଣ୍ଡା, ଜିଲା ପ୍ରକଳ୍ପ ପରିଚାଳକ ନବୀନ ସେନାପତି, ଓରମାସ ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତ, ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାର ଶିଶିର କୁମାର ପୁହୁଁଆ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଲୁ ଆକ୍ରମଣରେ ମହିଳା ଗୁରୁତର

ଉଦଳା, ୭।୨ (ସନ୍ତୋଷ କୁମାର ବାଛିନି)

ମୟୂରଭଞ୍ଜ ଜିଲା କପ୍ତିପଦା ବନାଞ୍ଚଳ ଅଧୀନ କୋଚିଲାଡିହା ଧନୁସାହି ଗ୍ରାମରେ ଶନିବାର ପୂର୍ବାହ୍ନରେ ଏକ ଭାଲୁ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଲକ୍ଷ୍ମୀମଣି ସିଂ। ସେ ଏବେ ଉଦଳା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, ଏକ ଭାଲୁ ସକାଳେ ବାଲେଶ୍ୱର ଜିଲାରେ ଆତଙ୍କ ଖେଳାଇବା ସହ ଜଣେ ଯୁବତୀଙ୍କୁ ଆକ୍ରମଣ କରିଥିଲା। ଏହାପରେ ସୋନ ନଦୀ ପାର୍ ହୋଇ ଭାଲୁଟି ମୟୂରଭଞ୍ଜ ଜିଲା କୋଚିଲାଡିହା ପଞ୍ଚାୟତ ଧନୁସାହି ଗ୍ରାମରେ ପଶିଥିଲା। ଗ୍ରାମର ଲକ୍ଷ୍ମୀମଣି ବିଲରେ ଶାଗ ତୋଳୁଥିବା ବେଳେ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିବା ଯିବାରୁ ଭାଲୁଟି ନିକଟସ୍ଥ ହୁଡ଼ିକୁ ଚାଲିଯାଇଥିଲା। ଖବର ପାଇ କପ୍ତିପଦା ବନ ବିଭାଗ ଅଧିକାରୀ ପହଞ୍ଚି ଗୁରୁତର ଲକ୍ଷ୍ମୀଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ଆରମ୍ଭ ହେଲା ଆମ ସୀମାନ୍ତ ମହୋତ୍ସବ


ମହୋତ୍ସବରେ ଉପସ୍ଥିତ ଅତିଥି।

ଝାରପୋଖରିଆ, ୭।୨ (ସୁଧୀର କୁମାର ମହାନ୍ତ)

ଝାରପୋଖରିଆ ଥାନା ଅଧୀନ ଝାରପୋଖରିଆ(ବମ୍ଦେଛକ) ଅଞ୍ଚଳର ଆମ ସୀମାନ୍ତ ମହୋତ୍ସବ ସମିତି ଆନୁକୂଲ୍ୟରେ ଆୟୋଜିତ ୧୦ମ ଆମ ସୀମାନ୍ତ ମହୋତ୍ସବ ଶୁକ୍ରବାର ଆରମ୍ଭ ହୋଇଛି। ଝାରପୋଖରିଆ ସାର୍ବଜନୀନ ଦୁର୍ଗାମଣ୍ଡପ ପ୍ରାଙ୍ଗଣରେ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ସୈନିକ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ସୀମାନ୍ତ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଶୋଭାଯାତ୍ରା ଲୋକନାଥ ଶିବ ମନ୍ଦିରରୁ ବାହାରି ଝାରପୋଖରିଆ ବଜାର ଦେଇ ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲା। ସେଠାରେ ଉତ୍ସବ ଧ୍ୱଜା ଉତ୍ତୋଳନ କରାଯାଇଥିଲା। ସାନ୍ଧ୍ୟ କାର୍ଯ୍ୟକ୍ରମରେ ମହୋତ୍ସବ ସମିତିର ସମ୍ପାଦକ କ୍ରିଷ୍ଣା କେଶବ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାରସକଣା ବିଧାୟକ ଭାଦବ ହାଁସଦା ମୁଖ୍ୟ ଅତିଥି, ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ସମିତିର ଲିଗାଲ ଆଡ୍‌ଭାଇଜର ଆଇନଜୀବୀ ତାପସ ଦତ୍ତ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ମଣିଶଙ୍କର ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ଚିନ୍ମୟ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଞ୍ଚଳରେ ବସବାସ କରୁଥିବା ବିଭିନ୍ନ ସମ୍ପ୍ରଦାୟର ଜନସାଧାରଣଙ୍କ କଳା, ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ବନ୍ଧୁତ୍ୱର ନିଆରା ପର୍ବପର୍ବାଣୀ ଉଜ୍ଜୀବିତ କରିବା ଏହି ମହୋତ୍ସବର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମହୋତ୍ସବ ୫ ଦିନ ଧରି ଚାଲିବ।

# ଗୁଣ୍ଡୁରିଆରେ ଶହୀଦ ଦିବସ

ରାଇରଙ୍ଗପୁର, ୭।୨ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡ ହଳଦା ଥାନା ଅନ୍ତର୍ଗତ ଗୁଣ୍ଡୁରିଆ ଗ୍ରାମାଞ୍ଚଳରେ ଶୁକ୍ରବାର ଗୁଣ୍ଡୁରିଆ ଶହୀଦ ଦିବସ ପାଳିତ ହୋଇଯାଇଛି। ଉକ୍ତ ଗୁଣ୍ଡୁରିଆ ଗ୍ରାମାଞ୍ଚଳ ଗୁଣ୍ଡୁରିଆ ଶହୀଦ ମେମୋରିଆଲ ଅନୁଷ୍ଠାନ ପକ୍ଷରୁ ଗୁଣ୍ଡୁରିଆ ଗ୍ରାମାଞ୍ଚଳ ଗୁଣ୍ଡୁରିଆ ନାଳା ପାର୍ଶ୍ୱ ଗୁଣ୍ଡୁରିଆ ଶହୀଦସ୍ଥଳ ପୀଠରେ ବିଭିନ୍ନ ଗ୍ରାମାଞ୍ଚଳର ଆଦିବାସୀ ସମ୍ପ୍ରଦାୟ ଶହୀଦ ସଂଗ୍ରାମୀମାନଙ୍କଠାରେ ଆଦିବାସୀ (ସାନ୍ତାଳୀ) ସମ୍ପ୍ରଦାୟ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଉକ୍ତ ଗୁଣ୍ଡୁରିଆ ଶହୀଦ ପାଳନ ଅବସରରେ ଜେଏମଏମ୍ ଦଳୀୟ ରାଜ୍ୟ ସଭାନେତ୍ରୀ ଅଞ୍ଜଳି ସୋରେନ, ଝାଡଖଣ୍ଡ ରାଜ୍ୟ ଦଳୀୟ ବିଧାୟକ ସର୍ଦ୍ଦାର (ଘାଟଶିଳା) ଏବଂ ସମେଶ ସୋରେନ (ପଟକା) ପ୍ରମୁଖ ରାଇରଙ୍ଗପୁର ସମେତ ମୟୂରଭଞ୍ଜ ଜିଲା ଏବଂ ପଡୋଶୀ ଝାଡଖଣ୍ଡ ରାଜ୍ୟ ଅଞ୍ଚଳର ଜେଏମଏମ କର୍ମୀମାନଙ୍କ ଗହଣରେ ପଟୁଆରରେ ଗୁଣ୍ଡୁରିଆ ଶହୀଦ ସ୍ଥଳରେ ପହଞ୍ଚି ଶହୀଦ ସଂଗ୍ରାମୀମାନଙ୍କୁ ପୁଷ୍ପ ମାଲ୍ୟାର୍ପଣ କରିବା ସହ ତାଙ୍କ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ଏହାବ୍ୟତୀତ ରାଇରଙ୍ଗପୁର କଂଗ୍ରେସ ଦଳୀୟ ପ୍ରାକ୍ତନ ବିଧାୟକ ଲକ୍ଷ୍ମଣ ମାଝୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳୀୟ ନେତା ଏବଂ କର୍ମୀ ଯୋଗଦେଇ ଗୁଣ୍ଡୁରିଆ ଶହୀଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଗୁଣ୍ଡୁରିଆ ଶହୀଦ ମେମୋରିଆଲ ଅନୁଷ୍ଠାନ ପକ୍ଷରୁ ଗୁଣ୍ଡୁରିଆ ଶହୀଦସ୍ଥଳ ନିକଟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଉକ୍ତ ଗୁଣ୍ଡୁରିଆ ଶହୀଦ ଦିବସ ପାଳନ ଅବସରରେ ରାଇରଙ୍ଗପୁର ଉପଖଣ୍ଡର ବିଭିନ୍ନ ଆଦିବାସୀ ଗ୍ରାମାଞ୍ଚଳର ଜନ ସମାଗମ ହୋଇଥିଲେ।

# ରାଜ୍ୟସ୍ତରୀୟ କୃଷି ଅଧିଦର୍ଶକ ବୈଠକ


ବୈଠକରେ ଉପସ୍ଥିତ ଅତିଥି।

ବାରିପଦା, ୭।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟ କୃଷି ଅଧିଦର୍ଶକ ସଂଘର ସାଧାରଣ ପରିଷଦ ବୈଠକ ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନରେ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ତୁଷାରକାନ୍ତି ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ସମ୍ମାନିତ ଅତିଥି ଭାବେ ସାରସକଣା ବିଧାୟକ ଭାଦବ ହାଁସଦାଃ ଯୋଗଦେଇ କୃଷି ଅଧିଦର୍ଶକଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସରକାରଙ୍କୁ ଅବଗତ କରିବେ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ସଂଘର ସାଧାରଣ ସମ୍ପାଦକ ପ୍ରମୋଦ କୁମାର ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି କଲ୍ୟାଣୀ ପାଣିଗ୍ରାହୀ, ସଙ୍ଗଠନ ସମ୍ପାଦକ ଦିଲୀପ କୁମାର ଦାସ, କାର୍ଯ୍ୟାଳୟ ସମ୍ପାଦକ ନବଘନ ମୁଦୁଲୀ ପ୍ରମୁଖ କର୍ମଚାରୀମାନଙ୍କ ମୌଳିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। କ୍ୟାଡର ରି-ଷ୍ଟ୍ରକ୍ଚର, କାର୍ଯ୍ୟଖସଡାର ପରିବର୍ତ୍ତନ ସହ ନିୟମାନୁଯାୟୀ ଚାକିରୀ ଅବଧିରେ ସର୍ବନିମ୍ନ ୩ଟି ପଦୋନ୍ନତିର ବ୍ୟବସ୍ଥା, କୃଷି ଅଧିଦର୍ଶକ ପଦବୀ ସଂଖ୍ୟା ବୃଦ୍ଧି ଆଦି ଦାବିଗୁଡିକ ସଂଘ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କଳିଙ୍ଗ କିଶୋର ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ଅମୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ନବ ନିର୍ବାଚିତ ପ୍ରତିନିଧିମାନଙ୍କ ନାମ ଘୋଷଣା କରାଯାଇଥିଲା। ସଭାପତି ଭାବେ ତୁଷାରକାନ୍ତି ମହାନ୍ତି, ସାଧାରଣ ସମ୍ପାଦକ ଭାବେ ପ୍ରମୋଦ କୁମାର ପ୍ରଧାନ, ଉପସଭାପତି କଲ୍ୟାଣୀ ପାଣିଗ୍ରାହୀ, ସଙ୍ଗଠନ ସମ୍ପାଦକ ଦିଲୀପ କୁମାର ଦାସ, କୋଷାଧ୍ୟକ୍ଷ ସୁନୀଲ କୁମାର ଶତପଥି, କାର୍ଯ୍ୟାଳୟ ସମ୍ପାଦକ ଗଣେଶ ମଙ୍ଗରାଜ, ସମୀକ୍ଷକ ଭାବେ ଚିତ୍ତରଞ୍ଜନ ସେଠୀ ପ୍ରମୁଖ ନିର୍ବାଚିତ ହୋଇଥିଲେ। ସେହିପରି ମୁଖ୍ୟ ଉପଦେଷ୍ଟା ଭାବେ କଳିଙ୍ଗ କିଶୋର ମହାନ୍ତି, ଅଧ୍ୟକ୍ଷ ଭାବେ ଅମୀୟ କୁମାର ରାଉତ, ଉପଦେଷ୍ଟା ମଣ୍ଡଳୀରେ କାର୍ତ୍ତିକ ଜେନା, ନିହାର ରଞ୍ଜନ ମହାନ୍ତି, ଅନୀଲ କୁମାର ରାଉତ, ହିମାଂଶୁ ମହାନ୍ତି, ଅଶୋକ ମହାନ୍ତି ଓ ବାର୍ତ୍ତା ସମ୍ପାଦକ ଭାବେ ନବଘନ ମୁଦୁଲୀଙ୍କୁ ନିର୍ବାଚିତ କରାଯାଇଛି। ବିଭିନ୍ନ ଜିଲାରୁ ଶତାଧିକ କୃଷି ଅଧିଦର୍ଶକ ବୈଠକରେ ଉପସ୍ଥିତ ଥିଲେ। ମୟୂରଭଞ୍ଜ ଜିଲା ଅଧିଦର୍ଶକ ସଂଘର ସଭାପତି ତାରାକାନ୍ତ ଦାସ ଓ ସମସ୍ତ ସଦସ୍ୟାସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ମହିଳାଙ୍କ ଧାରଣା


ଧାରଣାରେ ବସିଥିବା ମହିଳାମାନେ।

ମୋରଡ଼ା, ୭।୨ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ନୂଆଗାଁସ୍ଥିତ ହରପ୍ରସାଦ ଶିକ୍ଷା ସଦନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁ ସେବିକା ନିଯୁକ୍ତିରେ ଅନିୟମିତତା ଅଭିଯୋଗ ହୋଇଛି। ଏହା ବିରୋଧରେ ଗ୍ରାମର ମହିଳାମାନେ ଶନିବାର ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

ଅଭିଯୋଗ ମୁତାବକ, ନୂଆଗାଁସ୍ଥିତ ହରପ୍ରସାଦ ଶିକ୍ଷା ସଦନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁବାଟିକା ନିମନ୍ତେ ଶିଶୁ ସେବିକା ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ଉକ୍ତ ଗ୍ରାମର ୧୫ଜଣ ମହିଳା ଆବେଦନ କରିଥିଲେ। ଫେବୃଆରୀ ୩ରେ ବିଦ୍ୟାଳୟ ପରିଚାଳନା କମିଟି ଏବଂ ପ୍ରଧାନ ଶିକ୍ଷକ କୁଳମଣି ଭୋଇଙ୍କ ଉପସ୍ଥିତିରେ ଶିଶୁ ସେବିକା ଚୟନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ଅଧ୍ୟକ୍ଷ ସତ୍ୟବାନ ମହାନ୍ତଙ୍କ ସ୍ତ୍ରୀ ବବିତା ମହାନ୍ତଙ୍କୁ ଅନିୟମିତତା ଭାବେ ଶିଶୁ ସେବିକା ଭାବେ ଚୟନ କରାଯାଇଥିବା ଗ୍ରାମର ମହିଳା ପ୍ରଣତି ମହାନ୍ତ, ଲଳିତା ମହାନ୍ତ, ସେବତୀ ମହାନ୍ତ, ଜ୍ୟୋତ୍ସ୍ନାରାଣୀ ମହାନ୍ତ, ଅଙ୍କିତା ମହାନ୍ତ ଅଭିଯୋଗ କରିଛନ୍ତି। କେମିତି ବବିତାଙ୍କୁ ଚୟନ କରାଗଲା ବୋଲି ପୂର୍ବରୁ ପ୍ରଧାନ ଶିକ୍ଷକଙ୍କୁ ଏ ବାବଦରେ ପଚାରିବାରୁ ସେ କେବଳ ଏକ ମାଧ୍ୟମ ମାତ୍ର କହି କଥାକୁ ଏଡ଼ାଇ ଦେଇଥିଲେ। ତେଣୁ ବାଧ୍ୟହୋଇ ଶନିବାର ଅପରାହ୍ନ ୩ଟାରେ ମହିଳାମାନେ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିବା କହିଛନ୍ତି। ପ୍ରଧାନ ଶିକ୍ଷକ ଭୋଇଙ୍କୁ ପଚାରିବାରୁ ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ଆସନ୍ତା ସୋମବାର ଏକ ବୈଠକ କରାଯିବ ବୋଲି କହିଥିଲେ।

# ପାଟଶାଣୀପୁର ବିଦ୍ୟାଳୟର ବାର୍ଷିକୋତ୍ସବ



ଉତ୍ସବରେ ଯୋଗଦେଇଥିବା ଅତିଥି।

ଉଦଳା, ୭।୨ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ପାଟଶାଣୀପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିରେନ୍ଦ୍ର ନାଥ ମଢେଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ବିଧାୟକ ଭାସ୍କର ମଢେଇ, ବିଇଓ ଦୀପକ କୁମାର ମିଶ୍ର, ଏବିଇଓ ମିନତି ମଞ୍ଜରୀ ପଣ୍ଡା, ଉଦଳା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିତୀଶ ଘୋଷ, ସରପଞ୍ଚ ବାଲି ମୁର୍ମୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀଧର ସିଂ, ଶିକ୍ଷାବିତ୍ ବ୍ରହ୍ମାନନ୍ଦ ସିଂ, ବୁଦ୍ଧିରାମ ସିଂ, ପୂର୍ବତନ ସରପଞ୍ଚ କରୁଣାକର ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଏହି ବିଦ୍ୟାଳୟର ଗରିମା ଏବଂ ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପରିଷଦ ସ୍ୱଚ୍ଛ ରହିଲେ ବିଦ୍ୟାର୍ଥୀମାନଙ୍କର ମାନସିକ ଏବଂ ବୌଦ୍ଧିକ ଜ୍ଞାନର ସଞ୍ଚାର ହେବ ବୋଲି ଅତିଥିମାନେ କହିଥିଲେ। ଏହି ବିଦ୍ୟାଳୟର ଉନ୍ନତି ପାଇଁ ଆବଶ୍ୟକ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଏହି ଅବସରରେ ବିଧାୟକ ମଢେଇ କହିଥିଲେ। କୁନି କୁନି ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ବନ୍ଧୁକ ମୁନରେ ଗହଣା ବ୍ୟବସାୟୀଙ୍କଠୁ ଲୁଟ

ଗୋପବନ୍ଧୁ ନଗର/ଉଦଳା, ୭।୨ (ଶାନ୍ତନୁ କୁମାର ମହୁଆଳ/ ସନ୍ତୋଷ କୁମାର ବାଛିନି)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ କନ୍ହେଇବନ୍ଧ ହାଟରୁ ଫେରିବା ବେଳେ ଜଣେ ଗହଣା ବ୍ୟବସାୟୀ ଶନିବାର ସନ୍ଧ୍ୟାରେ ଲୁଟ୍‌ର ଶିକାର ହୋଇଛନ୍ତି। ସେ ହେଲେ ଧନାପନା ଗ୍ରାମର କୋମଳ ଲୋଚନ ରଣା। ଦୁର୍ବୃତ୍ତମାନେ ତାଙ୍କୁ ବନ୍ଧୁକ ଦେଖାଇ ୫୦୦ ଗ୍ରାମ୍ ରୁପା ଗହଣା ଲୁଟି ନେଇଛନ୍ତି। ଏନେଇ ସେ ଖୁଣ୍ଟା ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, କୋମଳ ଲୋଚନ ଗହଣା ନେଇ କନ୍ହେଇବନ୍ଧ ସାପ୍ତାହିକ ହାଟକୁ ଯାଇଥିଲେ। ସେଠାରେ ବେପାର ସାରି ସନ୍ଧ୍ୟାରେ ବାଇକ୍‌ରେ ଘରକୁ ଫେରୁଥିବା ସମୟରେ ରାସ୍ତାରେ ୨ଟି ବାଇକ୍‌ରେ ୫ଜଣ ଦୁର୍ବୃତ୍ତ ଆସି ତାଙ୍କୁ ଅଟକାଇଥିଲେ। ସେମାନେ ବନ୍ଧୁକ ଦେଖାଇ ତାଙ୍କ ବାଇକ୍ ଡିକି ଖୋଲି ରୁପା ଅଳଙ୍କାର ଲୁଟି ନେଇ ପଳାଇଥିଲେ। ଲୁଟେରାମାନେ ହିନ୍ଦୀ ଭାଷାରେ କଥା ହେଉଥିବା ବେଳେ ମୁହଁରେ ମୁଖା ପିନ୍ଧିଥିଲେ। ଏନେଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପଞ୍ଚାନନ ମହାନ୍ତି କହିଛନ୍ତି।

# ଆଶ୍ରମ ସ୍କୁଲର ବାର୍ଷିକୋତ୍ସବ

ଗୋପବନ୍ଧୁ ନଗର, ୭।୨ (ଶାନ୍ତନୁ କୁମାର ମହୁଆଳ)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ ରାଣୀବନ୍ଧ ପଞ୍ଚାୟତ ବାଙ୍କିଶୋଳ ଆଶ୍ରମ ସ୍କୁଲର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ବନ୍ଦିତା ପତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସତ୍ୟଭାନୁ ସର୍ଦ୍ଦାର ସିଂ, ମୁଖ୍ୟବକ୍ତା ଏବିଇଓ କୁଳମଣି ନାଏକ, ସମ୍ମାନିତ ଅତିଥି ଭାବେ ରାଣୀବନ୍ଧ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ସେଠୀ, ସିଆର୍‌ସିସି ତ୍ରିଦ୍ୱୀପ ମହାକୁଡ, ସରପଞ୍ଚ ମମତା ଖଟୁଆ, ସଞ୍ଜୟ କୁମାର ସିଂ ଓ ଦୀପାଲି ସିଂ ଯୋଗ ଦେଇଥିଲେ। ଆଶା ଓ ବିଶ୍ୱାସ ମଣିଷର ଭବିଷ୍ୟତକୁ ଉଜ୍ଜ୍ୱଳ କରାଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାରେ କୃତୀ ୪୪ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଭବାନୀ ଶଙ୍କର ଚୌଧୁରୀ, ନନ୍ଦିତା ପୃଷ୍ଟି, ରଶ୍ମିତା ପଟ୍ଟନାୟକ, ସଙ୍ଗିତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

# ଭାରତ ବନ୍ଦକୁ ସଫଳ କରିବା ପାଇଁ ସଚେତନତା ରାଲି

କରଞ୍ଜିଆ, ୭।୨ (କବିତା ମହାନ୍ତ)

ଆସନ୍ତା ୧୨ ତାରିଖରେ ଭାରତ ବନ୍ଦ ଆନ୍ଦୋଳନ। ଏହାକୁ ସଫଳ କରିବା ପାଇଁ ଶନିବାର ମୟୂରଭଞ୍ଜ ଜିଲା କରଞ୍ଜିଆଠାରେ ପୂର୍ବତନ ବିଧାୟକ ତଥା ଏଆଇୟୁଟିୟୁସି ରାଜ୍ୟ ସଭାପତି ଶମ୍ଭୁନାଥ ନାୟକ, ପୂର୍ବତନ ନଗରପାଳ ତଥା ଆଇଏନ୍‌ଟିୟୁସିର ଜିଲା ସଭାପତି ଭୁବନ ସାହୁ ଓ ଏଆଇୟୁଟିୟୁସିର ଜିଲା ସମ୍ପାଦକ ଯୋଗବନ୍ଧୁ ମିଶ୍ରଙ୍କ ନେତୃତ୍ୱରେ ସଚେତନତା ରାଲି କରାଯାଇଛି। କରଞ୍ଜିଆ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ରାଲି ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା। କଂଗ୍ରେସର ଟାଉନ ସଭାପତି ସୁରଜ ସିଂ, ଶ୍ରମିକ ନେତା ଧରଣୀ ମହାନ୍ତ, ଅଜିତ ବାରିକ, ଶଙ୍କର ନାୟକ ପ୍ରମୁଖ ରାଲିରେ ସାମିଲ ଥିଲେ। ଭାରତ ବନ୍ଦ ଆନ୍ଦୋଳନରେ ସହଯୋଗ କରିବା ପାଇଁ ଜନସାଧାରଣଙ୍କୁ ସେମାନେ ନିବେଦନ କରିଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ମହିଳା

**ପାନୀୟ ଜଳ ସମସ୍ୟା**

ମୋରଡା/ରାସଗୋବିନ୍ଦପୁର, ୭।୨ (ସ୍ମାରକ ମାଜୀ/ସତ୍ୟବାଦୀ ପରିଡ଼ା)


ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ମହିଳାମାନେ ଧାରଣାରେ ବସିଛନ୍ତି।

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ୍ ଅଧୀନ ନାକିଚୁଆ ଗ୍ରାମର ପାନୀୟ ଜଳ ସମସ୍ୟା ଲାଗି ରହିଛି। ଅଭିଯୋଗ ସତ୍ତ୍ୱେ ସମସ୍ୟା ସମାଧାନ ହେଉ ନ ଥିବାରୁ ଗ୍ରାମର ମହିଳାମାନେ ଶନିବାର ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଥିଲେ। କାର୍ଯ୍ୟାଳୟ ଆଗରେ ଗରା, ବାଲ୍‌ଟି ଧରି ଧାରଣାରେ ବସିଥିଲେ।

ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ ବସୁଧା ଯୋଜନାରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଛି। ମାତ୍ର ନିମ୍ନମାନର କାର୍ଯ୍ୟ ଯୋଗୁ ଲୋକେ ଦୀର୍ଘ ଦିନ ଧରି ପିଇବା ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଗ୍ରାମବାସୀ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ତେଣୁ ଶନିବାର ପୂର୍ବାହ୍ନ ୧୧ଟାରେ ଗ୍ରାମର ମହିଳା ପଞ୍ଚାୟତ କାର୍ଯ୍ୟାଳୟ ଗେଟ୍‌ରେ ତାଲା ମାରି ପ୍ରତିବାଦ କରିଥିଲେ। ତେବେ ସ୍ଥାନୀୟ ସରପଞ୍ଚ ଲୋକଙ୍କ ସମସ୍ୟା ବୁଝିବା ବଦଳରେ ଲୋକଙ୍କୁ ନାଲି ଆଖି ଦେଖାଉଥିବାର ଅଭିଯୋଗ ହୋଇଛି। ଉକ୍ତ ଘଟଣାର ଭିଡିଓ ଉତ୍ତୋଳନ କରିବା ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ସରପଞ୍ଚ ଦୁର୍ବ୍ୟବହାର କରିଥିଲେ ବୋଲି ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଜଳ ଯୋଗାଣ ଅଧିକାରୀ ପ୍ରିୟବ୍ରତ ଗାରୁ ପହଞ୍ଚି ମହିଳାଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ପରିସ୍ଥିତି ଶାନ୍ତ ହୋଇ ନ ଥିଲା। ପରେ ରାସଗୋବିନ୍ଦପୁର ପୋଲିସ ପହଞ୍ଚି ମହିଳାଙ୍କୁ ବୁଝାଶୁଝା କରିଥିଲା। ଜଳ ଯୋଗାଣ ଅଧିକାରୀ ସମସ୍ୟା ସମାଧନ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଧାମରାରେ ହେବ ଶିଳ୍ପ ପାର୍କ

# ଚାଲିଛି ଜମିହରାଙ୍କ କାଗଜପତ୍ର ଯାଞ୍ଚ

ଭଦ୍ରକ,୭।୨(ସନାତନ ରାଉତ)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଧାମରା ନିକଟସ୍ଥ କଇଥଖୋଲାଠାରେ ଶିଳ୍ପ ପାର୍କ ନିର୍ମାଣ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜମି ଅଧିଗ୍ରହଣ ପାଇଁ ଜମି ମାଲିକମାନଙ୍କୁ ନୋଟିସ କରାଯାଇଛି। ଜାନୁଆରୀରେ ଜମି ମାଲିକମାନଙ୍କୁ ନୋଟିସ କରାଯାଇଥିବା ବେଳେ ଏବେ ଜମିର କାଗଜପତ୍ର ଯାଞ୍ଚ ଚାଲିଛି। ଯାଞ୍ଚ ପରେ ଜମିର ମୂଲ୍ୟାଙ୍କନ କରାଯାଇ କ୍ଷତିପୂରଣ ପ୍ରଦାନ ପାଇଁ ଜମି ମାଲିକମାନଙ୍କୁ ନୋଟିସ କରାଯିବ। ପରେ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଭୂଅର୍ଜନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଏହି ପାର୍କ ନିର୍ମାଣ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୧୧୩୫ ଏକର ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୧୨୦ ଏକର ଜମି ଅଧିଗ୍ରହଣ କରାଯିବ। ଲକ୍ଷ୍ମୀପ୍ରସାଦ, ବଳଭଦ୍ରପ୍ରସାଦ, ଜଗନ୍ନାଥପ୍ରସାଦ, ବାଣୁଆସାହି, ନୂଆଗାଁ, ଶଶିକାଦେଇପୁର ୬ ମୌଜାରୁ ଏହି ଜମି ଅଧିଗ୍ରହଣ ହେବ। ଜଗନ୍ନାଥପ୍ରସାଦ ମୌଜାରେ ୫୦୬ ଏକର, କଇଥଖୋଲା ପଞ୍ଚାୟତରେ ୪ ଏକର, ବଳଭଦ୍ରପ୍ରସାଦ ମୌଜାରେ ୪୫ ଏକର ଓ ଲକ୍ଷ୍ମୀପ୍ରସାଦ ମୌଜାରେ ୪୦୭ ଏକର ଜମିର ମାଲିକମାନଙ୍କୁ ନୋଟିସ୍ କରାଯାଇଥିଲା। ଗତ ୩ ତାରିଖଠାରୁ କଇଥଖୋଲାରେ ଏକ କୋର୍ଟ କ୍ୟାମ୍ପ କରାଯାଇ ଜମି ମାଲିକମାନଙ୍କର ଖତିଆନ, ପାଉତି ଯାଞ୍ଚ କରାଯାଉଛି। ଆସନ୍ତା ୧୨ତାରିଖ ସୁଦ୍ଧା ଏହି ଯାଞ୍ଚ ପ୍ରକ୍ରିୟା ଶେଷ ହେବ ବୋଲି ଭୂ ଅର୍ଜନ ଅଧିକାରୀ ତଥା ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ସୂଚନା ଦେଇଛନ୍ତି। ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ଜମି ମାଲିକମାନଙ୍କୁ ଜମିର ମୂଲ୍ୟ ବାବଦ ଅର୍ଥ ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ପ୍ରାଥମିକ ଭାବେ ଇଡ୍‌କୋକୁ ଏହି ଜମି ହସ୍ତାନ୍ତର କରାଯିବ। ପରେ ଶିଳ୍ପ ପାର୍କ ପାଇଁ ବିଭିନ୍ନ ଶିଳ୍ପଗୋଷ୍ଠୀଙ୍କୁ ଜମି ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ଦ୍ୱରିତ ଗଣିତ ଶିକ୍ଷା ପାଇଁ ଚର୍ଚ୍ଚାରେ ନିତ୍ୟାନନ୍ଦ



ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ପଟ୍ଟନାୟକ ପିଲାମାନଙ୍କୁ ପ୍ରକଳ୍ପ ମାଧ୍ୟମରେ ଗଣିତ ଶିକ୍ଷା ଦେଉଛନ୍ତି।

ତିହିଡ଼ି,୭।୨(ସଞ୍ଜିତ ବଳ)

## ଘରେ କରିଛନ୍ତି ବିଲୁପ୍ତ ସାମଗ୍ରୀର ସଂଗ୍ରହାଳୟ

ଆଗକୁ ବଢ଼ିଚାଲିଛି ସମୟ। ଏହି ପରିବର୍ତ୍ତିତ ସମୟରେ ବିଲୁପ୍ତ ହୋଇଯାଇଛି ବହୁ ବ୍ୟାବହାରିକ ସାମଗ୍ରୀ। ଗାଁ ଗଣ୍ଡାରେ ଆଉ ହଳ, ଲଙ୍ଗଳ ଅଥବା ଢିଙ୍କି ଦେଖିବାକୁ ମିଳୁନାହିଁ। ଶଗଡ଼ ଅଥବା ସବାରି ମଧ୍ୟ ମିଳୁନାହିଁ। ନିଜ ଘରେ ଏହିପରି ଶତାଧିକ ସାମଗ୍ରୀର ସଂଗ୍ରହାଳୟ କରି ଚର୍ଚ୍ଚିତ ହୋଇଥିବା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ପଟ୍ଟନାୟକ ଯୌଥ ପରିବାରର ଉପକାରିତା ଉପରେ ମଧ୍ୟ ଲୋକଙ୍କୁ ବୁଝାଇଥାନ୍ତି। ଏଥିସହ ଦ୍ୱରିତ ଗଣିତ ଶିକ୍ଷା ପାଇଁ ସେ ଚର୍ଚ୍ଚାରେ ରହିଛନ୍ତି।

ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଚଉଁରୀ ଗ୍ରାମର ନିତ୍ୟାନନ୍ଦଙ୍କୁ ଏବେ ୭୨ବର୍ଷ। ଏହି ବୟସରେ ବି ସେ ଥକି ନାହାନ୍ତି। ତାଙ୍କର ଆଗ୍ରହ ପାଖରେ ବାର୍ଦ୍ଧକ୍ୟ ବାଟ ଓଗାଳି ପାରିନାହିଁ। ଗଣିତ ଶିକ୍ଷା ପଦ୍ଧତିର ନୂତନ କୌଶଳ ସମ୍ବନ୍ଧରେ ସେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦେଉଛନ୍ତି। ପିଲାମାନେ ଗଣିତରେ କିପରି ପାରଙ୍ଗମ ହୋଇ ପାରିଦର୍ଶିତା ଲାଭ କରିପାରିବେ, ସେହି ଲକ୍ଷ୍ୟ ନେଇ ସେ ଚାଲିଛନ୍ତି। ଏଥିପାଇଁ ସେ ଗଣିତ ସମ୍ବନ୍ଧୀୟ ୪୦ଟି ପ୍ରକଳ୍ପ ତିଆରି କରିଛନ୍ତି। ୧ମ ଶ୍ରେଣୀଠାରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଏହି ପ୍ରକଳ୍ପ ସବୁରେ ଜଟିଳ ଗଣିତର ସହଜ ସମାଧାନ ରହିଛି। ଏଥିପାଇଁ ସେ ମଧ୍ୟ ବିଭିନ୍ନ ପ୍ରକାର ସୂତ୍ର ପ୍ରଣୟନ କରିଛନ୍ତି। ଜ୍ୟାମିତିରେ ମଧ୍ୟ ସହଜ ଶିକ୍ଷା ଦେବାକୁ ସେ ଉଦ୍ୟମ ଅବ୍ୟାହତ ରଖିଛନ୍ତି। ନିତ୍ୟାନନ୍ଦ ପ୍ରଧାନଶିକ୍ଷକ ଭାବେ ଦୀର୍ଘବର୍ଷ ଶିକ୍ଷାଦାନ କରିଛନ୍ତି। ଶିକ୍ଷାଦାନର ଅଭିଜ୍ଞତାକୁ ପାଥେୟ କରି ସେ ଅଭିନବ ପ୍ରଣାଳୀରେ ଶିକ୍ଷାଦାନର କୌଶଳ ହାସଲ କରିଥିବା ଏବଂ ଜୀବନର ପ୍ରତି ମୁହୂର୍ତ୍ତରେ ଗଣିତର ଆବଶ୍ୟକତା ଥିବା ସେ କହନ୍ତି। ୧୦ବର୍ଷ ହେଲା ତାଙ୍କ ଘର ପାଖରେ ବିଲୁପ୍ତପ୍ରାୟ ସାମଗ୍ରୀ ସଂଗ୍ରହାଳୟ କରିଛନ୍ତି। ଆଗାମୀ ଯୁବପିଢ଼ିଙ୍କୁ ଏସବୁ ସାମଗ୍ରୀ ସମ୍ପର୍କରେ ଜଣାଇବା ଲକ୍ଷ୍ୟରେ ଏଭଳି ଯୋଜନା କରିଥିଲେ ବୋଲି କହିଛନ୍ତି। ଏହାମଧ୍ୟରେ ସେ ବିଭିନ୍ନ ସ୍ଥାନରେ ଯୌଥ ପରିବାରର ଉପକାରିତା ଉପରେ ଲୋକଙ୍କୁ ବୁଝାଇଥିବା ବେଳେ ସ୍କୁଲକୁ ଯାଇ ମଧ୍ୟ ଗଣିତ ଶିକ୍ଷାର ସହଜ ପ୍ରଣାଳୀ ସମ୍ପର୍କରେ ଶିକ୍ଷାଦାନ କରିଛନ୍ତି। ସେ ନିଜ ଖର୍ଚ୍ଚରେ ପ୍ରକଳ୍ପ ଓ ହୋର୍ଡିଂ ତିଆରି କରୁଥିବା ବେଳେ ଏଥିପାଇଁ କୌଣସି ପାରିଶ୍ରମିକ ମଧ୍ୟ ଆଶା କରନ୍ତି ନାହିଁ। ଏହାବ୍ୟତୀତ ସାହିତ୍ୟରେ ରୁଚି ରଖିଥିବା ନିତ୍ୟାନନ୍ଦ ଅନେକ ଭକ୍ତିଭାବର କବିତା ଲେଖିଥିବା ସହ ତାଙ୍କର କିଛି ପୁସ୍ତକ ମଧ୍ୟ ପ୍ରକାଶ ପାଇଛି। ତେବେ ଅନେକଙ୍କ ଜୀବନ ବ୍ୟସ୍ତବହୁଳତାରୁ ମୁକୁଳି ପାରୁ ନ ଥିବାବେଳେ ନିତ୍ୟାନନ୍ଦଙ୍କ ବହୁମୁଖୀ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ମତପ୍ରକାଶ ପାଇଛି।

# କଲେଜରେ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

ଧାମନଗର,୭।୨(ଦେବେନ୍ଦ୍ର ଆଚ୍ଛିଆ)

ଧାମନଗର କଲେଜରେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀମାନଙ୍କ ନିମନ୍ତେ ୧୦ଦିନିଆ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଇଂଲିଶ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ପ୍ରଦୀପ କୁମାର ରାୟ ଯୋଗଦେଇ ଛାତ୍ରୀମାନଙ୍କ ସୁରକ୍ଷା ନିମନ୍ତେ ଆତ୍ମରକ୍ଷା କୌଶଳର ପ୍ରୟୋଜନ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପିକା ବାସ୍ତବିକା ଦାସ ଯୋଗଦେଇ ନାରୀ ସଶକ୍ତୀକରଣ ଦିଗରେ ଛାତ୍ରୀ ଆତ୍ମରକ୍ଷା କୌଶଳର ଭୂମିକା ସମ୍ବନ୍ଧରେ କହିଥିଲେ। ଅଧ୍ୟକ୍ଷ ଅଜୟ କୁମାର ବେଜ ଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ପ୍ରଶିକ୍ଷଣରେ ଭାଗ ନେବା ପାଇଁ ଆହ୍ୱାନ ଦେଇଥିଲେ। ଛାତ୍ରୀ ଆତ୍ମରକ୍ଷା କ୍ଲବ୍‌ର ସଂଯୋଜିକା କଲ୍ୟାଣୀ ଦାଶ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। କ୍ଲବ୍‌ର ସଦସ୍ୟା ଶ୍ୱେତା ସାମିନି ମଞ୍ଚ ପରିଚାଳନା କରିଥିଲେ। ଯୁକ୍ତ ୩ ପ୍ରଥମ ବର୍ଷର ଶତାଧିକ ଛାତ୍ରୀ ଶିବିରରେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ‘ପାଲା ଓ ଲୋକକଳା ଓଡ଼ିଶାର ପ୍ରାଚୀନ ସଂସ୍କୃତି, ପରମ୍ପରା’



ପାଲା ମହୋତ୍ସବ ଉଦ୍‌ଘାଟନ କରାଯାଉଛି।

ବାସୁଦେବପୁର,୭।୨(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁରର ଆରାଧ୍ୟ ଦେବତା ଶ୍ରୀ ପ୍ରସନ୍ନଦେବଜୀଉଙ୍କ ପୀଠରେ ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ ଓ ପ୍ରସନ୍ନ ଦେବ ସେନାର ମିଳିତ ସହଯୋଗରେ ୧୦ମ ବାର୍ଷିକ ପାଲା ଓ ଲୋକକଳା ମହୋତ୍ସବ-୨୦୨୬ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସକାଳେ ୩ଶହରୁ ଊର୍ଦ୍ଧ୍ୱ କଳାକାର ଏକ ଶୋଭାଯାତ୍ରାରେ ବାସୁଦେବପୁର ଟାଉନ ହଲ୍‌ଠାରୁ ବାହାରି ସହର ପରିକ୍ରମା କରି ପ୍ରସନ୍ନଦେବଙ୍କ ପୀଠରେ ପହଞ୍ଚିଥିଲେ। ନୃତ୍ୟ, ଗୀତ, ବାଦ୍ୟର ତାଳେ ତାଳେ କଳାକାରମାନେ ସେମାନଙ୍କର କଳା ନୈପୁଣ୍ୟ ପ୍ରଦର୍ଶନ କରି ସହରବାସୀଙ୍କୁ ବିମୁଗ୍ଧ କରିଥିଲେ। ମଧ୍ୟାହ୍ନରେ ଏହି କଳାକାରଙ୍କ ବିରାଟ ପଟୁଆର ପୀଠରେ ପହଞ୍ଚିଥିଲା। ଉଦ୍‌ଘାଟକ ଭାବେ ପ୍ରସନ୍ନ ଦେବଙ୍କ ପରମ ସେବକ ଚୌଧୁରୀ ସତ୍ୟନାରାୟଣ ରାୟ ଯୋଗଦେଇ ଆୟୋଜିତ ସାଧାରଣ ସଭାକୁ ଉଦ୍‌ଘାଟନ କରିଥିଲେ। ପାଲା ମଣ୍ଡଳ ସଭାପତି ସନାତନ ପୁରୀଙ୍କ ସଭାପତିତ୍ୱରେ ଆୟୋଜିତ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗଦେଇ କହିଥିଲେ, ପାଲା ଓ ଲୋକକଳା ହେଉଛି ଓଡ଼ିଶାର ପ୍ରାଚୀନ ସଂସ୍କୃତି, ପରମ୍ପରା ଏବଂ ଓଡ଼ିଆମାନଙ୍କର ପ୍ରାଣ। ଏହି ବିଦଗ୍ଧ ସାହିତ୍ୟ ପାଲା, ଲୋକକଳାକୁ ଆଗକୁ ଆଗକୁ ଗଲେ ଓଡ଼ିଶାର ଗୌରବ ବଢ଼ିବ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସଙ୍ଗୀତ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କଳାକାର ସୁବାସ ଚନ୍ଦ୍ର ମଳିକ ଯୋଗଦେଇ ଓଡ଼ିଶାର କଳା ସାହିତ୍ୟକୁ ପାଲା ଓ ଲୋକକଳା ଗୌରବାନ୍ୱିତ କରିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ କୁମାର ନାୟକ, ଗାୟକ ନୀଳକଣ୍ଠ ପାତ୍ର, ମଣ୍ଡଳର ବରିଷ୍ଠ ଉପଦେଷ୍ଟା ଅମୂଲ୍ୟରତ୍ନ ସାହୁ, ମଧୁସୂଦନ ପାଢ଼ୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମଣ୍ଡଳର ସମ୍ପାଦକ କପିଳନାଥ ଶର୍ମା ବିବରଣୀ ପାଠ କରିଥିଲେ। ସଭାରେ ସୁବାସ ଚନ୍ଦ୍ର ମଳିକ, କୃତିବାସ ସନ୍ଧିବିଗ୍ରହ, ଦିବ୍ୟସିଂ ମିଶ୍ରଙ୍କୁ ପାଲା ମଣ୍ଡଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚରେ ୩ଜଣ ମହିଳା ଗାୟିକା ସାବିତ୍ରୀ ମହାରଣା, ରୁକ୍ମଣୀ ପଲେଇ ଓ ବନଲତା ପ୍ରଧାନ ସେମାନଙ୍କ ସାଥୀଙ୍କୁ ନେଇ ପାଲା ପରିବେଷଣ କରିଥିଲେ। ୪ ଦଳ ଘୋଡ଼ାନାଚ ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ ମୟୂରଭଞ୍ଜର ଘୋଡ଼ାନାଚ ପ୍ରଦର୍ଶିତ ହେବାର କାର୍ଯ୍ୟକ୍ରମ ରହିଛି।

# ବୀରେଶ୍ୱର ମହୋତ୍ସବ ଉଦ୍‌ଘାଟିତ

ଭଦ୍ରକ, ୭।୨(ରବିନାରାୟଣ ଖିଲାର)

ଭଦ୍ରକ ବ୍ଲକର ନଳାଙ୍ଗ ନିକଟସ୍ଥ ବିରପଡ଼ାଠାରେ ବାବା ବୀରେଶ୍ୱର ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଆନୁଷ୍ଠାନିକ ଭାବେ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ବରେଣ୍ୟ ଅତିଥି ଭାବେ ସଙ୍ଗୀତ ନିର୍ଦ୍ଦେଶକ ରାମନାରାୟଣ ମହାନ୍ତି ଓ ପ୍ରଧାନଶିକ୍ଷୟିତ୍ରୀ ଡ. ଜାନକୀ ପାଢ଼ୀ ଯୋଗ ଦେଇଥିଲେ। ମହୋତ୍ସବ ବିରପଡ଼ାର ସଂସ୍କୃତିକୁ ମନେ ପକାଇଛି। ଏଠାରେ ବାବା ବୀରେଶ୍ୱରଙ୍କ ଯଜ୍ଞ ଚାଲୁଥିବା ବେଳେ ଅନ୍ୟପଟେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ପିଲାମାନଙ୍କ ମଧ୍ୟରେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇ ସେମାନଙ୍କର ପ୍ରତିଭା ଚୟନ କରାଯିବା ଏହି ମହୋତ୍ସବର ଲକ୍ଷ୍ୟ ବୋଲି ବକ୍ତାମାନେ କହିଥିଲେ। କମିଟିର ଉପଦେଷ୍ଟା ଶିକ୍ଷକ ଗଗନ ବାରିକ ମଞ୍ଚ ଆମନ୍ତ୍ରଣ, ସଭାପତି ନିତ୍ୟାନନ୍ଦ ଜେନା ଅତିଥି ପରିଚୟ, ସମ୍ପାଦକ ମୁକୁନ୍ଦ ବେହେରା ସ୍ୱାଗତ ଭାଷଣ ପ୍ରଦାନ ଓ ଡାକ୍ତର ଦେବରାଜ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ ହୋଇଥିଲା। କୋଷାଧ୍ୟକ୍ଷ ଚନ୍ଦ୍ରମଣି ବାରିକ, ସଭ୍ୟା ନିରୁପମା ବେହେରା ଓ କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମହୋତ୍ସବ ୬ଦିନ ଧରି ଚାଲିବ।




ମହୋତ୍ସବରେ ଉପସ୍ଥିତ ଅତିଥି।

# ପ୍ରତିଯୋଗିତା ଆଗକୁ ବଢ଼ିବାକୁ ପ୍ରେରଣା ଦିଏ

## ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ, ଖାଦ୍ୟ ମେଳା

ଭଦ୍ରକ,୭।୨(ସନାତନ ରାଉତ)

ପ୍ରତିଯୋଗିତା ଓ ପୁରସ୍କାର ଛାତ୍ରୀଛାତ୍ରଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥାଏ। ପ୍ରତିଯୋଗିତା ମନୋଭାବ ରହିଲେ ସଫଳତା ମିଳିଥାଏ ବୋଲି ବନ୍ତ ବ୍ଲକର ଆଡ଼ିଆସ୍ଥିତ ଓଡ଼ିଶା ବ୍ରିଗେଡ୍ ସୈନିକ ସ୍କୁଲର ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ସଭାରେ ମୁଖ୍ୟବକ୍ତା ଶିକ୍ଷାବିତ୍ ତଥା ବିଦ୍ୟାଳୟର ଉପଦେଷ୍ଟା କାଳନ୍ଦୀ ଚରଣ ଖୁଣ୍ଟିଆ କହିଛନ୍ତି। ଶନିବାର ପୂର୍ବାହ୍ନ ୧୧ଟାରେ ବିଦ୍ୟାଳୟ ପରିସରରେ ସ୍କୁଲ ସଭାପତି ଶିକ୍ଷକ ଜଗନ୍ନାଥ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଆରଡ଼େଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର ପ୍ରସାଦ ନନ୍ଦ ଯୋଗ ଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ପ୍ରତିଭା ଅନ୍ୱେଷଣ ହୋଇଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ସ୍କୁଲ ଅଧ୍ୟକ୍ଷ ହରିହର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ କାଶୀନାଥ ଆଇଚ ଧନ୍ୟବାଦ ଦେଇଥିଲେ। ସକାଳେ ବିଦ୍ୟାଳୟ ପରିସରରେ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ର ଅଭିଭାବକଙ୍କ ସହାୟତାରେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ଷ୍ଟଲ୍‌ରେ ବିକ୍ରି କରିଥିଲେ। ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଓ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ ପୁଷ୍ପା ସାହୁ, ଆଶାଶୀ ରାଉତ, ରଶ୍ମିରେଖା ପାତ୍ର, ସ୍ୱର୍ଣ୍ଣପ୍ରଭା ନାୟକ, ଦେବୀଚନ୍ଦ୍ରିକା ନାୟକ, ଶୁଭଶ୍ରୀ ସାମଲ, ଶ୍ରୀଧର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

# ମଣ୍ଡିରୁ ଉଠୁନି ଧାନ, ଚିନ୍ତାରେ ଚାଷୀ




ଧାମନଗର,୭।୨(ଦୀନକୃଷ୍ଣ ମହାପାତ୍ର)

ଧାମନଗର ବ୍ଲକର ବିଭିନ୍ନ ମଣ୍ଡିରୁ ଧାନ ଉଠୁ ନ ଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ମିଲରମାନେ ସମିତିରୁ ଠିକ୍ ସମୟରେ ଧାନ ଉଠାଉ ନ ଥିବାରୁ ଏପରି ସ୍ଥିତି ଦେଖାଯାଇଛି। ଖରା, କାକରରେ ଧାନ ମଣ୍ଡିରେ ଖୋଲା ଆକାଶ ତଳେ ପଡ଼ିରହିଛି। ମଝିରେ ମଝିରେ ଆକାଶରେ ମେଘ ଉଠାଉଥିବାରୁ ଧାନ ଭିଜିବା ଆଶଙ୍କାରେ ଚାଷୀ ଓ ସମ୍ପାଦକ ଚିନ୍ତାରେ ପଡ଼ିଛନ୍ତି। ବର୍ଷା ହୋଇ ଧାନ ନଷ୍ଟ ହେଲେ, ସେଥିପାଇଁ ଦାୟୀ କିଏ ରହିବେ ବୋଲି ଚାଷୀମାନେ ପ୍ରଶ୍ନ ଉଠାଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ତୁରନ୍ତ ବାହାର ଜିଲାରୁ ମିଲରଙ୍କୁ ଡାକି ଧାନ ଉଠାଇବାକୁ ନିର୍ଦ୍ଦେଶ ଦେଲେ ଚାଷୀମାନେ ଠିକ୍ ଭାବେ ଧାନ ବିକିବା ସହ ଉପୁଜିଥିବା ସମସ୍ୟାର ସମାଧାନ ହୋଇପାରିବ ବୋଲି ବିଭିନ୍ନ ସମିତିର ସମ୍ପାଦକମାନେ ମତାମତ ଦେଇଛନ୍ତି। ତେବେ ଜିଲାପାଳ ଏହି ସମସ୍ୟା ପ୍ରତି ଗୁରୁତ୍ୱ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

# ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା

ଚାନ୍ଦବାଲି,୭।୨(କିଷାନ ପାତ୍ର)

ଚାନ୍ଦବାଲି କୋର୍ଟ ପରିସରରେ ଶୁକ୍ରବାର ନବନିଯୁକ୍ତ ସରକାରୀ ଓକିଲଙ୍କୁ ସ୍ୱାଗତ ଓ ବିଦାୟ ନେଉଥିବା ସରକାରୀ ଓକିଲଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଓକିଲ ସଂଘ ପକ୍ଷରୁ ସଭାପତି ଉପେନ୍ଦ୍ର ରାଉଳଙ୍କ ନେତୃତ୍ୱରେ ନୂଆ ସରକାରୀ ଓକିଲଙ୍କୁ ସ୍ୱାଗତ କରାଯାଇଥିଲା। ସେହିପରି ବିଦାୟୀ ସରକାରୀ ଓକିଲଙ୍କୁ ମାନପତ୍ର, ଉତ୍ତରୀୟ ଓ ସ୍ମୃତିଚିହ୍ନ ପ୍ରଦାନ କରି ସମ୍ବର୍ଦ୍ଧନା ଦିଆଯାଇଥିଲା। ନ୍ୟାୟ ବ୍ୟବସ୍ଥାରେ ସରକାରୀ ଓକିଲଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସରକାରୀ ଓକିଲମାନେ ଆଇନ ଓ ନ୍ୟାୟର ସୁରକ୍ଷାରେ ଦୃଢ଼ ଭାବେ କାର୍ଯ୍ୟ କରିବା ସହ ଗରିବ, ଅସହାୟ ଲୋକଙ୍କୁ ନ୍ୟାୟ ଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି ବୋଲି ସଭାପତି ରାଉଳ କହିଥିଲେ। ନୂତନ ଓକିଲମାନଙ୍କୁ ନିଷ୍ଠା ଓ ପ୍ରତିବଦ୍ଧତା ସହ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ସଂଘ ସମ୍ପାଦକ ରାଜନାରାୟଣ ନାୟକଙ୍କ ସମେତ ଚାନ୍ଦବାଲି କୋର୍ଟର ଆଇନଜୀବୀମାନେ ଉପସ୍ଥିତ ଥିଲେ।

# ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ଭଣ୍ଡାରିପୋଖରୀ,୭।୨(ରାଜେନ୍ଦ୍ର ଶତପଥୀ)

ସାହିତ୍ୟିକମାନେ ନିରନ୍ତର ସାହିତ୍ୟ ରଚନା କରି ଚାଲିଛନ୍ତି। ସାହିତ୍ୟର ପ୍ରଚାର ପ୍ରସାର ମଧ୍ୟ ହେଉଛି। ମାତ୍ର ସାହିତ୍ୟକୁ ନେଇ ବଞ୍ଚୁଥିବା ବ୍ୟକ୍ତି ହିଁ ବାସ୍ତବ ସାହିତ୍ୟିକ ବୋଲି ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଅତିଥିମାନେ କହିଛନ୍ତି। ଶନିବାର ଶାରଦା ବିଦ୍ୟାମନ୍ଦିର ପରିସରରେ ସଂସଦର ସଭାପତି ଡ. ସୁରେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହକୁ ସାହିତ୍ୟିକ ଡ. ବ୍ରଜମୋହନ ମିଶ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ମୁଖ୍ୟବକ୍ତା ଡ. ଚିନ୍ମୟୀ ମହାପାତ୍ର ଏବଂ ଅନ୍ୟତମ ଅତିଥି ଭାବେ ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ଅବସରପ୍ରାପ୍ତ ପ୍ରଶାସକ ରମେଶ ଚନ୍ଦ୍ର ରାଉତ, ବାଣୀଚିତ୍ରର ସମ୍ପାଦକ ଭାସ୍କର ଜେନା, ଡ. ସୁଧାଂଶୁ ଶେଖର ନାୟକ, ସାମାଜିକ କର୍ମୀ ବଦ୍ରୀ ନାରାୟଣ ଧଳ, ସଞ୍ଜୀବ ପରିଡ଼ା ପ୍ରମୁଖ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସଂସଦର ମୁଖପତ୍ର ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ ‘ମାଟି ମହକ’ ଉନ୍ମୋଚିତ ହୋଇଥିଲା। ଏଥିସହ ରତ୍ନମଞ୍ଜରୀ ପଣ୍ଡାଙ୍କର ‘ପହିଲି ଫୁଲ’, ରମାକାନ୍ତ ବେହେରାଙ୍କ ‘କୋଇଲି କହେ କୁହୁ’, ଅଚ୍ୟୁତାନନ୍ଦ ସାମଲଙ୍କ ‘କବିତା ସହ ଭେଟ’, ମୂରଲୀଧର ଦାସଙ୍କ ‘ପାଦେ ପାଦେ ଆଗକୁ’, ପୁରୁଷୋତ୍ତମ ଧଳଙ୍କ ‘ଗପରୁ ଶିକ୍ଷା’ ଓ ପ୍ରାଣକୃଷ୍ଣ ସାହୁଙ୍କ ‘ଏ ଯୁଗର ସାବିତ୍ରୀ’ ପାଠକାର୍ପଣ ହୋଇଥିଲା। ସଂସଦର କାର୍ଯ୍ୟକାରୀ ସଭାପତି ପ୍ରକାଶ ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସମ୍ପାଦକ ପବନ କୁମାର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପସଭାପତି ଭରତ ଚନ୍ଦ୍ର କରଣ ମଞ୍ଚ ଆହ୍ୱାନ, ପୁରୁଷୋତ୍ତମ ଧଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି ଅନାଦିଚରଣ ସାହୁ ଧନ୍ୟବାଦ ଦେଇଥିଲେ।




ଅତିଥିମାନେ ସାହିତ୍ୟ ସଂସଦର ମୁଖପତ୍ର ଉନ୍ମୋଚନ କରୁଛନ୍ତି।

# ଭଦ୍ରକ ସାଳନ୍ଦୀ ଟିମ୍ ବିଜୟୀ

## ଅଟଳ ବିହାରୀ ବାଜପେୟୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଧୁଷୁରୀ, ୭।୨(ଦୀପ୍ତିରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକ ଅଧୀନ ବୋଡ଼କ ଖେଳପଡ଼ିଆରେ ଅଟଳ ବିହାରୀ ବାଜପେୟୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ପୂର୍ବାହ୍ନ ୧୧ଟାରେ ଉଦ୍‌ଘାଟିତ ହୋଇଯାଇଛି। ଭଦ୍ରକର ସୂର୍ଯ୍ୟଶିଖା କ୍ରିକେଟ ଟିମ୍ ଓ ସାଳନ୍ଦୀ କ୍ରିକେଟ ଟିମ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସୂର୍ଯ୍ୟଶିଖା ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ଉଇକେଟ ବିନିମୟରେ ୧୯୨ ରନ୍ କରିଥିଲା। ସାଳନ୍ଦୀ ଟିମ୍ ୯ ଉଇକେଟ ବିନିମୟରେ ୧୯୬ ରନ୍ କରି ବିଜୟୀ ହୋଇଛି। ଟିମ୍‌ର ରଶ୍ମିରଞ୍ଜନ ମହାକୁଡ଼ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବରିଷ୍ଠ ଖେଳାଳି ବିଜ୍ଞାନ ଦାସ ଓ ପ୍ରଭାତ ବେହେରା ମ୍ୟାଚ୍ ପରିଚାଳନା କରିଥିବା ବେଳେ ଶୈଳେନ୍ଦ୍ର ନାରାୟଣ ନାୟକ ସ୍କୋରର ଥିଲେ।



ଅତିଥିମାନେ ଫିତାକାଟି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

ଯୁବ କ୍ରୀଡ଼ାବିତ୍ ସନ୍ଦୀପ କୁମାର ନାୟକଙ୍କ ଉଦ୍ୟମରେ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ମୁଖ୍ୟ ଅତିଥି ଭାବେ ଭାଜପା ଜିଲା ସଭାପତି ଭଗବାନ ପଣ୍ଡା ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଭାଜପା ଜିଲା ଉପସଭାପତି କିଶୋର ନାୟକ, ଧୁଷୁରୀ ଥାନା ସବ୍ ଇନ୍ସପେକ୍ଟର ବାସୁଦେବ ଓରାମ, ସବ୍ ଇନ୍ସପେକ୍ଟର ଧୀରେନ ନାୟକ, ଦଳର ବରିଷ୍ଠ ନେତା ଉପେନ୍ଦ୍ର ରାଉଳ, ମିହିର କୁମାର ନାୟକ, ସୁଦେଶ ପଣ୍ଡା, ସଦାନନ୍ଦ ମଳିକ, ସୁବାସ ସାହୁ, ଉମେଶ ସାହୁ, ଲଲାଟ କିଶୋର ପାଢୀ, ଧୁଷୁରୀ ପ୍ରେସ୍ ୟୁନିୟନ ସଭାପତି ସନ୍ତୋଷ ଦାସ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁରେଶ ମହାଳିକ, ବୀର କିଶୋର ଜେନା, ସୁରଜ ପୁହାଣ, ସଞ୍ଜିତ ନାୟକ, ପଦ୍ମଲୋଚନ ବାରିକ, ସୌରଭ ବାରିକ, ମହାବାହୁ ସାହୁ ପ୍ରମୁଖ ଟୁର୍ନାମେଣ୍ଟରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ନାଳରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ଢେଙ୍କିକୋଟ,୭।୨(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ଅନ୍ତର୍ଗତ ପଟିଲୋ ପଞ୍ଚାୟତ ଜାମୁପଶି ଗ୍ରାମରେ ନାଳରେ ବୁଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜାମୁପଶିର କୁନି ନାୟକ(୪୭)। କୁନି ନାୟକ ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ଘରୁ କେଉଁଆଡ଼େ ଚାଲି ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ବହୁ ଖୋଜା ଖୋଜି କରି ପାଇ ନ ଥିଲେ। ଶନିବାର ସକାଳ ସାଢେ ୮ ଟାରେ ଗ୍ରାମବାସୀ ଘରଠାରୁ ୭୦୦ ମିଟର ଦୂର ଏକ ନାଳକୁ ଶୌଚ ପାଇଁ ଗଲାବେଳେ ପାଣିରେ ଏକ ମହିଳା ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ପଣ୍ଡାପଡା ଥାନା ଆଇଆଇସି ରବିଶଙ୍କର ଭୈସାଙ୍କୁ ଖବର କରିଥିଲେ। ଥାନା ଅଧିକାରୀ ସଦଳବଳେ ପହଞ୍ଚି ମୃତଦେହ ବାହାର କରି ଚିହ୍ନଟ କରିଥିଲେ। ତାଙ୍କର ମା' ବାପା କେହି ନ ଥିବା ବେଳେ ସେ ଅବିବାହିତ ରହି ସାନ ଭାଇ କ୍ଷେତ୍ରମଣିଙ୍କ ପାଖରେ ରହୁଥିଲା। ସେ ଶୌଚ ପାଇଁ ଯାଇ ନାଳରେ ବୁଡ଼ି ଯାଇଥିବା ଜଣାପଡ଼ିଛି। ଏ ନେଇ ପଣ୍ଡାପଡା ଥାନାରେ ଏକ ମାମଲା(ନଂ.୫/୨୬) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତକଙ୍କ ପରିବାର ଅତ୍ୟନ୍ତ ଗରିବ ଓ ଆଦିବାସୀ ଶ୍ରେଣୀର ଥିବାରୁ ସରକାରଙ୍କ ତରଫରୁ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ମହିଳାଙ୍କ ଆତ୍ମହତ୍ୟା, ଘର ଭିତରୁ ୬ ମାସର ଶିଶୁ ଉଦ୍ଧାର

ବଡ଼ବିଲ,୭।୨ (ଜୟନ୍ତୀ ରଣା): କେନ୍ଦୁଝର ଜିଲା ବଡ଼ବିଲ ଥାନା ନ୍ୟୁ-ମାର୍କେଟ ଅଞ୍ଚଳରେ ଜଣେ ମହିଳା ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ଜବତ କରିଥିବା ବେଳେଘର ଭିତରୁ ୬ ମାସର ଶିଶୁଙ୍କୁ ଉଦ୍ଧାର କରିଛି। ମହିଳା ଜଣଙ୍କ ତାଙ୍କ ସ୍ୱାମୀ ଓ ୬ ମାସର ଶିଶୁ ସହ ରହୁଥିଲେ। ତେବେ ଗତ ଶୁକ୍ରବାର ରାତିରେ ସ୍ୱାମୀ ଘରେ ପହଞ୍ଚି କବାଟ ବାଡ଼େଇଥିଲେହେଁ ମହିଳା ଜଣକ କବାଟ ଖୋଲି ନ ଥିଲେ। ଘର ଭିତରେ ତାଙ୍କ ସ୍ତ୍ରୀ ଓ ଶିଶୁ ରହିଥିବା କହିବାରୁ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଘରର ଟିଣ ଛପର କାଟି ଘର ଭିତରକୁ ପଶି କବାଟ ଖୋଲିଥିଲେ। କବାଟ ଖୋଲିବାରୁ ମହିଳାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା। ମହିଳା ଜଣକ ଏକ ଲୁଗା ସାହାଯ୍ୟରେ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଘର ଭିତରେ ଥିବା ତାଙ୍କର ୬ ମାସର ଶିଶୁଟିକୁ ଉଦ୍ଧାର କରିଥିବା ଜଣାପଡ଼ିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ଶନିବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଇଥିବା ଜଣାପଡ଼ିଛି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଯୋଡ଼ା,୭।୨(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡା ସହରର ଜଣାଶୁଣା ଅବସରପ୍ରାପ୍ତ ଶିକ୍ଷକ ସୋମନାଥ ମହାନ୍ତି(୮୫) ଶନିବାର ଗୋପ ମହାନ୍ତି କଲୋନୀସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ଯୋଡ଼ାରେ ଅବସର ଗ୍ରହଣ କରିଥିଲେ। ଆଦର୍ଶ ଶିକ୍ଷକଭାବେ



ତାଙ୍କର ସୁନାମ ରହିଥିଲା। ମୃତ୍ୟୁ ଖବର ପାଇ ଯୋଡ଼ା ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ତାଙ୍କର ବହୁ ଛାତ୍ରୀଛାତ୍ର ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ସତ୍ୟ ରଞ୍ଜନ ମହାନ୍ତି, ଝିଅ ରଶ୍ମିରାଣୀ, ଜ୍ୟୋସ୍ନା ରାଣି, ଜ୍ୱାଇଁ କମଳ ଲୋଚନ, ପୁତ୍ର ବଧୂ ପାମି, ପୁତୁରା ବୋହୂ ସିମି, ସବିତା, ଲୁଇ, ଶାନ୍ତିଲତା, ପୁତୁରା ମାନସ ରଞ୍ଜନ, ଭାଗ୍ୟ ରଞ୍ଜନ, ଚିତ୍ତରଞ୍ଜନ, ନିରଞ୍ଜନ, ନାତି ମନୋଜ, ଅବିନାଶ, ଅଭିଷେକ, ପିୟୂଷ, ପ୍ରିୟନ୍ସ, ଅଂଶୁମାନ, ଆଶୀର୍ବାଦ, ନାତୁଣୀ ଖୁସି, ଗୁଲଗୁଲୀ, ଗୁଡ୍ଡୁଲି ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରା ଶେଷକୃତ୍ୟ ହୋଇଥିବା ପରିବାର ପକ୍ଷରୁ ସୂଚନା ମିଳିଛି।

# ପ୍ରଶାସନର ନଜର ଆଢୁଆଳରେ ଚିକିଣିଆ ପାର୍କ

## ପୋଖରୀ ପୁନରୁଦ୍ଧାର, ଅଧିକ ପିଣ୍ଡି ନିର୍ମାଣ ଦାବି

କେନ୍ଦୁଝର,୭।୨(ଦୀପକ ମିଶ୍ର)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ରାଜପଥ କଡ଼ରେ ଥିବା ଚିକିଣିଆ ଜିଲା ପାର୍କ ସରକାରଙ୍କ ନଜର ଆଢୁଆଳରେ ରହିଯାଇଛି। ପୂର୍ବରୁ ପାର୍କରେ ବହୁ ଓଡ଼ିଆ ଚଳଚ୍ଚିତ୍ର ଶୁଟିଂ ହୋଇଛି। ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ମଧ୍ୟ ଜମୁଥିଲା। ମାତ୍ର ପରବର୍ତ୍ତୀ ସମୟରେ ଏହାର ଉନ୍ନତୀକରଣ କରାଯାଇ ନ ଥିବାରୁ ଶ୍ରୀହୀନ ହୋଇପଡ଼ିଛି। ଗଛଲତା ଉଠିଯାଇଥିବା ବେଳେ ରାସ୍ତା ଖରାପ ହୋଇଯାଇଛି। ପୋଖରୀ ପୁନରୁଦ୍ଧାର କରାଯାଉନାହିଁ। ଉକ୍ତ ସ୍ଥାନର ଉନ୍ନତୀକରଣ କରାଗଲେ ପୁଣି ପର୍ଯ୍ୟଟକଙ୍କ ଭିଡ଼ ଜମିବା ସହ ସ୍ଥାନୀୟ ଲୋକେ ରୋଜଗାର ପାଇପାରନ୍ତେ।

ପ୍ରକାଶ ଯେ, ଜାତୀୟ ରାଜପଥ ୨୦ କଡ଼ ଘଟଗାଁ ବ୍ଲକ୍ ପିପିଳିଆ ପଞ୍ଚାୟତ ଅଞ୍ଚଳରେ ଥିବା ଚିକିଣିଆ ଜିଲା ପାର୍କର ବିଶାଳ ପରିସୀମା ମଧ୍ୟରେ ପାର୍କିଂ, ଭୋଜିଭାତ, ବୁଲାବୁଲି କରିବାକୁ ସ୍ଥାନ ରହିଛି। ରାଜପଥଠାରୁ ୫୦୦ ମିଟର ଦୂରରେ ଥିବା ବେଳେ ପୂର୍ବରୁ ଏଠାକୁ ଅନେକ ପର୍ଯ୍ୟଟକଙ୍କ ଆଗମନ ହେଉଥିଲା। ଏଠାରେ ଓଡ଼ିଆ ଚଳଚ୍ଚିତ୍ରର କେତେକ ଦୃଶ୍ୟ ଶୁଟିଂ ହୋଇଛି। ଏବେ ପରିତ୍ୟକ୍ତ ହୋଇ ପଡ଼ିଥିବା ବେଳେ ପାର୍କିଂସ୍ଥଳ ଗଛଲତାରେ ପରିପୂର୍ଣ୍ଣ ହୋଇଗଲାଣି। ପାର୍କିଂସ୍ଥଳକୁ ଯିବାକୁ ଥିବା ମୁଖ୍ୟ ରାସ୍ତାରେ ମଧ୍ୟ ଗଛଲତା ଉଠିଗଲାଣି। ଲୋକେ ଗାଡ଼ିମୋଟର ରଖି ବଣଭୋଜିସ୍ଥଳ ଏବଂ ପୁଷ୍କରିଣୀ ଆଡକୁ ଯିବାକୁ ଥିବା ପାହାଚ ଅବସ୍ଥା ମଧ୍ୟ ଭଲ ନାହିଁ। ଭିତରେ ଥିବା ପୁଷ୍କରିଣୀଟିକୁ ପୁନରୁଦ୍ଧାରକରି ଏଠାରେ ବୋଟିଂ ବ୍ୟବସ୍ଥା ହେଲେ ସ୍ଥଳଟିର ସୌନ୍ଦର୍ଯ୍ୟ ଆହୁରି ବୃଦ୍ଧି ପାଇପାରନ୍ତା। କେତେକ ପିଣ୍ଡି ମରାମତି କରାଯାଇଥିବା ବେଳେ ମାତ୍ର ତାହା ଯଥେଷ୍ଟ ନୁହେଁ। ତେଣୁ



ଅଧିକ ପିଣ୍ଡି ଏବଂ ଛାଉଣି ଥିବା ପିଣ୍ଡିର ଆବଶ୍ୟକତା ରହିଛି। ଭିତରେ ଥିବା ବଡ଼ ବନ୍ଧରେ ବର୍ଷ ସାରା ପାଣି ରହିଥାଏ। ତେଣୁ ଏଠାରେ ପର୍ଯ୍ୟଟକଙ୍କ ନିମନ୍ତେ ପାନୀୟ ଜଳର ଅଭାବ ରହିବ ନାହିଁ। ସୌନ୍ଦର୍ଯ୍ୟକରଣ ନିମନ୍ତେ ଘାଷ ଗାଲିଚା, ଫୁଲ ବଗିଚା, ସ୍ପ୍ରିଙ୍କଲର ଆଦି କରିବାରେ ସେଭଳି ସମସ୍ୟା ହେବନାହିଁ। ପାଦଚଲା ରାସ୍ତାର ଉନ୍ନୟନ, ଆଲୋକୀକରଣ, ଶୌଚାଳୟ ବ୍ୟବସ୍ଥା, ବର୍ଷା, ଖରା ଦାଉରୁ ସୁରକ୍ଷା, ପାର୍କିଂ ବ୍ୟବସ୍ଥା, ବୋଟିଂ ବ୍ୟବସ୍ଥା, ପରିବ୍ୟାପ୍ତ ଭୋଜିସ୍ଥଳ ନିର୍ମାଣ, ୱାଚ୍ ଟାୱାର ଭଳି କାର୍ଯ୍ୟ ହାତକୁ ନିଆଯାଇପାରିଲେ ଚିକିଣିଆ ଜିଲା ପାର୍କ ପୂର୍ବ ଗୌରବ ଫେରିପାଇବା ସହ ସ୍ଥଳଟିର ସର୍ବବିଧ ଉନ୍ନୟନ ହୋଇପାରନ୍ତା। ସ୍ଥଳଟିର ବିକାଶ ହୋଇପାରିଲେ ପର୍ଯ୍ୟଟନ ଉପରେ ନିର୍ଭରଶୀଳ ପରିବାର ରୋଜଗାର ପାଇ ଆତ୍ମନିର୍ଭରଶୀଳ ହୋଇପାରନ୍ତେ। ସ୍ଥାନୀୟ କେତେଜଣ ଲୋକ ଏବଂ ପଞ୍ଚାୟତର ଉଦ୍ୟମ ଫଳରେ ସାମାନ୍ୟ ଉନ୍ନୟନ କାମ ହୋଇଛି। ଘଟଗାଁ ପଞ୍ଚାୟତ ସମିତି ତଥା ପିପିଳିଆ ପଞ୍ଚାୟତ ପକ୍ଷରୁ ୨୦୨୩-୨୪ ବର୍ଷରେ ଏଠାରେ ୫ମ ଏସ୍‌ଏଫ୍‌ସି ଯୋଜନାରେ କିଛି କାମ କରାଯାଇଛି। ବର୍ତ୍ତମାନ କେତେକ ପିଣ୍ଡି କାର୍ଯ୍ୟ ହୋଇଥିବାବେଳେ ପୋଖରୀଟିର ପୁନରୁଦ୍ଧାର ହୋଇଛି। ଏଭଳି ମନୋରମ ସ୍ଥଳକୁ ପ୍ରଶାସନ ଅଧିକ ଉନ୍ନୟନକଲେ ପର୍ଯ୍ୟଟକଙ୍କ ଆଗମନରେ ବୃଦ୍ଧି ହୋଇ ଜିଲାର ଆର୍ଥିକ ପ୍ରଗତିରେ ସହାୟକ ହୋଇପାରନ୍ତା ବୋଲି ମତପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ନାୟକଙ୍କୁ ପଚାରିବାରୁ ଏହାର ନବକଳେବର ପାଇଁ ସରକାରଙ୍କୁ ସୁପାରିସ କରାଯାଇଥିବା କହିଥିଲେ।

### ବର୍‌ବିଲ ହେବ ବଡ଼ବିଲ

ବଡ଼ବିଲ,୭।୨(ଜୟନ୍ତୀ ରଣା): ଓଡ଼ିଶାର ବିଭିନ୍ନ ଜିଲା, ସଦର ମହକୁମା, ଗ୍ରାମ ଏବଂ ସହରଗୁଡ଼ିକର ଭୁଲ ରହିଥିବା ଇଂଲିଶ ବନାନଗୁଡ଼ିକର ଶୁଦ୍ଧି କରିବାପାଇଁ ଦାବି ହୋଇଆସୁଥିଲା। ଏହାକୁ ଦୃଷ୍ଟିରେ ରଖି ଏସବୁ ଅଞ୍ଚଳର ମୂଳ ଓଡ଼ିଆ ନାମ ପୁନରୁଦ୍ଧାର କରିବା ଏବଂ ସରକାରୀ ରେକର୍ଡରେ ରାଜ୍ୟର ଭାଷାଗତ, ଐତିହାସିକ ଏବଂ ସାଂସ୍କୃତିକ ଐତିହ୍ୟର ଠିକ୍ ପ୍ରତିଫଳନ ସୁନିଶ୍ଚିତ କରିବା ପାଇଁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏବେ ରାଜ୍ୟର ୧୧ଟି ସ୍ଥାନର ନାମର ଇଂଲିଶ ବନାନ ସଂଶୋଧନ କରିବା ପାଇଁ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ସେଥି ମଧ୍ୟରେ କେନ୍ଦୁଝର ଜିଲାର ବଡ଼ବିଲ ମଧ୍ୟ ରହିଛି। ବ୍ରିଟିଶ୍ ଅମଳରୁ ବଡ଼ବିଲକୁ ଇଂଲିଶରେ 'ବର୍‌ବିଲ' ଲେଖାଯାଉଛି, ଯାହା ମୂଳ ଓଡ଼ିଆ ନାମକୁ ଅପଭ୍ରଂଶ କରୁଛି। ମାତ୍ର ସରକାରଙ୍କ ନିଷ୍ପତ୍ତି ପରେ ଏହାକୁ ସଂଶୋଧନ କରି 'ବଡ଼ବିଲ' ଲେଖାଯିବ। ଯାହା ଫଳରେ ଏ ଅଞ୍ଚଳର ମୂଳ ଓଡ଼ିଆ ନାମ ପୁନରୁଦ୍ଧାର ହୋଇପାରିବ। ସରକାରଙ୍କ ଏହି ପଦକ୍ଷେପକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି। ଏଥି ପାଇଁ ସେମାନେ ସରକାରଙ୍କୁ ସାଧୁବାଦ ଜଣାଇବା ସହିତ ସଂଶୋଧିତ ଇଂରାଜୀ ବନାନକୁ ସମସ୍ତ ସରକାରୀ ଓ ବେସରକାରୀସ୍ତରରେ କଡ଼ାକଡ଼ି ଲାଗୁ କରିବା ପାଇଁ ଦାବି କରିଛନ୍ତି।



କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ପର୍ଜନପୁର ପଞ୍ଚାୟତ ପାଟୁଙ୍ଗ ପାତ୍ରସାହି ମା' ବାଲିମୁଦ୍ରାଙ୍କ ପୀଠରେ ଅନୁଷ୍ଠିତ ବାଲିଯାତ୍ରା ଅବସରରେ ମାନସିକଧାରୀ ନିଆଁରେ ଚାଲିବା ପୂର୍ବରୁ ପୂଜାର୍ଚ୍ଚନା କରାଯାଉଛି। (ଫଟୋ- ନରେଶ ଚନ୍ଦ୍ର ପଟ୍ଟନାୟକ)

### ଗୋରୁ ବୋଝେଇ ପିକ୍‌ଅପ୍ ଜବତ
### ୭ ଗୋରୁ ଉଦ୍ଧାର, ୪ ଗିରଫ

ଆନନ୍ଦପୁର/ବଉଳା,୭।୨(ସୁଶାନ୍ତ ସାହୁ/ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଜଳକଳଙ୍ଗ ଗ୍ରାମ ଏଲକଣା କେନାଲ ନିକଟରୁ ନନ୍ଦିପଦା ପୋଲିସ ଗୋରୁ ବୋଝେଇ ପିକ୍‌ଅପ୍ ଜବତ କରିଛି। ଗାଡ଼ିରୁ ୭ ଗୋରୁ ଉଦ୍ଧାର କରିଥିବା ବେଳେ ବେଆଇନ ଗୋଚାଲାଣରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଛି। ଗରିଫ ଅଭିଯୁକ୍ତ ନନ୍ଦୀପଦା ଥାନା ଜଳକଳଙ୍ଗ ଗ୍ରାମର ଦେବେନ୍ଦ୍ର ମଲ୍ଲିକ ଓ ତାଙ୍କ ଭାଇ ଜଗଦିଶ୍ ମଲ୍ଲିକ, ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଋଣିପଶି ଗ୍ରାମର ରାମଚନ୍ଦ୍ର ମହାନ୍ତ, ଉଦଳା ଗ୍ରାମର ବିଦେଶୀ ବେହେରା। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ଗୋଚାଲାଣ ହେଉଥିବା ଖବର ପାଇ ଏସ୍‌ଆଇ ବିନିତା ଲାକ୍ରା କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗୋଟିଏ ପିକ୍‌ଅପ୍‌ରେ ବେଆଇନ ଭାବେ ଗୋରୁଗୁଡ଼ିକ ବନ୍ଧା ହୋଇ ରଖାଯାଇଥିବା ଦେଖିଥିଲେ। ଗାଡ଼ିରୁ ୭ ଗୋରୁ ଉଦ୍ଧାର କରି ୪ ଜଣଙ୍କୁ ପଚରାଉଚରା କରିଥିଲେ। ଠିକ୍ ତଥ୍ୟ ଦେଇ ନ ପାରିବାରୁ ନନ୍ଦିପଦା ପୋଲିସ ୪ ଜଣଙ୍କୁ ଗିରଫ କରାଯାଇଥିଲା। ଶନିବାର ସକାଳେ ଡାକ୍ତରୀ ମଇନା କରାଯାଇ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଉଦ୍ଧାର ଗୋରୁ ଧର୍ମଶାଳାରେ ଛଡ଼ା ଯାଇଥିବା ପୋଲିସ କହିଛି। ଏସ୍‌ଆଇ ବିନିତା ଲାକ୍ରା କହିଛନ୍ତି, ୪ ଜଣ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏକ ମାମଲା(ନଂ. ୫୬/୨୬) ରୁଜୁ ହୋଇ ତଦନ୍ତ ଚାଲିଛି।



ଗିରଫ ୪ ଅଭିଯୁକ୍ତ।

# ଯାଜପୁର ଦଳଗତ ଚାମ୍ପିୟନ




ବିଜେତା ଦଳ ଅତିଥିଙ୍କ ନିକଟରୁ ମାନପତ୍ର ଗ୍ରହଣ କରୁଛନ୍ତି।

## ସାନ୍ତାଳୀ ନାଟକ ପ୍ରତିଯୋଗିତା

ଘସିପୁରା/ଆନନ୍ଦପୁର,୭।୨ (ନିରଞ୍ଜନ ସାହୁ/ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘଷିପୁରା ବରାଙ୍ଗରେ ବରାଙ୍ଗ ପଣ୍ଡିତ ରଘୁନାଥ ମୁର୍ମୁ ଆଦିବାସୀ କ୍ଲବ୍ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ନିଆରା ନାଟକ ପ୍ରତିଯୋଗିତା ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି ରଣଜିତ ମାଝୀଙ୍କ ସଂଯୋଜନାରେ ବରାଙ୍ଗ ଆଦିବାସୀ ବସ୍ତିରେ ସାନ୍ତାଳୀ ଭାଷାରେ ଅନୁଷ୍ଠିତ ପ୍ରତିଯୋଗିତାରେ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ପଡ଼ୋଶୀ ଯାଜପୁର ଜିଲାରୁ ୧୨ଟି ଶାନ୍ତାଳ ଭାଷାଭାଷି ଡ୍ରାମା ଦଳ ଅଂଶ ଗ୍ରହଣ କରିଥିଲେ। ପାରିବାରିକ କାହାଣୀକୁ ନେଇ ରଚିତ କ୍ଷୁଦ୍ର ନାଟକ ବରାଙ୍ଗ ମାଝୀ ସାହି ରଙ୍ଗିନ ରଙ୍ଗମଞ୍ଚ ଦୁଇଦିନ ଧରି ଲୋକାରଣ୍ୟ ହୋଇ ଉଠିଥିଲା। ଶେଷରେ ବିଚାରକଙ୍କ ଦ୍ୱାରା ଶ୍ରେଷ୍ଠ ନାଟ୍ୟ ଦଳ ଭାବେ ଗାୟନ ମାଚେଦ ଯାଜପୁର ଟିମ୍ ବାଜି ମାରି ନେଇଥିଲା। ସାଂସ୍କୃତିକ ମଞ୍ଚରେ କ୍ଲବ୍ ପକ୍ଷରୁ ବିଜେତା ଯାଜପୁର ନ୍ୟାଯ ଦଳ ସମେତ ୬ଟି ଦଳକୁ କ୍ଲବ୍‌ର ମୁରବୀଙ୍କ ଗହଣରେ ପୁରସ୍କୃତ କରାଯାଇଥିଲା। ସାନ୍ତାଳୀ ଭାଷାକୁ ଅଧିକ ଲୋକପ୍ରିୟ ତଥା ସମାଜରୁ କୁସଂସ୍କାର ଦୂରେଇ ଭାଇଚାରା ସୃଷ୍ଟି କରିବା କ୍ଲବ୍‌ର ମୂଳଲକ୍ଷ୍ୟ ବୋଲି ଆୟୋଜକ କହିଥିଲେ। ବିଚାରକ ଭାବେ ଚୈତନ୍ୟ ମୁର୍ମୁ, ଅର୍ଜୁନ ସୋରେନ, ଧନେଶ୍ୱର ମୁର୍ମୁ, ଚାମୁର କିସ୍କୁ ସମ୍ପାଦନ କରିଥିଲେ। ପଣ୍ଡିତ ରଘୁନାଥ ମୁର୍ମୁ କ୍ଲବ୍‌ର ସଦସ୍ୟ ବସନ୍ତ ବେସ୍ରା, ଚାମୁର କିସ୍କୁ, ଚଗଲା ମୁର୍ମୁ, ବିରାମ ସୋରେନ, ମଙ୍ଗଳ ହାଁସଦା, କରନ ମାରାଣ୍ଡି, ରଞ୍ଜିତ ମୁର୍ମୁ, କାଳନ୍ଦୀ ହେମ୍ବ୍ରମ, ଲକ୍ଷ୍ମଣ ମୁର୍ମୁ, ଲକ୍ଷ୍ମଣ ମାରାଣ୍ଡି, ଅଭି ମାରାଣ୍ଡି, କୁରମାଲ ମାରାଣ୍ଡିଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# 'ବିଦ୍ୟାର୍ଥୀ ଗୁରୁଙ୍କୁ ଭରସା କରନ୍ତୁ'




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

ପାଟଣା,୭।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମ ପାଟଣାର ୪୪ତମ ବାର୍ଷିକ ଉତ୍ସବ ଶନିବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିରେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାୟର ପ୍ରତିଷ୍ଠାତା ସମ୍ପାଦକ ତଥା ପୂର୍ବତନ ପାଟଣା ବ୍ଲକ୍ ଅଧ୍ୟକ୍ଷ ଇଂ. ବିଦ୍ୟାଧର ଦାଶ, ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼. ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ ଗତ ୫୦ବର୍ଷରେ ଦ୍ୱିଗୁଣିତ ଶିକ୍ଷାନୁଷ୍ଠାନ ଗଢ଼ି ଉଠିଛି। ମାତ୍ର ଉକ୍ତ ଶିକ୍ଷାନୁଷ୍ଠାନଗୁଡିକ ମାନବୀୟ ଗୁଣ ଉନ୍ମେଷରେ ସହାୟକ ହୋଇପାରିନାହିଁ। ଦୁର୍ନୀତି, ଭ୍ରଷ୍ଟାଚାର, ବଳାତ୍କାର ଓ ଅପସଂସ୍କୃତି ବୃଦ୍ଧି ପାଇଛି। ଛାତ୍ରୀଛାତ୍ରମାନେ ଗୁଗୁଲକୁ ବିଶ୍ୱାସ ନ କରି ଗୁରୁଙ୍କୁ ଭରସା କଲେ ଉତ୍ତମ ଛାତ୍ର ହୋଇ ପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପାଟଣା ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ବ୍ଲକ୍ ପ୍ରତିନିଧି କମଳାକାନ୍ତ ଦାଶ, ବଡ଼ ପାଟଣା ସରପଞ୍ଚ ବିନତୀ ବାନାରା, ସାମାଜିକକର୍ମୀ ଅଜୟ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରେରେ କ୍ରୀଡ଼ା, ଶିକ୍ଷା, ସାଂସ୍କୃତିକ କ୍ଷେତ୍ରରେ ସଫଳ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ପୋଲିସ ବାରାକରେ କନଷ୍ଟେବଲଙ୍କ ମୃତ୍ୟୁ

ବଡ଼ବିଲ,୭।୨ (ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ପରିସରରେ ଥିବା ପୋଲିସ ବାରାକରେ ରହୁଥିବା ଜଣେ ଓଏସ୍‌ଏପି କନଷ୍ଟେବଲଙ୍କ ଅକାଳ ମୃତ୍ୟୁ ଘଟିଛି। ମୃତକ କେନ୍ଦୁଝର ଜିଲା ସିଲିସୁଆଁ ଅଞ୍ଚଳର ବିପିନ ମାଝୀ। ବିପିନ କୋରାପୁଟ ଜିଲାରୁ ବଦଳି ହୋଇ ଟ୍ରାଫିକ କନଷ୍ଟେବଲ ଭାବେ ଗତ ୧୨ ଦିନ ତଳେ ବଡ଼ବିଲ ଥାନାରେ ଯୋଗଦେଇଥିଲେ। ଥାନା ପରିସରରେ ଥିବା ବାରାକରେ ରହୁଥିଲେ। ଶୁକ୍ରବାର ଅପରାହ୍ନରେ ଖାଇସାରି ଶୋଇଥିଲାବେଳେ ପ୍ରାୟ ୩ ଟା ବେଳକୁ ଉଠି ନ ଥିଲେ। ଏହା ଜାଣିବା ପରେ ପୋଲିସ ପକ୍ଷରୁ ବିପିନଙ୍କୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହକୁ ଶୁକ୍ରବାର ରାତିରେ ଯୋଡ଼ାସ୍ଥିତ ଟାଟା ଷ୍ଟିଲ ହସ୍ପିଟାଲ ମରଚୁରୀରେ ରଖାଯାଇଥିଲା। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ମୃତଦେହକୁ ବିପିନଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରି ନ ଥିବା ବେଳେ ବଡବିଲ ଥାନା ଇନ୍ସପେକ୍ଟର ଅଶୋକ ନାୟକଙ୍କୁ ପଚାରିବାରୁ ସେ କୌଣସି ଏକ କାର୍ଯ୍ୟରେ ବାହାରେ ଥିବା କହିଥିଲେ।

# ପାଣି ଅପଚୟ କରା ନ ଯାଉ

## ବାଲିବେରେଇ ପଞ୍ଚାୟତରେ ଜଳଅର୍ପଣ ଦିବସ

ବଉଳା,୭।୨(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ବାଲିବରେଇ ପଞ୍ଚାୟତରେ ହର ଘର ଜଳ ଯୋଜନାରେ ଜଳ ଅର୍ପଣ ଦିବସ କାର୍ଯ୍ୟକ୍ରମ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ ଆନନ୍ଦପୁର ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଜିଲାର ପ୍ରଥମ ପର୍ଯ୍ୟାୟରରେ ହାଟଡ଼ିହୀ ବ୍ଲକ୍ ବାଙ୍ଗୋର ପଞ୍ଚାୟତ ସଙ୍ଖଣାଠାରେ ହର ଘର ଜଳ ଯୋଜନା ମେଗା ପ୍ରକଳ୍ପ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୧୯ଟି ଗାଁ କୁ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ସେଥି ମଧ୍ୟରେ ବାଲିବରେଇ ପଞ୍ଚାୟତର ସମସ୍ତ ପରିବାରକୁ ଜଳଯୋଗାଣ କରାଯାଇଥିବାରୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇ ପଞ୍ଚାୟତକୁ ପ୍ରକଳ୍ପ ହସ୍ତାନ୍ତର କରାଯାଇଛି।

ମୁଖ୍ୟ ଅତିଥିଭାବେ ବିଧାୟକ ଅଭିମନ୍ୟୁ ସେଠୀ, ମୁଖ୍ୟବକ୍ତାଭାବେ ବରିଷ୍ଠ ଭାଜପା ନେତା ଆଲୋକ ସେଠୀ, ଅନ୍ୟମାନଙ୍କ ମଧ୍ୟରେ ଏପିଡି ଶୁଭଦର୍ଶୀ ଜୋଶି, ଜିଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଅଧିକ୍ଷଣ ଯନ୍ତ୍ରୀ ମାନସ ରଞ୍ଜନ ପରିଡ଼ା, ଏସ୍‌ଡିଓ ଜଗବନ୍ଧୁ ଧଡ଼ା, ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ସରପଞ୍ଚ ପ୍ରତିନିଧି ଅଜୟ ଘଡ଼େଇ, ଭାଜପା ନେତା ବିବେକାନନ୍ଦ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏନ୍‌ସିସି ଠିକାଦାର ଦ୍ୱାରା କରାଯାଇଥିବା ମେଗା ପ୍ରକଳ୍ପ ଜଳ ହିଁ ଜୀବନ, ହରଘର ଜଳ, ହର ଦିନ ଜଳ ପ୍ରକଳ୍ପ ପଞ୍ଚାୟତରେ ସମ୍ପୂର୍ଣ୍ଣ ହୋଇଥିବାରୁ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଥିଲା। ବିଶୁଦ୍ଧ ପାଣିକୁ ଲୋକ ପିଇବା ପାଇଁ ବ୍ୟବହାର ନ କରି ବାଡ଼ି ବଗିଚାରେ ବ୍ୟବହାର କରିବା ସହିତ ଟ୍ୟାପ୍‌ଗୁଡ଼ିକରେ ପାଣି ବନ୍ଦ କରୁ ନ ଥିବାରୁ ପାଣି ଅପଚୟ ହେଉଛି। ତେଣୁ ପାଣିକୁ ଅପଚୟ ନ କରିବାକୁ ଅତିଥିମାନେ କହିଥିଲେ। ବିଭାଗ ପକ୍ଷରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସରପଞ୍ଚଙ୍କ ପ୍ରତିନିଧି ଅଜୟ ଘଡ଼େଇ ଉପସ୍ଥିତ ରହି ହସ୍ତାନ୍ତର ପତ୍ର ଗ୍ରହଣ କରିଥିଲେ। ଏନ୍‌ସିସି ଠିକା ସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜର ବଲାୟା ଚନ୍ଦ୍ର ପାଲ୍, ପ୍ରୋଜେକ୍ଟ ଇନଚାର୍ଜ ସତ୍ୟ ସୁନ୍ଦର ମିଶ୍ର, ଲ୍ୟାବ ଆସିଷ୍ଟାଣ୍ଟ ଅରନାବ ଦାଶ, ଯନ୍ତ୍ରୀ ନିଲକମଲ୍ ରାଉତ, ଯନ୍ତ୍ରୀ ସୁଧାଂଶୁ ଶେଖର ସ୍ୱାଇଁ, ଗୋପାଳ ଚନ୍ଦ୍ର ବେହେରା ଓ କର୍ମଚାରୀ ସହଯୋଗ କରିଥିଲେ।



ପଞ୍ଚାୟତକୁ ପାନୀୟ ଜଳ ପ୍ରକଳ୍ପ ହସ୍ତାନ୍ତର କରାଯାଉଛି।

# ସ୍ୱାମ ଭଲିବଲ ଟୁର୍ନାମେଣ୍ଟ, ସ୍ୱାମକୁ ହରାଇ କରଞ୍ଜିଆ ଚାମ୍ପିୟନ

ପାଟଣା,୭।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ସ୍ୱାମ ବିରଜା ଗୋବିନ୍ଦପୁର ଶାସନ ଭଲିବଲ ଆସୋସିଏଶନ ତରଫରୁ ପାଲା ପେଣ୍ଡାଲ ପଡିଆରେ ଅନୁଷ୍ଠିତ ଟୁର୍ନାମେଣ୍ଟ ଶୁକ୍ରବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ସ୍ୱାମକୁ ହରାଇ କରଞ୍ଜିଆ ଚାମ୍ପିୟନ ହୋଇଛି। ୩ ସେଟ୍ ବିଶିଷ୍ଟ ମ୍ୟାଚ୍‌ରେ ଫାଇନାଲରେ ୨ଟି ଯାକ୍ ସେଟ୍ କରଞ୍ଜିଆ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ସ୍ୱାମ ରନର୍ସଆପ ବିବେଚିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ହେମନ୍ତ ବେହେରାଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ପାଟଣା ଏଏସ୍‌ଆଇ ଧନେଶ୍ୱର ପାତ୍ର, ସମ୍ମାନିତ ଅତିଥିଭାବେ କ୍ରୀଡ଼ାବିତ୍ ବିବେକାନନ୍ଦ ଦାଶ ଯୋଗଦେଇ ଚାମ୍ପିୟନ ଦଳକୁ ୫ ହଜାର ଟଙ୍କା, ଟ୍ରଫି ଓ ରନର୍ସଅପ ଦଳକୁ ୩ ହଜାର ଟଙ୍କା ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ରେଫରି ଭାବେ ରାଜେଶ ସାହୁ, କିଶାନ ଦାସ ଖେଳ ପରିଚାଳନା କରିଥିଲେ। ଶରତ ଚନ୍ଦ୍ର ମିଶ୍ର ଓ ରିଙ୍କୁ ସେଠୀ ଧାରା ବିବରଣୀ ପ୍ରଦାନ କରିଥିଲେ। କମିଟିର ସଦସ୍ୟ ପ୍ରଭୁପ୍ରସାଦ ଦାଶ, ସୌମ୍ୟ ରଞ୍ଜନ ଦାଶ, ଖବରଦାତା କଳ୍ପତରୁ କର, ଭବତୋଷ ଶତପଥି, ଆର୍ଯ୍ୟପ୍ରସାଦ ଦାଶ, ଶ୍ରୀନିବାସ ଶତପଥୀ, ଜ୍ୟୋତିର୍ମୟ ତ୍ରିପଠୀ, ସୁମିତ ପତି, ପ୍ରକାଶ ଦାଶ, ସିଦ୍ଧାର୍ଥ ଦାଶ, ରମ୍ୟରଞ୍ଜନ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
# କ୍ଷୁଦ୍ର ଜଳସେଚନ ବିଭାଜନ, ନୟାଗଡ଼

## ବିଜ୍ଞପ୍ତି

**No.32001/22/2526**: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନୟାଗଡ଼ ଜିଲ୍ଲାର ନୟାଗଡ଼ କ୍ଷୁଦ୍ର ଜଳସେଚନ ଉପ ବିଭାଜନର (ଡିମିସର) କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିମନ୍ତେ ମୌଜା–ଡିମିସର ଆବଶ୍ୟକ ପଡୁଥିବା ନିମ୍ନଲିଖିତ ବେସରକାରୀ ଭୂମିଗୁଡିକୁ ଖାତା ରୟତଙ୍କ ଠାରୁ ସିଧାସଳଖ କ୍ରୟ କରିବା ନିମନ୍ତେ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନୟାଗଡ଼ଙ୍କ ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି । କ୍ରୟ ନିମନ୍ତେ ସ୍ଥିରୀକୃତ ହୋଇଥିବା ତଫସିଲଭୁକ୍ତ ପ୍ଲଟଗୁଡିକର ମୂଲ୍ୟାଙ୍କନ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ଅନୁଯାୟୀ ଜିଲ୍ଲାପାଳଙ୍କ ଅଧକ୍ଷତାରେ ତା.୧୨.୧୦.୨୦୨୩ ରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାକକ୍ଷରେ ଜିଲ୍ଲା କ୍ଷତିପୂରଣ ଉପଦେଷ୍ଟା କମିଟିର ବୈଠକରେ ସ୍ଥିର କରାଯାଇଅଛି । ଏହି ବିଜ୍ଞପ୍ତି ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଯଦି କାହାର ମାଲିକାନା ଉପରେ ଆପତ୍ତି ଥାଏ, ତେବେ ଉକ୍ତ ବିଜ୍ଞପ୍ତି ପ୍ରକାଶନର ୧୫ ଦିନ ମଧ୍ୟରେ ଲିଖିତ ଠିକଣାରେ ଜଣାଇବାକୁ ଅନୁରୋଧ ।

### ଠିକଣା

(୧) ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ନୟାଗଡ଼ ।
(୨) ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ଉପ ବିଭାଜନ, ନୟାଗଡ ।

ବେସରକାରୀ ଜମିର ସବିଶେଷ ବିବରଣୀ ନିମ୍ନରେ ପ୍ରକାଶିତ ହୋଇଅଛି ।

### ମୌଜା–ଡିମିସର, ଥାନା–ଶରଣକୁଳ, ତହସିଲ–ଓଡ଼ଗାଁ

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ଖାତା ରୟତଙ୍କ ନାମ, ଠିକଣା |
|---|---|---|---|---|---|---|
| ୧ | ୪ | ୮୨୫ | ସାରଦ ଦୋ ଫସଲି–୨ | ୦.୦୭ | ୦.୦୭ | ଅଇଁଠା ସେଠୀ, ପି–ଗଦେଇ ସେଠୀ, ଜାତି–ଧୋବା,ଗ୍ରାମ–ନିଜଗାଁ |
| ୨ | ୪୬ | ୪୯୯ | ସାରଦ ଦୋ ଫସଲି–୨ | ୦.୧୯ | ୦.୧୯ | ଆନନ୍ଦ ପରିଡା, କୈବଲ୍ୟ ପରିଡା, ପି–ଖତି ପରିଡା, ଜାତି–ଚଷା, ଗ୍ରାମ–ହରିପୁର |
| ୩ | ୬୨ | ୫୩୬ | ସାରଦ ଦୋ ଫସଲି–୧ | ୦.୦୧ | ୦.୦୧ | ଉତ୍ତମ ବିଶୋଇ, ସ୍ୱା–ବୃନ୍ଦାବନ ବିଶୋଇ, ଚିନ୍ତା ବିଶୋଇ, ମାଟିଆ ବିଶୋଇ, ଅବଳା ବିଶୋଇ, ପି–ବୃନ୍ଦାବନ ବିଶୋଇ, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| | | ୫୩୭ | ସାରଦ ଦୋ ଫସଲି–୧ | ୦.୦୧ | ୦.୦୧ | |
| | | ୧୦୪୪ | ସାରଦ ଦୋ ଫସଲି–୧ | ୦.୦୫ | ୦.୦୫ | |
| | | ୧୬୭୭ | ସାରଦ ଦୋ ଫସଲି–୧ | ୦.୦୮ | ୦.୦୮ | |
| | | ୧୬୭୮ | ସାରଦ ଦୋ ଫସଲି–୧ | ୦.୦୮ | ୦.୦୮ | |
| ୪ | ୭୭ | ୫୨୩ | ସାରଦ ଦୋ ଫସଲି–୧ | ୦.୦୨ | ୦.୦୨ | ଶ୍ରୀ ସପନେଶ୍ୱର ମହାଦେବ ବିଜେ ନୟାଗଡ ମାର୍ଫତ ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ ନୟାଗଡ |
| ୫ | ୭୮ | ୫୦୮ | ସାରଦ ଦୋ ଫସଲି–୧ | ୦.୦୧ | ୦.୦୧ | ଶ୍ରୀ ସପନେଶ୍ୱର ମହାଦେବ ବିଜେ ନୟାଗଡ ମାର୍ଫତ ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ ନୟାଗଡ |
| | | ୫୨୨ | ସାରଦ ଦୋ ଫସଲି–୧ | ୦.୦୭ | ୦.୦୭ | |
| | | ୫୨୮ | ସାରଦ ଦୋ ଫସଲି–୧ | ୦.୦୩ | ୦.୦୩ | |
| | | ୧୮୦୦ | ସାରଦ ଦୋ ଫସଲି–୧ | ୦.୦୭ | ୦.୦୭ | |
| | | ୧୪୨୧ | ସାରଦ ଦୋ ଫସଲି–୧ | ୦.୧୮ | ୦.୧୮ | |
| | | ୫୨୮/ ୪୭୮୬ | ସାରଦ ଦୋ ଫସଲି–୧ | ୦.୦୨ | ୦.୦୨ | |
| ୬ | ୮୬ | ୧୧୨୨ | ସାରଦ ଦୋ ଫସଲି–୧ | ୦.୦୨ | ୦.୦୨ | ଏକାଦଶୀ ମହାରଣା, ଭାଗିରଥୀ ମହାରଣା, ପି–ଜଗନ୍ନାଥ ମହାରଣା, ଗ୍ରାମ–ଡିମିସର |
| ୭ | ୮୭ | ୫୩୯ | ସାରଦ ଦୋ ଫସଲି | ୦.୦୭ | ୦.୦୭ | କନକ ଦାସ, ସ୍ୱା–ନଟବର ଦାସ, ଆଲେଖ ଦାସ, ଲକ୍ଷ୍ମୀଧର ଦାସ |
| ୮ | ୯୫ | ୧୧୨୫ | ସାରଦ ଦୋ ଫସଲି | ୦.୦୬ | ୦.୦୬ | କାଳୁ ଜେନା, ପି–କ୍ଷେତ୍ର ଜେନା, ଜାତି–କାଳନ୍ଦି, ଗ୍ରାମ–ଡିମିସର |
| ୯ | ୧୦୧ | ୧୫୪ | ସାରଦ ଦୋ ଫସଲି | ୦.୦୮ | ୦.୦୮ | କାଶୀ ପଧାନ, ବେଙ୍ଗ ପଧାନ, ନନ୍ଦି ପଧାନ, ପି–ବୁଦ୍ଧି ପଧାନ, ଜାତି–କାଳନ୍ଦି, ଗ୍ରାମ–ଡିମିସର |
| ୧୦ | ୧୧୦ | ୧୪୭ | ସାରଦ ଦୋ ଫସଲି–୧ | ୦.୦୧ | ୦.୦୧ | କୀର୍ତନ ସ୍ୱାଇଁ, ଚିନ୍ତାମଣି ସ୍ୱାଇଁ, ଝର ସ୍ୱାଇଁ, ପି–ଲୋକନାଥ ସ୍ୱାଇଁ, ବାଉରୀ ସ୍ୱାଇଁ, ହାଲୁରି ସ୍ୱାଇଁ, ଦାଶରଥି ସ୍ୱାଇଁ, ପି–ଜଗବନ୍ଧୁ ସ୍ୱାଇଁ, ଜାତି–ଓଡ ଖଣ୍ଡାୟତ, ଗ୍ରାମ–ଗୋଡିପଡା |
| | | ୯୬୪ | ସାରଦ ଦୋ ଫସଲି–୨ | ୦.୦୪ | ୦.୦୪ | |
| | | ୯୬୩ | ସାରଦ ଦୋ ଫସଲି–୨ | ୦.୦୫ | ୦.୦୫ | |
| | | ୯୬୫ | ସାରଦ ଦୋ ଫସଲି–୨ | ୦.୦୧ | ୦.୦୧ | |
| ୧୧ | ୨୫୨ | ୧୧୧ | ସାରଦ ଦୋ ଫସଲି–୧ | ୦.୦୨ | ୦.୦୨ | ଜଗନ୍ନାଥ ପରିଡା, ପି–ରାମ ବଳିଆରସିଙ୍ଘ, ଜାତି–ଚଷା, ଗ୍ରାମ–ନଗମୁଣ୍ଡୁଳି |
| ୧୨ | ୮୧୦ | ୧୧୩ | ସାରଦ ଦୋ ଫସଲି–୧ | ୦.୦୯ | ୦.୦୯ | ହଜାରି ବେହେରା, ଲାବଣ୍ୟ ବେହେରା, ପି–ବାଉରୀ ବେହେରା, ଝୁମେଇ ବେହେରା, ସ୍ୱା–ବାଉରୀ ବେହେରା, ଜାତି–କାଳନ୍ଦି,ଗ୍ରାମ–ଡିମିସର |
| | | ୧୧୪ | ସାରଦ ଦୋ ଫସଲି–୧ | ୦.୦୪ | ୦.୦୪ | |
| | | ୧୧୫ | ସାରଦ ଦୋ ଫସଲି–୧ | ୦.୦୬ | ୦.୦୬ | |
| ୧୩ | ୮୫୫/ ୯୮ | ୧୨୬ | ସାରଦ ଦୋ ଫସଲି–୧ | ୦.୦୯ | ୦.୦୯ | ବାଳକୃଷ୍ଣ ସାହୁ, ଗୋପାଳ ଚରଣ ସାହୁ, ପି–ମଧୁସୂଦନ ସାହୁ, ଜାତି– ଗୁଡିଆ, ଗ୍ରାମ–ନଗମୁଣ୍ଡୁଳି |
| | | ୧୨୭ | ସାରଦ ଦୋ ଫସଲି–୧ | ୦.୦୪ | ୦.୦୪ | |
| ୧୪ | ୧୪୦ | ୧୨୫ | ସାରଦ ଦୋ ଫସଲି–୧ | ୦.୦୩ | ୦.୦୩ | କୈବଲ୍ୟ ବେହେରା, ପି–ମଙ୍ଗୁଳି ବେହେରା, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| | | | ସାରଦ ଦୋ ଫସଲି–୧ | ୦.୦୧ | ୦.୦୧ | |
| ୧୫ | ୭୯୪ | ୧୩୨ | ସାରଦ ଦୋ ଫସଲି–୧ | ୦.୦୯ | ୦.୦୯ | ସୋଦର ସ୍ୱାଇଁ, ସ୍ୱା–କିରତନ ସ୍ୱାଇଁ, ଧୋବା ସ୍ୱାଇଁ, ସାହେବ ସ୍ୱାଇଁ, ଶେଷଦେବ ସ୍ୱାଇଁ, ଉଜାଲା ସ୍ୱାଇଁ, ନୀଳ ସ୍ୱାଇଁ, ପି–କୀର୍ତନ ସ୍ୱାଇଁ, ହିନ ସ୍ୱାଇଁ, ପି–ଭିକାରୀ ସ୍ୱାଇଁ, ଜାତି–କାଳନ୍ଦି, ଗ୍ରାମ–ଡିମିସର |
| | | ୧୩୩ | ସାରଦ ଦୋ ଫସଲି–୧ | ୦.୦୫ | ୦.୦୫ | |
| | | ୧୩୪ | ସାରଦ ଦୋ ଫସଲି–୧ | ୦.୦୬ | ୦.୦୬ | |
| ୧୬ | ୭୧୧ | ୧୩୧ | ସାରଦ ଦୋ ଫସଲି–୧ | ୦.୦୩ | ୦.୦୩ | ଶଙ୍କର ଜେନା, ହର ଜେନା, ପି–ଦୋଳ ଜେନା, ବୃନ୍ଦାବନ ଜେନା, ରଇବାରି ଜେନା, ପି–ଲିଙ୍ଗା ଜେନା, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| ୧୭ | ୩୬୪ | ୧୪୮ | ସାରଦ ଦୋ ଫସଲି–୧ | ୦.୦୬ | ୦.୦୬ | ନବୀନ ବିଶୋଇ, ପି–ବଡପାଣ୍ଡୁ ବିଶୋଇ |
| | | ୧୦୪୬ | ସାରଦ ଦୋ ଫସଲି–୧ | ୦.୨ | ୦.୨ | |
| ୧୮ | ୪୫୫ | ୧୪୯ | ସାରଦ ଦୋ ଫସଲି–୧ | ୦.୦୧ | ୦.୦୧ | ବନ୍ଧୁ ଜେନା, ପି–ନୀଳ ଜେନା |
| ୧୯ | ୭୦୬ | ୧୫୩ | ସାରଦ ଦୋ ଫସଲି–୧ | ୦.୦୧ | ୦.୦୧ | ଶଙ୍କର ସ୍ୱାଇଁ, ଦାସ ସ୍ୱାଇଁ, ପି–ସନିୟା ସ୍ୱାଇଁ, ଜାତି–ଖଣ୍ଡାୟତ, ଗ୍ରାମ–ଡିମିସର |
| ୨୦ | ୫୩୬ | ୧୫୬ | ସାରଦ ଦୋ ଫସଲି–୧ | ୦.୦୩ | ୦.୦୩ | ଭଗବାନ ସ୍ୱାଇଁ, ପି–ଅଗାଧୁ ସ୍ୱାଇଁ, ସୁଦାମ ସ୍ୱାଇଁ, କିର୍ତନ ସ୍ୱାଇଁ, ପି–ଦଣ୍ଡୁ ସ୍ୱାଇଁ, ଜାତି–ଖଣ୍ଡାୟତ |
| ୨୧ | ୩୨୩ | ୧୫୨ | ସାରଦ ଦୋ ଫସଲି–୧ | ୦.୧୩ | ୦.୧୩ | ଧନେଶ୍ୱର ବିଶୋଇ, ପି–ବୁଦ୍ଧି ବିଶୋଇ, ରଇବାରି ବିଶୋଇ, ସ୍ୱା–ବୁଦ୍ଧି ବିଶୋଇ, ଜାତି–ଓଡ ଖଣ୍ଡାୟତ, ଗ୍ରାମ–ନିଜଗାଁ |
| | | ୧୫୧ | ସାରଦ ଦୋ ଫସଲି–୧ | ୦.୦୩ | ୦.୦୩ | |
| ୨୨ | ୨୧୭ | ୮୩୦ | ସାରଦ ଦୋ ଫସଲି–୧ | ୦.୧୫ | ୦.୧୫ | ଚକ୍ରଧର ସାହୁ, ପି–ନରସିଙ୍ଘ ସାହୁ, ଜାତି–ଗୁଡିଆ, ଗ୍ରାମ–ନିଜଗାଁ |
| ୨୩ | ୨୪୭ | ୮୨୯ | ସାରଦ ଦୋ ଫସଲି–୧ | ୦.୧୭ | ୦.୧୭ | ଜୟକୃଷ୍ଣ ସାହୁ, ଧନେଶ୍ୱର ସାହୁ, ପି–ଲିଙ୍ଗରାଜ ସାହୁ, ରାଜକିଶୋର ସାହୁ, ପି–ସଦା ସାହୁ, ଜାତି–ଗୁଡିଆ, ଗ୍ରାମ–ନିଜଗାଁ |
| ୨୪ | ୨୮୮ | ୭୩୪ | ସାରଦ ଦୋ ଫସଲି–୧ | ୦.୦୫ | ୦.୦୫ | ଦଣ୍ଡୁ ସ୍ୱାଇଁ, ପି–କସ୍ତୁରି ରଣସିଂ, ଜାତି–କଳନ୍ଦି, ଗ୍ରାମ–ନିଜଗାଁ |
| | | ୮୨୩ | ସାରଦ ଦୋ ଫସଲି–୨ | ୦.୦୬ | ୦.୦୬ | |
| | | ୧୦୪୫ | ସାରଦ ଦୋ ଫସଲି–୧ | ୦.୧୨ | ୦.୧୨ | |
| ୨୫ | ୧୬୩ | ୮୨୪ | ସାରଦ ଦୋ ଫସଲି–୨ | ୦.୦୬ | ୦.୦୬ | ଖଲି ନାୟକ, ବାସୁ ନାୟକ, ପି–ଜେନା ନାୟକ, କୈବଲ୍ୟ ନାୟକ, ପି–ସଇତା ନାୟକ, ଲକ୍ଷ୍ମଣ ନାୟକ, ଜାତି–ଓଡ ଖଣ୍ଡାୟତ |
| ୨୬ | ୮୫୫/ ୫୯ | ୮୧୪ | ସାରଦ ଦୋ ଫସଲି–୨ | ୦.୦୪ | ୦.୦୪ | ଦାଶରଥି ମଲିକ, ପି–ଜଗନ୍ନାଥ ମଲିକ, ଜାତି–କଣ୍ଡରା, ଗ୍ରାମ–ନିଜଗାଁ |
| ୨୭ | ୫୧୪ | ୮୮୬/ ୪୮୨୩ | ସାରଦ ଦୋ ଫସଲି–୨ | ୦.୦୨ | ୦.୦୨ | ବୁଦ୍ଧି ବିଶୋଇ, ପି–ପଞ୍ଚୁ ବିଶୋଇ, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| ୨୮ | ୪୫୬ | ୯୦୦ | ସାରଦ ଦୋ ଫସଲି–୨ | ୦.୦୪ | ୦.୦୪ | ବନ୍ଧୁ ବିଶୋଇ, ପି–କ୍ଷେତ୍ର ବିଶୋଇ, ଡମ୍ବରୁଧର ବିଶୋଇ, ପି–ଖଲି ବିଶୋଇ, ସ୍ୱା–ଖଲି ବିଶୋଇ, ପଦି ବିଶୋଇ, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| | | ୯୦୧ | ସାରଦ ଦୋ ଫସଲି–୨ | ୦.୦୪ | ୦.୦୪ | |
| | | ୯୧୬ | ସାରଦ ଦୋ ଫସଲି–୧ | ୦.୦୩ | ୦.୦୩ | |
| | | ୧୮୧୪ | ସାରଦ ଦୋ ଫସଲି–୧ | ୦.୦୧ | ୦.୦୧ | |
| ୨୯ | ୭୬୩ | ୯୦୨ | ସାରଦ ଦୋ ଫସଲି–୨ | ୦.୦୫ | ୦.୦୫ | ସୁକୁରୀ ପଧାନ, ସ୍ୱା–କୀର୍ତନ ପଧାନ, ବିଶିକା ସ୍ୱାଇଁ, ସ୍ୱା–ଅର୍ଜୁନ ସ୍ୱାଇଁ |
| | | ୯୨୦ | ସାରଦ ଦୋ ଫସଲି–୨ | ୦.୦୯ | ୦.୦୯ | |
| | | ୮୨୧ | ସାରଦ ଦୋ ଫସଲି–୨ | ୦.୦୪ | ୦.୦୪ | |
| ୩୦ | ୧୬୦ | ୯୦୩ | ସାରଦ ଦୋ ଫସଲି–୨ | ୦.୦୫ | ୦.୦୫ | ଖଲି ନାୟକ, ପି–କେଳା ନାୟକ, ଜାତି–ଓଡ ଖଣ୍ଡାୟତ, ଗ୍ରାମ–ନିଜଗାଁ |
| | | ୯୦୪ | ସାରଦ ଦୋ ଫସଲି–୨ | ୦.୦୨ | ୦.୦୨ | |
| ୩୧ | ୫୯୦ | ୯୨୧ | ସାରଦ ଦୋ ଫସଲି–୨ | ୦.୦୭ | ୦.୦୭ | ମଙ୍ଗୁଳି ରାଉତ, ପି–କେଳା ରାଉତ, ମୁକୁନ୍ଦ ରାଉତ, ପି–ଭୀମ ରାଉତ, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| | | ୯୨୨ | ସାରଦ ଦୋ ଫସଲି–୨ | ୦.୧ | ୦.୧ | |
| | | ୬୦୮ | ସାରଦ ଦୋ ଫସଲି–୧ | ୦.୧୩ | ୦.୧୩ | |
| ୩୨ | ୭୧୦ | ୯୨୩ | ସାରଦ ଦୋ ଫସଲି–୨ | ୦.୦୬ | ୦.୦୬ | ଶଙ୍କର ବେହେରା, ପି–ଶ୍ରୀଧର ବେହେରା, ମଣ୍ଡା ବେହେରା, ସ୍ୱା–ଶ୍ରୀଧର ବେହେରା, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| | | ୧୭୪୧ | ସାରଦ ଦୋ ଫସଲି–୨ | ୦.୦୫ | ୦.୦୫ | |
| ୩୩ | ୬୬୦ | ୯୨୪ | ସାରଦ ଦୋ ଫସଲି–୨ | ୦.୦୫ | ୦.୦୫ | ରଇବାରି ବେହେରା, କୁସୁନ ବେହେରା, ସମ୍ବରୀ ବେହେରା, ଚକ୍ରଧର ବେହେରା, ବୁଦ୍ଧି ବେହେରା, ପି–ଗଦେଇ ବେହେରା, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| | | ୧୭୪୭ | ସାରଦ ଦୋ ଫସଲି–୧ | ୦.୦୮ | ୦.୦୮ | |
| | | ୧୭୮୮ | ସାରଦ ଦୋ ଫସଲି–୧ | ୦.୦୮ | ୦.୦୮ | |
| ୩୪ | ୩୭୦ | ୯୩୮ | ସାରଦ ଦୋ ଫସଲି–୨ | ୦.୦୭ | ୦.୦୭ | ନରସିଂହ ମହାରଣା, ଜଗନ୍ନାଥ ମହାରଣା, ପି–କଣ୍ଡ ମହାରଣା, ଜାତି–କମାର, ଗ୍ରାମ–ନିଜଗାଁ |
| | | ୯୩୯ | ସାରଦ ଦୋ ଫସଲି–୨ | ୦.୦୬ | ୦.୦୬ | |
| ୩୫ | ୨୧୧ | ୯୩୭ | ସାରଦ ଦୋ ଫସଲି–୨ | ୦.୦୩ | ୦.୦୩ | ଗୌରୀ ଦାସ, ସ୍ୱା–ଭିକାରି ଦାସ, ଜାତି–ବ୍ରାହ୍ମଣ, ଗ୍ରାମ–ନିଜଗାଁ |
| ୩୬ | ୬୫୦ | ୯୩୬ | ସାରଦ ଦୋ ଫସଲି–୨ | ୦.୧୪ | ୦.୧୪ | ମୋଟି ବିଶୋଇ, ବଇଷମ ବିଶୋଇ, ଜାତି– ଓଡ ଖଣ୍ଡାୟତ, ଗ୍ରାମ–ନିଜଗାଁ |
| | | ୯୪୦ | ସାରଦ ଦୋ ଫସଲି–୨ | ୦.୦୩ | ୦.୦୩ | |
| ୩୭ | ୩୦୧ | ୯୪୧ | ସାରଦ ଦୋ ଫସଲି–୨ | ୦.୦୩ | ୦.୦୩ | ଦ୍ୱାରି ମାଝି, ପି–ଗୋବିନ୍ଦ ମାଝି, ଜାତି–ପାଣ, ଗ୍ରାମ–ନିଜଗାଁ |
| ୩୮ | ୩୪୮ | ୯୬୧ | ସାରଦ ଦୋ ଫସଲି–୨ | ୦.୦୯ | ୦.୦୯ | ନଟବର ସାହୁ, ପି–ରାମ ସୁବୁଦ୍ଧି, କଇଁଛ ସାହୁ, ସ୍ୱା–ନଟବର ସାହୁ, ଜାତି–ଗୁଡିଆ, ଗ୍ରାମ–ନିଜଗାଁ |
| | | ୯୬୭ | ସାରଦ ଦୋ ଫସଲି–୨ | ୦.୦୮ | ୦.୦୮ | |
| ୩୯ | ୮୪୯ | ୧୧୨୩ | ସାରଦ ଦୋ ଫସଲି–୧ | ୦.୦୧ | ୦.୦୧ | ହୀନା ପଧାନ, ପି–ମୋଚି ପଧାନ, ସୋଦରି ପଧାନ, ସ୍ୱା–ମୋଚି ପଧାନ, ରାମା ପଧାନ, ମାଟିଆ ପଧାନ, ପି–ପାଣ୍ଡୁ ପଧାନ, ଜାତି–କାଳନ୍ଦି, ଗ୍ରାମ– |
| ୪୦ | ୮୩୬ | ୧୧୨୪ | ସାରଦ ଦୋ ଫସଲି–୧ | ୦.୦୫ | ୦.୦୫ | ହଳ ସ୍ୱାଇଁ, ତ୍ରିନାଥ ସ୍ୱାଇଁ, ପି–ପୁନିୟା ସ୍ୱାଇଁ, ରଇବାରି ସ୍ୱାଇଁ, ଜାତି– ଓଡ ଖଣ୍ଡାୟତ, ଗ୍ରାମ–ନିଜଗାଁ |
| ୪୧ | ୬୩୪ | ୬୧୫ | ସାରଦ ଦୋ ଫସଲି–୨ | ୦.୦୨ | ୦.୦୨ | ମାଟିଆ ସ୍ୱାଇଁ, ପି–ଅନନ୍ତ ସ୍ୱାଇଁ, ହଜାରି ସ୍ୱାଇଁ, ଲକ୍ଷ୍ମଣ ସ୍ୱାଇଁ, ଚନ୍ଦ୍ର ସ୍ୱାଇଁ, ସତୁରା ସ୍ୱାଇଁ, ପି–ପଞ୍ଚୁ ସ୍ୱାଇଁ,ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| | | ୧୧୨୭ | ସାରଦ ଦୋ ଫସଲି–୨ | ୦.୦୬ | ୦.୦୬ | |
| | | ୧୮୦୨ | ସାରଦ ଦୋ ଫସଲି–୨ | ୦.୦୯ | ୦.୦୯ | |
| | | ୧୮୦୩ | ସାରଦ ଦୋ ଫସଲି | ୦.୦୧ | ୦.୦୧ | |
| ୪୨ | ୮୫୫/ ୪୬୦ | ୫୫୬ | ସାରଦ ଦୋ ଫସଲି–୧ | ୦.୦୨ | ୦.୦୨ | ବଳଭଦ୍ର ନାୟକ, ବୁଲୁ ନାୟକ, ପି–ବଳଭଦ୍ର ନାୟକ, ଜାତି–ଚଷା, ଗ୍ରାମ–ହରିପୁର |
| | | ୫୫୮ | ସାରଦ ଦୋ ଫସଲି–୧ | ୦.୦୨ | ୦.୦୨ | |
| | | ୫୫୯ | ସାରଦ ଦୋ ଫସଲି–୧ | ୦.୦୪ | ୦.୦୪ | |
| ୪୩ | ୫୭୧ | ୧୧୨୧ | ସାରଦ ଦୋ ଫସଲି–୧ | ୦.୧୭ | ୦.୧୭ | ଭିକାରି ଦାସ, ପି–ମାଧବ ପ୍ରହରାଜ, ଜାତି–ବ୍ରାହ୍ମଣ, ଗ୍ରାମ–ନିଜଗାଁ |
| ୪୪ | ୩୨୯ | ୯୨୮ | ସାରଦ ଦୋ ଫସଲି–୨ | ୦.୦୪ | ୦.୦୪ | ଧୋବା ସ୍ୱାଇଁ,ଭୋବନୀ ସ୍ୱାଇଁ, ମଣ୍ଡା ସ୍ୱାଇଁ, ପି–ପଞ୍ଚୁ ସ୍ୱାଇଁ, ଉଚ୍ଛବ ସ୍ୱାଇଁ, ଜାତି–ଖଣ୍ଡାୟତ, ଗ୍ରାମ: ନିଜଗାଁ। |
| | | ୧୧୨୮ | ସାରଦ ଦୋ ଫସଲି–୨ | ୦.୦୬ | ୦.୦୬ | |
| ୪୫ | ୩୩୧ | ୬୧୧ | ସାରଦ ଦୋ ଫସଲି–୧ | ୦.୦୧ | ୦.୦୧ | ଧୋବା ଜେନା, ପି–କେଳା ଜେନା, ଜାତି– ଓଡ ଖଣ୍ଡାୟତ, ଗ୍ରାମ–ନିଜଗାଁ |
| | | ୬୧୨ | ସାରଦ ଦୋ ଫସଲି–୧ | ୦.୧୩ | ୦.୧୩ | |
| | | ୧୧୨୯ | ସାରଦ ଦୋ ଫସଲି–୧ | ୦.୦୭ | ୦.୦୭ | |
| ୪୬ | ୩୯୫ | ୧୧୧୫ | ସାରଦ ଦୋ ଫସଲି–୧ | ୦.୦୬ | ୦.୦୬ | ପଞ୍ଚୁ ବିଶୋଇ, ପି–ମାଗତା ସୁନ୍ଦରା, ଜାତି– ଓଡ ଖଣ୍ଡାୟତ, ଗ୍ରାମ–ନିଜଗାଁ |
| ୪୭ | ୭୭୮ | ୧୧୬୦ | ସାରଦ ଦୋ ଫସଲି–୨ | ୦.୦୪ | ୦.୦୪ | ସୁଭାଷ ଚନ୍ଦ୍ର ସାହୁ, ନିଶା ସାହୁ, ସରସ ସାହୁ, ବିକାଶ ସାହୁ, ପି–ଲୋକନାଥ ସାହୁ, ସେବତୀ ସାହୁ, ସ୍ୱା–ଲୋକନାଥ ସାହୁ, ଜାତି–ଗୁଡିଆ, ଗ୍ରାମ–ନିଜଗାଁ |
| | | ୧୪୩୨ | ସାରଦ ଦୋ ଫସଲି–୧ | ୦.୦୯ | ୦.୦୯ | |
| | | ୧୦୩୦ | ସାରଦ ଦୋ ଫସଲି–୧ | ୦.୦୫ | ୦.୦୫ | |
| ୪୮ | ୭୪୬ | ୧୨୮୪ | ସାରଦ ଦୋ ଫସଲି–୧ | ୦.୨୮ | ୦.୨୮ | ସାବିତ୍ରୀ ପାତ୍ର, ସ୍ୱା–ଶତ୍ରୁଘନ ପାତ୍ର, ଜାତି– କୁମୁଟି, ଗ୍ରାମ–ନିଜଗାଁ |
| ୪୯ | ୬୭୧ | ୧୨୮୫ | ସାରଦ ଦୋ ଫସଲି–୧ | ୦.୦୮ | ୦.୦୮ | ରାଜ କିଶୋର ସାହୁ, ପି–ସଦାଶିବ ସାହୁ, ଜାତି–ରଙ୍ଗଣୀ, ଗ୍ରାମ–ନିଜଗାଁ |
| ୫୦ | ୬୨୮ | ୧୨୮୩ | ସାରଦ ଦୋ ଫସଲି–୧ | ୦.୦୭ | ୦.୦୭ | ମାଗି ସ୍ୱାଇଁ, ସ୍ୱା–ଖଲି ସ୍ୱାଇଁ, ଅଇଁଠା ସ୍ୱାଇଁ, ପି–ଖଲି ସ୍ୱାଇଁ, ଦୁଲା ସ୍ୱାଇଁ, ରଇବାରି ସ୍ୱାଇଁ, ପି–ଲକ୍ଷ୍ମଣ ସ୍ୱାଇଁ, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| | | ୧୨୯୦ | ସାରଦ ଦୋ ଫସଲି–୧ | ୦.୦୧ | ୦.୦୧ | |
| | | ୧୨୯୧ | ସାରଦ ଦୋ ଫସଲି–୧ | ୦.୦୪ | ୦.୦୪ | |
| | | ୧୨୮୨/ ୪୮୩୪ | ସାରଦ ଦୋ ଫସଲି–୧ | ୦.୦୪ | ୦.୦୪ | |
| ୫୧ | ୮୩୫ | ୧୨୬୧ | ସାରଦ ଦୋ ଫସଲି–୨ | ୦.୦୭ | ୦.୦୭ | ହଳ ସ୍ୱାଇଁ, ତ୍ରିନାଥ ସ୍ୱାଇଁ, ପି–ପୁନିୟା ସ୍ୱାଇଁ, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| ୫୨ | ୪୬୪ | ୧୨୬୨ | ସାରଦ ଦୋ ଫସଲି–୨ | ୦.୧୨ | ୦.୧୨ | ବନମାଳି ସାହୁ, ପି–ନରସିଂହ ସାହୁ, ଜାତି–ଗୁଡିଆ, ଗ୍ରାମ–ନିଜଗାଁ |
| ୫୩ | ୩୫୦ | ୧୨୬୩ | ସାରଦ ଦୋ ଫସଲି–୨ | ୦.୧୧ | ୦.୧୧ | ନଟବର ସାହୁ, ରାମ ଶୁବୁଦ୍ଧି, କଇଁଛ ସାହୁ, ସ୍ୱା–ନଟବର ସାହୁ, ଜାତି–ଗୁଡିଆ, ଗ୍ରାମ–ନିଜଗାଁ |
| ୫୪ | ୮୪୧ | ୧୨୬୪ | ସାରଦ ଦୋ ଫସଲି–୨ | ୦.୦୭ | ୦.୦୭ | ହାଲୁରି ସ୍ୱାଇଁ, ତ୍ରିନାଥ ସ୍ୱାଇଁ, ପି–ପୁନିୟା ସ୍ୱାଇଁ, ଜାତି– ଓଡ ଖଣ୍ଡାୟତ, ଗ୍ରାମ–ନିଜଗାଁ |
| | | ୧୨୬୫ | ସାରଦ ଦୋ ଫସଲି–୨ | ୦.୦୧ | ୦.୦୧ | |
| ୫୫ | ୬୩୬ | ୧୨୬୮ | ସାରଦ ଦୋ ଫସଲି–୧ | ୦.୨୩ | ୦.୨୩ | ମାଟିଆ ସ୍ୱାଇଁ, ପି–ନନ୍ଦ ସ୍ୱାଇଁ, ବନ୍ଧୁ ସ୍ୱାଇଁ, ପି–ଅତଙ୍ଗ ସ୍ୱାଇଁ, କ୍ଷେତ୍ର ଜେନା, ପି–ପୁନିୟା ଜେନା, ହଟ ବିଶୋଇ, ପି–ଗୁରୁ ବିଶୋଇ, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| | | ୧୨୬୯ | ସାରଦ ଦୋ ଫସଲି–୧ | ୦.୦୬ | ୦.୦୬ | |
| ୫୬ | ୫୫୧ | ୧୨୭୩ | ସାରଦ ଦୋ ଫସଲି–୧ | ୦.୦୧ | ୦.୦୧ | ଭାଗିରଥୀ ସ୍ୱାଇଁ, ପି–ଚିନ୍ତାମଣି ସ୍ୱାଇଁ, ତପୋଇ ସ୍ୱାଇଁ, ସ୍ୱା–ଚିନ୍ତାମଣି ସ୍ୱାଇଁ, ଶେଷଦେବ ସ୍ୱାଇଁ, ପି–ଆମିନ ସ୍ୱାଇଁ, ଭରତ ସ୍ୱାଇଁ, ପି–ପାଇକରା ସ୍ୱାଇଁ, ଜାତି–ଖଣ୍ଡାୟତ, ଗ୍ରାମ–ନିଜଗାଁ |
| | | ୧୨୭୫ | ସାରଦ ଦୋ ଫସଲି–୧ | ୦.୦୯ | ୦.୦୯ | |
| | | ୧୩୦୬ | ସାରଦ ଦୋ ଫସଲି–୧ | ୦.୦୨ | ୦.୦୨ | |
| | | ୧୩୦୭ | ସାରଦ ଦୋ ଫସଲି–୧ | ୦.୦୨ | ୦.୦୨ | |
| ୫୭ | ୫୪୨ | ୧୨୭୪ | ସାରଦ ଦୋ ଫସଲି–୧ | ୦.୦୮ | ୦.୦୮ | ଭରତ ସ୍ୱାଇଁ, ପାଇକରା ସ୍ୱାଇଁ, ଧୋବା ସ୍ୱାଇଁ, ଭୋବନୀ ସ୍ୱାଇଁ, ପି–ପଞ୍ଚୁ ସ୍ୱାଇଁ, ଉଚ୍ଛବ ସ୍ୱାଇଁ, ପି–ଭୀମ ସ୍ୱାଇଁ, ଉଦିଆ ସ୍ୱାଇଁ, ପାବନ ସ୍ୱାଇଁ, ପି–ବାସୁ ସ୍ୱାଇଁ, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| | | ୧୩୧୨ | ସାରଦ ଦୋ ଫସଲି–୧ | ୦.୦୧ | ୦.୦୧ | |
| | | ୧୩୧୩ | ସାରଦ ଦୋ ଫସଲି–୧ | ୦.୦୨ | ୦.୦୨ | |
| ୫୮ | ୪୧୦ | ୧୨୭୭ | ସାରଦ ଦୋ ଫସଲି–୧ | ୦.୦୫ | ୦.୦୫ | ପତି ସ୍ୱାଇଁ, ପି–ମହନ୍ତ ସ୍ୱାଇଁ, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| | | ୧୩୦୫ | ସାରଦ ଦୋ ଫସଲି–୧ | ୦.୦୪ | ୦.୦୪ | |
| | | ୧୪୨୬ | ସାରଦ ଦୋ ଫସଲି–୧ | ୦.୦୬ | ୦.୦୬ | |
| ୫୯ | ୪୭୯ | ୧୩୦୪ | ସାରଦ ଦୋ ଫସଲି–୧ | ୦.୦୨ | ୦.୦୨ | ବାଞ୍ଛାନିଧି ସ୍ୱାଇଁ, ଭିକାରି ସ୍ୱାଇଁ, ପି–ଅନନ୍ତ ସ୍ୱାଇଁ, ଜାତି–ଓଡ ଖଣ୍ଡାୟତ, ଗ୍ରାମ–ନିଜଗାଁ |
| ୬୦ | ୮୦୦ | ୧୨୭୯ | ସାରଦ ଦୋ ଫସଲି–୧ | ୦.୦୫ | ୦.୦୫ | ହଜାରି ସ୍ୱାଇଁ, ପି–ସଙ୍କରା ସ୍ୱାଇଁ, ବିଶ୍ୱନାଥ ସ୍ୱାଇଁ, ହୀନ ସ୍ୱାଇଁ, ପି–ହଟ ସ୍ୱାଇଁ, ଅଲେଖ ସ୍ୱାଇଁ, ମଦନ ସ୍ୱାଇଁ, ପବିତ୍ର ସ୍ୱାଇଁ, ସରସ ସ୍ୱାଇଁ, ଜାତି–ଖଣ୍ଡାୟତ |
| | | ୧୨୮୦ | ସାରଦ ଦୋ ଫସଲି–୧ | ୦.୦୪ | ୦.୦୪ | |
| | | ୧୩୦୧ | ସାରଦ ଦୋ ଫସଲି–୧ | ୦.୦୪ | ୦.୦୪ | |
| ୬୧ | ୮୫୫/ ୯୭ | ୧୩୦୨ | ସାରଦ ଦୋ ଫସଲି–୧ | ୦.୦୪ | ୦.୦୪ | ସରସ ସ୍ୱାଇଁ, ସ୍ୱା–ସାହେବ ସ୍ୱାଇଁ, ସାହେବ ସ୍ୱାଇଁ, ପି–କୀର୍ତନ ସ୍ୱାଇଁ, ଜାତି– ଓଡ ଖଣ୍ଡାୟତ, ଗ୍ରାମ–ନିଜଗାଁ |
| ୬୨ | ୩୩୯ | ୧୩୧୧ | ସାରଦ ଦୋ ଫସଲି–୧ | ୦.୦୧ | ୦.୦୧ | ନଟବର ସ୍ୱାଇଁ, ସମ୍ବାରୀ ସ୍ୱାଇଁ, ପବନା ସ୍ୱାଇଁ, ପି–ସନିଆ ସ୍ୱାଇଁ, ଜାତି–ଓଡ ଖଣ୍ଡାୟତ, ଗ୍ରାମ–ନିଜଗାଁ |
| ୬୩ | ୬୦୩ | ୧୪୨୩ | ସାରଦ ଦୋ ଫସଲି–୧ | ୦.୦୮ | ୦.୦୮ | ମଧୁ ସାହୁ, ପି–ମଦନ ସାହୁ, ଜାତି–ଗୁଡିଆ, ଗ୍ରାମ–ନିଜଗାଁ |
| ୬୪ | ୪୧୪ | ୧୪୨୭ | ସାରଦ ଦୋ ଫସଲି–୧ | ୦.୦୫ | ୦.୦୫ | ପତି ସ୍ୱାଇଁ, ଉଚ୍ଛବ ସ୍ୱାଇଁ, ପି–ମହନ୍ତ ସ୍ୱାଇଁ, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| | | ୧୪୨୯ | ସାରଦ ଦୋ ଫସଲି–୧ | ୦.୦୧ | ୦.୦୧ | |
| ୬୫ | ୮୫୪ | ୧୪୩୦ | ସାରଦ ଦୋ ଫସଲି–୧ | ୦.୦୫ | ୦.୦୫ | ହେଙ୍ଗୁଳା ସ୍ୱାଇଁ, ସାହସ ସ୍ୱାଇଁ, ପି–ମଙ୍ଗୁଳି ସ୍ୱାଇଁ, ଉଚ୍ଛବ ସ୍ୱାଇଁ, ପି–ପାଣ୍ଡୁ ସ୍ୱାଇଁ, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| ୬୬ | ୬୨୬ | ୧୪୩୧ | ସାରଦ ଦୋ ଫସଲି–୧ | ୦.୦୪ | ୦.୦୪ | ମାଗି ମଲ୍ଲିକ, ପି–ମହନ ମଲ୍ଲିକ, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| ୬୭ | ୬୪୯ | ୧୧୬୧ | ସାରଦ ଦୋ ଫସଲି–୧ | ୦.୦୪ | ୦.୦୪ | ମୋଚି ବିଶୋଇ, ପି–ମଙ୍ଗୁଳି ବିଶୋଇ, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| | | ୧୧୬୧/ ୪୭୮୩ | ସାରଦ ଦୋ ଫସଲି–୨ | ୦.୦୪ | ୦.୦୪ | |
| ୬୮ | ୨୦୩ | ୫୦୦ | ସାରଦ ଦୋ ଫସଲି–୧ | ୦.୦୧ | ୦.୦୧ | ଗୋବିନ୍ଦ ପଧାନ, ପି–ସୁକୁରୀ ପଧାନ, କାଶୀ ପଧାନ, ପି–ବୁଦ୍ଧି ପଧାନ, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| | | ୫୦୧ | ସାରଦ ଦୋ ଫସଲି–୧ | ୦.୦୮ | ୦.୦୮ | |
| ୬୯ | ୨୩୪ | ୫୦୭ | ସାରଦ ଦୋ ଫସଲି–୧ | ୦.୦୨ | ୦.୦୨ | ଚିନ୍ତା ପଧାନ, ପି–ଆନନ୍ଦ ପଧାନ, ସୁକୁରି ପଧାନ, ସ୍ୱା–ଚିନ୍ତା ପଧାନ, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| | | ୫୧୯ | ସାରଦ ଦୋ ଫସଲି–୧ | ୦.୦୬ | ୦.୦୬ | |
| ୭୦ | ୪୧୬ | ୫୨୦ | ସାରଦ ଦୋ ଫସଲି–୧ | ୦.୦୧ | ୦.୦୧ | ପଦ୍ମଲାଭ ନାୟକ, ପି–ଅରକ୍ଷିତ ନାୟକ, ଜାତି–ଧୋବା, ଗ୍ରାମ–ହରିପୁର |
| ୭୧ | ୬୪୦ | ୫୨୧ | ସାରଦ ଦୋ ଫସଲି–୧ | ୦.୦୮ | ୦.୦୮ | ମନ ଦଳବେହେରା, ପି–ଅମିନ ଦଳବେହେରା, ଜାତି–ଚଷା, ଗ୍ରାମ–ହରିପୁର |
| | | ୫୨୧/ ୪୯୦୮ | ସାରଦ ଦୋ ଫସଲି–୧ | ୦.୦୧ | ୦.୦୧ | |
| ୭୨ | ୬୯୨ | ୫୩୮ | ସାରଦ ଦୋ ଫସଲି–୧ | ୦.୦୧ | ୦.୦୧ | ଲିଙ୍ଗରାଜ ପଧାନ, ଅନ୍ତର୍ଯାମୀ ପଧାନ, ପି–ଚିନ୍ତାମଣି ପଧାନ, ଜାତି–ଚଷା, ଗ୍ରାମ–ହରିପୁର |
| ୭୩ | ୫୯୬ | ୫୫୪ | ସାରଦ ଦୋ ଫସଲି–୧ | ୦.୧୩ | ୦.୧୩ | ମଦନ ଷଣ୍ଢ, ପି–ଚିନ୍ତା ଷଣ୍ଢ, ଜାତି–ଚଷା, ଗ୍ରାମ–ହରିପୁର |
| ୭୪ | ୮୫୫/ ୧୮ | ୫୫୫ | ସାରଦ ଦୋ ଫସଲି–୧ | ୦.୦୬ | ୦.୦୬ | ଚିରଞ୍ଜୀବି ଦଳବେହେରା, ଯୋଗେନ୍ଦ୍ର ଦଳବେହେରା, ପି–ସୁଦର୍ଶନ ଦଳବେହେରା, ଜାତି–ଚଷା, ଗ୍ରାମ–ହରିପୁର |
| | | ୫୮୨ | ସାରଦ ଦୋ ଫସଲି–୧ | ୦.୦୭ | ୦.୦୭ | |
| ୭୫ | ୪୪୪ | ୫୬୦ | ସାରଦ ଦୋ ଫସଲି–୧ | ୦.୦୭ | ୦.୦୭ | ପୁଣି ସ୍ୱାଇଁ, ସ୍ୱା–ଦଣ୍ଡୁ ସ୍ୱାଇଁ, ସତ୍ୟବାଦୀ ସ୍ୱାଇଁ, ବିକାଶ ସ୍ୱାଇଁ, ସୁଲେଇ ସ୍ୱାଇଁ, ମନ୍ଦି ସ୍ୱାଇଁ, ପି–ଦଣ୍ଡୁ ସ୍ୱାଇଁ, ଖଦଳ ସ୍ୱାଇଁ, ସ୍ୱା–ହଟ ସ୍ୱାଇଁ, ସୁଶୀଳା ସ୍ୱାଇଁ, ପି–ହଟ ସ୍ୱାଇଁ, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| ୭୬ | ୧୪୨ | ୫୮୧ | ସାରଦ ଦୋ ଫସଲି–୧ | ୦.୦୫ | ୦.୦୫ | କୈବଲ୍ୟ ସ୍ୱାଇଁ, ବତୀ ସ୍ୱାଇଁ, ମାଟିଆ ସ୍ୱାଇଁ, ପି–ଯୋଗୀ ସ୍ୱାଇଁ, ଜାତି–ଚଷା, ଗ୍ରାମ–ନିଜଗାଁ |
| | | ୫୮୬ | ସାରଦ ଦୋ ଫସଲି–୧ | ୦.୦୩ | ୦.୦୩ | |
| ୭୭ | ୧୫୨ | ୫୮୩ | ସାରଦ ଦୋ ଫସଲି–୧ | ୦.୦୩ | ୦.୦୩ | ଖଲିଆ ଜେନା, ସ୍ୱା–ଧନୀ ଜେନା, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| | | ୬୦୯ | ସାରଦ ଦୋ ଫସଲି–୧ | ୦.୦୧ | ୦.୦୧ | |
| ୭୮ | ୮୫୫/ ୧୦ | ୮୨୨ | ସାରଦ ଦୋ ଫସଲି–୨ | ୦.୦୧ | ୦.୦୧ | ସତ୍ୟା ପଧାନ, ଇନ୍ଦିରା ପଧାନ, ପି–କୀର୍ତନ ପଧାନ, ଜାତି–ଓଡ ଖଣ୍ଡାୟତ |
| ୭୯ | ୫୪୮ | ୫୮୫ | ସାରଦ ଦୋ ଫସଲି–୧ | ୦.୦୪ | ୦.୦୪ | ଭାଗବତ ପଧାନ, ପି–ଖତି ପଧାନ, ଭଗବାନ ପଧାନ, ପି–ବୈଦ୍ୟନାଥ ପଧାନ, ଦୁଲା ପଧାନ, ସ୍ୱା–ନରସିଂହ ପଧାନ, ଗ୍ରାମ–ହରିପୁର |
| | | ୧୭୪୮ | ସାରଦ ଦୋ ଫସଲି–୧ | ୦.୦୪ | ୦.୦୪ | |
| ୮୦ | ୯୨ | ୬୧୦ | ସାରଦ ଦୋ ଫସଲି–୧ | ୦.୦୪ | ୦.୦୪ | କାଳିକା ଦଳବେହେରା, ସ୍ୱା–କାଶୀନାଥ ଦଳବେହେରା, ଜାତି–ଚଷା, ଗ୍ରାମ–ହରିପୁର |
| ୮୧ | ୮୫୯ | ୬୧୪ | ସାରଦ ଦୋ ଫସଲି–୧ | ୦.୧୪ | ୦.୧୪ | ଶ୍ରୀ ଦଧିବାମନ ଜୀଉ ବିଜେ ନିଜଗାଁ ମାର୍ଫତ ନିର୍ବାହୀ ଅଧିକାରୀ ଦେବୋତ୍ତର ବିଭାଗ, ନୟାଗଡ |
| ୮୨ | ୬୦୫ | ୬୧୮ | ସାରଦ ଦୋ ଫସଲି–୧ | ୦.୦୧ | ୦.୦୧ | ମହନ୍ତ ସ୍ୱାଇଁ, ପି–ବନମାଳି ସ୍ୱାଇଁ, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| | | ୧୪୨୮ | ସାରଦ ଦୋ ଫସଲି–୧ | ୦.୦୧ | ୦.୦୧ | |
| ୮୩ | ୧୫୦ | ୧୭୪୫ | ସାରଦ ଦୋ ଫସଲି–୧ | ୦.୦୨ | ୦.୦୨ | ଖଲି ରାଉତ, ପି–କାଶୀ ରାଉତ, ଜାତି–ରଙ୍ଗଣୀ, ଗ୍ରାମ–ନିଜଗାଁ |
| ୮୪ | ୪୨୦ | ୧୭୪୪ | ସାରଦ ଦୋ ଫସଲି–୧ | ୦.୨୪ | ୦.୨୪ | ପଦ୍ମଚରଣ ସ୍ୱାଇଁ, ଲବଙ୍ଗ ସ୍ୱାଇଁ, ପି–ଘନଶ୍ୟାମ ସ୍ୱାଇଁ, ବାଉରୀବନ୍ଧୁ ସ୍ୱାଇଁ, ପି–ରଘୁ ସ୍ୱାଇଁ, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| ୮୫ | ୬୧୬ | ୧୭୪୦ | ସାରଦ ଦୋ ଫସଲି–୧ | ୦.୦୧ | ୦.୦୧ | ମହନ ଜେନା, ତପୋଇ ଜେନା, ପି–ଆନନ୍ଦ ଜେନା, ଝୁମେଇ ଜେନା, ସ୍ୱା–ଆନନ୍ଦ ଜେନା, କୈବଲ୍ୟ ଜେନା, ସନ୍ତରା ଜେନା |
| ୮୬ | ୭୪୭ | ୧୭୪୨ | ସାରଦ ଦୋ ଫସଲି–୧ | ୦.୦୮ | ୦.୦୮ | ଶ୍ରୀ ଭାଗବତ ଗୋସ୍ୱାମୀ ବିଜେ ନିଜଗାଁ ମାର୍ଫତ ସମସ୍ତ ଗ୍ରାମବାସୀ ପକ୍ଷେ ସାମ ସାହୁ, ପି–ଅର୍ଜୁନ ସାହୁ |
| ୮୭ | ୭୦୧ | ୧୭୪୩ | ସାରଦ ଦୋ ଫସଲି–୧ | ୦.୦୭ | ୦.୭ | ଲୋକନାଥ ଦାସ, ପି–ଋଷି ଦାସ, ଜାତି–ରଙ୍ଗଣୀ, ଗ୍ରାମ–ନିଜଗାଁ |
| ୮୮ | ୨୭୭ | ୧୭୮୯ | ସାରଦ ଦୋ ଫସଲି–୧ | ୦.୦୩ | ୦.୦୩ | ତ୍ରିଲୋଚନ ଦାସ, ପି–ଲୋକନାଥ ଦାସ, ଜାତି–ରଙ୍ଗଣୀ, ଗ୍ରାମ–ନିଜଗାଁ |
| ୮୯ | ୨୨୪ | ୧୭୯୨ | ସାରଦ ଦୋ ଫସଲି–୧ | ୦.୦୬ | ୦.୦୬ | ଚାନ୍ଦ ସ୍ୱାଇଁ, ସ୍ୱା–ମାଗତା ସ୍ୱାଇଁ, ମହନ ସ୍ୱାଇଁ, କୋକିଳ ସ୍ୱାଇଁ, ପି–ସୁକୁରୀ ସ୍ୱାଇଁ, ଲୋଚନ ସ୍ୱାଇଁ, ପି–ଚଇତନ ସ୍ୱାଇଁ, ବାନା ସ୍ୱାଇଁ, ପି–ବରଜୁ ସ୍ୱାଇଁ, ଜାତି–ଓଡ ଖଣ୍ଡାୟତ, ଗ୍ରାମ–ନିଜଗାଁ |
| | | ୧୭୯୩ | ସାରଦ ଦୋ ଫସଲି–୧ | ୦.୦୫ | ୦.୦୫ | |
| | | ୯୮୬ | ସାରଦ ଦୋ ଫସଲି–୧ | ୦.୦୧ | ୦.୦୧ | |
| ୯୦ | ୬୩୨ | ୧୭୯୯/ ୪୭୯୩ | ସାରଦ ଦୋ ଫସଲି–୧ | ୦.୦୩ | ୦.୦୩ | ମାଟିଆ ସ୍ୱାଇଁ, ପି–ଅନନ୍ତ ସ୍ୱାଇଁ, ଜାତି–ଓଡ ଖଣ୍ଡାୟତ, ଗ୍ରାମ–ନିଜଗାଁ |
| ୯୧ | ୧୩୦ | ୧୮୦୧ | ସାରଦ ଦୋ ଫସଲି–୧ | ୦.୦୨ | ୦.୦୨ | କୃପାସିନ୍ଧୁ ସାହୁ, ପି–ସଦାଶିବ ସାହୁ, ଜାତି–ରଙ୍ଗଣୀ, ଗ୍ରାମ–ନିଜଗାଁ |
| ୯୨ | ୩୬୬ | ୧୮୧୫ | ସାରଦ ଦୋ ଫସଲି–୧ | ୦.୦୭ | ୦.୦୭ | ନରସିଂହ ନାୟକ, ପି–କଣ୍ଡ ନାୟକ, ଜାତି–ରଙ୍ଗଣୀ, ଗ୍ରାମ–ନିଜଗାଁ |
| | | ୧୮୧୭ | ସାରଦ ଦୋ ଫସଲି–୧ | ୦.୧୫ | ୦.୧୫ | |
| ୯୩ | ୩୧୧ | ୧୮୧୬ | ସାରଦ ଦୋ ଫସଲି–୧ | ୦.୦୪ | ୦.୦୪ | ଦୁଖୀ ବିଶୋଇ, ସ୍ୱା–ରଘୁ ବିଶୋଇ, ଅରକ୍ଷିତ ବିଶୋଇ, ପି–ରଘୁ ବିଶୋଇ |
| ୯୪ | ୬୪୪ | ୧୮୧୮ | ସାରଦ ଦୋ ଫସଲି–୧ | ୦.୧୧ | ୦.୧୧ | ମୁକି ସାହୁ, ପି–ଲିଙ୍ଗରାଜ ସାହୁ, ଜାତି–ଗୁଡିଆ, ଗ୍ରାମ–ନିଜଗାଁ |
| ୯୫ | ୮୫୫/ ୧୨୯ | ୮୮୨ | ସାରଦ–୨ | ୦.୧୪ | ୦.୧୪ | ଗୋବର୍ଦ୍ଧନ ନାୟକ, ସୁଦର୍ଶନ ନାୟକ, ପି–ଭୀମ ନାୟକ, ଜାତି–କଳନ୍ଦି, ଗ୍ରାମ–ନିଜଗାଁ |
| ୯୬ | ୪୫୬ | ୯୦୧ | ସାରଦ ଦୋ ଫସଲି–୨ | ୦.୦୪ | ୦.୦୪ | ବନ୍ଧୁ ବିଶୋଇ, ପି–କ୍ଷେତ୍ର ବିଶୋଇ, ଡମ୍ବରୁଧର ବିଶୋଇ, ପି–ଖଲି ବିଶୋଇ, ପଦି ବିଶୋଇ, ସ୍ୱା–ଖଲି ବିଶୋଇ, ଜାତି–କଳନ୍ଦି, ଗ୍ରାମ–ନିଜଗାଁ |
| ୯୭ | ୮୫୫/ ୧୫୭ | ୧୩୦୦ | ସାରଦ ଦୋ ଫସଲି–୧ | ୦.୦୨ | ୦.୦୨ | ବଳରାମ ବିଶୋଇ, ବଣ୍ଟରାମ ବିଶୋଇ, ପି–ଅର୍ଜୁନ ବିଶୋଇ, ଜାତି–କଳନ୍ଦି, ଗ୍ରାମ–ନିଜଗାଁ |
| ୯୮ | ୮୫୫/ ୨୨୨ | ୧୨୭୮ | ସାରଦ ଦୋ ଫସଲି–୧ | ୦.୦୪ | ୦.୦୪ | ଗୌରାଙ୍ଗ ସାହୁ, ପି–ଦିନବନ୍ଧୁ ସାହୁ, ଜାତି–ରଙ୍ଗଣୀ, ଗ୍ରାମ–ନିଜଗାଁ |
| ୯୯ | ୮୩୮ | ୫୨୯ | ସାରଦ ଦୋ ଫସଲି–୧ | ୦.୦୬ | ୦.୦୬ | ହଟ ସ୍ୱାଇଁ, ତ୍ରିନାଥ ସ୍ୱାଇଁ, ପି–ପୁନିୟା ସ୍ୱାଇଁ, ରାଇବାରି ସ୍ୱାଇଁ, ସ୍ୱା–ପୁନିୟା ସ୍ୱାଇଁ |
| ୧୦୦ | ୮୫୫/ ୨୩୩ | ୧୭୪୬ | ସାରଦ ଦୋ ଫସଲି–୧ | ୦.୧ | ୦.୧ | ହୀନା ବିଶୋଇ, ପି–ସମ୍ବରୀ ବିଶୋଇ, ଜାତି–ଖଣ୍ଡାୟତ, ଗ୍ରାମ–ନିଜଗାଁ |
| ୧୦୧ | ୮୫୫/ ୨୫୬ | ୯୨୯ | ସାରଦ ଦୋ ଫସଲି–୧ | ୦.୧ | ୦.୧ | ରବିନ୍ଦ୍ର ବିଶୋଇ, ପି–ଛାଟିଆ ବିଶୋଇ, ଜାତି–କଳାଙ୍ଗି, ଗ୍ରାମ–ନିଜଗାଁ |
| ୧୦୨ | ୮୫୫/ ୧୫୩ | ୧୭୮୧ | ସାରଦ ଦୋ ଫସଲି–୧ | ୦.୨ | ୦.୨ | କୀର୍ତନ ସ୍ୱାଇଁ, ପି–ଦଣ୍ଡୁ ସ୍ୱାଇଁ, ଜାତି–ଖଣ୍ଡାୟତ, ଗ୍ରାମ–ନିଜଗାଁ |
| ୧୦୩ | ୨୦୪ | ୧୪୨୨ | ସାରଦ ଦୋ ଫସଲି–୧ | ୦.୧୭ | ୦.୧୭ | ଗୋବିନ୍ଦ ଜେନା, ପି–କ୍ଷେତ୍ର ଜେନା, ଜାତି–କଳନ୍ଦି, ଗ୍ରାମ–ନିଜଗାଁ |
| ୧୦୪ | ୪୬୩ | ୧୭୮୫ | ସାରଦ ଦୋ ଫସଲି–୧ | ୦.୦୯ | ୦.୦୯ | ବନମାଳି ସ୍ୱାଇଁ, ଚିନ୍ତାମଣି ସ୍ୱାଇଁ, ପି–ନାରଣ ସ୍ୱାଇଁ, ଜାତି–ଓଡ ଖଣ୍ଡାୟତ, ଗ୍ରାମ–ନିଜଗାଁ |
| ୧୦୫ | ୬୫୨ | ୯୩୦ | ସାରଦ ଦୋ ଫସଲି–୨ | ୦.୦୬ | ୦.୦୬ | ମୋହନ ସ୍ୱାଇଁ, ପି–ସୁକୁରୀ ସ୍ୱାଇଁ, ଜାତି– ଓଡ ଖଣ୍ଡାୟତ, ଗ୍ରାମ–ନିଜଗାଁ |
| ୧୦୬ | ୬୩୭ | ୯୩୧ | ସାରଦ ଦୋ ଫସଲି–୧ | ୦.୦୨ | ୦.୦୨ | ମାଟିଆ ସ୍ୱାଇଁ, ପି–ନନ୍ଦ ସ୍ୱାଇଁ, ମନ୍ଦ ସ୍ୱାଇଁ, ସ୍ୱା–ନନ୍ଦ ସ୍ୱାଇଁ, ବନ୍ଧୁ ସ୍ୱାଇଁ, ପି–ଅଟଙ୍ଗ ସ୍ୱାଇଁ, ଜାତି–କଳନ୍ଦି, ଗ୍ରାମ–ନିଜଗାଁ |
| ୧୦୭ | ୩୭୫ | ୧୦୩୧ | ସାରଦ ଦୋ ଫସଲି–୧ | ୦.୦୭ | ୦.୦୭ | ନରସିଂହ ସ୍ୱାଇଁ, ହଜାରି ସ୍ୱାଇଁ, ସୁବଳ ସ୍ୱାଇଁ, ଦେବରାଜ ସ୍ୱାଇଁ, ସାବି ସ୍ୱାଇଁ, ସିତା ସ୍ୱାଇଁ, ପି–ଭୀମ ସ୍ୱାଇଁ, ଅତେଇ ସ୍ୱାଇଁ, ସ୍ୱା–ଭୀମ ସ୍ୱାଇଁ, ଜାତି–କଳନ୍ଦି, ଗ୍ରାମ–ନିଜଗାଁ |
| ୧୦୮ | ୭୫୯ | ୧୦୩୨ | ସାରଦ ଦୋ ଫସଲି–୧ | ୦.୧୧ | ୦.୧୧ | ସୁକୁରି ବିଷୋଇ, ପି–ମଙ୍ଗୁଳି ବିଷୋଇ, ଜାତି–କଳନ୍ଦି, ଗ୍ରାମ–ନିଜଗାଁ |
| ୧୦୯ | ୬୪୨ | ୧୦୩୩ | ସାରଦ ଦୋ ଫସଲି–୧ | ୦.୧୪ | ୦.୧୪ | ମହାଲି ପଲେଇ, ସ୍ୱା–ନୀଳ ପଲେଇ, ହେମ ସ୍ୱାଇଁ, ପି–ଭଗତ ସ୍ୱାଇଁ, ରଘୁ ସ୍ୱାଇଁ, ପି–ସନ୍ତରା ସ୍ୱାଇଁ, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| ୧୧୦ | ୧୪୭ | ୧୦୩୫ | ସାରଦ ଦୋ ଫସଲି–୧ | ୦.୦୬ | ୦.୦୬ | ଖଦାଳ ବିଷୋଇ, ସ୍ୱା–ମହେଶ୍ୱର ବିଷୋଇ, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| ୧୧୧ | ୬୬୧ | ୧୦୩୬ | ସାରଦ ଦୋ ଫସଲି–୧ | ୦.୧୧ | ୦.୧୧ | ରଇବାରି ବେହେରା, କୁସୁନ ବେହେରା, ଶାମ୍ବରୀ ବେହେରା, ଚକ୍ରଧର ବେହେରା, ବୁଦ୍ଧିନାଥ ବେହେରା, ପି–ଗଦେଇ ବେହେରା, ଶ୍ରୀଧର ବେହେରା, ପି–ସଇତା ବେହେରା, ଜାତି–ଓଡ ଖଣ୍ଡାୟତ, ଗ୍ରାମ–ନିଜଗାଁ |
| ୧୧୨ | ୬୦୪ | ୧୦୩୭ | ସାରଦ ଦୋ ଫସଲି–୨ | ୦.୦୩ | ୦.୦୩ | ମନୁ ସ୍ୱାଇଁ, ପି–ସନ୍ତରା ସ୍ୱାଇଁ, ଗଦାଧର ସ୍ୱାଇଁ, ପି–ରତନ ସ୍ୱାଇଁ, ଜାତି–କାଳନ୍ଦି, ଗ୍ରାମ–ନିଜଗାଁ |
| ୧୧୩ | ୧୬୧ | ୧୦୪୩ | ସାରଦ ଦୋ ଫସଲି–୧ | ୦.୦୭ | ୦.୦୭ | ଖଲି ନାୟକ, ପି–କେଳା ନାୟକ, ଅଗାଧୁ ବିଷୋଇ, ସନ୍ତରା ବିଷୋଇ, ବଳି ବିଷୋଇ, ପି–ସୁକୁରି ବିଷୋଇ, ଖଦାଳ ମଲ୍ଲିକ, ସ୍ୱା–ଧୋବା ମଲ୍ଲିକ, ଜାତି–କଳନ୍ଦି, ଗ୍ରାମ–ନିଜଗାଁ |
| ୧୧୪ | ୮୫୮ | ୧୬୭୧ | ସାରଦ ଦୋ ଫସଲି–୧ | ୦.୧୮ | ୦.୧୮ | ଶ୍ରୀ ଭଗବତୀ ଠାକୁରାଣୀ ବିଜେ ନିଜଗାଁ, ମାର୍ଫତ ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ, ନୟାଗଡ଼ |
| ୧୧୫ | ୮୧ | ୧୬୭୨ | ସାରଦ ଦୋ ଫସଲି–୧ | ୦.୦୩ | ୦.୦୩ | ଶ୍ରୀ ଗ୍ରାମଦେବତୀ ଭଗବତୀ ଠାକୁରାଣୀ ବିଜେ ନିଜଗାଁ, ମାର୍ଫତ ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ, ନୟାଗଡ ସେବା ସୂତ୍ରେ ଦଖଲ ଅରକ୍ଷିତ ମହାପାତ୍ର, ପି–ବସୁଦେବ ମହାପାତ୍ର, ଜାତି–ମାଳୀ, ଗ୍ରାମ–ଗୋଡିପଡା |
| ୧୧୬ | ୮୫୭ | ୧୬୭୩ | ସାରଦ ଦୋ ଫସଲି–୧ | ୦.୧୫ | ୦.୧୫ | ଶ୍ରୀ ପଣ୍ଡୁକେଶ୍ୱର ମହାଦେବ ବିଜେ ବଉଳ ସାହି, ମାର୍ଫତ ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ, ନୟାଗଡ |
| ୧୧୭ | ୮୬୧ | ୧୬୮୮ | ସାରଦ ଦୋ ଫସଲି–୧ | ୦.୦୩ | ୦.୦୩ | କୀର୍ତନ ସ୍ୱାଇଁ,ପି–କେଳା ସ୍ୱାଇଁ, ବିଶ୍ୱନାଥ ସ୍ୱାଇଁ, କୁସୁନ ସ୍ୱାଇଁ, ପି–ପତି ସ୍ୱାଇଁ |
| | | ୧୬୮୯ | ସାରଦ ଦୋ ଫସଲି–୧ | ୦.୦୨ | ୦.୦୨ | |
| ୧୧୮ | ୮୫୫/ ୩୬୮ | ୧୬୯୦ | ସାରଦ ଦୋ ଫସଲି–୧ | ୦.୦୪ | ୦.୦୪ | ନିଧି ବିଶୋଇ, ପି–ମହେଶ୍ୱର ବିଶୋଇ, ଜାତି–କଳାଙ୍ଗି, ଗ୍ରାମ–ନିଜଗାଁ |
| | | ୧୬୯୧ | ସାରଦ ଦୋ ଫସଲି–୧ | ୦.୦୩ | ୦.୦୩ | |
| | | ୧୬୯୨ | ସାରଦ ଦୋ ଫସଲି–୧ | ୦.୦୩ | ୦.୦୩ | |
| | | ୧୬୯୩ | ସାରଦ ଦୋ ଫସଲି–୧ | ୦.୦୭ | ୦.୦୭ | |
| ୧୧୯ | ୮୧୨ | ୧୬୯୬ | ସାରଦ ଦୋ ଫସଲି–୧ | ୦.୧୧ | ୦.୧୧ | ହଟ ବିଶୋଇ, ପି–ଗୌରୀ ବିଶୋଇ, ଜାତି–କାଳାଙ୍ଗି, ଗ୍ରାମ–ନିଜଗାଁ |
| ୧୨୦ | ୨୯୩ | ୭୩୩ | ସାରଦ ଦୋ ଫସଲି–୧ | ୦.୦୧ | ୦.୦୧ | ଦର୍ପଣୀ ବିଶୋଇ, ସ୍ୱା–ଅର୍ଜୁନ ବିଶୋଇ, ମହେଶ୍ୱର ବିଶୋଇ, ଭଗବାନ ବିଶୋଇ, ଜାତି–କାଳାଙ୍ଗି, ଗ୍ରାମ–ନିଜଗାଁ |

# ୯ ହଜାର ବୋତଲ କଫ୍ ସିରପ୍ ଜବତ

■କାର୍, ପିକ୍ଅପ୍ ଭ୍ୟାନ୍ ଜବତ
■ବରଗଡ଼ରୁ ଆଣି ରାମପୁରରେ ବିକ୍ରି ଯୋଜନା ଥିଲା

ସୋନପୁର/ଡୁଙ୍ଗୁରିପାଲି, ୭।୨ (ମୃତ୍ୟୁଞ୍ଜୟ ଶତପଥୀ/ଦୀନବନ୍ଧୁ ସୁନା)



ପୋଲିସ ଭ୍ୟାନ୍ ଓ କାର୍‌ରୁ କଫ୍‌ସିରପ୍ ଜବତ କରୁଛି।

ସୁବର୍ଣ୍ଣପୁର ଜିଲା ରାମପୁର ପୋଲିସ ଶନିବାର ସକାଳେ ଚଢ଼ାଉକରି ବିପୁଳ ପରିମାଣର କଫ୍ ସିରପ୍ ଜବତ୍ କରିଛି। ଏହି ଘଟଣାରେ ପରିବହନକାରୀ ତଥା ବରଗଡ଼ ଜିଲା ବରପାଲି ଥାନା ସତଲମା ଗ୍ରାମର ଗୁଲ୍‌ସନ ସାହୁ(୨୪)ଙ୍କୁ ଗିରଫ କରାଯାଇଛି। ତେବେ ଅନ୍ୟ ୩ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। କଫ୍ ସିରପ୍ ବୋଝେଇ ହୋଇଥିବା ପିକ୍ଅପ୍ ଭ୍ୟାନ୍ ଓ ଏକ କାର୍‌କୁ ପୋଲିସ ଜବତ କରିଛି। ବରଗଡ଼ ପଟୁ ଏହି କଫ୍ ସିରପ୍ ଆସିଥିଲା। ଗୁଲସନଙ୍କ କାର୍‌ରେ ସେଗୁଡ଼ିକୁ ରାମପୁର ଅଞ୍ଚଳରେ ବିକ୍ରି କରାଯିବାର ଯୋଜନା ଥିଲା। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରଖିଥିବା ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ଜିଲା ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ରାମପୁର ଥାନା ମାୟାବାର୍ହା ପଞ୍ଚାୟତ ସାହାଜବାହାଲ ପଡ଼ିଆରେ ଶନିବାର ସକାଳେ କେତେଜଣ ଲୋକଙ୍କ ଦ୍ୱାରା କଫ୍ ସିରପ୍ କାରବାର ଚାଲିଥିବା ନେଇ ଏସ୍‌ପି ନାୟକଙ୍କୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ରାମପୁର ଥାନା ଏସ୍‌ଆଇ ପ୍ରକାଶ ନନ୍ଦ ଓ ଟିମ୍ ପଡ଼ିଆରେ ପହଞ୍ଚିବା ପରେ ସେଠାରେ ଏକ ପିକ୍ଅପ୍ ଭ୍ୟାନ୍ ଓ କାର୍ ଥିବା ଦେଖିବାକୁ ମିଳିଥିଲା। ପୋଲିସ ଟିମ୍‌କୁ ଦେଖି ସେଠାରେ ଥିବା ୩ ଜଣ ଫେରାର ହୋଇଯାଇଥିଲେ। ଅଭିଯୁକ୍ତଙ୍କୁ ପିଛା କରିବାକୁ ଯାଇ ପୋଲିସ ଟିମ୍ କାର୍ (ନଂ. ଓଡି୦୩-ଏବି-୧୭୯୦) ଓ କାର୍ ମାଲିକ ଗୁଲସନଙ୍କୁ ଅଟକ ରଖିଥିଲା। ପିକ୍ଅପ୍ ଭ୍ୟାନ୍ (ନଂ.ଓଡି୧୭ଏଫ-୬୬୬୬) ଓ କାର୍ ତନଖି ସମୟରେ ସେଥିରୁ କଫ୍ ସିରପ୍ ଠାବ ହୋଇଥିଲା। ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ସାକ୍ଷୀ ଓ ମାଜିଷ୍ଟ୍ରେଟ୍ ତଥା ରାମପୁର ଅତିରିକ୍ତ ତହସିଲଦାର ବିଶ୍ୱମ୍ଭର ନାଥ ପାଣ୍ଡେଙ୍କ ଉପସ୍ଥିତିରେ ଉଭୟ ଗାଡ଼ି ତନଖି ସମୟରେ ମୋଟ ୬୮ଟି ବ୍ୟାଗ୍ ମିଳିଥିଲା। ପ୍ରତି ବ୍ୟାଗ୍‌ରେ ୬ଟି ପ୍ୟାକେଟ୍ ଥିଲା।

## ଜଣେ ଗିରଫ

ସେହିଭଳି ପ୍ରତି ପ୍ୟାକେଟ୍‌ରେ ୨୫ଟି ଲେଖାଏ ୧୦୦ମିଲିଲିଟର ବିଶିଷ୍ଟ ସର୍ବ ମୋଟ ୯୦୦୦ ବୋତଲ ଏସ୍‌କଫ୍ କୋଡିନ୍ ଫୋସଫେଟ୍ ଓ ଟ୍ରିପ୍ରୋଲାଇଡିନ୍ ହାଇଡ୍ରୋକ୍ଲୋରାଇଡ୍ ସିରପ୍ ବୋତଲ ମିଳିଥିଲା। ଏହି ଘଟଣାରେ ରାମପୁର ଥାନା ପୋଲିସ ଏନ୍‌ଡିପିଏସ୍ ଆଇନର ଧାରା ୨୧(ସି)/୨୯ ଅନୁଯାୟୀ ଏକ ମାମଲା(ନଂ.୪୪/୨୬)ରୁଜୁ କରିଛି। ସେହିପରି କଫ୍‌ସିରପ, କାର୍ ଓ ପିକ୍ଅପ୍‌କୁ ପୋଲିସ ଜବତକରି ଅଧିକ ଅନୁସନ୍ଧାନ ଜାରି ରଖିଛି। ଜବତ କଫ୍‌ସିରପ୍‌ର ଆନୁମାନିକ ମୂଲ୍ୟ ୧୭ ଲକ୍ଷ ୮୨ ହଜାର ଟଙ୍କା ହେବ ବୋଲି ଏସ୍‌ପି ନାରାୟଣ ନାୟକ କହିଛନ୍ତି। ପ୍ରାଥମିକ ତଦନ୍ତରୁ ଅଭିଯୁକ୍ତମାନେ ବରଗଡ ଜିଲାରୁ କଫ୍ ସିରଫ ଆଣି ଚାହିଦା ଅନୁଯାୟୀ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ଅଞ୍ଚଳକୁ ଯୋଗାଉଥିଲେ। ତଦନ୍ତ ଜାରି ରହିଥିବା ରାମପୁର ଆଇଆଇସି ଡୋଲାମଣି ନାଏକ କହିଛନ୍ତି। ଭାରପ୍ରାପ୍ତ ସୋନପୁର ଏସ୍‌ଡିପିଓ ରେଣୁକା ସୁନା ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଡକାୟତି ଘଟଣାରେ ୧୦ ଗିରଫ

ହିଞ୍ଜିଳିକାଟୁ, ୭।୨ (ଦ୍ୱିତୀକୃଷ୍ଣ ପଣ୍ଡା)

## ଲୁଟ ସାମଗ୍ରୀ ସହ ମାରଣାସ୍ତ୍ର ଜବତ

ହିଞ୍ଜିଳି ଥାନା ଶରଧାପୁର ଶ୍ମଶାନ ନିକଟରେ ମଙ୍ଗଳବାର ରାତିରେ ଏକ ନିର୍ବନ୍ଧ ଭୋଜିରୁ ଫେରୁଥିବା ବେଳେ ଏକ ଗ୍ୟାଙ୍ଗ ରାସ୍ତାରେ ୩ ଜଣଙ୍କୁ ଆକ୍ରମଣ କରି ଡକାୟତି କରିଥିଲେ। ଏହି ଘଟଣାରେ ହିଞ୍ଜିଳି ପୋଲିସ ଶନିବାର ୧୦ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୋଲସରା ଗ୍ରାମର କାହ୍ନୁ ଚରଣ ବିଶ୍ୱାଳ(୧୯), ଗଣେଶ ପ୍ରଧାନ(୨୪), ସଦାଶିବପ୍ରଧାନ(୧୯), ପୋଲସରା ଥାନା ମଥୁରା ଗ୍ରାମର ଶୁଭମ ରାଉତ (୧୯), ମନଶିଳା ଗ୍ରାମର ବିନାୟକ ଖଟାଇ ଓରଫ କାଳିଆ(୨୨), ଆସିକା ଥାନା ଗବନଳା ଗ୍ରାମର ସୁଦାମ ରାଉତ ଓରଫ ରାଜ(୨୪) ଓ ଚୋରିସାମଗ୍ରୀ କିଣିଥିବା ୪ ଯୁବକ କବିସୂର୍ଯ୍ୟନଗର ଥାନା ଡୁଙ୍ଗୁରି ଗ୍ରାମର ମୋହନ ଗୌଡ(୨୭), ସେୱତା ଖଟାଇ ଓରଫ ପାଣ୍ଡା(୨୫), ସୁନାପାଲ୍ଲୀ ଗ୍ରାମର ଚନ୍ଦନ ସେଠୀ(୨୩) ଓ ପୋଲସରା ଗ୍ରାମର ତୁଷାର ସାହୁ(୧୯)। ସେମାନଙ୍କ ଠାରୁ ସୁନାମୁଦି, ୩ଟି ମୋବାଇଲ ଫୋନ, ୫ ହଜାର ଟଙ୍କା ସହ ଅନ୍ୟ ୧୭ଟି ମୋବାଇଲ, ଡକାୟତିରେ ବ୍ୟବହୃତ ବହୁ ମାରଣାସ୍ତ୍ର ଓ ୩ଟି ବାଇକ (ଓଡି୦୭ବିସି ୦୯୨୨, ଓଡି୩୧ଏଲ ୪୦୨୪ ଓ ଓଡି୦୭ଏକେ ୪୦୯୧) ପୋଲିସ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ କେଶ୍ ନଂ ୭୫/୨୬ରେ ଏକ ମାମଲା କରି ଶନିବାର ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ମଙ୍ଗଳବାର ବିଳମ୍ବିତ ରାତିରେ ବେଲଗାଁ ଥାନା ଦୁର୍ବନ୍ଧ ଗ୍ରାମର ଅମିର ସାହୁ, ତାଙ୍କ ଭଣଜା ସୁମନ ସାହୁ ଓ କ୍ୟାମେରା ମ୍ୟାନ ଅଜିତ ମହାନ୍ତି ହିଞ୍ଜିଳି ଥାନା ପିତଳ ଗ୍ରାମରୁ ପୁଅର ନିର୍ବନ୍ଧ କାର୍ଯ୍ୟ ସାରି ବାଇକରେ (ଓଡି୦୭ଏଆର ୩୯୨୫) ଘରକୁ ଫେରୁଥିଲେ। ହିଞ୍ଜିଳି ଥାନା ଶରଧାପୁର ଗ୍ରାମ ଶ୍ମଶାନ ନିକଟରେ ୬ ଜଣ ଅମିରଙ୍କ ବାଇକ ଅଟକାଇ ନିସ୍ତୁକ ମାଡ ମାରିଥିଲେ। ପରେ ସେମାନେ ଧରିଥିବା ସୁନା ମୁଦି, ୫ ହଜାର ଟଙ୍କା, ୩ଟି ମୋବାଇଲ ଫୋନ, କ୍ୟାମେରା ଓ କ୍ୟାମେରା ଲାଇଟ ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଘଟଣା ନେଇ ଅମିର ବୁଧବାର ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଶନିବାର ବ୍ରହ୍ମପୁର ଅଞ୍ଚଳରୁ ୬ ଜଣଙ୍କୁ କାବୁ କରିଥିଲା। ପରେ ଲୁଟ ସାମଗ୍ରୀକୁ ଜବତ କରିଛି।



ଜବତ ହୋଇଥିବା ସାମଗ୍ରୀ।

# ଷ୍ଟିଲ୍ ସିଟିରେ ଚାଦୋକାନୀଙ୍କୁ ହତ୍ୟା

## ଅଭିଯୁକ୍ତ ଫେରାର, ପୋଲିସର ତନାଘନା

ରାଉରକେଲା,୭।୨ (ସଙ୍ଗୀତା ଜେନା)

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଷ୍ଟେଶନ ଛକ ନିକଟରେ ଶୁକ୍ରବାର ରାତିରେ ଜଣେ ଚା ଦୋକାନୀଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ଏହି ଘଟଣାକୁ ୨୪ଘଣ୍ଟା ବିତିଯାଇଥିଲେ ସୁଦ୍ଧା ଅଭିଯୁକ୍ତଙ୍କ ଟେର୍ ପୋଲିସ ପାଇପାରି ନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଶନିବାର ୨୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଥାନାଧିକାରୀଙ୍କୁ ଭେଟି ମୃତକଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ଦାବି କରିଛନ୍ତି। ଅପରପକ୍ଷେ, ପୋଲିସ ଏ ନେଇ ଏକ ମାମଲା (ନଂ.୧୨୪/୨୬) ରୁଜୁ କରି ତଦନ୍ତ ଚଳାଇଛି। ହତ୍ୟାକାଣ୍ଡସ୍ଥଳ ଏବଂ ଆଖପାଖ ଅଞ୍ଚଳରେ ସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, ଉତ୍ତରପ୍ରଦେଶ ବଳିଆ ଜିଲା ମୂଳନିବାସୀ ଅବିନାଶ ଯାଦବ (୩୫) ଗୋପବନ୍ଧୁପାଲୀ ଅଞ୍ଚଳରେ ରହି ରାଉରକେଲା ଷ୍ଟେଶନ ନିକଟ ଏକ ଚା ଦୋକାନରେ କାମ କରୁଥିଲେ। ଶୁକ୍ରବାର ରାତି ପ୍ରାୟ ୯ଟା ୪୫ରେ ଅମର ଭବନ ନିକଟରେ ଶୌଚାଳୟରୁ ବାହାରୁଥିବାବେଳେ ଅବିନାଶଙ୍କୁ ୩ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ହଠାତ୍ ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ତେବେ ନିକଟସ୍ଥ ବିବାହ ମଣ୍ଡପରେ ଡିଜେ ବାଜୁଥିବା ଯୋଗୁ ଅବିନାଶଙ୍କ ଚିତ୍କାର କେହି ଶୁଣି ପାରି ନ ଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜେପି ହସ୍ପିଟାଲକୁ ନେବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଶନିବାର ଅପରାହ୍ଣରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ମୃତକ କାମ କରୁଥିବା ଚା' ଦୋକାନ ମାଲିକ ଦେବେନ୍ଦ୍ର ଯାଦବ ଥାନାରେ ଦେଇଥିବା ଏତଲା ଅନୁଯାୟୀ, ପ୍ରାୟ ୧୦ ବର୍ଷ ହେଲା ଅବିନାଶ ତାଙ୍କ ଦୋକାନରେ କାମ କରିଆସୁଥିଲେ। ଗତବର୍ଷ ଗଣେଶ ବିସର୍ଜନ ସମୟରେ ଗୀତ ବଜାଇବାକୁ ନେଇ ଅନ୍ୟମାନଙ୍କ ସହ ଝଗଡ଼ା ହୋଇଥିଲା। ତାଙ୍କୁ ଜୀବନରୁ ମାରିବାକୁ ଯୋଜନା କରାଯାଉଥିବା ଶୁଣିବାକୁ ମିଳିଥିଲା। ଅବିନାଶଙ୍କ ସହ ଝଗଡ଼ା ହୋଇଥିବା ଜଣେ ଯୁବକ ଶୁକ୍ରବାର ସନ୍ଧ୍ୟା ସାଢ଼େ ୮ଟାରେ ଷ୍ଟେଶନ ପରିସରରେ ବୁଲାବୁଲି କରୁଥିବା ସିସିଟିଭିରେ ଦେଖାଯାଇଛି। ଅବିନାଶଙ୍କୁ ହତ୍ୟା କରାଯିବା ଘଟଣାରେ ଉକ୍ତ ଯୁବକଙ୍କୁ ସନ୍ଦେହ କରାଯାଉଛି ବୋଲି ଦୋକାନ ମାଲିକ ଯାଦବ କହିଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ବିବସ୍ତ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ଫେରାର ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଉଦ୍ୟମ କରାଯାଉଛି। ଖୁବ୍‌ଶୀଘ୍ର ସେମାନେ ପୋଲିସ ହାତରେ ଧରାପଡିବେ। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ବୋଲି ପ୍ରଧାନ କହିଥିଲେ।



ଅବିନାଶ ଯାଦବ। (ଫାଇଲ ଫଟୋ)

# କନିଷ୍ଠ ଯନ୍ତ୍ରୀଙ୍କୁ ଅପହରଣ, ୪ ଗିରଫ

ଯୋଡ଼ା,୭।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅଧୀନ ଜରିବାହାଲ ଗୁଙ୍ଗୁଟା ଛକଠାରେ ଚାଲିଥିବା ଏଏମ୍‌ଏନ୍‌ଏସ୍ ସ୍ଲରି ପାଇପ୍‌ଲାଇନ କମ୍ପାନୀର କନିଷ୍ଠ ଯନ୍ତ୍ରୀଙ୍କୁ ଅପହରଣ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଜରିବାହାଲ ଅଞ୍ଚଳର ଦୀପକ ଗିରି, ଧୀରଜ ନାଗ, ସଦାନନ୍ଦ ସର୍ଦ୍ଦାର ଓ ଗୁଲୁନା ମୁଣ୍ଡା। ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟା ପ୍ରାୟ ୫ ଘଟିକା ସମୟରେ ୪ ଅଭିଯୁକ୍ତ ୨ଟି ବାଇକ୍‌ରେ ଆସି ପାଇପ୍‌ଲାଇନ କାର୍ଯ୍ୟସ୍ଥଳରେ ପହଞ୍ଚିଥିଲେ। ସେଠାରେ ଥିବା କର୍ମଚାରୀଙ୍କୁ ମାଡ଼ ମାରି ୧ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ସୁରକ୍ଷା କର୍ମୀ ବିରୋଧ କରିବାରୁ ସେମାନଙ୍କୁ ମଧ୍ୟ ମାଡ଼ ମାରି ସେମାନଙ୍କଠାରୁ ଟଙ୍କା ଲୁଟ୍ କରିଥିଲେ। ଦାୟିତ୍ୱରେ ଥିବା କମ୍ପାନୀର କନିଷ୍ଠ ଯନ୍ତ୍ରୀ କୁମାର ବିଶାଲ ଜିତ୍‌ଙ୍କୁ ବାଇକ୍‌ରେ ବସାଇ ଅପହରଣ କରି ଜଙ୍ଗଲ ମଧ୍ୟକୁ ନେଇଯାଇ ୪ ଲକ୍ଷ ଟଙ୍କା ଦାବି କରିଥିଲେ। ପୋଲିସ ଘଟଣା ସମ୍ପର୍କରେ ଜାଣିପାରି ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ମୋବାଇଲ ନମ୍ବରର ଲୋକେଶନ ଟ୍ରାକ୍ କରି ଚଢ଼ାଉ କରି କନିଷ୍ଠ ଯନ୍ତ୍ରୀଙ୍କୁ ଉଦ୍ଧାର କରିବା ସହିତ ଅପହରଣକାରୀଙ୍କୁ କାବୁ କରିଥିଲା। ପରେ କନିଷ୍ଠ ଯନ୍ତ୍ରୀଙ୍କ ଏତଲା କ୍ରମେ ଏକ ମାମଲା(ନଂ.୨୬/୨୦୨୬)ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଯଶକେତନ ଭୋଇ କହିଛନ୍ତି।

# ରୁପାଚେନ୍ ମାଗିବାରୁ ଯୁବକଙ୍କ ଗଳାକାଟି ହତ୍ୟା କରିଥିଲେ

ବ୍ରଜରାଜନଗର, ୭।୨ (ବିଜୟ ବରାଡ଼

## ଜଙ୍ଗଲରୁ ଗଳିତ ମୃତଦେହ ଜବତ ଘଟଣା

## ୫ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ପଠାଗଲା

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ରାମପୁର ଫାଣ୍ଡି ଅନ୍ତର୍ଗତ ଟାଙ୍ଗରଘାଟ ଅଞ୍ଚଳରେ ଘଟିଥିବା ହତ୍ୟାକାଣ୍ଡରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ୫ଜଣ ନାବାଳକଙ୍କୁ ଧରି ଶନିବାର ରାଉରକେଲାସ୍ଥିତ ଜୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ପଠାଇଛି। ସେମାନଙ୍କ ଘର ରାମପୁର ଫାଣ୍ଡି ଅଞ୍ଚଳରେ ବୋଲି ଜଣାପଡ଼ିଛି। ଏହି ହତ୍ୟାକାଣ୍ଡରେ ବ୍ୟବହୃତ ଭୁଜାଲିକୁ ଜବତ କରାଯାଇଛି। ତେବେ ରୁପାଚେନ୍ ମାଗିବାକୁ କେନ୍ଦ୍ରକରି ଯୁବକଙ୍କୁ ହତ୍ୟା କରାଯାଇଥିବା ଶନିବାର ବ୍ରଜରାଜନଗର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ରାମପୁର ଫାଣ୍ଡି ଅନ୍ତର୍ଗତ ବିନାଶିପଡ଼ାର ସାହିଲ ସହିସ(୧୯) ଗତ ୧ ତାରିଖ ସନ୍ଧ୍ୟାରେ ଘରୁ ବାହାରକୁ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ହେଲେ ତାଙ୍କର ସନ୍ଧାନ ମିଳି ନ ଥିଲା। ଗତ ବୁଧବାର ଅପରାହ୍ଣରେ ସାହିଲଙ୍କ ବାପା ସତ୍ୟ ନାରାୟଣ ଖବର ପାଇଥିଲେ ଯେ, ସାହିଲ ଓ ଅନ୍ୟ କେତେଜଣ ନାବାଳକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଗୁରୁବାର ସକାଳେ ରାମପୁର ଫାଣ୍ଡି ଅନ୍ତର୍ଗତ ଟାଙ୍ଗରଘାଟ ଜଙ୍ଗଲରୁ ସାହିଲଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଥିଲା। ସାହିଲଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବା ଦେଖିବାକୁ ମିଳିଥିଲା। ତେଣୁ ତାଙ୍କୁ ହତ୍ୟା କରାଯାଇଥିବା ନେଇ ସତ୍ୟ ନାରାୟଣ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୦/୨୬) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ୨ ଜଣ ନାବାଳକଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ରୁପାଚେନ୍ ମାଗିବାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଥିଲା। ସାହିଲଙ୍କ ଏକ ରୁପାଚେନ୍‌କୁ ଜଣେ ନାବାଳକ ସାଙ୍ଗ ନେଇଯାଇଥିଲେ। ପରବର୍ତ୍ତୀ ସମୟରେ ସେ ତାଙ୍କୁ ଫେରାଇ ନ ଥିଲେ। ସାହିଲ ବାରମ୍ବାର ମାଗିବା ପରେ ସମ୍ପୃକ୍ତ ନାବାଳକ ତାଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ। ତଦନୁଯାୟୀ ଗତ ୧ ତାରିଖରେ ନାବାଳକ ତାଙ୍କ ସାଙ୍ଗମାନଙ୍କ ସହାୟତାରେ ସାହିଲଙ୍କୁ ଟାଙ୍ଗରଘାଟ ଜଙ୍ଗଲକୁ ଡାକିଥିଲେ। ସେ ସେଠାରେ ପହଞ୍ଚିବା ପରେ ରୁପା ଚେନ୍ ନେଇଥିବା ନାବାଳକ ଏକ ଭୁଜାଲିରେ ସାହିଲଙ୍କ ଗଳା କାଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ସାହିଲଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଅନ୍ୟ ସାଙ୍ଗଙ୍କ ସହାୟତାରେ ମୃତଦେହକୁ ଏକ କଳାଜରିରେ ବାନ୍ଧି ଜଙ୍ଗଲ ଭିତରେ ଫିଙ୍ଗି ପଳାଇ ଯାଇଥିଲେ। ସାହିଲ କାଳେ ବଞ୍ଚିଯାଇଥିବେ ସନ୍ଦେହ କରି ମୁଖ୍ୟ ଅଭିଯୁକ୍ତ ପୁନର୍ବାର ଗତ ୧ ତାରିଖ ବିଳମ୍ବିତ ରାତିରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହ ଉପରେ ତାଳପତ୍ର ପକାଇ ଫେରାର ହୋଇଯାଇଥିଲେ। ଏନେଇ ପୋଲିସ ସନ୍ଦେହରେ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ହତ୍ୟାକାଣ୍ଡ ସମ୍ପର୍କରେ ଜାଣିବାକୁ ପାଇଥିଲା। ସେମାନଙ୍କ ସୂଚନା ଆଧାରରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତ ଓ ଅନ୍ୟ ୨ ଜଣଙ୍କୁ କାବୁ କରିଥିବା ଏସ୍‌ପି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ ଓ ଥାନା ଅଧିକାରୀ ଧବଳେଶ୍ୱର ସାହୁ ଉପସ୍ଥିତ ଥିଲେ।


ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ଖାତା ରୟତଙ୍କ ନାମ ଠିକଣା |
|---|---|---|---|---|---|---|
| ୧୨୧ | ୧୫୪ | ୯୯୦ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ଖଲି ସେଠୀ, ପି-ବୀର ସେଠୀ, ହରି ସେଠୀ, ରାଜ ସେଠୀ, ମାଲତୀ ସେଠୀ, ପି-ମୋଚି ସେଠୀ, ମାଟିଆ ସେଠୀ, ଜାତି-ଧୋବା, ଗ୍ରାମ-ନିଜଗାଁ |
| | | ୯୯୧ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | |
| ୧୨୨ | ୬୧୩ | ୯୯୨ | ସାରଦ ଦୋ ଫସଲି-୧ | ୦.୨୮ | ୦.୨୮ | ମହନ ସ୍ୱାଇଁ, କସ୍ତୁରି ସ୍ୱାଇଁ, ଜାତି: ଖଣ୍ଡାୟତ, ଗ୍ରାମ: ନିଜଗାଁ। |
| ୧୨୩ | ୨୭୮ | ୧୦୦୪ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ତୋଫାନ ବିଶୋଇ, କୁମାରୀ ବିଶୋଇ, ନବନ ବିଶୋଇ, ପି-ଅରକ୍ଷିତ ବିଶୋଇ, ଜାତି-କଳାଙ୍ଗି, ଗ୍ରାମ-ନିଜଗାଁ |
| ୧୨୪ | ୮୫୫/୨୪୪ | ୧୬୯୬/୫୬୦୩ | ସାରଦ ଦୋ ଫସଲି-୧ | ୦.୧୧ | ୦.୧୧ | ନାରାୟଣ ପାତ୍ର, ପି-ଘନଶ୍ୟାମ ପାତ୍ର, ଜାତି-କୁମୁଟି, ଗ୍ରାମ-ନିଜଗାଁ |
| ୧୨୫ | ୮୫୫/୨୨୬ | ୭୩୪/୫୫୪୨ | ସାରଦ ଦୋ ଫସଲି-୧ | ୦.୦୯ | ୦.୦୯ | ମହେଶ୍ୱର ବିଶୋଇ, ପି-ଅର୍ଜୁନ ବିଶୋଇ, ଜାତି-କଳାଙ୍ଗି, ଗ୍ରାମ-ନିଜଗାଁ |

ସ୍ୱା./-ଅଧୀକ୍ଷଣ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ନୟାଗଡ଼
OIPR-32001/32260/3/25-26/0022



OFFICE OF THE MUNICIPAL COUNCIL, BELPAHAR
Ph. : 06645-356292, Fax : 06645-250236, Email : municipalitybelpahar@gmail.com
NOTICE INVITING EXPRESSION OF INTEREST (EOI)
No.13001/37/2526 EOI Notice No.299 Dt.05.02.2026

| | | |
|---|---|---|
| The details may be accessed and the EOI can be seen & downloaded from www.belpaharmunicipality.co.in & Jharsuguda District website i.e. www.jharsuguda.odisha.gov.in | | |
| Name of the Work | : | Expression of Interest (EOI) for Arrival of rates of Vehicles & Machineries Required for Belpahar Municipality |
| Submission of Rates by Regd. Post/Speed Post only | : | On or before dt.12.02.2026 upto 5.00 P.M. on working days |
| Name & address of the officer inviting EOI | : | Executive Officer, Belpahar Municipality |

Sd./- Executive Officer
Belpahar Municipality
OIPR-13001/13050/1/25-26/0037



ODISHA LIVESTOCK RESOURCES DEVELOPMENT SOCIETY (OLRDS),
OBPI Campus, Bhubaneswar-751003
Email: olrdsahd@gmail.com, Website:olrds.odisha.gov.in
Invitation for Expression of Interest
For
LIVESTOCK INSURANCE UNDER ODISHA LIVESTOCK RESOURCES DEVELOPMENT SOCIETY (OLRDS) for the year 2026-27
No.6001/5/2526: Odisha Livestock Resources Development Society (OLRDS) invites Expression of Interest from eligible IRDAI approved Insurance Companies for the implementation of Livestock Insurance Scheme for the year 2026-27. Last date of receipt of EoI is 16.02.2026 upto 5.00 PM. The details in this regard can be downloaded from the OLRDs website: olrds.odisha.gov.in Directorate of Animal Husbandry & Veterinary Services, Odisha: dahvs.odisha.gov.in and NIC, Khordha: khordha.odisha.gov.in
The tender will open on 17.02.2026 at 11 AM.
Sd./-
OIPR-6001/6061/1/25-26/0005 Chief Executive Officer, OLRDS



ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖୋର୍ଦ୍ଧା
ବେଗୁନିଆ, ଓଡ଼ିଶା - 752062 19001/12/2526
OSRTC ଅଟଳ ବସଷ୍ଟାଣ୍ଡ ଦୋକାନ ଗୃହ ଆବଣ୍ଟନ ସମ୍ବନ୍ଧୀୟ ବିଜ୍ଞପ୍ତି
ପତ୍ର ସଂଖ୍ୟା : 319 ତାରିଖ : ୨୮.୦୧.୨୦୨୬
ବେଗୁନିଆ ପଞ୍ଚାୟତ ସମିତି ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବେଗୁନିଆ ବ୍ଲକ OSRTC ଅଟଳ ବସଷ୍ଟାଣ୍ଡ ପରିସରରେ ଥିବା ୮ଟି (ଆଠଗୋଟି) ଦୋକାନ ଘର ଭଡ଼ାସୂତ୍ରରେ ଦିଆଯିବା ନିମନ୍ତେ ସ୍ଥିର ହୋଇଅଛି। ଏହି ଆବଣ୍ଟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ଭାବେ ଲଟେରି ମାଧ୍ୟମରେ କରାଯିବ। ଇଚ୍ଛୁକ ପ୍ରାର୍ଥୀମାନେ ନିର୍ଦ୍ଧାରିତ ଫର୍ମ ପୂରଣ କରି ଆବେଦନ କରିପାରିବେ।
ଆବେଦନ ଫର୍ମ ମିଳିବା ସ୍ଥାନ : ବ୍ଲକ କାର୍ଯ୍ୟାଳୟ (କାର୍ଯ୍ୟ ଦିବସରେ)
ଆବେଦନ ଦାଖଲ କରିବାର ଶେଷ ତାରିଖ : ୧୬.୦୨.୨୦୨୬ (ସମୟ : ୪ ଘଟିକା)
ଲଟେରି ଉଠାଣ ତାରିଖ : ୧୮.୦୨.୨୦୨୬
ଯୋଗ୍ୟତା ଓ ସର୍ତ୍ତାବଳୀ : ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବେଗୁନିଆ, ସମସ୍ତ ଗ୍ରାମପଞ୍ଚାୟତ ଓ ଅଟଳ ବସଷ୍ଟାଣ୍ଡ ବିଜ୍ଞପ୍ତି ବୋର୍ଡରେ ଉପଲବ୍ଧ।
ବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ :
କୁମାରୀ ବନିତା ପ୍ରଧାନ OSRTC ବ୍ଲକ ପର୍ଯ୍ୟବେକ୍ଷକ। ମୋ- 91 7978769433
OIPR-19001/19302/1/25-26/0012 ସ୍ୱା./- ବ୍ଲକ ଉନ୍ନୟନ ଅଧିକାରୀ, ବେଗୁନିଆ, ଖୋର୍ଦ୍ଧା



ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତରଭା
ଜିଲ୍ଲା-ସୁବର୍ଣ୍ଣପୁର, ଓଡ଼ିଶା, ୭୬୭୦୧୬
NOTIFIED AREA COUNCIL, TARBHA
Dist.- Subarnapur, Odisha-767016
nactarbha@gmail.com
No.144/Date 03.02.2026
TENDER CALL NOTICE
No.13001/35/2526:The Executive Officer, NAC, Tarbha, Dist-Subarnapur inviting sealed Tenders in conformity with Detailed Tender Called Notice (DTCN) from the intending eligible Registered Contractors registered with PHEO/RWSS/RD/WR/PWD etc. Govt. of Odisha so as to be eventually drawn up in PWD F2 Contract Form, for executing following works under NAC, Tarbha. The Bidder can have a set of Tender Document from the Office of the Executive Officer, NAC, Tarbha by producing the requisite amount of Tender Paper Cost through Demand Draft/ Banker's Cheque (non-refundable) as mentioned in the Column No.04 drawn in favour of Executive Officer, NAC Tarbha payable at Tarbha on working days during office hours as mentioned below. Other terms & conditions available with the DTCN.

| | |
|---|---|
| Name of Inviting Officer | Executive Officer, NAC Tarbha |
| Total Nos. of Civil Works | 21 (Twenty One) Nos. |
| Value of Works | Rs.0.78 Lakhs to 04.23 Lakhs |
| Last date & time of sale of Tender Paper | Upto 05.00 P.M. of 19.02.2026 |
| Last date & time of Receipt of BID | Upto 05.00 P.M. of 20.02.2026 |
| Date & Time of Opening BID | At 11.30 A.M. of 21.02.2026 |

OIPR-13001/13199/1/25-26/0035 Sd./- Executive Officer, N.A.C., Tarbha



Government of Odisha, "e"-Procurement Notice
WORKS DEPARTMENT
E-mail : ceworldbankprojects@gmail.com
Bid Identification No. CE-BRIDGES-15/2025-26 No.34001/29/2526
1. The Chief Engineer (Bridges), Odisha on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road & Bridge work as detailed below :
2. Nature of work : Bridge Work
3. No. of work : 01 No.
4. Tender paper cost : Rs.10,000.00 (on-line)
5. Class of Contractor : A/Special Class Contractor
6. Available of bid document in the website : From 10.00 A.M. of 10.02.2026 to 5.00 P.M of 26.02.2026
7. Date of opening of Bid : Dt.27.02.2026 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of tender can also be seen in the said website.
Sd./- Chief Engineer, Bridges, Odisha, Bhubaneswar
OIPR-34001/34174/1/25-26/0029



इंडियन बैंक Indian Bank इलाहाबाद ALLAHABAD
ଆଞ୍ଚଳିକ କାର୍ଯ୍ୟାଳୟ: ବ୍ରହ୍ମପୁର, ପ୍ଲଟ୍ ନଂ.: ୭୦୪/୭୧୭୨ ଏବଂ ୭୦୪/୭୧୭୪, ୧ମ ମହଲା, ଶ୍ରୀ କ୍ରିଷ୍ଣା ବିହାର ଚୌକ, ମେନ୍ ରୋଡ୍ ଆମ୍ବପୁଆ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୧୧
ଡିମାଣ୍ଡ ନୋଟିସ୍
ଆମ ଶାଖାର ଋଣଗ୍ରହୀତାମାନଙ୍କ ବିରୁଦ୍ଧରେ ସୁରକ୍ଷିତ ଋଣଦାତା ଭାବେ **ଇଣ୍ଡିଆନ୍ ବ୍ୟାଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଅସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରାଗଲା।

| ଶାଖା / ଋଣର ପ୍ରକାର / ଆକାଉଣ୍ଟ ନଂ. / ନୋଟିସ୍ ତାରିଖ | ଋଣଗ୍ରହୀତା / ସହ-ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ବକେୟା ଦେୟ ପରିମାଣ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| ଛତ୍ରପୁର ଶାଖା / ଏଚ୍‌ଏଲ୍ ଆରଇପି/ଆରଇଏନ୍ ଆକାଉଣ୍ଟ ନଂ.: ୬୯୦୨୪୦୩୦୫୯ (ଟ.୧୦,୩୦,୦୦୦/-) / ୨୯.୦୧.୨୦୨୬ | ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ଗାଣାଗାଲା କାମାୟା, ପିତା: ଶ୍ରୀ ଜି. ଲୋକାୟା / ସହ-ଋଣଗ୍ରହୀତା: ଶ୍ରୀ ଗାଣାଗାଲା ଶ୍ରୀନିବାସ ରାଓ, ପିତା: ଶ୍ରୀ ଗାଣାଗାଲା କାମାୟା, ଉଭୟଙ୍କ ଠିକଣା: ପାର୍କ ଷ୍ଟ୍ରିଟ୍, ୨ୟ ଲେନ୍, ପୋ: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୨୦ | ୨୮.୦୧.୨୦୨୬ ସୁଦ୍ଧା ଟ.୮,୮୬,୧୯୦.୦୦ + ୨୯.୦୧.୨୦୨୬ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ଶ୍ରୀ ଗାଣାଗାଲା କାମାୟାଙ୍କ ନାମରେ ଥିବା ଘରବାରି ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ପୁତି ଗୋପାଳପୁର, ପାର୍କ ଷ୍ଟ୍ରିଟ୍, ୨ୟ ଲେନ୍, ଥାନା/ତହସିଲ: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୨୮୩/୮୯୮, ପ୍ଲଟ୍ ନଂ.: ୭୭/୧୫୪୨, କ୍ଷେତ୍ର: ଏକର୦.୦୨୫ ଡିସିମିଲି, ଏହାର ଚୌହଦ୍ଦିରେ- ପୂର୍ବ: ଡ୍ରେନ୍, ପଶ୍ଚିମ: ରାସ୍ତା, ଉତ୍ତର: ସିଏଚ୍. ଶକୁନ୍ତଳା ଦେବୀଙ୍କ ଗୃହ, ଦକ୍ଷିଣ: ଉଦୟନାଥ ସାହୁଙ୍କ ଗୃହ, ସିଇଆର୍‌ଏସ୍‌ଏଆଇ ଆସେଟ୍ ଆଇଡ଼ି- ୨୦୦୦୫୦୦୧୨୭୨୮ |

ଉପର ସାରଣୀର ଦର୍ଶିତ ଆମ୍ଭ ଶାଖାରୁ ଚୁକ୍ତିନାମା ହାରରେ ପରବର୍ତ୍ତୀ ସୁଧ ସହିତ ଦର୍ଶିତ ବକେୟା ଋଣ ରାଶି ପରିଶୋଧ କରିବାରେ ଆପଣମାନେ ବିଫଳ ହୋଇଛନ୍ତି। ଉପରଲିଖିତ ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା। ଆପଣମାନଙ୍କ ଋଣ ଆକାଉଣ୍ଟ **ତା୦୮.୦୧.୨୦୨୬ରିଖ** ଠାରୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (NPA)ରେ ପରିଣତ ହୋଇଯାଇଛି। ଏଣୁ ଏହି ନୋଟିସ୍ ପ୍ରକାଶନ ତାରିଖର **୬୦ଦିନ** ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ପ୍ରଦାନ କରିବା ପାଇଁ ଆପଣମାନଙ୍କୁ କୁହାଯାଉଛି। ଏଥିରେ ଖିଲାପ ହେଲେ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ସମସ୍ତ ସୁରକ୍ଷିତ ସମ୍ପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ୍ୟ ହେବ। କଥିତ ଆକ୍ଟର ଧାରା ୧୩(୧୩) ଅନୁଯାୟୀ ବ୍ୟାଙ୍କର ପୂର୍ବ ଲିଖିତ ସହମତି ବିନା ଆପଣମାନେ ସୁରକ୍ଷିତ ସମ୍ପତ୍ତିକୁ (ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀରେ ପ୍ରଦତ୍ତ) ଏହି ନୋଟିସ୍ ପ୍ରକାଶନ ପରେ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। ଏହି ନୋଟିସ୍ ଆଇନତଃ ନିରପେକ୍ଷ ତଥା ବ୍ୟାଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ଆଇନଗତ ପଦକ୍ଷେପ ସମୂହକୁ ପ୍ରତିହତ କରିବ ନାହିଁ।
ସ୍ଥାନ: ବ୍ରହ୍ମପୁର, ତାରିଖ: ୦୭.୦୨.୨୦୨୬ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଇଆର୍‌ସିଟିସି ପକ୍ଷରୁ ଡିଭାଇନ ଇଷ୍ଟ ଟେମ୍ପଲ ଟୁର୍

## ୧୦ଦିନରେ ୪ ରାଜ୍ୟକୁ ଯାତ୍ରା

**ଭୁବନେଶ୍ୱର,୭।୨(ଅନୁରାଧା ମହାରଣା)**

ଭାରତୀୟ ରେଳପଥ କ୍ୟାଟରିଂ ଏବଂ ଟୁରିଜମ୍ କର୍ପୋରେଶନ ଲିମିଟେଡ (ଆଇଆର୍‌ସିଟିସି), ରେଳ ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ନବରତ୍ନ ପବ୍ଲିକ ସେକ୍ଟର ଏଣ୍ଟରପ୍ରାଇଜ, ପୂର୍ବ ଭାରତ ପାଇଁ ଏକ ନୂଆ ପର୍ଯ୍ୟଟନ ସର୍କିଟ ଡିଭାଇନ ଇଷ୍ଟ ଟେମ୍ପଲ ଟୁର୍ ଆରମ୍ଭ କରିଛି। ଏହି ବିଶେଷ ଯାତ୍ରା ଭାରତ ଗୌରବ ଡିଲକ୍ସ ଟୁରିଷ୍ଟ ଟ୍ରେନରେ ପରିଚାଳିତ ହେବ, ଯାହା ଭକ୍ତ ଏବଂ ପର୍ଯ୍ୟଟକମାନଙ୍କୁ ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଝାଡ଼ଖଣ୍ଡର କେତେକ ପ୍ରସିଦ୍ଧ ତୀର୍ଥସ୍ଥଳ ଏବଂ ସାଂସ୍କୃତିକ ଐତିହ୍ୟ ସ୍ଥଳକୁ ଦର୍ଶନ କରିବାର ସୁଯୋଗ ପ୍ରଦାନ କରିବ। ଏହି ୧୦ ଦିନିଆ ରେଳ ଯାତ୍ରା ଦିଲ୍ଲୀ ସଫଦରଜଙ୍ଗ ରେଳଷ୍ଟେଶନରୁ ମାର୍ଚ୍ଚ ୯ରେ ଆରମ୍ଭ ହେବ ଏବଂ ବାରାଣସୀ, କୋଲକାତା, ଗଙ୍ଗାସାଗର, ପୁରୀ, ଭୁବନେଶ୍ୱର, କୋଣାର୍କ, ଚିଲିକା ଏବଂ ବୈଦ୍ୟନାଥ ଧାମ (ଜ୍ୟୋତିର୍ଲିଙ୍ଗ) ଆଦି ସ୍ଥଳକୁ ଆଚ୍ଛାଦନ କରିବ। ମାର୍ଚ୍ଚ ୧୮ରେ ଏହି ଯାତ୍ରା ଶେଷ ହେବ। ଯାତ୍ରାର ମୁଖ୍ୟ ଆକର୍ଷଣ ମଧ୍ୟରେ ବାରାଣସୀରେ କାଶୀ ବିଶ୍ୱନାଥ ମନ୍ଦିର (ଜ୍ୟୋତିର୍ଲିଙ୍ଗ) ଦର୍ଶନ ଏବଂ ଗଙ୍ଗା ଆରତି, କୋଲକାତାରେ ଭିକ୍ଟୋରିଆ ମେମୋରିଆଲ ସହ କାଳୀଘାଟ (ଶକ୍ତିପୀଠ) ଏବଂ ଦକ୍ଷିଣେଶ୍ୱର କାଳୀ ମନ୍ଦିର, ଗଙ୍ଗାସାଗରରେ ପବିତ୍ର ସାଗର ସଙ୍ଗମରେ ସ୍ନାନ ଏବଂ କପିଳ ମୁନି ମନ୍ଦିର ଦର୍ଶନ ରହିଛି। ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ ସହ ଭୁବନେଶ୍ୱର, ଧଉଳି ଶାନ୍ତି ସ୍ତୁପ, ଉଦୟଗିରି ଓ ଖଣ୍ଡଗିରି ଗୁମ୍ଫା, କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ଚିଲିକା ହ୍ରଦର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବାର ସୁଯୋଗ ମିଳିବ। ଶେଷରେ ଦେଓଘରର ବୈଦ୍ୟନାଥ ଧାମ ଦର୍ଶନ ହେବ। ଏହି ଟ୍ରେନରେ ୧୫୦ ପର୍ଯ୍ୟଟକଙ୍କୁ ରଖିବାର ବ୍ୟବସ୍ଥା ରହିଛି, ଯେଉଁଥିରେ ଏସି ଫାଷ୍ଟ କ୍ଲାସ (୧ଏସି), ଏସି ସେକେଣ୍ଡ କ୍ଲାସ (୨ଏସି) ଏବଂ ଏସି ଥାର୍ଡ କ୍ଲାସ (୩ଏସି) ସହ ଦୁଇଟି ରେଷ୍ଟୁରାଣ୍ଟ କାର୍ ରହିଛି। ଟ୍ରେନରେ ଆଧୁନିକ ସୁବିଧା ରହିଛି। ସୁସଜ୍ଜିତ କ୍ୟାବିନ, ସ୍ୱାସ୍ଥ୍ୟକର ଶାକାହାରୀ ଭୋଜନ, ସୁରକ୍ଷା ବ୍ୟବସ୍ଥା, ଫୁଟ ମସାଜର୍, ଇନ୍ଫୋଟେନମେଣ୍ଟ ସିଷ୍ଟମ ରହିଛି। ଏହି ଅଲ-ଇନ୍‌କ୍ଲୁସିଭ ପ୍ୟାକେଜ ମୂଲ୍ୟ ଜଣେ ବ୍ୟକ୍ତିଙ୍କ ପାଇଁ ୧ଏସି କ୍ଲାସ ପ୍ରତି ୧,୦୬,୯୪୦ ଟଙ୍କା, ୨ଏସି କ୍ଲାସ ୯୮,୯୨୫ ଟଙ୍କା, ୩ଏସି କ୍ଲାସ ୭୯,୨୮୫ ଟଙ୍କା ରହିଛି।



# ସିଜିୟୁର ବାର୍ଷିକ ଉତ୍ସବ 'ସେଲିଗାନ୍ସ'




## ଶିକ୍ଷା କ୍ଷେତ୍ରରେ ଏଆଇ ଇଣ୍ଟିଗ୍ରେଶନର ଆବଶ୍ୟକତା

**ଭୁବନେଶ୍ୱର, ୭।୨(ଅନୁରାଧା ମହାରଣା)**

ଭୁବନେଶ୍ୱର ଉପକଣ୍ଠସ୍ଥ ସି ଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ବାର୍ଷିକ ସାଂସ୍କୃତିକ ଉତ୍ସବ 'ସେଲିଗାନ୍ସ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏହି ୨ଦିନିଆ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ୨୦୨୫ରେ ଅନୁଷ୍ଠିତ ଓଡ଼ିଶା ସ୍କିଲ ପ୍ରତିଯୋଗିତାରେ ସିଜିୟୁ ସର୍ବାଧିକ ୬୩ ପଦକ ହାସଲ କରି ରାଜ୍ୟସ୍ତରରେ ଶୀର୍ଷସ୍ଥାନରେ ପହଞ୍ଚାଇଥିବା କହିଥିଲେ। ଏହି ସମାରୋହରେ ବେଦାନ୍ତ ଆଲୁମିନିୟମର ମେଟାଲ ବିଭାଗର ସିଇଓ ଯଜ୍ଞେଶ୍ୱର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ଶିକ୍ଷା କ୍ଷେତ୍ରରେ ଏଆଇ ଇଣ୍ଟିଗ୍ରେଶନର ଆବଶ୍ୟକତା ଓ ଭୂମିକା ଉପରେ ଆଲୋକପାତ କରିଥିଲେ। ସିଜିୟୁର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ସଞ୍ଜୀବ କୁମାର ରାଉତ ତାଙ୍କ ଉଦ୍‌ବୋଧନରେ କହିଥିଲେ, ଓଡ଼ିଶା ସରକାରଙ୍କ ବିଭିନ୍ନ ଦକ୍ଷତା ଶିକ୍ଷାମୂଳକ କାର୍ଯ୍ୟକ୍ରମ ସହ ବିଶ୍ୱବିଦ୍ୟାଳୟର ସକ୍ରିୟ ସଂଯୋଗ ଛାତ୍ରୀଛାତ୍ରମାନଙ୍କୁ ଆଗାମୀ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାରେ ସହାୟକ ହେଉଛି। ସିଜିୟୁର ବୋର୍ଡ ମେମ୍ବର ଶରତ ଚନ୍ଦ୍ର ଭଦ୍ରା, ଭାଇସ୍ ପ୍ରେସିଡେଣ୍ଟ ଶୈଳଜା ରାଉତ, ଭାଇସ୍ ଚାନ୍ସେଲର ଡ. ବଂଶୀଧର ମାଝୀ, ପ୍ରୋ ଭାଇସ୍ ଚାନ୍ସେଲର ଡ. ଗୁଡ଼ା ଶ୍ରୀଦେବୀ ଏବଂ ରେଜିଷ୍ଟ୍ରାର ଡ. ବିନିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ ବିଭାଗର ଛାତ୍ର ସାହିଲ କୁମାର ସିଂହଙ୍କୁ 'ବିଶ୍ୱବିଦ୍ୟାଳୟ ଅଲ୍ ରାଉଣ୍ଡର ସ୍ନାତକ' ପୁରସ୍କାର ପ୍ରଦାନ କରାଯାଇଥିଲା। ୨ଦିନରେ କଣ୍ଠଶିଳ୍ପୀ ଅନନ୍ୟା ଚକ୍ରବର୍ତ୍ତୀ ଏବଂ ଋଷି ସିଂହଙ୍କ ସଙ୍ଗୀତ ପରିବେଷଣ କରିଥିଲେ। ଛାତ୍ର କଲ୍ୟାଣ ଡିନ୍ ରୁଦ୍ର ନାରାୟଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଅରୁନ୍ଧତୀ ଜୁଏଲର୍ସର 'ଅଭ୍ନିକା' କଲେକ୍ସନ




**କଟକ,୭।୨(କାର୍ତ୍ତିକ ସାହୁ)**

ଭାଲେଣ୍ଟାଇନ୍ ସପ୍ତାହ ଏବଂ ବିବାହ ଋତୁକୁ ଦୃଷ୍ଟିରେ ରଖି ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଏହାର କଟକ ଶାଖାରେ ନୂଆ 'ଅଭ୍ନିକା' କଲେକ୍ସନ ଉନ୍ମୋଚନ କରାଯାଇଛି। ବିବାହର ପବିତ୍ର ବନ୍ଧନ ଦ୍ୱାରା ଅନୁପ୍ରାଣିତ ଏହି କଲେକ୍ସନଟି ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି। ପାରମ୍ପରିକ ଧାରା ସହିତ ଆଧୁନିକ ଶୈଳୀର ମିଶ୍ରଣ ଏଥିରେ ଦେଖିବାକୁ ମିଳିଛି। ଏହି ଅବସରରେ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଅଫର ମଧ୍ୟ ଘୋଷଣା କରାଯାଇଛି। ଏଥିରେ ସୁନା ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ରିହାତି ମିଳୁଥିବାବେଳେ ହୀରା ଗହଣାର ମୂଲ୍ୟ ଉପରେ ଫ୍ଲାଟ୍ ୨୫% ରିହାତି ପ୍ରଦାନ କରାଯାଉଛି। ଡାଇମଣ୍ଡ ନୋଜ୍‌ପିନ୍ କଲେକ୍ସନ ମାତ୍ର ୫,୯୯୯ ଟଙ୍କାରୁ ଆରମ୍ଭ ହେଉଥିବାବେଳେ ଏହାର ମୂଲ୍ୟ ଉପରେ ମଧ୍ୟ ଫ୍ଲାଟ୍ ୧୦% ରିହାତି ଘୋଷଣା କରାଯାଇଛି। ସେହିପରି ଆକର୍ଷଣୀୟ ଡାଇମଣ୍ଡ ନେକ୍‌ଲେସ୍ କଲେକ୍ସନର ପ୍ରାରମ୍ଭିକ ମୂଲ୍ୟ ୧.୪୯ ଲକ୍ଷ ଟଙ୍କା ଥିବାବେଳେ ବିଭିନ୍ନ କାନଫୁଲ ଓ ମୁଦି ୩୦ ହଜାର ଟଙ୍କାରୁ ଆରମ୍ଭ ହେଉଛି। ଅଭ୍ନିକା କଲେକ୍ସନ ଅରୁନ୍ଧତୀ ଜୁଏଲର୍ସର ସମସ୍ତ ୧୦ଟି ଶାଖାରେ ଉପଲବ୍ଧ ହେବ।

# ସେଣ୍ଟ୍ରାଲ ବ୍ୟାଙ୍କର କ୍ରେଡିଟ୍ ଆଉଟ ରିଚ୍ କାର୍ଯ୍ୟକ୍ରମ

**ସମ୍ବଲପୁର,୭।୨(ବି.ଶଙ୍କର)**

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମେଗା ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ ରିଚ୍ କାର୍ଯ୍ୟକ୍ରମ ଶନିବାର ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ହୋଇଛି । ସୁନ୍ଦରଗଡ଼ ଅଞ୍ଚଳର କ୍ଷୁଦ୍ର, ଛୋଟ ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଗୁଡ଼ିକୁ ଋଣ ସହାୟତା ପ୍ରଦାନ କରିବା ଏବଂ ସେମାନଙ୍କୁ ଉତ୍ସାହିତ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ମୁଖ୍ୟ ଦିବ୍ୟେନ୍ଦୁ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ୟାଙ୍କର ବିଭିନ୍ନ ଏମ୍‌ଏସ୍‌ଏମ୍‌ଇ ଯୋଜନା ବିଷୟରେ ଆଲୋକପାତ କରିବା ସହ ସ୍ଥାନୀୟ ଉଦ୍ୟୋଗଗୁଡ଼ିକର ଅଭିବୃଦ୍ଧି ପାଇଁ ଋଣ ପ୍ରବାହର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ ନିଧି ଶର୍ମା ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୧୫୦ ଜଣ ଋଣଗ୍ରହୀତା ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଯୋଗ୍ୟ ଏମ୍‌ଏସ୍‌ଏମ୍‌ଇ ଋଣଗ୍ରହୀତାମାନଙ୍କୁ ଋଣ ମଞ୍ଜୁରିପତ୍ର ପ୍ରଦାନ କରାଯାଇଥିଲା। ସୁନ୍ଦରଗଡ଼ ଶାଖା ପ୍ରବନ୍ଧକ ସ୍ନେହା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ ରିଚ୍ କାର୍ଯ୍ୟକ୍ରମରେ ଅତିଥି ଓ ଗ୍ରାହକମାନେ ଅଛନ୍ତି।


# Classified Everyday

**0674-2580101, 9692975378**



MATRIMONIAL

**GROOM WANTED**

Bankରେ ଚାକିରି କରୁଥିବା ୩୨ବର୍ଷର ବ୍ରାହ୍ମଣ ଝିଅ ପାଇଁ ଚାକିରି କରୁଥିବା vegetarian ବରପାତ୍ର ଆବଶ୍ୟକ। Contact- 9078494524. D-3262



REAL ESTATE

**SALE**

**Plot for sale: Area- 41dcml, Mouza- Ankuli, BERHAMPUR, Beside Pole Factory, 50 meter from NH, Phone: 7788862475.** D-3331

ପୁରୀ ଶ୍ରୀମନ୍ଦିରଠାରୁ ମାତ୍ର 5 କିଲୋମିଟର ଦୂର ଶ୍ରୀସେତୁ ନିକଟ ମଙ୍ଗରାଜପୁର ଛକରେ 200ଫୁଟ ରାସ୍ତାରୁ ମାତ୍ର 100ମିଟର ଦୂରରେ ଇଲେକ୍ଟ୍ରି ସୁବିଧାଥାଇ ଅତିଶୀଘ୍ର ଘର କରିବାଯୋଗ୍ୟ ପ୍ଲଟ୍ ବର୍ଗଫୁଟକୁ ମାତ୍ର 2400/- ଟଙ୍କା। ଯୋଗାଯୋଗ: 9438109040/ 9438220432. D-3295

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ **KEC** ପାଖରେ **ready to move 2/3BHK flat** ବିକ୍ରି ହେବା **8327785834** D-3178

Unused 3BHK Flats & 4BHK with servant quarter in heart of Cuttack City. Reserve parking and maximum facilities. Genuine direct buyers preferred. Call 9776226548. D-3271



CONSTRUCTION

**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.** D-3190




Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3332

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**LOST**

I, BHAGIRATHI SENAPATI, aged about 59 years, S/o. Baban Senapati, resident of At- Hasanpur, Post- Bhaganai, P.S.- Ramachandrapur, Dist.- Keonjhar, Odisha, PIN- 758043, Aadhaar No.- xxxx xxxx 1679, Mobile No.- 9438372895. Wish to create a mortgage on the property Dist.- Jajpur, Tahasil- Byasanagar, P.S.- Korei, P.S. No.- 37, Sub-Registrar- Dolipur, Mouza- Chandama, Mutation Khata No.- 771/178, Plot No.- 473/2689, Area Ac.0.060 decs, Status- Sthitiban (Freehold), Kisam- Gharabari (Homestead) Loan from AU Small Finance Bank Ltd. the previous link deeds are as follows: 1). Original Regd. Sale Deed bearing Document No.- 10821103573, dated 12.08.2011, executed by Smt. Juli Dash, wife of Sri Bhagirathi Senapati, in favour of Sri Himansu Sekhar Dwibedi, S/o. Sri Rajkishore Dwibedi & 2). Original Mutation ROR of Mouza- Chandama issued in the name of Sri Himansu Sekhar Dwibedi, S/o.- Sri Rajkishore Dwibedi in respect of Khata No.- 771/178 of my property, Dist.- Jajpur, Tahasil- Byasanagar, P.S.- Korei, P.S. No.-37, Sub-Registrar- Dolipur, Mouza-Chandama was lost on dtd. 30.01.2026 at KOREI area in this regard, I filed a Lost Report at KOREI Police Station, Jajpur, vide GD No.- 031 dtd.- 05.02.2026. D-3329

MIS NEOTECH SPECIALITY STRUCTURES PRIVATE LIMITED (formerly MIS NEOTECH OILS PVT. LTD.) has lost/misplaced the Original Sale Agreement Certificate No. IN-AP45878316539289V dated 07.12.2023 (116/2024) from its Bhubaneswar Office on 05.02.2026. Any claim/ objection may be raised within 15 days from publication, failing which a duplicate/certified copy shall be obtained.

Sd./- Balankeswar Patnaik
Kondavalasa, GM
Place: Bhubaneswar
D-3330

ଶ୍ରୀ ମୋତିଲାଲ ସାହୁଙ୍କ ନାମରେ ପଞ୍ଜୀକୃତ ବିକ୍ରୟ ଦଲିଲ ନଂ. 1914 ବରପାଲିରୁ ଅଇଁଲାପାଲି ରାସ୍ତାରେ କେଉଁଠି ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଆନ୍ତି ଯୋଗାଯୋଗ କରନ୍ତୁ: ୭୭୪୯୮୪୧୮୮୮। ଧ-୩୩୩୪

**AFFIDAVIT**

I am SUKAMANI BHAKTA, aged about 48years, W/o.- Gopi Bhakta, Resident of At/P.O.- Patharchakuli, P.S.- Baripada Sadar, Dist.- Mayurbhanj, PIN- 757107 declare by this affidavit No. 95 dtd.- 27.1.26, my original name is SUKAMANI BHAKTA but in my Aadhaar card my name is wrongly mentioned as SHUKA BHAKTA. D-3327

By virtue of an affidavit sworn before Executive Magistrate, Aul dated- 19.01.2026 affidavit No.-124. I, Baidhar Behera, At- Kothabruti, P.O.- Palimi, P.S.- Aul, Dist.- Kendrapara, State- Odisha, PIN- 755061 declare that I have changed the name of my daughter from Trushnarani Behera to Saisampurna Behera. Henceforth, she shall be known as Saisampurna Behera for all purposes.

Baidhar Behera
D-3326

I, Khalid Iqbal, S/o.- Iqbal Kadar Ansari, resident of At- Razamiya Building, Nimasahi, Dist.- Cuttack, PIN- 753001, Odisha declare by this affidavit No.- 586, Dated- 02.02.2026, that now onwards I shall be known as Khalid Bin Iqbal for all future purposes. D-3333

I, Geetika Bag, D/o.- Bikram Singh Bag, born on 23.01.2004 residing at Saraswati Nagar, Semiliguda, P.O.- Semiliguda, P.S.- Sunabeda, Dist.- Koraput, Odisha, PIN- 764036 have changed my name to Geetika Naik vide affidavit dated 06.02.2026 at Semiliguda, Koraput, Odisha. D-3328

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# କାକଟପୁର ମଙ୍ଗଳାମନ୍ଦିରରେ ବିଓବି ଏଲ୍‌ଇଡି



## ପ୍ରଦର୍ଶନ ହେବ ମା'ଙ୍କ ଦୈନିକ ରୀତିନୀତି

**ଭୁବନେଶ୍ୱର,୭।୨(ଅନୁରାଧା ମହାରଣା)**

ବ୍ୟାଙ୍କ ଅଫ୍ ବରୋଦା, ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ପୁରୀସ୍ଥିତ କାକଟପୁର ମା' ମଙ୍ଗଳା ମନ୍ଦିରରେ ପ୍ରଦାନ କରାଯାଇଥିବା ଏଲ୍‌ଇଡି ସ୍କ୍ରିନ୍‌ର ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଦେବଦତ୍ତ ଚାନ୍ଦ, ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ ଏବଂ ଉପ-ମହାପ୍ରବନ୍ଧକ ସତ୍ୟରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ-ମହାପ୍ରବନ୍ଧକ ଭିଏମ୍‌ଏନ୍‌ଏସ୍ ସାଇବାବୁ (କମ୍ପ୍ଲିୟାନ୍ସ ଆଣ୍ଡ ଆସ୍ୟୁରାନ୍ସ), ଉପ-ମହାପ୍ରବନ୍ଧକ ଶରତ ପାଣିଗ୍ରାହୀ (ବିଜ୍‌ନେସ୍ ଡେଭେଲପମେଣ୍ଟ), ସହାୟକ ମହାପ୍ରବନ୍ଧକ ତଥା ଉପ କ୍ଷେତ୍ରୀୟ ମୁଖ୍ୟ ରାଜୀବ କୁମାର ସିହ୍ନା, ମା' ମଙ୍ଗଳା ଟ୍ରଷ୍ଟ ବୋର୍ଡର ମ୍ୟାନେଜମେଣ୍ଟ ଟ୍ରଷ୍ଟି ତଥା ତହସିଲଦାର ଅଙ୍କିତା ଅନିନ୍ଦିତା, ମା' ମଙ୍ଗଳା ଟ୍ରଷ୍ଟ ବୋର୍ଡର ଏକ୍‌ଜିକ୍ୟୁଟିଭ ଅଫିସର କୈଳାସ ଚନ୍ଦ୍ର ଦାଶ ଏବଂ କାକଟପୁର ବିଡିଓ ନାରାୟଣ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରି ଡ. ଚାନ୍ଦ ଜନସାଧାରଣଙ୍କ ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତା ବିଷୟରେ ସୂଚନା ଦେଇଥିଲେ। ଏହି ଏଲ୍‌ଇଡି ସ୍କ୍ରିନ୍ ମାଧ୍ୟମରେ ଭକ୍ତମାନେ ମନ୍ଦିରର ଐତିହ୍ୟ ଓ ଦୈନନ୍ଦିନ ରୀତିନୀତି ସମ୍ପର୍କରେ ଜାଣିବାର ସୁଯୋଗ ପାଇବେ ବୋଲି ସେ କହିଥିଲେ। ବ୍ୟାଙ୍କ ତରଫରୁ ପେମେଣ୍ଟ ଗେଟ୍‌ୱେ ସିଷ୍ଟମକୁ ମଧ୍ୟ କାର୍ଯ୍ୟକାରୀ କରାଯାଇଥିଲା, ଯାହା ଭକ୍ତମାନଙ୍କୁ ସୁବିଧାର ସହ ଅନ୍‌ଲାଇନ୍ ଦାନ କରିବାରେ ସାହାଯ୍ୟ କରିବ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଁଡକ୍ଟର ସୁରେଖା ଓଝା**

ବରୀ- ବାଗଦା, ଯାଜପୁର

ଆବିର୍ଭାବ : ୨୩।୧୨।୧୯୪୨

ତିରୋଧାନ : ୨୯।୦୧।୨୦୨୬

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।

ଶୋକାତୁର ବୃନ୍ଦ:- ପୁଅ- ସମରେଶ, ଅମରେଶ, ବିମଳେଶ, ବୋହୂ- ଶୁଭଶ୍ରୀ, ଶିବାନୀ, ଲିପ୍ତିମୟୀ, ନାତି/ନାତୁଣୀ- ଶୀବୁନି, ଶାକି, ନୀତିନ, ରୁଦ୍ରାଭି, ଶିୟା, ନାତୁଣୀ ବୋହୂ- ସିନି, ବନ୍ଧୁ ଓ ପରିବାରବର୍ଗ। ଧ-୩୩୨୫


# ଟାଟା ପାୱାର ପକ୍ଷରୁ ଭିଜିଲାନ୍ସ କର୍ମଶାଳା

**ଭୁବନେଶ୍ୱର,୭।୨(ଅନୁରାଧା ମହାରଣା)**

ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ୪ ଡିସକମ ପକ୍ଷରୁ ବରମୁଣ୍ଡାସ୍ଥିତ ମ୍ୟାନେଜମେଣ୍ଟ ଡେଭଲପମେଣ୍ଟ ସେଣ୍ଟରଠାରେ ଏକ ୩ ଦିନିଆ ବାର୍ଷିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଭିଜିଲାନ୍ସ ନିର୍ଦ୍ଦେଶକ ଯଶବନ୍ତ କୁମାର ଜେଠୱା ଯୋଗଦେଇ କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଓ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ ଏକ ସୁଦୃଢ଼ ଆଭ୍ୟନ୍ତରୀଣ ଭିଜିଲାନ୍ସ ବ୍ୟବସ୍ଥାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଟାଟା ପାୱାରର ଚିଫ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ବିଜ୍‌ନେସ୍ ତଥା ଟିପିଏନ୍‌ଓଡିଏଲ୍‌ର ସିଇଓ ଗଜାନନ କାଲେ, ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂ, ଟିପି ସଦର୍ନ, ଟିପିଏସ୍‌ଓଡିଏଲ୍‌ର ସିଇଓ ଅମିତ ଗର୍ଗ ଏବଂ ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍)ର ସିଇଓ ପ୍ରବୀଣ କୁମାର ବର୍ମା ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ଟାଟା ପାୱାରର ବରିଷ୍ଠ ପରାମର୍ଶଦାତା (ସୁରକ୍ଷା ଓ ଭିଜିଲାନ୍ସ) ସର୍ବଣାସାମୀ ଜଗନ୍ନାଥନ ଏବଂ ଓଡ଼ିଶା ଡିସକମ୍‌ର ଚିଫ୍ ବିଏଚ୍‌ଆର ଶ୍ୟାମ ସୁନ୍ଦର ଚୌଧୁରୀ, ଅଗ୍ନିଶମ ଏବଂ ଜରୁରିକାଳୀନ ସେବା ବିଭାଗ ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

# ପ୍ରଥମ ପ୍ରେମ ନିବେଦନ



**ଆଜି ହେଉଛି ଭାଲେଣ୍ଟାଇନ୍ସ ୱିକ୍‌ର ୨ୟ ଦିନ ଅର୍ଥାତ୍ ପ୍ରପୋଜ୍ ଡେ'। ବହୁ ପ୍ରତୀକ୍ଷିତ ଏହି ଦିନଟିରେ ନିଜର ପ୍ରିୟ ମଣିଷକୁ ପ୍ରେମ ନିବେଦନ କରିବାକୁ ଉତ୍କଣ୍ଠାରେ ଚାହିଁ ରହିଥା'ନ୍ତି ଅନେକେ। ଯଦିଓ ବର୍ତ୍ତମାନ ଏହି ଦିନଗୁଡ଼ିକୁ ବେଶ୍ ଗୁରୁତ୍ୱ ଦିଆଯାଉଛି, ହେଲେ ସେତେବେଳେ ନା ଥିଲା କାହାକୁ ମନର କଥା ଜଣାଇବା ଲାଗି କୌଣସି ନିର୍ଦ୍ଦିଷ୍ଟ ଦିନ ନା ଭଲିକି ଭଲି ଉପହାର ଦେଇ କରାଯାଉଥିଲା ପାଳନା। ତେବେ କେତେଜଣ ସଫଳ ଦମ୍ପତିଙ୍କ ସେ ସମୟରେ ନିଜ ମନର ମଣିଷକୁ ପ୍ରଥମ ପ୍ରେମ ନିବେଦନର ଅଭୁଲା ଅନୁଭୂତିକୁ ନେଇ ଏଥରର ବିଶେଷ ଉପସ୍ଥାପନା ...**

## ବଡ଼ ଅସଲଖ ଥିଲା ଭଲପାଇବାର ରାସ୍ତା

**ହିରଣ୍ମୟୀ ମିଶ୍ର**(ପ୍ରାଧ୍ୟାପିକା ଓ ସାହିତ୍ୟିକା)– ଆଜି ଏତେବର୍ଷ ଏକାଠି ବଞ୍ଚିବା ପରେ ମୁଁ ବିଶ୍ୱାସ କରେ ଯେ, ବିବାହର ସିଦ୍ଧାନ୍ତ ଆମ ହାତରେ ନ ଥାଏ। ଅରୁଣ ଓ ମୁଁ ଦୁଇ ଭିନ୍ନ ପୃଥିବୀର ମଣିଷ। ମୋର ଚାକିରି କରିବା ପରେ ତାଙ୍କ ସହ ଦେଖା। ଆମ ଦୁହିଁଙ୍କର କିଛି ବି ମିଶେ ନାହିଁ, କେବଳ ମନ ଛଡ଼ା। ବହୁତ ଅଭାବୀ ପରିବାରରେ ଓ ନିପଟ ମଫସଲରେ ବଢ଼ିଥିବା ସେ ଓ ବିଶେଷ କିଛି ଜୀବନର ଅସୁବିଧାକୁ ଚିହ୍ନି ନ ଥିବା ଓ ବାପାଙ୍କ ଚାକିରି ସହ ବିଭିନ୍ନ ସହରରେ ବଡ଼ ହେଇଥିବା ମୁଁ। କେହି କାହାକୁ କହିବାର ନ ଥିଲା ଯେ– 'ମୁଁ ତମକୁ ଭଲପାଏ।' ଭଲ ଲାଗୁଥିଲା ଉଭୟଙ୍କୁ ଗପିବାକୁ। ଆମ ଗପ ଭିତରେ ତାଙ୍କର ପିଲାଦିନର କଥା ଓ ମୋର ଗପ, କବିତାର କଥା ବେଶି ଆସୁଥିଲା। କେହି କାହା ମନ ଜିଣିବା ପାଇଁ କିଛି ଉପହାର ଦେବା ବା ସାଂଗ ହୋଇ ବୁଲିବାକୁ ଯିବା ଭଳି କିଛି ସୁଯୋଗ ନଥିଲା। ଗୋଟିଏ ଗ୍ରାମୀଣ ମହାବିଦ୍ୟାଳୟରେ ଚାକିରି କରିଥିବାରୁ ନିଜେ ବହୁତ ସୀମା ଟାଣିଥିଲୁ ନିଜ ପାଇଁ। ତାଙ୍କର ଡର ଥିଲା କାଳେ କିଛି କଥାରେ କଲେଜ କର୍ତ୍ତୃପକ୍ଷ ଅସନ୍ତୁଷ୍ଟ ହେଲେ ତାଙ୍କର ଚାକିରିର ଅସୁବିଧା ହେବ। ମୋର ଡର ଥିଲା ଆମ ଘରେ କେହି କିଛି ଶୁଣିଲେ ସେଇଠି ଚାକିରି ଶେଷ। ଧୀରେ ଧୀରେ ପରସ୍ପରକୁ ଜାଣିବାର ସୁଯୋଗ ପାଇବା ପରେ ଶ୍ରଦ୍ଧା ଓ ସମ୍ମାନ ପରିଣତ ହେଇଥିଲା ଭଲପାଇବାରେ। ମୋ ପରିବାର ପ୍ରବଳ ବିରୋଧ କରୁଥିବାରୁ ଆମର ବାହାଘର ହେଇ ନ ଥିଲା ତଥାକଥିତ ରୀତିନୀତିରେ। ସଂକ୍ରାନ୍ତିର ତିଥିକୁ ବିବାହ ପାଇଁ ଅନୁକୂଳ ମାନନ୍ତି ନାହିଁ। ଆମେ ଗୋଟିଏ ତାରିଖ ଠିକ୍ କରିଥିଲୁ ବାହା ହେବା ପାଇଁ, ଜାଣିନଥିଲୁ ଯେ ସେଦିନ ସଂକ୍ରାନ୍ତି। କିଏ କହିଥିଲା ? ସମ୍ଭବତଃ ମୁଁ ପ୍ରଥମେ କହିଥିଲି। ପରେ ସେ ମତେ କହିଥିଲେ ଯେ, ସେ କହିବାକୁ ବହୁତ ଚାହୁଁଥିଲେ, କିନ୍ତୁ ସାହସ କରି ପାରିନଥିଲେ। ଆଜି ପଛକୁ ଚାହିଁଲେ ଓ ଆଜିକାଲିର ପିଲାମାନଙ୍କୁ ଦେଖିଲେ ବଡ ଅଦ୍ଭୁତ ଲାଗେ ଆମ ସମୟ। ଏକା ଜାଗାରେ ଚାକିରି କରିଥିଲେ ବି ମନର କଥା କହିବା ପାଇଁ ସବୁଦିନ ଚିଠି ଲେଖୁଥିଲି ମୁଁ। ସେ ଚିଠିରେ ବି ସିଧାସଳଖ କିଛି ଭଲପାଇବାର କଥା ରହୁନଥିଲା। ବଡ଼ ଅସଲଖ ଭଲପାଇବାର ରାସ୍ତା ଥିଲା ଆମ ସମୟରେ। ସେ ୮୦୦ ଟଙ୍କା ଓ ମୁଁ ୬୦୦ ଟଙ୍କା ପାଉଥିଲୁ। ତେଣୁ ପ୍ରପୋଜ ନୁହେଁ, ବାହା ହେଇ ସବୁଦିନ ପାଇଁ ଏକାଠି ରହିବା ହିଁ ଶେଷ କଥା ଥିଲା। ସେ ଏଯାଏଁ ବି ବଡ଼ ବାସ୍ତବବାଦୀ। ମୁଁ ଏଯାଏଁ ବି ସ୍ୱପ୍ନରେ ବଞ୍ଚିଥିବା ମଣିଷ। କିନ୍ତୁ ଆମେ ଜୀବନର ବହୁତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ପରସ୍ପରର ସହଯୋଗ ଓ ସମର୍ଥନ କରିଛୁ।



ସ୍ୱାମୀ ଅରୁଣଙ୍କ ସହ ହିରଣ୍ମୟୀ

## ମନର କଥା କହିବା ପାଇଁ ଲେଖୁଥିଲି ଚିଠି


**ମାନମୟୀ ରଥ**(ସାହିତ୍ୟିକା ଓ ଚିତ୍ରଶିଳ୍ପୀ)– କଳ୍ପନାର ପୃଥିବୀରେ ବଞ୍ଚିଥିବା ମଣିଷ ମୁଁ, ମୋ ମୁତାବକ ମୁହୂର୍ତ୍ତ ପଛରେ ମାତିଥାଏ। କାହା ଅରୋପିତ ବିଚାରରେ ଅଣନିଃଶ୍ୱାସୀ ହୋଇଯାଏ ବୋଲି ଚିଠି ସହ ମୋର ଥାଏ ନିବିଡ଼ ବନ୍ଧୁତା। ଏକୁଟିଆ ସମୟ ମିଳିଲା ମାନେ ଚିଠି ଲେଖା। କହିପାରୁ ନ ଥିବା କଥାକୁ ଉତାରୁଥିଲି ଚିଠିରେ। ଅଭିମାନ, ଅଭିଯୋଗ, ପ୍ରାପ୍ତିର ଉଲ୍ଲାସ ଓ ଅବସୋସ ସବୁ ଗାରେଇ ଦେଉଥିଲି ଚିଠିରେ ସେ ରୁକ୍ଷତା ଦେଖାଉଥିବା ଅଧ୍ୟାପକ ହୁଅନ୍ତୁ କି ବିରକ୍ତ ହେଉଥିବା ସହପାଠୀ, ପହଡ଼ ଭିତରେ ପାହାଡ଼ ହୋଇ ବସିଥିବା ଜଗନ୍ନାଥ ଅଥବା ବୁଲା କୁକୁରକୁ ହଇରାଣ କରୁଥିବା ଦୁଷ୍ଟ କିଶୋର। ସବୁଦିନ ଲେଖାହୁଏ ଚିଠି। ଏମିତି ଚିଠି ଲେଖିବସିଲି ପବିତ୍ର ମୋହନ ଦାଶଙ୍କୁ ତାଙ୍କ ସୁନ୍ଦର ବ୍ୟକ୍ତିତ୍ୱ ବିଷୟରେ ସୁବିଖ୍ୟାତ ସର୍ଜକ ଦମ୍ପତି ବିଜୟକୃଷ୍ଣ ମହାନ୍ତି ଓ ବ୍ରହ୍ମୋତ୍ରୀ ମହାନ୍ତିଙ୍କଠାରୁ ଶୁଣି ଶୁଣି। ଶୁଣୁଥିବା ସୁନ୍ଦର ଗୁଣବତ୍ତାର ଆଧାରରେ କଳ୍ପନାରେ ଯେଉଁ ଚିତ୍ରଙ୍କୁ ଗଢ଼ିଥିଲି, ଚିଠି ଲେଖୁଥିଲି, ଖୋଜି ହେଉଥିଲି ସେଠାରେ ବିବାହ, ପ୍ରେମ ବୋଲି କିଛି ମନରେ ନଥିଲା । ଲମ୍ବା ଲମ୍ବା ଚିଠି ଲେଖିଲାବେଳେ ପବିତ୍ର ନାମକ ଯେଉଁ ବ୍ୟକ୍ତିସତ୍ତା ସହ ମୁଁ ଏକାତ୍ମ ହେଉଥିଲି ଲୁହରେ ଓଦା ହେଉଥିଲି, ବିଭୋର ହେଉଥିଲି, ପୁଲକର ସ୍ନିଗ୍ଧତାରେ ଅନେକ ଜହ୍ନରାତିକୁ ବିନିଦ୍ର କାଟୁଥିଲି ତାଙ୍କୁ କେବଳ ଭେଟିବାକୁ ଚାହୁଁଥିଲି। ଚାହୁଁଥିଲି ଥରୁଟିଏ ପାଇଁ ବି ହେଉ ସେ ମୋର ବ୍ୟାକୁଳତାକୁ ବୁଝନ୍ତୁ , ମୋର ଆବେଗକୁ ମୂଲ୍ୟ ଦେଇ ମୋତେ ମୋ' ଭଳି ଗ୍ରହଣ କରନ୍ତୁ, ହେଲେ ସାହସ କରିପାରୁନଥିଲି। ମୋର ଜଣେ ସାଙ୍ଗ ତାଙ୍କ ଠିକଣା ଖୋଜି ଜଣେଇ ଦେଇଥିଲା ଯେ, ମୁଁ ରହୁଥିବା ଘରଠାରୁ ତାଙ୍କ ବସାଘର ମାତ୍ର ପଚାଶ ମିଟର ଦୂରରେ। ବର୍ଷେ ପାଖାପାଖି ତାଙ୍କୁ ଚିଠି ଲେଖି ନିଜ ଭିତରେ ନିଜକୁ ବାନ୍ଧି ରଖୁଥିବା 'ମୁଁ' ଦିନେ ଖୁବ୍ ଅସୁସ୍ଥ ହୋଇପଡ଼ିଲି। ଏକୁଟିଆ ରହୁଥାଏ। ପରିସ୍ଥିତି ସହ ଲଢ଼ିବା ଶିଖୁଥାଏ। ଲାଗିଲା ଏଇ ହିଁ ପ୍ରକୃଷ୍ଟ ସମୟ ଚିଠିତକ ତାଙ୍କ ପାଖରେ ପହଞ୍ଚେଇ ମୋର ଲୋଡ଼ିବାପଣକୁ ଜଣେଇ କିଛି ଖୁସି ସାଉଁଟି ଆଣିବା। ସଂକୋଚକୁ ସାଥି କରି ଚିଠିତକ ନେଇଗଲି, ତାଙ୍କୁ ଥତମତ ହୋଇ କ'ଣ କ'ଣ କହି ଦେଇଆସିଲି। ଭାବିଥିଲି ରାତି ଅନିଦ୍ରା ହୋଇ ଚିଠିତକ ପଢ଼ି ସେ ସକାଳୁ ଆସି ମୁଁ ରହୁଥିବା ଘରେ ପହଞ୍ଚିବେ। କାହିଁ ଆସନ୍ତେ ! ପାଞ୍ଚ ଦିନର ଲମ୍ବା ଅପେକ୍ଷା ପରେ ବରଂ ମୁଁ ତାଙ୍କୁ ଗୋଟିଏ ଜଳଖିଆ ଦୋକାନରୁ ବାହାରୁଥିବା ଦେଖି ନିଜ ଆଡୁ ପଚାରିଲି– ଚିଠି ପଢ଼ିଲେ ? ସେ କହିଲେ– ହଁ। କାହିଁ କିଛି କହିଲେନି ତ ମୁଁ ଅପେକ୍ଷା କରିଥିଲି, ମୁହଁ ପୋତି ମୁଁ କହିଲି। ସେ କହିଲେ– ପଢ଼ିବାକୁ ଦେଇଥିଲ ପରା ! ଲୁହରେ ଭର୍ତ୍ତି ହୋଇଯାଇଥିଲା ମୋ ଆଖି। ଫେରି ଆସିଥିଲି ତାଙ୍କୁ ଜୀବନସାଥୀ କରିବାର 'ଜିଦ୍'କୁ ସାଥିରେ ଧରି। ଘରେ ଜଣେଇଲି। ମୋର ସ୍ୱଷ୍ଟତା ଓ ପିଲାଳିଆମିକୁ ସମର୍ଥନ କଲେ ନନା, ଭାଇନା , ଗୁରୁଜନ। 'ମାନୁର ପସନ୍ଦ ଆମର ପସନ୍ଦ' କହିଲେ ସିନା, ହେଲେ ପ୍ରସ୍ତାବ ପକେଇବ କିଏ ! ବଡ଼ ଭାଇ ଗଲେ। ସିଧା ଶୁଣେଇ ଦେଲେ ପବିତ୍ର– 'ଭଉଣୀ ଆପଣଙ୍କର ଶସ୍ତା ସିନେମା ଏବଂ ଉପନ୍ୟାସ ଦେଖି ଏମିତି ହେଉଛି, ମୁଁ ମୋ ଭାଇ ଭଉଣୀଙ୍କ ଭବିଷ୍ୟତ ପାଇଁ ସହରରେ ଆସି ଖଟୁଛି। ଆପଣଙ୍କ ଭଉଣୀର ଭବିଷ୍ୟତ ଆପଣ ଭଲରେ ଦେଖନ୍ତୁ।' ଭାଇ ହତାଶ ହୋଇ ଫେରିଲେ। ହେଲେ ମୁଁ ହାର୍ ମାନିଲିନି। ସେ ପଢ଼ନ୍ତୁ କି ନ ପଢ଼ନ୍ତୁ ତାଙ୍କ ପାଇଁ ପ୍ରତିଦିନ ଲେଖୁଥିବା ଚିଠି ତାଙ୍କୁ ଦେଇଆସୁଥିଲି। ତହିଁରେ ତାଙ୍କ ସହ ବନ୍ଧୁ ଭଳି ରହିବାର ଅକ୍ଳାନ୍ତ ଚେଷ୍ଟା କରୁଥିଲି। ପରିଶେଷରେ ତାଙ୍କୁ ନେଇ ମୋ' ଆବେଗ ଜିତିଲା। ଛଅ ମାସ ପରେ ସେ ମାନିଗଲେ ଜୀବନସାଥୀ କରିବା ପାଇଁ ମୋତେ।



ସ୍ୱାମୀ ପବିତ୍ରଙ୍କ ସହ ମାନମୟୀ

## ଜୀବନସାଥୀ ହେବାକୁ ପ୍ରଥମେ ସମ୍ମତି ଲୋଡ଼ିଥିଲି

**ଓଁ ଅଭିଜ୍ଞାନ ସାହୁ(ବ୍ୟଙ୍ଗକାର)–** ସ୍କୁଲ କଲେଜ ପିଲାଙ୍କ ଭିତରେ ଭାରତୀୟ କଳା ସଙ୍ଗୀତ ତଥା ସାହିତ୍ୟର ପ୍ରଚାର ପ୍ରସାର ପାଇଁ କାମ କରୁଥିବା ଏକ ସର୍ବଭାରତୀୟ ଅନୁଷ୍ଠାନ ସ୍ପିକ୍ ମାକେର ରାଜ୍ୟ ସଂଯୋଜକ ଥିବା ସମୟରେ ବବିତାଙ୍କ ବିଷୟରେ ଜାଣିବାକୁ ପାଇଲି। ସେତେବେଳକୁ ସେ ଓଡ଼ିଶା ଲଳିତ କଳା ଏକାଡେମୀ ସହ ଜାତୀୟ ନେତାଜୀ ଯୁବ ପୁରସ୍କାର ମଧ୍ୟ ପାଇ ସାରିଥାନ୍ତି। ଏକଦା ମହିଳାଙ୍କ ପାଇଁ ନିଷିଦ୍ଧ ଥିବା ପୁରୁଷପ୍ରଧାନ ପଟଚିତ୍ରରେ ବହୁ ସାମାଜିକ ପ୍ରତିକୂଳ ବାଧାବିଘ୍ନ ସତ୍ତ୍ୱେ ଏତେ ସୁନାମ ଅର୍ଜିଥିବା ବବିତାଙ୍କ ବିଷୟରେ ଜାତୀୟ ଖବରକାଗଜ ଟାଇମ୍ସ ଅଫ୍ ଇଣ୍ଡିଆରେ ଏକ ସ୍ୱତନ୍ତ୍ର ପୃଷ୍ଠା ପ୍ରକାଶ ପାଇଥିଲା। ତାଙ୍କ ସହ ମୋର ପ୍ରଥମ ପରିଚୟ ଏହି ପୃଷ୍ଠାରୁ। ସାମାଜିକ ବାସନ୍ଦ ସତ୍ତ୍ୱେ ନିଜ ଗୁରୁ ଓ ମା'ବାପାଙ୍କ ସହଯୋଗରେ ସେ ପଟଚିତ୍ରରେ ଅର୍ଜିଥିବା ଖ୍ୟାତି ପାଇଁ ଭାରତ ସରକାରଙ୍କ ହସ୍ତକଳା ଓ ବୟନ ଶିଳ୍ପ ବିଭାଗ ତରଫରୁ ପଟଚିତ୍ରର ପ୍ରଥମ ମହିଳା ଭାବେ ପ୍ରଶସ୍ତିପତ୍ର ମଧ୍ୟ ପାଇ ସାରିଥାନ୍ତି। ଅଧିକରୁ ଅଧିକ ଝିଅ ଓ ଛାତ୍ରୀଛାତ୍ରମାନେ କିପରି ଆମ ଶାସ୍ତ୍ରୀୟ ଚିତ୍ରକଳା ବିଷୟରେ ଅଧିକ ଜାଣିବେ ଓ ଶିଖିବେ ଚିନ୍ତାକରି ଆମ ଅନୁଷ୍ଠାନ ତରଫରୁ ଏକ କର୍ମଶାଳାର ଆୟୋଜନ କରି ତାଙ୍କୁ ଯୋଗାଯୋଗ କରିଥିଲୁ। ସେ ଖୁସିରେ ଗ୍ରହଣ କରି ଆମକୁ ସହଯୋଗ କରିଥିଲେ। ତାଙ୍କୁ ପ୍ରଥମେ ଦେଖି ବିଶ୍ୱାସ ଆସୁନଥିଲା ଯେ ଏତେ କମ୍ ବୟସରୁ ଜାତୀୟ ସ୍ତରରେ ନାଁ କରିଥିବା ଝିଅଟି ଏଇ ବୋଲି। ତେଲମରା ଲମ୍ବା ବେଣୀ ସହ ଫ୍ରକ୍‌ରୁ ନୂଆ ନୂଆ ସାଲ୍‌ୱାର କୁର୍ତ୍ତା ପିନ୍ଧି ଅଳ୍ପବୟସ୍କା ସାଧାରଣ ଝିଅକୁ ଦେଖି ସେହି ଆଭିଜାତ୍ୟ ସମ୍ପନ୍ନ ସ୍କୁଲର ପ୍ରିନ୍ସିପାଲଙ୍କ ମୁହଁ ଆମ୍ଳିଳା ହେଇଯାଇଥିଲା। କିନ୍ତୁ ପ୍ରଥମ ସ୍ୱାଗତ ସଭାରେ ଯେତେବେଳେ ତାଙ୍କ ପରିଚୟ ସମୟରେ ସମସ୍ତ ବଡ଼ ବଡ଼ ଜାତୀୟ ଖବରକାଗଜ ସହ ଟେଲିଭିଜନରେ ତାଙ୍କ ଉପରେ ହୋଇଥିବା ସ୍ୱତନ୍ତ୍ର ଉପସ୍ଥାପନା ବିଷୟରେ ପଢ଼ାଗଲା, ସେତେବେଳେ ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ସେଠାରେ ଉପସ୍ଥିତ ଅଭିଭାବକମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସାତ ଦିନ ଧରି ଚାଲିଥିବା ଏହି କର୍ମଶାଳାକୁ ମୁଁ ପ୍ରଥମ ଓ ଶେଷଦିନ ଯାଇଥିଲି। ମୂଳରୁ ଆମ ପରିଚୟ କେବଳ ପରସ୍ପର ପ୍ରତି ଆକର୍ଷଣ ଥିଲା, ଯାହାକୁ ପ୍ରେମ କୁହାଯିବ କି ନା ଜାଣେ ନାହିଁ। ସେହି ସମୟରେ ମୁଁ ବିଭିନ୍ନ କାର୍ଯ୍ୟକ୍ରମ ନେଇ ତାଙ୍କ ବାପା ଓ ତାଙ୍କ ସହ କଥା ହୋଇଛି ଓ ସେହି କଥାବାର୍ତ୍ତା ଭିତରେ ଯାହା ଅଳ୍ପ କିଛି ବ୍ୟକ୍ତିଗତ ଭଲ ମନ୍ଦ କଥା ହେଇଛୁ। ତାଙ୍କ ପ୍ରତିଭା, ନମ୍ରତା ଓ ରୁଚିପୂର୍ଣ୍ଣ ଆଚରଣରୁ ମୋତେ ଲାଗିଥିଲା ସେ ମୋ ଜୀବନସାଥୀ ହେଲେ ମୁଁ ଖୁସି ରହିବି। ତାଙ୍କୁ ଏକଥା ଜଣାଇଲି ଓ ସମ୍ମତି ପରେ ବିବାହ କରିବା ପାଇଁ ମୁଁ ପ୍ରଥମେ ଆମ ଘରେ ପ୍ରସ୍ତାବ ଦେଇଥିଲି। ଉଭୟ ପରିବାରର ସମ୍ମତିରେ ପ୍ରଥମେ ପୁରୀ କୋର୍ଟରେ ବିବାହ କଲା ପରେ ବୈଦିକ ରୀତିରେ ଆମେ ପରସ୍ପରକୁ ବରି ନେଇଥିଲୁ।



ପତ୍ନୀ ବବିତାଙ୍କ ସହ ଓଁ ଅଭିଜ୍ଞାନ

## ମୋ ପ୍ରସ୍ତାବ ପରେ ଗମ୍ଭୀର ସ୍ଥିତି ସୃଷ୍ଟି ହୋଇଥିଲା

**ଦିଲୀପ କୁମାର ବେହେରା** (ଡାକ୍ତର ଓ ଲେଖକ)– ସେତେବେଳକୁ ରୋଜାଲିନ୍‌କୁ ଜାଣିବାର ବେଶ୍ କିଛି ମାସ ହେଇଯାଇଥିଲା। କଥାବାର୍ତ୍ତା ତଥା ଭାବଦିଆନିଆରେ ଅନ୍ତରଙ୍ଗତା ବଢ଼ିଯାଇଥିଲା। ହୁଏତ ପରସ୍ପରକୁ ଆମେ କିଛିମାତ୍ରାରେ ବୁଝିସାରିଥିଲୁ। ମୋତେ ଲାଗେ ମୁଁ ଜମା ରୋମାଣ୍ଟିକ୍ ମଣିଷ ନୁହଁ କି ରୋମାଣ୍ଟିସିଜିମ ମୋତେ ଆସେନି। ମୋ ଦୃଷ୍ଟିରେ ପାରସ୍ପରିକ ସମ୍ମାନ ଆଉ ଭଲ ବୁଝାମଣା ହିଁ ପ୍ରେମ। ମୋତେ ଲାଗେ ମଣିଷର ଚିନ୍ତାଧାରା, ତା'ର ଚାଲିଚଳନ ସହ ଅଞ୍ଚଳଗତ ପାରିବାରିକ ତଥା ସାଂସ୍କୃତିକ ବିସଙ୍ଗତି ସତ୍ତ୍ୱେ ଯଦି ଦୁଇଟି ମଣିଷଙ୍କ ବିଚାରଧାରା ତଥା ଆଦର୍ଶଗତ ସଙ୍ଗତି ଅଛି, ତେବେ ସଂସାର ସୁରୁଖୁରୁରେ ଚାଲିପାରିବ। ସେତେବେଳକୁ ମୋର ବାହାଘର ପାଇଁ ପ୍ରସ୍ତାବ ଦେଖାଦେଖି ଚାଲିଥାଏ। ମୁଁ ଦୋଳାୟମାନ ସ୍ଥିତିରେ ଥାଏ। ଏମିତି ଦିନେ କଥା ହେଉହେଉ ମୁଁ ରୋଜାଲିନକୁ ପ୍ରସ୍ତାବ ଦେଲି– ମୋତେ ବାହା ହେବୁ ? ହଠାତ୍ କେମିତି ଗୋଟେ ଗମ୍ଭୀର ସ୍ଥିତି ସୃଷ୍ଟି ହେଲା। ସେ ବାହାଘର କଥା କିଛି ଭାବିନଥାଏ। ସେ ସମୟ ମାଗିଲା। ଘର ଲୋକଙ୍କୁ ପଚାରିଲା। ପାରିବାରିକ ବିଚାରବିମର୍ଶ ପରେ ଯାହା କିଛି ନିଷ୍କର୍ଷ ବାହାରିଲା, ସେଥିରେ ଥିଲା ଅଳ୍ପ ରାଜି ଆଉ ଅନେକ ଅରାଜି। ତା'ରି ଭିତରେ ବାହାଘର ସ୍ଥିର ହେଲା।



ପତ୍ନୀ ରୋଜାଲିନ୍‌ଙ୍କ ସହ ଦିଲୀପ

– ପୌର୍ଣ୍ଣମାସୀ

## ଏ ସପ୍ତାହର ପ୍ରଶ୍ନ ?

୧– ଏସିଆ ମ୍ୟାନୁଫାକ୍ଚରିଂ ଇଣ୍ଡେକ୍ସ ୨୦୨୬ରେ ଭାରତର ସ୍ଥାନ.......... ?
୨– ନମ୍ବେଓ ଗ୍ଲୋବାଲ୍ ସେଫ୍ଟି ଇଣ୍ଡେକ୍ସ–୨୦୨୬ ରିପୋର୍ଟ ଅନୁଯାୟୀ ପୃଥିବୀର ସବୁଠୁ ସୁରକ୍ଷିତ ସହର ............ ?
୩– ..........ଙ୍କ ଜନ୍ମ ଦିବସକୁ ପରାକ୍ରମ ଦିବସ ଭାବେ ପାଳନ କରାଯାଏ ?
୪– ଲାମ୍ବାଡା ସମ୍ପ୍ରଦାୟ ମୁଖ୍ୟତଃ ଭାରତୀୟ ରାଜ୍ୟ .......... ଏବଂ ......... ରାଜ୍ୟରେ ବସବାସ କରନ୍ତି ?
୫– ଅଲିମ୍ପିକ୍ ଇସ୍ପୋର୍ଟ୍ସ ଗେମ୍ସ ୨୦୨୭ ..........ଠାରେ ଅନୁଷ୍ଠିତ ହେବ ?

## ଗତ ଥରର ଉତ୍ତର

୧ ଆରାବଳୀ ପର୍ବତମାଳା
୨ ୱାର୍ଲ୍ଡ ଇକୋନୋମିକ୍ ଫୋରମ୍
୩ ସୁଇଡେନ୍
୪ ଗୋଆ ଶିପ୍‌ୟାର୍ଡ ଲିମିଟେଡ୍
୫ ଯମୁନା

## ଉତ୍ତରଦାତା



ଶକ୍ତି ପ୍ରସାଦ ସିଂ, ଭୁବନେଶ୍ୱର



ମାନସ ପଟ୍ଟନାୟକ, ଭୁବନେଶ୍ୱର



ସୁଶାନ୍ତ ନାଏକ, କଳାହାଣ୍ଡି

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ। **ଇ–ମେଲ୍ ଠିକଣା:** dharitriagamiasha@gmail.com

## ଟପ୍ ଟେନ୍ ୧୦

### ପୃଥିବୀର ସର୍ବବୃହତ୍ ବୌଦ୍ଧ ମୂର୍ତ୍ତି

୧. ସ୍ପ୍ରିଙ୍ଗ୍ ବୁଦ୍ଧ ଟେମ୍ପଲ୍ (ଚାଇନା)........................ ୪୨୦ ଫୁଟ୍
୨. ଲେକ୍ୟୁନ୍ ସେକ୍ୟା (ମ୍ୟାନ୍‌ମାର୍) ........................ ୩୮୧ ଫୁଟ୍
୩. ଉଶିକୁ ଡାଇବୁସୁ (ଜାପାନ) ........................ ୩୩୦ଫୁଟ୍
୪. ସେଣ୍ଡାଇ ଡାଇକାନନ୍ (ଜାପାନ)........................ ୩୩୦ ଫୁଟ୍
୫. ଗୁଇଶାନ୍ ଗୁଆନିନ୍ (ଚାଇନା)........................ ୩୨୫ ଫୁଟ୍
୬. ଗ୍ରେଟ୍ ବୁଦ୍ଧ ଅଫ୍ ଥାଇଲାଣ୍ଡ ........................ ୩୦୨ ଫୁଟ୍
୭. ଡାଇ କ୍ୟାନନ୍ ଅଫ୍ କାଇଟା (ଜାପାନ)........................ ୨୮୯ ଫୁଟ୍
୮. ଗ୍ରାଣ୍ଡ ବୁଦ୍ଧ ଆଟ୍ ଲିଙ୍ଗ୍ ଶାନ୍ (ଚାଇନା)........................ ୨୮୯ ଫୁଟ୍
୯. ଆୱାଜି କ୍ୟାନନ୍ (ଜାପାନ) ........................ ୨୬୦ ଫୁଟ୍
୧୦. ଗୁଆନିନ୍ ଅଫ୍ ମାଉଣ୍ଟ ଜିକିଆଓ (ଚାଇନା)........................ ୨୫୩ ଫୁଟ୍

## ୟୁଥ୍ ଆଲର୍ଟ


# ବୁଲିବା ପାଇଁ ଏଆଇ ସାହାଯ୍ୟ ନେଉଥିଲେ

**ବର୍ତ୍ତମାନ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ ସାହାଯ୍ୟରେ ଅନେକ କାର୍ଯ୍ୟ ଖୁବ୍ ସହଜ ଏବଂ ସରଳ ଭାବେ କରାଯାଇପାରୁଛି। ଠିକ୍ ଯେମିତି କେଉଁ ନୂଆ ଜାଗାକୁ ବୁଲିବାକୁ ହେଲେ ବି ଅଧିକାଂଶ ଯୁବପିଢ଼ି ଏଆଇର ସାହାଯ୍ୟ ନେଉଛନ୍ତି। ହେଲେ ଜାଣନ୍ତି କି ଏଆଇ ସାହାଯ୍ୟରେ ଟ୍ରିପ୍ ପ୍ଲାନିଂ କରିବା ଦ୍ୱାରା ଆପଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଜାଣନ୍ତୁ କିପରି ରହିବେ ସତର୍କ...**

← ଏଆଇ ଦ୍ୱାରା କେବେକେବେ ଏଭଳି ମଡେଲ୍ ପ୍ରସ୍ତୁତ ହୋଇଯାଏ, ଯାହା ଅବାସ୍ତବ ହୋଇଥାଏ ; ଯାହାକୁ ହ୍ୟାଲୁସିନେଶନ୍ ବୋଲି କୁହାଯାଏ। ତେଣୁ ଏଆଇ ଦ୍ୱାରା ଟ୍ରିପ୍ ବୁକ୍ କଲାବେଳେ କେବେକେବେ ଏମିତି କିଛି ହୋଟେଲ୍ ବା କୌଣସି ମ୍ୟୁଜିୟମ୍ ଆଦିର ଆଡ୍ରେସ୍ ମିଳିଥାଏ, ଯାହାକି ଦୀର୍ଘଦିନରୁ ବନ୍ଦ ହୋଇଯାଇଥାଏ କିମ୍ବା ଆଦୌ ନ ଥାଏ। ତେଣୁ ଏହା ଉପରେ ବିଶ୍ୱାସ କରି ଯିବା ଅପେକ୍ଷା ଗୁଗୁଲ୍ ମ୍ୟାପ୍ କିମ୍ବା ଉକ୍ତ ସ୍ଥାନର ଅଫିସିଆଲ୍ ୱେବ୍‌ସାଇଟ୍‌ରେ ଯାଇ ଚେକ୍ କରନ୍ତୁ ଏବଂ ତାହା ଠିକ୍ ଥିଲେ ଟ୍ରିପ୍ ପ୍ଲାନ୍ କରନ୍ତୁ।

← ଏଆଇରେ ଅପ୍‌ଡେଟ୍ ବା ରିଅଲ୍‌ଟାଇମ୍ ତଥ୍ୟ ମିଳିବା କଷ୍ଟ। କାରଣ ଏଥିରେ ଯେଉଁ ସମୟରେ ଯେଉଁ ଡାଟା ଅପ୍‌ଲୋଡ୍ ହୋଇଥାଏ, ତାହା ପୁନର୍ବାର ଅପ୍‌ଡେଟ୍ କରିବା ପର୍ଯ୍ୟନ୍ତ ସେହିପରି ରହିଥାଏ। ତେଣୁ ଟ୍ରପ୍ ସମୟରେ କେଉଁ ସ୍ଥାନକୁ ଯିବାକୁ ଚାହୁଁଥିଲେ ଯଦି ସେଠାରେ କୌଣସି କାରଣରୁ ଷ୍ଟ୍ରାଇକ୍, କୌଣସି ପ୍ରାକୃତିକ ବିପର୍ଯ୍ୟୟ ଆଦି ହୋଇଥାଏ, ତେବେ ତାହା ଏଆଇରେ ଜଣା ପଡ଼ି ନ ଥାଏ। ତେଣୁ କେଉଁଆଡ଼େ ଯିବା ପୂର୍ବରୁ ଗମନାଗମନ ସୁବିଧା, ସେଠାକାର ପାଣିପାଗ ଏବଂ ରହିବା ବ୍ୟବସ୍ଥା ବିଷୟରେ ଜାଣିବା ପାଇଁ ଏଆଇ ବଦଳରେ ସରକାରୀ ୱେବ୍‌ସାଇଟ୍, ରେଲ୍‌ୱେ ଆପ୍, ଟ୍ରାଭେଲ୍ ଆଣ୍ଡ ଟୁରିଜମ୍ ଆପ୍, ଗୁଗୁଲ୍ ଆଦିର ସାହାଯ୍ୟ ନିଅନ୍ତୁ।


← କେଉଁ ସ୍ଥାନକୁ କିଭଳି ଡ୍ରେସ୍ ପିନ୍ଧି ଯିବା ଦରକାର, ଅବା କେତେକ ସ୍ଥାନରେ କେବଳ ସ୍ଥାନୀୟ ଲୋକଙ୍କୁ ଯିବା ଅନୁମତି ରହିଥାଏ, ଆଦି ଭଳି ଏସବୁ କଥା ଏଆଇରୁ ଜଣା ପଡ଼ି ନ ଥାଏ। ଯେଉଁଥିପାଇଁ ଏହା ଜରିଆରେ ଟୁର୍ ପ୍ଲାନିଂ କରି ଅନେକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଏମିତିରେ ୱେବ୍‌ସାଇଟ୍‌ରେ ପ୍ରଥମେ ପୂର୍ବରୁ ସେହି ସ୍ଥାନକୁ ଯାଇଥିବା ଲୋକଙ୍କ ଫିଡ୍‌ବ୍ୟାକ୍ ପଢ଼ନ୍ତୁ କିମ୍ବା ପରିଚିତ କେହି ଯାଇଥିଲେ ତାଙ୍କଠାରୁ ଭଲ ଭାବେ ଜାଣିବା ପରେ ହିଁ ଟ୍ରିପ୍ ପ୍ଲାନ କରନ୍ତୁ।



ଧରିତ୍ରୀ 52 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୮ ଫେବୃଆରୀ, ୨୦୨୬ Bhubaneswar, Sunday, 8 February, 2026




# ଟି୨୦ ବିଶ୍ୱକପ୍‌ର ରଙ୍ଗାରଙ୍ଗ ଉଦ୍‌ଘାଟନୀ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସଂଗୀତ ପରିବେଷଣ କରୁଛନ୍ତି ରାପର୍ ବାଦ୍‌ଶାହା । ନୃତ୍ୟରତ ନୋରା ଫତେହୀ ।

ମୁମ୍ବାଇ, ୭।୨

ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ଶନିବାର ସନ୍ଧ୍ୟାରେ ୱାଙ୍ଖେଡେ ଷ୍ଟାଡିୟମରେ ଏକ ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ ସହ ଆରମ୍ଭ ହୋଇଛି । ଭାରତ ଓ ଆମେରିକା ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ପୂର୍ବରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଶ୍ୱକପ୍ ଟ୍ରଫି ସହ ଜେଟ୍‌ପ୍ୟାକ୍ ପର୍‌ଫର୍ମର ଷ୍ଟାଡିୟମରେ ପ୍ରବେଶ ଅନ୍ୟତମ ହାଇଲାଇଟ୍ ଥିଲା । ଏହି କାର୍ଯ୍ୟକ୍ରମ ପ୍ରସିଦ୍ଧ ତବଲା ବାଦକ ଶିବମନି ଓ ସିତାର ବାଦକ ରିଶବ ଶର୍ମାଙ୍କ ପରଫର୍ମାନ୍ସ ସହ ଆରମ୍ଭ ହୋଇଥିଲା । ଏଥିରେ ବଲିଉଡ୍ ଅଭିନେତ୍ରୀ ତଥା ଡ୍ୟାନ୍ସର ନୋରା ଫତେହୀ ଓ ର୍‌ୟାପର ବାଦ୍‌ଶା ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ । ଏହି ଉତ୍ସବରେ ଆଇସିସି ଚେୟାରମ୍ୟାନ ଜୟ ଶାହା, ପୂର୍ବତନ ଭାରତୀୟ ଅଧିନାୟକ ତଥା ଚଳିତ ଟୁର୍ନାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର ରୋହିତ୍ ଶର୍ମା ଆନୁଷ୍ଠାନିକ ଭାବେ ଟୁର୍ନାମେଣ୍ଟ ଆରମ୍ଭ କରିଥିଲେ ।

## ମ୍ୟାଚ୍ ଦେଖିଲେ ଆମେରିକା ରାଷ୍ଟ୍ରଦୂତ

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଶନିବାର ଭାରତ ଓ ୟୁଏସ୍‌ଏ ମଧ୍ୟରେ ଟି୨୦ ବିଶ୍ୱକପ୍ ମ୍ୟାଚ୍ ବେଳେ ଉପସ୍ଥିତ ଥିଲେ ଭାରତରେ ଅବସ୍ଥାପିତ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରଦୂତ ତଥା ଦକ୍ଷିଣ ଓ କେନ୍ଦ୍ରାଞ୍ଚଳ ଏସିଆର ସ୍ୱତନ୍ତ୍ର ଦୂତ ସର୍ଗିଓ ଗୋର୍ । ସେ ଆଇସିସି ଚେୟାରମ୍ୟାନ ଜୟ ଶାହାଙ୍କ ସହିତ ମ୍ୟାଚ ପୂର୍ବରୁ ଆୟୋଜିତ ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ ଓ ଆତସବାଜି କାର୍ଯ୍ୟକ୍ରମକୁ ଉପଭୋଗ କାରିଥିଲେ । ଏହିଅବସରରେ ଭାରତର ପୂର୍ବତନ ଅଧିନାୟକ ତଥା ଟି୨୦ ବିଶ୍ୱକପ୍‌ର ଏହି ସଂସ୍କରଣର ବ୍ରାଣ୍ଡ ଆମ୍ବାସାଡର ରୋହିତ ଶର୍ମା ମଧ୍ୟ ଉପସ୍ଥିତ ଥିଲେ । ଜାତୀୟ ସଙ୍ଗୀତ ଗାନ ବେଳେ ଶାହାଙ୍କ ପାର୍ଶ୍ୱରେ ଗୋର୍ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା । ଏହାପରେ ସେ ୟୁଏସ୍‌ଏ ଖେଳାଳିଙ୍କୁ ଯାଇ ସାକ୍ଷାତ୍ କରିଥିଲେ । ଅନ୍ତର୍ଜାତୀୟ ଟି୨୦ ବିଶ୍ୱକପ୍‌ରେ ଦୁଇ ଦେଶ ମଧ୍ୟରେ ଏହା ଥିଲା ଦ୍ୱିତୀୟ ମୁକାବିଲା । ପୂର୍ବରୁ ଦୁଇ ଦଳ ଟି୨୦ ବିଶ୍ୱକପ୍‌ର ୨୦୨୪ ସଂସ୍କରଣରେ ପରସ୍ପରକୁ ଭେଟିଥିଲେ । ଏଥିରେ ଭାରତ ୭ ଉଇକେଟରେ ବିଜୟଲାଭ କରିଥିଲା । ନାମ୍ବିଆ, ନେଦରଲାଣ୍ଡ୍ସ, ପାକିସ୍ତାନ ସହ ଭାରତ ଓ ଆମେରିକା ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛନ୍ତି ।

## ସୂର୍ଯ୍ୟକୁମାରଙ୍କ ବିସ୍ଫୋରକ ବ୍ୟାଟିଂ

ମୁମ୍ବାଇ,୭।୨

ଚଳିତ ଟି୨୦ ବିଶ୍ୱକପ୍‌ର ତୃତୀୟ ମ୍ୟାଚ୍‌ରେ ଭାରତ ଓ ଆମେରିକା ପରସ୍ପରକୁ ଭେଟିଛନ୍ତି । ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ହେଲେ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ୮୪ ରନ୍‌ର ପାଳି ଯୋଗୁ ଭାରତ ପ୍ରତିପକ୍ଷ ଆମେରିକା ଆଗରେ ୧୬୨ ରନର ଟାର୍ଗେଟ ଧାର୍ଯ୍ୟ କରିଛି । ଜବାବରେ ଆମେରିକା ରିପୋର୍ଟ ଲେଖା ହେଲା ବେଳକୁ ୪ ଓଭରରେ ୩ ଉଇକେଟ ହରାଇ ୧୫ ରନ କରିଛି । ଏହି ମ୍ୟାଚ୍ ଜରିଆରେ ଦୀର୍ଘ ୨ ବର୍ଷର ବ୍ୟବଧାନ ପରେ ମହମ୍ମଦ ସିରାଜ ଭାରତୀୟ ଟି୨୦ ଦଳକୁ ଫେରିଛନ୍ତି । ଅସୁସ୍ଥତା କାରଣରୁ ମ୍ୟାଚ୍ ଲାଗି ଉପଲବ୍ଧ ନ ଥିବା ଯଶପ୍ରୀତ ବୁମରାଙ୍କ ବଦଳରେ ସିରାଜଙ୍କୁ ସାମିଲ କରାଯାଇଛି ।

ମ୍ୟାଚ୍‌ରେ ଭାରତୀୟ ବ୍ୟାଟରଙ୍କଠାରୁ ବିସ୍ଫୋରକ ବ୍ୟାଟିଂ ଆଶା କରାଯାଉଥିବା ବେଳେ ଦଳ ଆରମ୍ଭରୁ ଅଭିଷେକ ଶର୍ମାଙ୍କ ଉଇକେଟ ହରାଇଥିଲା । ଫୁଲ ଫର୍ମରେ ଥିବା ଅଭିଷେକ ବିନା ରନରେ ଆଉଟ୍ ହେବା ପରେ ଇଶାନ କିଶନ ଓ ତିଲକ ବର୍ମା ଦ୍ୱିତୀୟ ଉଇକେଟରେ ୩୭ ରନ ଯୋଡ଼ିଥିଲେ । ହେଲେ ଭ୍ରମଣକାରୀ ଦଳର ପେସର ଶାଡଲି ଭାନ ସ୍କାଲକ୍ୱିକ ପାୱରପ୍ଲେର ଅନ୍ତିମ ଓଭରରେ କିଶନ ୨୦ (୧ ଚୌକା ଓ ୨ ଛକା), ତିଲକ ୨୫ (୩ ଚୌକା ଓ ୧ ଛକା) ଓ ଶିବମ ଦୁବେ (୦)ଙ୍କୁ ଆଉଟ୍ କରିଥିଲେ । ଏହାପରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଗୋଟିଏ ପଟେ ଭଲ ବ୍ୟାଟିଂ କରୁଥିବା ବେଳେ ଅନ୍ୟ ପଟେ କ୍ରମାଗତ ବ୍ୟବଧାନରେ ରିଙ୍କୁ ସିଂ (୬), ହାର୍ଦ୍ଦିକ ପାଣ୍ଡ୍ୟା (୫) ଓ ଅକ୍ଷର ପଟେଲ (୧୪) ଆଉଟ୍ ହୋଇଥିଲେ । କ୍ରିଜ୍‌ରେ ସେଟ୍ ଥିବା ଅଧିନାୟକ ସୂର୍ଯ୍ୟ ଅନ୍ତିମ ଓଭରରେ ୨ ଲେଖାଏ ଚୌକା ଓ ଛକା ସହିତ ୨୧ ରନ କରିଥିଲେ । ଫଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୬୧ ରନ କରିବାକୁ ସକ୍ଷମ ହୋଇଥିଲା । ଦଳ ପାଇଁ ସୂର୍ଯ୍ୟକୁମାର ୪୯ ବଲରେ ୧୦ ଚୌକା ଓ ୪ ଛକା ସହାୟତାରେ ୮୪ ରନ କରି ଅପରାଜିତ ରହିଥିଲେ ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୨୦ ଓଭରରେ ୧୬୧/୯ (ସୂର୍ଯ୍ୟକୁମାର ଯାଦବ-୮୪*, ତିଲକ ବର୍ମା-୨୫, ଶାଡଲି ଭାନ ସ୍କାଲକ୍ୱିକ-୪/୨୫) ।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ସୂର୍ଯ୍ୟକୁମାର ଯାଦବ ।

## ଅଳ୍ପକେ ବର୍ତ୍ତିଗଲା ପାକିସ୍ତାନ

କଲମ୍ବୋ, ୭।୨(ପି.ଟି.)

ଆଇସିସି ଟି୨୦ କ୍ରିକେଟ୍ ବିଶ୍ୱକପ୍ ଉଦ୍‌ଘାଟନୀରେ ପରାଜୟରୁ ଅଳ୍ପକେ ବର୍ତ୍ତିଯାଇଛି ପାକିସ୍ତାନ । ଟେଲ୍‌ଏଣ୍ଡର ଫହିମ ଅଶ୍ରଫ୍‌ଙ୍କ ୧୧ ବଲ୍‌ରେ ୨୯ ରନ୍ ସହାୟତାରେ ପାକିସ୍ତାନ ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚ୍‌ରେ ଶେଷ ମୁହୂର୍ତ୍ତରେ ୩ ଉଇକେଟ ହରାଇ ବିଜୟୀ ହୋଇଛି । ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍‌ରେ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନେଦରଲାଣ୍ଡ୍ସ ଭଲ ଆରମ୍ଭ କରିଥିଲେ ମଧ୍ୟ ୧୯.୫ ଓଭରରେ ୧୪୭ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା । ଏହି ମ୍ୟାଚ୍‌ରେ ପାକିସ୍ତାନ ୧୪୮ ରନ୍‌ର ବିଜୟ ଲକ୍ଷ୍ୟ ପିଛା କରୁଥିବା ବେଳେ ଏକଦା ୨ ଉଇକେଟ ବିନିମୟରେ ୯୦ ରନ୍ କରି ସୁବିଧାଜନକ ସ୍ଥିତିରେ ଥିଲା । ମାତ୍ର ପରବର୍ତ୍ତୀ ସମୟରେ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୬.୧ ଓଭରରେ ୧୧୪ ରନ୍ ସ୍କୋର୍‌ରେ ଏହାର ୭ ବ୍ୟାଟରଙ୍କୁ ହରାଇଥିଲା । ଏପରିକି ଦଳ ଶେଷ ୨ ଓଭରରେ ବିଜୟ ପାଇଁ ୨୯ ରନ୍ ଆବଶ୍ୟକ କରୁଥିଲା । ଏହି ପରିସ୍ଥିତିରେ ଅଶ୍ରଫ୍ ବିସ୍ଫୋରକ ବ୍ୟାଟିଂକରି ଲୋଗାନ ଭାନ୍ ବିକ୍‌ଙ୍କ ବୋଲିଂରେ ୩ ଛକା ଓ ଗୋଟିଏ ଚୌକା ଲଗାଇଥିଲେ ଏବଂ ଅନ୍ତିମ ଓଭରରେ ଏକ ଚୌକା ମାରିଥିଲେ । ପାକିସ୍ତାନ ୩ଟି ବଲ୍ ବାକିଥାଇ ୭ ଉଇକେଟ ହରାଇ ୧୪୮ ରନ୍‌କରି ମ୍ୟାଚ୍ ଜିତିନେଇଥିଲା । ପାକିସ୍ତାନର ଟପ୍ ସ୍କୋରର ଥିଲେ ଓପ୍‌ନର ଶାହିବଜାଦା ଫର୍‌ହାନ । ସେ ୪୭ ରନ୍(୩୧ ବଲ୍) କରିଥିଲେ । ନେଦରଲାଣ୍ଡ୍ସ ତରଫରୁ ସଫଳ ବୋଲର ଭାବେ ପଲ୍ ଭାନ୍ ମିକ୍‌ରେନ(୨/୨୦) ଓ ଆର୍ଯ୍ୟନ ଦତ୍ତ(୨/୩୩) ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ ।

**ସଂକ୍ଷିପ୍ତ ସ୍କୋର**

ନେଦରଲାଣ୍ଡ୍ସ: ୧୯.୫ ଓଭରରେ ୧୪୭/ଅଲ୍‌ଆଉଟ(ସ୍କଟ୍ ଏଡ୍‌ୱାର୍ଡ୍ସ-୩୭, ବାସ୍ ଡି' ଲିଡ୍-୩୦ ; ସଲମନ ମିର୍ଜା- ୩/୨୪, ସଇମ ଆୟୁବ-୨/୭, ମହମ୍ମଦ ନୱାଜ-୨/୩୮, ଅବ୍ରାର ଅହମଦ-୨/୨୩) ।

ପାକିସ୍ତାନ: ୧୯.୩ ଓଭରରେ ୧୪୮/୭ (ସାହିବଜାଦା ଫରହାନ୍-୪୭, ଫାହିମ ଅଶ୍ରଫ୍-୨୯* ; ପଲ୍ ଭାନ୍ ମିକ୍‌ରେନ-୨/୨୦, ଆର୍ଯ୍ୟନ ଦତ୍ତ-୨/୩୩) ।

## ଶେଫର୍ଡଙ୍କ ହ୍ୟାଟ୍ରିକ୍ : ୱେଷ୍ଟଇଣ୍ଡିଜ୍‌ର ସହଜ ବିଜୟ

କୋଲ୍‌କାତା, ୭।୨

ରୋମାରିଓ ଶେଫର୍ଡଙ୍କ ହ୍ୟାଟ୍ରିକ୍ ସହ ୫ ଉଇକେଟ ସଫଳତା ବଳରେ ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ଶନିବାର ଅପରାହ୍ନରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୩୫ ରନ୍‌ରେ ସ୍କଟ୍‌ଲାଣ୍ଡକୁ ପରାସ୍ତ କରିଛି । ୱେଷ୍ଟଇଣ୍ଡିଜ୍‌ଆସନ୍ତା ୧୧ ତାରିଖରେ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡକୁ ଭେଟିବ ।

ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୨ ରନ୍ କରିଥିଲା । ଦଳ ପାଇଁ ସିମରନ ହେଟମେୟର ୩୬ ବଲରେ ୬୪(୨ ଚୌକା ଓ ୬ ଛକା) ଓ ବ୍ରାଣ୍ଡନ କିଙ୍ଗ୍ ୩୫ (୪ ଚୌକା ଓ ୧ ଛକା) ରନ୍‌କରିଥିଲେ । ଜବାବରେ ସ୍କଟ୍‌ଲାଣ୍ଡ ପାୱାର ପ୍ଲେ ମଧ୍ୟରେ ଟପ୍ ୩ ବ୍ୟାଟରଙ୍କୁ ହରାଇଥିଲା । ଅଧିନାୟକ ରିଚି ବେରିଙ୍ଗଟନ ୪୨ (୩ ଚୌକା ଓ ୨ ଛକା) ଓ ଟମ୍ ବ୍ରୁସ୍ ୩୫(୧ ଚୌକା ଓ ୨ ଛକା) ଚତୁର୍ଥ ଉଇକେଟରେ ୭୮ ରନ୍ ଯୋଡ଼ି ଦଳ ପାଇଁ ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ । ହେଲେ ୧୭ତମ ଓଭରରେ





ଶେଫର୍ଡ ହ୍ୟାଟ୍ରିକ ସହିତ ୪ ଉଇକେଟ ନେଇ ୱେଷ୍ଟଇଣ୍ଡିଜ୍‌ର ବିଜୟ ନିଶ୍ଚିତ କରିଥିଲେ । ସେ ଓଭରର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ବଲ୍‌ରେ ଯଥାକ୍ରମେ ମାଥ୍ୟୁ କ୍ରସ୍, ମାଇକେଲ ଲିସ୍କ ଓ ଓଲିଭର ଡାଭିଡ୍‌ସନ୍‌ଙ୍କୁ ଆଉଟ କରି ହ୍ୟାଟ୍ରିକ୍ ପୂରଣ କରିଥିଲେ । ଫଳରେ ସ୍କଟ୍‌ଲାଣ୍ଡ ୧୮.୫ ଓଭରରେ ୧୪୭ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା । ୱେଷ୍ଟଇଣ୍ଡିଜ୍ ପାଇଁ ଶେଫର୍ଡ ୫ ଓ ଜାସନ ହୋଲ୍ଡର ୩ ଉଇକେଟ ନେଇଥିଲେ ।

### ଆଜିର ମ୍ୟାଚ

**ନ୍ୟୁଜିଲାଣ୍ଡ** ବନାମ **ଆଫଗାନିସ୍ତାନ**
ସ୍ଥାନ: ଚେନ୍ନାଇ
ସମୟ: ପୂର୍ବାହ୍ନ ୧୧ଟା

**ଇଂଲଣ୍ଡ** ବନାମ **ନେପାଳ**
ସ୍ଥାନ: ମୁମ୍ବାଇ
ସମୟ: ଅପରାହ୍ନ ୩ଟା

**ଶ୍ରୀଲଙ୍କା** ବନାମ **ଆୟର୍ଲାଣ୍ଡ**
ସ୍ଥାନ: କଲମ୍ବୋ
ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: **ଷ୍ଟାରସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର**

## ଶ୍ରୀଲଙ୍କାର ଅନୁରୋଧ: ସରକାରଙ୍କ ସହ ପିସିବି ପରାମର୍ଶ କରିବ

କରାଚୀ, ୭।୨(ପି.ଟି.)

ଆସନ୍ତା ୧୫ ତାରିଖରେ କଲମ୍ବୋରେ ଭାରତ ବିପକ୍ଷ ଟି୨୦ ମ୍ୟାଚ୍‌କୁ ବର୍ଜନ କରିବା ନିଷ୍ପତ୍ତି ଉପରେ ପାକିସ୍ତାନ ପୁନଃ ବିଚାର କରିପାରେ । ଭାରତ-ପାକିସ୍ତାନ ବହୁ ପ୍ରତୀକ୍ଷିତ ମ୍ୟାଚ୍ ଖେଳା ନ ଗଲେ ହେବାକୁ ଥିବା କ୍ଷତିକୁ ଦର୍ଶାଇ ଶ୍ରୀଲଙ୍କା ପକ୍ଷରୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ପୁନଃ ବିଚାର କରିବାକୁ ଅନୁରୋଧ କରାଯାଇଥିଲା । ଏ ସମ୍ପର୍କରେ ପିସିବି ସରକାରଙ୍କ ସହ ଆଲୋଚନା କରିବ ବୋଲି ଆଶା କରାଯାଉଛି ।

ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ସର୍ବଦା ସରକାରୀ ଓ କ୍ରିକେଟ ସ୍ତରରେ ଭଲ ସମ୍ପର୍କ ରହି ଆସିଛି । ଏଣୁ ଶ୍ରୀଲଙ୍କା ବୋର୍ଡ ପକ୍ଷରୁ କରାଯାଇଥିବା ମେଲ୍‌କୁ ଅଣଦେଖା କରାଯାଇପାରିବ ନାହିଁ । ଶ୍ରୀଲଙ୍କା କ୍ରିକେଟ ମୁଖ୍ୟ ଶାମି ସିଲ୍‌ଭା ସିଧାସଳଖ ପିସିବି ମୁଖ୍ୟ ମହସିନ ନକ୍‌ଭିଙ୍କୁ ଯୋଗାଯୋଗ କରି ଭାରତ-ପାକିସ୍ତାନ ମ୍ୟାଚ୍ ନ ହେଲେ ଶ୍ରୀଲଙ୍କା ଟି୨୦ ବିଶ୍ୱକପ୍‌ରୁ ଅତିରିକ୍ତ ଆୟ କରିପାରିବନାହିଁ । ଏଥିଯୋଗୁ ଭାରତ ବିପକ୍ଷ ମ୍ୟାଚ୍ ସମ୍ପର୍କରେ ସରକାରଙ୍କ ସହ ପୁନଃ ବିଚାର ଲାଗି ଆଲୋଚନା କରିବେ ବୋଲି ନକ୍‌ଭି ଆଶ୍ୱାସନା ଦେଇଛନ୍ତି । ନକ୍‌ଭି ଏବେ ପାକିସ୍ତାନରେ ନାହାନ୍ତି । ସେ ଦେଶକୁ ଫେରିବା ପରେ ପ୍ରଧାନମନ୍ତ୍ରୀଙ୍କ ସହ କଥାହେବେ । ତା' ପରେ ସୋମବାର ସୁଦ୍ଧା ନିଷ୍ପତ୍ତି ହୋଇପାରେ ବୋଲି ପିସିବି ସୂତ୍ରରୁ ଜଣାପଡ଼ିଛି ।

## ଏଲାଭେନିଲଙ୍କୁ ଏୟାର ରାଇଫଲରେ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୭।୨ (ପି.ଟି.)

ସ୍ଥାନୀୟ କାର୍ନି ସିଂ ରେଞ୍ଜ୍‌ରେ ଏସିଆନ ଚାମ୍ପିୟନଶିପ୍‌ରେ ଭାରତର ମହିଳା ଶୁଟରଙ୍କ ଲାଗି ଶନିବାର ଥିଲା ଏକ ସ୍ମରଣୀୟ ଦିବସ । ଜାପାନର ମିସାକି ନୋବାତାଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇ ସୁଦ୍ଧା ଅଲିମ୍ପିଆନ ଏଲାଭେନିଲ ଭାଲାରିଭାନ ମହିଳା ୧୦ମିଟର ଏୟାର ରାଇଫଲରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି । ମେଘନା ସାଜାନର ଏକ ବ୍ରୋଞ୍ଜ ପଦକ ସହ ପୋଡିୟମ ଚଢ଼ିଛନ୍ତି । ଏହାଛଡ଼ା ଏଲାଭେନିଲ ଭାଲାରିଭାନ, ଆର୍ଯ୍ୟା ବୋର୍ସେ ଓ ମେଘନା ସାଜାନରଙ୍କୁ ନେଇ ଭାରତୀୟ ମହିଳା ଦଳ ଟିମ୍ ଇଭେଣ୍ଟ ଜିତିବାରେ ସଫଳ ହୋଇଛି । ଜୁନିୟର ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସମ୍ଭାବୀ କ୍ଷୀରସାଗର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଏହି ଇଭେଣ୍ଟର ଅନ୍ୟ ଦୁଇ ପଦକ ମାନ୍ୟତା ସିଂ ଓ ଅନିଶା ଶର୍ମା ଜିତିଛନ୍ତି ।

**ଏସିଆନ ଶୁଟିଂ ଚାମ୍ପିୟନଶିପ୍**



ପଦକ ସହ ଏଲାଭେନିଲ ଭାଲାରିଭାନ(ମଝି), ମେଘନା ସାଜାନର(ଡାହାଣ) ।

## ଫାଇନାଲରେ ଯାଜପୁର ଇଲେଭେନ ଷ୍ଟାର

**ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ**

ଧାମନଗର,୭।୨(ଦେବେନ୍ଦ୍ର ଆଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ ଦେହୁଡି ଆନନ୍ଦପୁର ପଞ୍ଚାୟତ ଜଗନ୍ନାଥ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ରାମଚନ୍ଦ୍ର ଦାଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଥିଲା ୨ୟ ସେମିଫାଇନାଲ ମ୍ୟାଚ୍ । ଯାଜପୁର ଇଲେଭେନ ଷ୍ଟାର ଓ ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ୱାରିୟର୍ସ କ୍ରିକେଟ କ୍ଲବ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା । ଏଥିରେ ଯାଜପୁର ଇଲେଭେନ ଷ୍ଟାର ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି । ବିଜୟନଗରମ୍ ନିର୍ଦ୍ଧାରିତ ୨୪.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୪ ରନ୍ କରିଥିଲା । ଦଳ ପକ୍ଷରୁ ସତ୍ୟ ପ୍ରସନ୍ନ ବେହେରା ୩୫, ସାଇ ଯଶୱାନ ୨୩ ଓ କୋରାମତି ହରିସ ୧୮ ରନ୍ କରିଥିଲେ । ପ୍ରତିପକ୍ଷ ବୋଲର ଚନ୍ଦନ ନାୟକ ୨ ଉଇକେଟ, ସନ୍ତୋଷ ସେଠୀ ୨ ଓ ଅଭିଳାଷ ରାଉତରାୟ ୨ ଉଇକେଟ ଅକ୍ତିଆର କରିଥିଲେ । ୧୩୫ ରନ୍ ପିଛା କରି ଇଲେଭେନ ଷ୍ଟାର ୨୧.୨ ଓଭରରେ ୪ ଉଇକେଟ ହରାଇ ୧୩୬ ରନ୍ କରି ମ୍ୟାଚ୍ ଜିତିଥିଲା । ଦଳ ପକ୍ଷରୁ ସନ୍ତୋଷ ୬୦ ରନ୍, ସରତାଜ ୩୪ ଓ ଅନସୁଲ ବାରିକ ୧୭ ରନ୍ କରିଥିଲେ । ପ୍ରତିପକ୍ଷ ବୋଲର ବି. ସାତଭିକ ୨ ଉଇକେଟ ଓ ଭିଟଲ କୁମାର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ । ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ଇଲେଭେନ ଷ୍ଟାରର ସନ୍ତୋଷଙ୍କୁ ଅଧ୍ୟାପକ ହିମାଂଶୁ ଶେଖର ଦାଶ ଓ ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ମାଝୀ ପୁରସ୍କୃତ କରିଥିଲେ । ବିଶ୍ୱଜିତ ପତି ଓ ସତ୍ୟବ୍ରତ ଜେନା ମ୍ୟାଚ୍ ପରିଚାଳନା କରିଥିଲେ । ଜଗବନ୍ଧୁ ସାହୁ, ଶୁଭ୍ରାଂଶୁ ସାହୁ ଓ ରାକେଶ ସାହୁ ସ୍କୋରର ଥିବାବେଳେ ବଳରାମ ସାହୁ ଅନ୍‌ଲାଇନ ସ୍କୋରର ଥିଲେ । ଜ୍ଞାନରଞ୍ଜନ ଘଡ଼େଇ, ପ୍ରତ୍ୟୁଷ ସାହୁ, ଇମ୍ରାନ ଓ ରସିଦ୍ଦୁଲ ୱାହିଦ ଧାରା ବିବରଣୀ ପ୍ରଦାନ କରିଥିଲେ ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ